

ଶୁଭେନ୍ଦୁଙ୍କ ବିଜୟରେ ବାଂଲାଦେଶ ଗଦ୍‌ଗଦ୍

ପୃଷ୍ଠା ୪

# ସଂଚାର

THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 45 ଭାଗ ୩୪ | ସଂଖ୍ୟା ୪୫ | Thursday 7 May 2026 | Page 8 Rs. 5.00 | ଭୁବନେଶ୍ୱର ଗୁରୁବାର ୭ ମେ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


## ଆପାର୍ଟମେଣ୍ଟରେ ଅଗ୍ନିକାଣ୍ଡ: ୩ ଜଳିଗଲେ

### ଫେରିଲାନି ଛୁଟି କାଟିବାକୁ ଆସିଥିବା ନାବାଳିକା

ଭୁବନେଶ୍ୱର, ୬।୫ (ସଂଚାର ବ୍ୟୁରୋ) : ରାଜଧାନୀରେ ଆଜି ଭୋର୍ ସମୟରେ ଏକ ଭୟଙ୍କର ଦୁର୍ଘଟଣାରେ ୩ ଜଣ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଲକ୍ଷ୍ମୀସାଗରର ବରଗଡ଼ କେନାଲ୍ ରୋଡ୍‌ସ୍ଥିତ ୪ ମହଲା ବିଶିଷ୍ଟ ବାସନ୍ତୀ ଭିଲ୍ଲାରେ ଅଚାନକ ଅଗ୍ନିକାଣ୍ଡ ଘଟିବା ଫଳରେ ଏଥିରେ ବିଶ୍ୱନାଥ ବେହେରା (୭୦) ଓ ସୁଲଭା ବେହେରା (୬୫) ଏବଂ ସେମାନଙ୍କ ୧୦ ବର୍ଷୀୟା ନାତୁଣୀ ତେଜେଶ୍ୱରୀ ବେହେରା ମୃତ୍ୟୁବରଣ କରିଛନ୍ତି। ଏହି ଆପାର୍ଟମେଣ୍ଟର ପ୍ରଥମ ମହଲାରେ ପ୍ରଥମେ ନିଆଁ ଲାଗିବା ପରେ ଅନ୍ୟ ମହଲାକୁ ବ୍ୟାପିଯାଇଥିଲା। ଫଳତଃ ଏଥିରେ ଆପାର୍ଟମେଣ୍ଟବାସୀ ଅଣନିଃଶ୍ୱାସୀ ହୋଇପଡ଼ିଥିଲେ। ସମସ୍ତଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲେ ହେଁ ଆପାର୍ଟମେଣ୍ଟରେ ୧୦ ବର୍ଷ ହେଲା ସୁରକ୍ଷାକର୍ମୀ ତଥା କେୟାରଟେକର୍ ଭାବେ କାର୍ଯ୍ୟ କରୁଥିବା ବିଶ୍ୱନାଥ ଓ ତାଙ୍କ ପତ୍ନୀ ଏବଂ ନାତୁଣୀ ଜଳିଯାଇଥିଲେ। ସେମାନେ ଆପାର୍ଟମେଣ୍ଟର ତଳ ମହଲାରେ ଏକ କୋଠରିରେ ରହୁଥିଲେ। ଏଥିରେ ଘଟଣାସ୍ଥଳରେ ବିଶ୍ୱନାଥ ଓ ସୁଲଭାଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ତେଜେଶ୍ୱରୀଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା।



କିନ୍ତୁ ପରେ ସେଠାରେ ବି ତାଙ୍କର ମୃତ୍ୟୁ ହୋଇଯିବା ଫଳରେ ମୃତ୍ୟୁ ସଂଖ୍ୟା ୩ରେ ପହଞ୍ଚିଛି। ତେବେ ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇନଥିଲେ ହେଁ ଏହା ଶର୍ଟ ସର୍କିଟ୍‌ଜନିତ ବୋଲି କୁହାଯାଉଛି। ଏହି ଘଟଣା ପରେ ଉକ୍ତ ଆପାର୍ଟମେଣ୍ଟରେ ପହଞ୍ଚି ବିଏମ୍‌ସି ମେୟର୍ ସୁଲୋଚନା ଦାସ ଓ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ପହଞ୍ଚି ସ୍ଥିତି ପରଖିଛନ୍ତି। ⇨ପୃଷ୍ଠା-୬

### ଦେଶର ଅଭିବୃଦ୍ଧିକୁ ବ୍ୟାପକ ଓ ସନ୍ତୁଳିତ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ପ୍ରସ୍ତାବ

## ପୂର୍ବ ଉପକୂଳର ସମ୍ପ୍ରସାରଣ ପାଇଁ 'ଟୁ-କୋଷ୍ଟ ଷ୍ଟ୍ରାଟେଜି'

ମୁନ୍ଦ୍ରା(ଗୁଜରାଟ),୬।୫: ଭାରତର ବିକାଶ ଏକପାଖିଆ ହୋଇ ରହିପାରିବ ନାହିଁ। ଶିଳ୍ପ ସମ୍ପ୍ରସାରଣର ଆଗାମୀ ପର୍ଯ୍ୟାୟ ପୂର୍ବ ଉପକୂଳ ଦ୍ୱାରା ପରିଚାଳିତ ହେବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ମୁନ୍ଦ୍ରା ବନ୍ଦର ପରିଦର୍ଶନ ଅବସରରେ ଶିଳ୍ପ ନେତୃବୃନ୍ଦଙ୍କୁ ସମ୍ବୋଧିତ କରି କହିଛନ୍ତି। ଦେଶର ଅଭିବୃଦ୍ଧି ରଣନୀତିରେ ଏହି ଢାଞ୍ଚାଗତ ପରିବର୍ତ୍ତନ ପାଇଁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ 'ଟୁ-କୋଷ୍ଟ ଷ୍ଟ୍ରାଟେଜି' ବା ଦ୍ୱି-ଉପକୂଳ ରଣନୀତିର ପ୍ରସ୍ତାବ ଦେଇଛନ୍ତି। ପଶ୍ଚିମ ଉପକୂଳର ଦକ୍ଷତା ଓ ପୂର୍ବ ଉପକୂଳର ସୁଯୋଗକୁ ସମନ୍ୱିତ କରି ଶିଳ୍ପ ସମ୍ପ୍ରସାରଣ କରିବାକୁ ସେ ଶିଳ୍ପପତିମାନଙ୍କୁ ଅନୁରୋଧ କରିଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି ଯେ ବିଶ୍ୱର ଶିଳ୍ପ ଇକୋସିଷ୍ଟମର ପ୍ରତିଯୋଗିତାମୂଳକ ପରିବେଶରେ ଭାରତ ଯେପରି ଦୀର୍ଘକାଳୀନ ଭାବେ ଦକ୍ଷତାର ସହ ଅଭିବୃଦ୍ଧି ହାସଲ କରିପାରିବ, ସେଥିପାଇଁ ସନ୍ତୁଳିତ ଉପକୂଳ ବିକାଶ ଅପରିହାର୍ଯ୍ୟ। ଆସନ୍ତା ଦଶକର ଅଭିବୃଦ୍ଧିରେ ପୂର୍ବ ଉପକୂଳ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ। ଭାରତର ପଶ୍ଚିମ ଉପକୂଳର ବ୍ୟାପକତା ଓ ଦକ୍ଷତାର ଉଦାହରଣ ଦେଇ ମୁଖ୍ୟମନ୍ତ୍ରୀ ପୂର୍ବ ଉପକୂଳର ବିକାଶକୁ ତ୍ୱରାନ୍ୱିତ କରିବା ଆବଶ୍ୟକ ବୋଲି କହିଥିଲେ।

- ମୁନ୍ଦ୍ରା ବନ୍ଦର ପରିଦର୍ଶନ ସହ ନିବେଶକଙ୍କୁ କଲେ ସମ୍ବୋଧନ
- ଦେଶର ପରବର୍ତ୍ତୀ ଶିଳ୍ପ ବିପ୍ଲବର ମୁଖ୍ୟ ସାରଥି ହେବ ଓଡ଼ିଶା
- ବନ୍ଦର ଭିତ୍ତିକ ବିକାଶ ପୂର୍ବ ଭାରତର ପ୍ରଗତିକୁ ଆଗେଇନେବ



ମୁଖ୍ୟମନ୍ତ୍ରୀ ଓଡ଼ିଶାକୁ ଦେଶର ପରବର୍ତ୍ତୀ ଶିଳ୍ପ ଅଭିବୃଦ୍ଧିର ଏକ ଗେଟ୍-ଓ୍ୱେ ଭାବେ ଦର୍ଶାଇଥିଲେ। ସେ କହିଥିଲେ ଯେ ପଶ୍ଚିମ ଉପକୂଳ ସାମୁଦ୍ରିକ ବାଣିଜ୍ୟ ଓ ଶିଳ୍ପ କାର୍ଯ୍ୟକଳାପର ଏକ ପ୍ରମୁଖ କେନ୍ଦ୍ର ଭାବେ ଉଭା ହୋଇଥିବା ବେଳେ ପୂର୍ବ ଉପକୂଳ ଏବେ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ରେ ପହଞ୍ଚିଛି ଏବଂ ଓଡ଼ିଶା ସେହି ସଫଳତାର ପୁନରାବୃତ୍ତି କରିବାକୁ ⇨ପୃଷ୍ଠା-୬

## ଶାହ, ମୋହନଙ୍କ ପ୍ରଥମ ପସନ୍ଦ ଶୁଭେନ୍ଦୁ



- ଶୁକ୍ରବାର ବିଜେପି ବିଧାୟକ ଦଳ ବୈଠକ
- ୯ରେ ନୂଆ ସରକାରର ଶପଥ ଗ୍ରହଣ ଉତ୍ସବ

କୋଲକାତା,୬।୫(ସଂଚାର ବ୍ୟୁରୋ): ପଶ୍ଚିମବଙ୍ଗରେ ବିଜେପି ବିଜୟର ସବୁ ଶ୍ରେୟ ଶୁଭେନ୍ଦୁ ଅଧିକାରୀଙ୍କୁ ଦିଆଯାଉଛି। ତେଣୁ ସେ ବେଙ୍ଗଲର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବା ଆପାତତଃ ସ୍ଥିର ହୋଇଛି। ଆସନ୍ତା ୮ ତାରିଖ (ଶୁକ୍ରବାର)ରେ ଏନେଇ ବିଜେପି ବିଧାୟକ ଦଳ ବୈଠକ ଅନୁଷ୍ଠିତ ହେବ। କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ଓ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ଏହି ବୈଠକରେ ଶୁଭେନ୍ଦୁଙ୍କ ନାଁରେ ଚୂଡ଼ାନ୍ତ ମୋହର ବାଜିବାର ଯଥେଷ୍ଟ ସମ୍ଭାବନା ରହିଛି।

ସୂଚନାନୁଯାୟୀ, ବିଧାୟକ ଦଳ ବୈଠକରେ ଦଳର ରାଜ୍ୟ ସଭାପତି ଶମିକ ଭଟ୍ଟାଚାର୍ଜ ଶୁଭେନ୍ଦୁଙ୍କ ନାମ ପ୍ରସ୍ତାବ କରିବେ ଓ ସର୍ବସମ୍ମତ ⇨ପୃଷ୍ଠା-୬

### ପିଏଙ୍କୁ ଗୁଳିକରି ହତ୍ୟା

କୋଲକାତା, ୬।୫: ପଶ୍ଚିମବଙ୍ଗରେ ଟିଏମ୍‌ସି ହାରିଯିବା ପରେ ଦେଖାଦେଇଛି ନିର୍ବାଚନ ପରବର୍ତ୍ତୀ ହିଂସା। ଆଜି ବିଜେପି ନେତା ଶୁଭେନ୍ଦୁ ଅଧିକାରୀଙ୍କ ବ୍ୟକ୍ତିଗତ ସହାୟକ(ପିଏ) ଚନ୍ଦ୍ରନାଥ ରଥଙ୍କୁ ଉତ୍ତର ୨୪ ପ୍ରଗଣାର ମଧ୍ୟମଗ୍ରାମରେ ଗୁଳିକରି ହତ୍ୟା କରାଯାଇଛି। ସେ ଏକ ବ୍ଲାକ ସ୍କର୍ପିଓରେ ବସିଥିବା ବେଳେ ଦୁର୍ବୃତ୍ତ ମୋଟର ସାଇକେଲରେ ଆସି ତାଙ୍କ ଉପରକୁ ପଏଣ୍ଟ ବ୍ଲାଙ୍କ ରେଞ୍ଜରୁ ଗୁଳି କରିଥିଲେ। ତାଙ୍କ ମୁଣ୍ଡକୁ ୪ ରାଉଣ୍ଡ ଗୁଳିମାଡ଼ ହୋଇଛି।

### 'ସ୍କୁଲ ମ୍ୟାନେଜମେଣ୍ଟ କମିଟି ଗାଇଡଲାଇନ-୨୦୨୬'ର ଶୁଭାରମ୍ଭ

## ଡ୍ରପ୍-ଆଉଟ୍ କମାଇବାକୁ ନିରନ୍ତର ପ୍ରୟାସ ଚାଲିଛି

### ଷ୍ଟେମ ଶିକ୍ଷାରେ ଛାତ୍ରୀଙ୍କୁ ମିଳିବ ଅଧିକ ସୁଯୋଗ



ନୂଆଦିଲ୍ଲୀ,୬।୫: 'ସ୍କୁଲ ମ୍ୟାନେଜମେଣ୍ଟ କମିଟି'(ଏସଏମସି) ଗାଇଡଲାଇନ ଶିକ୍ଷକଶିକ୍ଷୟିତ୍ରୀ,, ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ସେତୁ ଭାବେ କାର୍ଯ୍ୟ କରିବ। ଏହି ନୂତନ ଗାଇଡ୍‌ଲାଇନ୍ ବିଦ୍ୟାଳୟ ପରିଚାଳନାକୁ ଅଧିକ ସ୍ୱଚ୍ଛ ଓ ପ୍ରଭାବଶାଳୀ କରିବା ସହ ଏକ ସୁସ୍ଥ ଶିକ୍ଷାଦାନ ପରିବେଶ ଗଠନରେ ସହାୟକ ହେବ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସ୍ଥାନୀୟ ବିଜ୍ଞାନ ଭବନଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ 'ସ୍କୁଲ ମ୍ୟାନେଜମେଣ୍ଟ କମିଟି-୨୦୨୬'ର ନୂତନ ମାର୍ଗଦର୍ଶିକା ଉନ୍ମୋଚନ କରିବା ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଏହି ମାର୍ଗଦର୍ଶିକାଗୁଡ଼ିକ ବିଦ୍ୟାଳୟ, ପରିବାର ଓ ସମାଜ ମଧ୍ୟରେ ଏକ ସଶକ୍ତ ଭାବନାତ୍ମକ ଏବଂ ସାମାଜିକ ସହଭାଗିତାକୁ ପ୍ରାତିଷ୍ଠାନିକ ରୂପ ଦେବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ତେବେ ଆମେ ସମସ୍ତେ ବିଦ୍ୟାଳୟର ସାମଗ୍ରିକ ବିକାଶ, ଅନୁଶାସନ ଏବଂ ଗୁଣାତ୍ମକ ଶିକ୍ଷାର ତଦାରଖ ପାଇଁ ମିଳିମିଶି କାର୍ଯ୍ୟ କରିବା ଆବଶ୍ୟକ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ନୂତନ ପିଢ଼ିର ଆବଶ୍ୟକତାକୁ ଦୃଷ୍ଟିରେ ରଖି ତୃତୀୟ ଶ୍ରେଣୀରୁ କମ୍ପ୍ୟୁଟେସନାଲ ଥିଙ୍କିଙ୍ଗ୍ ଓ ଏଆଇ ଆଧାରିତ ଶିକ୍ଷାର ଶୁଭାରମ୍ଭ କରାଯାଇଛି। ସମଗ୍ର ଶିକ୍ଷା ଅଭିଯାନ, ପିଏମ୍ ଶ୍ରୀ, ପିଏମ୍ ପୋଷଣ, ଅଟଳ ଟିଙ୍କରିଂ ଲ୍ୟାବ୍ ଓ 'ଉଲ୍ଲାସ' ଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଶିକ୍ଷା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ହେଉଛି। ଡିଜିଟାଲ ସ୍ୱାକ୍ଷରତାରେ ସୁଧାର, ଡ୍ରପ୍-ଆଉଟ୍ ହାରରେ ନିରନ୍ତର ହ୍ରାସ ଓ ଛାତ୍ରୀଙ୍କ ପାଇଁ ବିଶେଷ କରି ଷ୍ଟେମ ଶିକ୍ଷା କ୍ଷେତ୍ରରେ ସୁଯୋଗର ସମ୍ପ୍ରସାରଣ ନିମନ୍ତେ ପ୍ରତ୍ୟେକ ଜିଲ୍ଲାରେ ୫୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସର ପଦକ୍ଷେପ ଏ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଯେତେବେଳେ ବିଦ୍ୟାଳୟ ଓ ସମାଜ ପାରସ୍ପରିକ ବିଶ୍ୱାସ ଏବଂ ମିଳିତ ଦାୟିତ୍ୱବୋଧ ସହ କାର୍ଯ୍ୟ କରିବେ, ସେତେବେଳେ ଶିକ୍ଷା ଏକ ସାମଗ୍ରିକ ସାମାଜିକ ପ୍ରକ୍ରିୟାରେ ପରିଣତ ହେବ। ଏହି ପ୍ରକ୍ରିୟା ପରବର୍ତ୍ତୀ ସମୟରେ ପିଲାମାନଙ୍କର ସର୍ବାଙ୍ଗୀନ ବିକାଶ ଓ ରାଷ୍ଟ୍ର ନିର୍ମାଣର ଆଧାରଶୀଳା ସ୍ଥାପନ କରିଥାଏ। ବର୍ତ୍ତମାନ ସମାଜରେ ସମ୍ପନ୍ନତା ବୃଦ୍ଧି ପାଇବା ସହ ଆମର ଦାୟିତ୍ୱ ମଧ୍ୟ ବୃଦ୍ଧି ପାଉଛି। ଘରେ ପର୍ବପର୍ବାଣୀ ପାଳନ ଭଳି ଆମେ ଅଙ୍ଗନବାଡ଼ି ଓ ବିଦ୍ୟାଳୟରେ ପିଲାମାନଙ୍କୁ ପୁଷ୍ଟିଯୁକ୍ତ ଆହାର ପ୍ରଦାନ କରିବା ଓ ସେମାନଙ୍କର ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବା ଆମର ପ୍ରାଥମିକତା ହେବା ଉଚିତ। ସେହିପରି ଚାରା ରୋପଣ ପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହିତ କରାଯିବା ଦରକାର। ଗଛ ଲଗାଇବା କେବଳ ଗୁରୁଙ୍କ କାର୍ଯ୍ୟ ନୁହେଁ, ⇨ପୃଷ୍ଠା-୬

### ହିଞ୍ଜିଳିରେ ଗର୍ଭବତୀଙ୍କୁ ହତ୍ୟା ଘଟଣା

## ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ନବୀନ



ବ୍ୟକ୍ତିଗତ ହସ୍ତକ୍ଷେପ ପାଇଁ ଦାବି

ଭୁବନେଶ୍ୱର,୬।୫(ସଂଚାର ବ୍ୟୁରୋ): ଗଞ୍ଜାମ ଜିଲ୍ଲା ହିଞ୍ଜିଳି ଅଞ୍ଚଳରେ ଗତକାଲି ଘଟିଥିବା ଜନୈକା ଗର୍ଭବତୀଙ୍କ ନିର୍ମମ ହତ୍ୟା ଘଟଣାକୁ ନେଇ ଜୋର୍ ଧରିଲା ରାଜନୀତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏହି ପ୍ରସଙ୍ଗରେ ଚିଠି ଲେଖିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଏହି ଘଟଣାକୁ ନେଇ ନବୀନ ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହ ବ୍ୟକ୍ତିଗତ ହସ୍ତକ୍ଷେପ କରି ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ ସେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି।

ଚିଠିରେ ନବୀନ ଉଲ୍ଲେଖ କରିଛନ୍ତି ଯେ ହିଞ୍ଜିଳି ଅନ୍ତର୍ଗତ ଖରିଡ଼ା ଗାଁରେ ଘଟିଥିବା ଏହି ହତ୍ୟାକାଣ୍ଡ ଘଟଣା ଅତ୍ୟନ୍ତ ହୃଦୟ ବିଦାରକ। ନ୍ୟାୟ ଦାବିରେ ନିଜ ସନ୍ତାନକୁ କୋଳରେ ଧରି ସ୍ୱାମୀ ଘର ସାମ୍ନାରେ ଧାରଣାରେ ବସିଥିବା ସମୟରେ ଉକ୍ତ ମହିଳାଙ୍କୁ ତାଙ୍କ ସ୍ୱାମୀଙ୍କ ଭାଇ ଟାଙ୍ଗିଆରେ ଆକ୍ରମଣ କରି ମୁଣ୍ଡରୁ ଗଣ୍ଡିକୁ ଅଲଗା କରିଦେଇଛି। ଘଟଣା ପରେ ମା'ର ମୃତଦେହ ପାଖରେ ୩ ବର୍ଷର ଶିଶୁ କାନ୍ଦୁଥିବା ଦୃଶ୍ୟ ସମଗ୍ର ରାଜ୍ୟବାସୀଙ୍କ ହୃଦୟକୁ ଆଘାତ ଦେଇଛି। ତେଣୁ ମୁଖ୍ୟମନ୍ତ୍ରୀ ଏହି ଘଟଣାରେ ତୁରନ୍ତ ହସ୍ତକ୍ଷେପ କରି ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ ଶ୍ରୀ ପଟ୍ଟନାୟକ ନିବେଦନ କରିଛନ୍ତି। ସେହିପରି ଘଟଣାର ସାକ୍ଷୀ ଥିବା ୩ ବର୍ଷର ଶିଶୁକୁ ତୁରନ୍ତ ରାଜ୍ୟ ସରକାରଙ୍କ ପକ୍ଷରୁ ଚିକିତ୍ସା, ଆର୍ଥିକ ସହାୟତା ଓ ପୁନର୍ବାସ ସୁବିଧା ଯୋଗାଇବାକୁ ମଧ୍ୟ ସେ ଦାବି କରିଛନ୍ତି। ⇨ପୃଷ୍ଠା-୬

### ଶିକ୍ଷକଙ୍କୁ ରିଲିଭ୍ କରୁନାହାନ୍ତି ଘରୋଇ ସ୍କୁଲ୍

## ଜନଗଣନାରେ ବାଧା ଦେଲେ ହେବ କାର୍ଯ୍ୟାନୁଷ୍ଠାନ



ଭୁବନେଶ୍ୱର, ୬।୫ (ସଂଚାର ବ୍ୟୁରୋ): ଜନଗଣନା କାର୍ଯ୍ୟରେ ଶିକ୍ଷକଙ୍କୁ ବାଧା ଦେଲେ ଗ୍ରହଣ ହେବ କଠୋର କାର୍ଯ୍ୟାନୁଷ୍ଠାନ। ଜନଗଣନା ୨୦୨୭ କାର୍ଯ୍ୟରେ ଶିକ୍ଷକ ଓ ସ୍କୁଲ କର୍ମଚାରୀଙ୍କ ଅନିବାର୍ଯ୍ୟ ସାମିଲ ପାଇଁ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। କେତେକ ବେସରକାରୀ ସ୍କୁଲ କର୍ତ୍ତୃପକ୍ଷ ଶିକ୍ଷକଙ୍କୁ ଜନଗଣନାକାରୀ ଓ ସୁପରଭାଇଜର ଭାବେ କାମ କରିବାରେ ବାଧା ଦେଉଥିବା ନେଇ ସରକାରଙ୍କ ନଜରକୁ ଆସିବା ପରେ ବିଭାଗ ପକ୍ଷରୁ ଏପରି ନିର୍ଦ୍ଦେଶନାମା ଜାରି କରାଯାଇଛି।

ଜନଗଣନା କାର୍ଯ୍ୟ 'ସେନସସ୍ ଆକ୍ଟ-୧୯୪୮' ଅନୁସାରେ ବାଧ୍ୟତାମୂଳକ ଓ ବୈଧ କାର୍ଯ୍ୟ ବୋଲି ବିଭାଗ ପକ୍ଷରୁ ଉକ୍ତ ନିର୍ଦ୍ଦେଶନାମାରେ ସ୍ପଷ୍ଟ କରାଯାଇଛି। ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ସରକାରୀ ଓ ବେସରକାରୀ ସ୍କୁଲକୁ ତୁରନ୍ତ ଏହି ନିର୍ଦ୍ଦେଶ ଜାରି କରିବାକବେି କୁହାଯାଇଛି। ଜନଗଣନା ଦାୟିତ୍ୱରେ ନିଯୁକ୍ତ ଶିକ୍ଷକ ଓ କର୍ମଚାରୀଙ୍କୁ ଉକ୍ତ ସ୍କୁଲ୍ କର୍ତ୍ତୃପକ୍ଷ ରିଲିଭ୍ କରିବା ବାଧ୍ୟତାମୂଳକ। ଅଯଥାରେ ଜନଗଣନା କାମରୁ ଶିକ୍ଷକଙ୍କୁ ବଞ୍ଚିତ କରାଯାଇପାରିବ ନାହିଁ। ନିର୍ଦ୍ଦେଶ ଅମାନ୍ୟ କିମ୍ବା ଅବହେଳା କ୍ଷେତ୍ରରେ ବିଭାଗ ପକ୍ଷରୁ କଡ଼ା କାର୍ଯ୍ୟନୁଷ୍ଠାନ ନିଆଯିବ ବୋଲି ଉକ୍ତ ନିର୍ଦ୍ଦେଶନାମାରେ ଚେତାବନୀ ଦିଆଯାଇଛି। ⇨ପୃଷ୍ଠା-୬

## ଦକ୍ଷିଣ ତଟ ରେଳବାଇ ଯୋଗୁ କିଛି ବି ହରାଇବନି ଓଡ଼ିଶା

### ଭ୍ରମାତ୍ମକ ତଥ୍ୟ ନ ଦେବାକୁ ରେଳବାଇର ଅପିଲ୍



ଭୁବନେଶ୍ୱର,୬।୫(ସଂଚାର ବ୍ୟୁରୋ): ନୂଆ କରି ସୃଷ୍ଟି ହୋଇଥିବା ଦକ୍ଷିଣ ତଟ ରେଳବାଇ ଯୋଗୁଁ ଓଡ଼ିଶାରେ ଯଥେଷ୍ଟ କ୍ଷତି ହେବ ବୋଲି ହେଉଥିବା ପ୍ରଚାର ଭ୍ରମାତ୍ମକ ତଥା ଉଦ୍ଦେଶ୍ୟ ପ୍ରଣୋଦିତ। ଏନେଇ ଆଜି ରେଳ ବିଭାଗ ପକ୍ଷରୁ ଏପରି କିଛି କୁହାଯାଇଛି। ଦକ୍ଷିଣ ତଟ ରେଳବାଇର ନୂଆ ବିଶାଖାପାଟଣା ଡିଭିଜନରେ ପଲାସାରୁ ଇଚ୍ଛାପୁରମ୍ ପର୍ଯ୍ୟନ୍ତ ୫୩ କିମି ରୁଟ୍‌ର ୭ଟିଯାକ ଷ୍ଟେସନ ଆନ୍ଧ୍ର ପ୍ରଦେଶର ଶ୍ରୀକାକୁଲମ ଅଧୀନରେ ରହିଛି। ସେଗୁଡିକ ହେଲା ପଲାସା, ସୁମାଦେବୀ, ମଣ୍ଡାସା ରୋଡ୍, ବାରୁଆ, ସୋମପେଟା, ଝାଡୁପୁଡି ଓ ଇଚ୍ଛାପୁରମ୍। ଏହାଦ୍ୱାରା ଓଡିଶାର କୌଣସି ଅଞ୍ଚଳ ଆନ୍ଧ୍ରକୁ ଯାଉନାହିଁ। ତେଣୁ ଓଡ଼ିଶାର କ୍ଷତି ହେଉଥିବା ପ୍ରଚାର ଭ୍ରମାତ୍ମକ। କୋରାପୁଟ-ସିଙ୍ଗାପୁର ରୋଡ, କୋଟାଭଲାସା-କିରାଣ୍ଡୁଲ୍, କୁନେରୁ-ଥେରୁବାଲି ଓ ଗୁଣୁପୁର-ପାରଳାଖେମୁଣ୍ଡି ସେକ୍ସନର ୬୧୬ କିମି ଇଷ୍ଟକୋଷ୍ଟ ରେଲୱେ ଅଧୀନରେ ଥିବା ନୂଆ ରାୟଗଡ଼ା ଡିଭିଜନ ଅଧୀନରେ ରହିବ। ତେଣୁ କୌଣସି ପ୍ରକାର ଭ୍ରମାତ୍ମକ ତଥ୍ୟ ଦେଇ ଜନସାଧାରଣଙ୍କୁ ବିଭ୍ରାନ୍ତ ନ କରିବାକୁ ରେଳ ବିଭାଗ ପକ୍ଷରୁ ସମସ୍ତଙ୍କୁ ଅପିଲ୍ କରାଯାଇଛି।



### କାନ ଡେରିଥା

ଜେଲ ଜଣେ ଯାଏ କ୍ରାଇମ କରିଲେ
କ୍ରୋଧର ଶିକାର ହୋଇ
ସେଇ କ୍ରୋଧ ଯଦି କଣ୍ଟ୍ରୋଲ ହୁଅନ୍ତା
ଏମିତି ହୁଅନ୍ତା ନାହିଁ
ଏତେ ରାଗ କାହିଁପାଇଁ...
ବରବାଦ ହୁଏ ନିଜ ଭବିଷ୍ୟତ
ମନେ ଟିକେ ରଖ ଭାଇ ।

■ ଦେବାଶିଷ

### ବିଜେଡିର ଜିଲ୍ଲା ସଜଡ଼ା ଅଭିଯାନ

## ଦଳଦ୍ରୋହୀଙ୍କୁ ଦେଖାଇଲେ ନାଲି ଆଖି

ସବୁଠୁ ବିବାଦୀୟ ଜିଲ୍ଲାରେ ପ୍ରଥମ ବୈଠକ

ଭୁବନେଶ୍ୱର,୬।୫(ସଂଚାର ବ୍ୟୁରୋ): ପଶ୍ଚିମବଙ୍ଗ ନିର୍ବାଚନରେ ବିଜେପିର ସଫଳତା ଦେଖି ଛାନିଆ ହୋଇପଡ଼ିଥିବା ବିଜେଡି ନେତୃତ୍ୱ ଆଜିଠୁ ଆରମ୍ଭ କରିଦେଇଛନ୍ତି ପଞ୍ଚାୟତ ପ୍ରସ୍ତୁତି। ଗତକାଲି ତରବରିଆ ଭାବେ ରାଜ୍ୟ ସଂଗଠନ ଓ ଦୁଇ ଛାମୁଆ ସଂଗଠନର କର୍ମକର୍ତ୍ତା ନିଯୁକ୍ତି ପରେ ଆଜିଠୁ ଦଳ ମୁଖିଆ ଆରମ୍ଭ କରିଛନ୍ତି ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ। ତେବେ ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ଯେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଏହି ବୈଠକ ପାଇଁ ପ୍ରଥମେ ବାଛିଛନ୍ତି ସବୁଠୁ ବିବାଦୀୟ ଜିଲ୍ଲା ଯାଜପୁରକୁ।

ଯାଜପୁର ବିଜେଡିକୁ କ୍ରୀତଦାସ ଏବେ ପୂରା ଗୋଳିଆ କରି ରଖିଛନ୍ତି। ସେ କେବଳ ବିଞ୍ଝାରପୁର ଓ ବରୀ ନିର୍ବାଚନମଣ୍ଡଳୀକୁ ଛାଡିଦେଲେ ଅନ୍ୟ ପାଞ୍ଚଟିଯାକ ବିଧାନସଭା କ୍ଷେତ୍ରରେ ଦଳୀୟ ସଂଗଠନରେ କେଁ ପୂରାଇ ଦେଇଥିବା ଚର୍ଚ୍ଚା ହେଉଛି। କୋରେଇଠାରୁ ଆରମ୍ଭ କରି ଯାଜପୁର, ଧର୍ମଶାଳା, ଚଣ୍ଡିଖୋଲ, ସୁକିନ୍ଦା ସବୁଠି ପୂର୍ବତନ ବିଧାୟକ ଓ ବିଧାୟକ ପ୍ରାର୍ଥୀଙ୍କ ପାଇଁ ଗୋହି ଖୋଳିବା ଆରମ୍ଭ କରିଦେଇଛନ୍ତି। କ୍ରୀତଦାସଙ୍କ ଏହି ରାଜନୀତିକୁ ନେଇ ସବୁ ସ୍ତରରେ ଅସନ୍ତୋଷ ରହିଛି। କିନ୍ତୁ ସେ ନିଜକୁ ନବୀନ ନିବାସର ମୁଖ୍ୟ ପରାମର୍ଶଦାତା ଦର୍ଶାଇ ତଳତଳିଆ ନେତାଙ୍କୁ ଭୟଭୀତ କରାଇ ରଖିଛନ୍ତି। ଯେଉଁଥିପାଇଁ ଦଳରେ ତାଙ୍କୁ ନେଇ ଅସନ୍ତୋଷ ବଢୁଥିଲେ ବି କେହି ଖୋଲାଖୋଲି ମୁହଁ ଖୋଲିବାକୁ ନାରାଜ।



ପୂର୍ବରୁ ମଧ୍ୟ ଯାଜପୁର କନ୍ଦଳକୁ ନେଇ ଭୁବନେଶ୍ୱରରେ ପ୍ରମିଳା ମଲ୍ଲିକଙ୍କ ବାସଭବନରେ ଏକାଧିକ ଥର ବୈଠକ ହୋଇଛି। କିନ୍ତୁ କେହି ବି ଦଳୀୟ ଶୃଙ୍ଖଳା ଆଳରେ ମୁହଁ ଖୋଲିନାହାନ୍ତି। ଯାଜପୁର ବିଧାନସଭା କ୍ଷେତ୍ରରେ କ୍ରୀତଦାସ ବିଧାୟିକାଙ୍କୁ ବିରୋଧ କରୁଥିବା ଚର୍ଚ୍ଚା ହେଉଛି। ଏଥିସହ ସେ ଆସନ୍ତା ୨୦୨୯ ନିର୍ବାଚନରେ ନିଜ ପାଇଁ, ନିଜ ଭାଇ ପାଇଁ ଯାଜପୁର ଓ କୋରେଇ ଆସନ ସୁରକ୍ଷିତ ରଖିବାକୁ ଚକ୍ରାନ୍ତ କରୁଥିବା କୁହାଯାଉଛି। ସେହିଭଳି ସୁକିନ୍ଦାରେ ମଧ୍ୟ ପୂର୍ବତନ ବିଧାୟକଙ୍କ ବିରୋଧରେ ମେଳି କରୁଥିବା ଆଲୋଚନା ହେଉଛି। ଧର୍ମଶାଳାର ପୂର୍ବତନ ବିଧାୟକ ତାଙ୍କର ବେଶ ଘନିଷ୍ଠ ବୋଲି କୁହାଯାଉଥିଲେ ବି ରାଜ୍ୟ କମିଟି ଗଠନକୁ ନେଇ ସେ କ୍ଷୁବ୍ଧ ଥିବା ଜଣାପଡ଼ିଛି। ଧର୍ମଶାଳା ବିଧାନସଭା କ୍ଷେତ୍ର କଥା ନ କହିବା ଭଲ। ଗତ ନିର୍ବାଚନରେ ତାଙ୍କ ଚକ୍ରାନ୍ତ ପାଇଁ ଏହି ଆସନ ବିଜେପି ଖାତାକୁ ଚାଲିଯାଇଥିଲା।

ସେହିଭଳି ସରକାର ଚାଲିଯିବା ପରେ ମଧ୍ୟ କ୍ରୀତଦାସଙ୍କ ଧାକ ଯାଇନି, ଯେଉଁଥିପାଇଁ ଆଜି ଦଳର ସଭାପତି ନବୀନ ପଟ୍ଟନାୟକ ଦଳୀୟ ନେତାଙ୍କୁ ଭିଡିଓ କନଫରେନ୍ସିଂରେ ସମ୍ବୋଧନ କରିବା ସମୟରେ ଗଣମାଧ୍ୟମକୁ ସେଠାରୁ ଦୂରେଇ ରଖାଯାଇଥିଲା। କିଛି ପଞ୍ଚାୟତ ପ୍ରତିନିଧି ଓ ପୂର୍ବତନ ବିଧାୟକଙ୍କଠାରୁ ମିଳୁଥିବା ସୂଚନା ଅନୁଯାୟୀ, ନବୀନ ଭିଡିଓ କନଫରେନ୍ସିଂରେ ଯାଜପୁର ନେତାଙ୍କ ଉପରେ ଖୁବ୍ ବର୍ଷିଛନ୍ତି। ଏପରିକି ସେ ସିଧାସଳଖ ନ ହେଲେ ମଧ୍ୟ ପରୋକ୍ଷରେ ଦଳ ବିରୋଧୀଙ୍କୁ ଚେତାବନୀ ଦେଇଛନ୍ତି। କିଛି ନେତା ଗତ ପ୍ରାୟ ଏକ ଦଶନ୍ଧି ମଧ୍ୟରେ ବିଜେଡି ସରକାରରେ ଥିବା ବେଳେ ଦଳକୁ ଆୟୁଧ କରି ପ୍ରତିପତ୍ତି ⇨ପୃଷ୍ଠା-୬

## ୧୦-୧୫ ମଧ୍ୟରେ ଲଘୁଚାପ ସମ୍ଭାବନା



ନୂଆଦିଲ୍ଲୀ, ୬।୫:ମେ' ମାସ ଦ୍ୱିତୀୟ ସପ୍ତାହ ବେଳକୁ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଏକ ଲଘୁଚାପ ବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି ବୋଲି ଗ୍ଲୋବାଲ ଫୋରକାଷ୍ଟ ସିଷ୍ଟମ (ଜିଏଫ୍ଏସ) ଆକଳନ କରିଛି। ପୂର୍ବାନୁମାନ କରାଯାଇଥିବା ମଡେଲ ଅନୁଯାୟୀ, ମେ' ୧୦ ତାରିଖରୁ ୧୫ ତାରିଖ ମଧ୍ୟରେ ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଓ ଏହାର ଆଖପାଖ ଅଞ୍ଚଳରେ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ପରେ ଏହା ଧୀରେଧୀରେ ଘନୀଭୂତ ହୋଇ ଏକ ଲଘୁଚାପ କ୍ଷେତ୍ରରେ ପରିଣତ ହୋଇପାରେ ବୋଲି ⇨ପୃଷ୍ଠା-୬

SANCHAR ସଂଚାର

**ମହାକାଳପଡ଼ାରେ ନାହାଁନ୍ତି ସ୍ଥାୟୀ ବିଡିଓ**

# ତହସିଲଦାର ସମ୍ଭାଳୁଛନ୍ତି ୪ ପଦବୀ

**ମହାକାଳପଡ଼ା,୬।୫(ସଂଚାର ବ୍ୟୁରୋ):** ଜଣେ ଅଧିକାରୀ ସମ୍ଭାଳୁଛନ୍ତି ୪ ପଦବୀର ଭାର। କେତେବେଳେ ତହସିଲଦାର ସାଜୁଛନ୍ତି ତ ଆଉକେବେ ସାଜୁଛନ୍ତି ବିଡ଼ିଓ। କେବେ ସବରେଜିଷ୍ଟ୍ରାର ତ ଆଉକେବେ ମନ୍ଦିର ଟ୍ରଷ୍ଟି। ତିନି ପ୍ରମୁଖ ପଦବୀ ଫାଙ୍କା ପଡ଼ିଥିବାରୁ ଜଣେ ଅଧିକାରୀଙ୍କୁ ଗୋଟିଏ ମୂଳ ପଦବୀ ସହିତ ଅନ୍ୟ ତିନି ଗୋଟି ଅତିରିକ୍ତ ଦାୟିତ୍ୱ ମୁଣ୍ଡେଇ ଦେଇଛି ପ୍ରଶାସନ। ଯାହାଫଳରେ ସରକାରୀ ଦପ୍ତରରେ ଲୋକେ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି।ଯାହାକୁ ନେଇ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକରେ ଦୀର୍ଘଦିନ ହେଲା ସ୍ଥାୟୀ ବିଡ଼ିଓ ନାହାନ୍ତି। ସବରେଜିଷ୍ଟ୍ରାର ସମେତ ମା ଦରିଆ ରାମଚଣ୍ଡୀଙ୍କ ମନ୍ଦିର ଟ୍ରଷ୍ଟି ମଧ୍ୟ ଖାଲି ପଡ଼ିଛି। ଏଣୁ ଏ ସମସ୍ତ ପଦବୀରେ ପ୍ରଶାସନ ବର୍ତ୍ତମାନର ତହସିଲଦାର ରବିନାରାୟଣ ଆଚାର୍ଯ୍ୟଙ୍କୁ ଅତିରିକ୍ତ ଦାୟିତ୍ୱ ମୁଣ୍ଡାଇ ଦେଇ ବସାଇ ଦେଇଛି। ସୂଚନା ମୁତାବକ ମହାକାଳପଡ଼ାର ପୂର୍ବତନ ବିଡିଓ ସାଗର ନନ୍ଦଙ୍କ ବଦଳି ପରେ ମହାକାଳପଡ଼ା ବ୍ଲକରେ ବିଡିଓ




ପଦବୀ ଖାଲି ପଡ଼ିଥିଲା। ତାଙ୍କ ଶୂନ୍ୟସ୍ଥାନ ପୂରଣ କରିବା ପାଇଁ ତତ୍କାଳୀନ ତହସିଲଦାର ଶିବ ମଲ୍ଲିକଙ୍କୁ ଅତିରିକ୍ତ ବିଡିଓ ଦାୟିତ୍ୱ ମିଳିଥିଲା। ସେତେବେଳେ ଶିବ ମଲ୍ଲିକ ତହସିଲଦାର ସମେତ ବିଡ଼ିଓ, ସବରେଜିଷ୍ଟ୍ରର, ମା ଦରିଆ ରାମଚଣ୍ଡୀ ମନ୍ଦିରର ଟ୍ରଷ୍ଟ ବୋର୍ଡର ଟ୍ରଷ୍ଟି ଭାବରେ ବି କାର୍ଯ୍ୟ କରୁଥିଲେ। ୧୪ ଫେବୃଆରୀ ୨୦୨୪ ରେ କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକର ବିଡିଓ ଭାବେ କାର୍ଯ୍ୟ କରୁଥିବା ସୌମ୍ୟାଶ୍ରୀ ପାଣିଗ୍ରାହୀଙ୍କୁ ମହାକାଳପଡ଼ାର ନୂତନ ବିଡ଼ିଓ ଭାବରେ ନିଯୁକ୍ତ କରିଥିଲା ବିଭାଗ। ତତ୍କାଳୀନ ତହସିଲଦାର ଶିବଙ୍କୁ ଭିଜିଲାନ୍ସ ଗିରଫ କରିବା ପରେ ସୌମ୍ୟ ମଧ୍ୟ ସମାନ ୪ ପଦବୀ ସମ୍ଭାଳୁ ଥିଲେ। ସୌମ୍ୟଙ୍କ ଯୋଗଦାନକୁ ୧୦ ମାସ ବି ପୁରିଲାନି ତାଙ୍କୁ ୨୯ ନଭେମ୍ବର ୨୦୨୫ ରେ ବଦଳି କରାଗଲା। ତାଙ୍କ ଜାଗାରେ ସଞ୍ଜିବ କୁମାର ସାହୁଙ୍କୁ ନିଯୁକ୍ତି ପାଇଁ ଚିଠି କଲା ବିଭାଗ। ହେଲେ ନା ସଞ୍ଜିବ ମହାକାଳପଡ଼ାକୁ ଆସିଲେ ନା ସୌମ୍ୟ ଦାୟିତ୍ୱ ମୁକ୍ତ ହେଲେ। ଏମିତି ଦୀର୍ଘ ଦୁଇମାସ ପରେ ସଞ୍ଜିବ ମହାକାଳପଡ଼ାକୁ ନଆସିବାରୁ ଜିଲ୍ଲା ପ୍ରଶାସନ ବାଧ୍ୟ ହୋଇ ଶିବଙ୍କ ବଦଳରେ ତହସିଲଦାର ଭାବେ ଆସିଥିବା ରବିନାରାୟଣ ଆଚାର୍ଯ୍ୟଙ୍କୁ ଅତିରିକ୍ତ ବିଡିଓ ଦାୟିତ୍ୱ ମୁଣ୍ଡରେ ଲଦି ୩୧ ଡିସେମ୍ବରରେ ସୌମ୍ୟଙ୍କୁ ଦାୟିତ୍ୱ ମୁକ୍ତ କରିଥିଲା। ଏହାରି ଭିତରେ ସଞ୍ଜିବ ଆଉ ମହାକାଳପଡ଼ାକୁ ନଆସି ଡୁଙ୍ଗୁରିପାଲି ବିଡ଼ିଓ ଭାବରେ ବଦଳି ହୋଇଗଲେ।ସେବେଠାରୁ ରବିନାରାୟଣଙ୍କୁ ଚାରି ଗୋଟି ଗୁରୁତ୍ୱପୂର୍ଣ୍ଣ ପଦବୀ ତୁଲାଇବାକୁ ପଡୁଛି। ଯାହାକୁ ନେଇ ଏବେ ସାରା ମହାକାଳପଡ଼ାରେ ଚର୍ଚ୍ଚା ଜୋର୍ ଧରିଛି। ମହାକାଳପଡ଼ାକୁ ବିଡ଼ିଓ ନଆସିବା ପଛର କାରଣ କଣ? ଗୋଟିଏ ଅଧିକାରୀଙ୍କୁ ଏତେଗୁଡ଼ିଏ ଦାୟିତ୍ୱ ଲଦି ଦେଇ କେଉଁ ସ୍ୱଚ୍ଛତାର ପ୍ରମାଣ ଦେଉଛି ଜିଲ୍ଲା ପ୍ରଶାସନ। ୩ ଗୋଟି ଅତି ଗୁରୁତ୍ୱପୂର୍ଣ୍ଣ ପଦବୀରେ ଜଣେ ଲେଖାଏଁ ଅଧିକାରୀ ରହିବା ବଦଳରେ କାହିଁକି ଗୋଟିଏ ଅଧିକାରୀଙ୍କୁ ୩ ପଦବୀରେ ରଖାଯାଇଛି ତାହାକୁ ନେଇ ସନ୍ଦେହ ବଢ଼ିଛି। ତହସିଲ କାର୍ଯ୍ୟ, ବିଡିଓ ଦାୟିତ୍ୱ, ସବରେଜିଷ୍ଟ୍ରର ଭଳି ଦାୟିତ୍ୱକୁ ଜଣେ ସମ୍ଭାଳି କେମିତି ସବୁକୁ ପରିଚାଳନା କରୁଛନ୍ତି ତାହା ସବୁଠାରୁ ବଡ ଆଶ୍ଚର୍ଯ୍ୟର କଥା। ଅନ୍ୟପଟେ ମହାକାଳପଡ଼ା ଭଳି ଏକ ବଡ଼ ଓ ସମ୍ବେଦନଶୀଳ ଅଞ୍ଚଳରେ ତହସିଲଦାରଙ୍କୁ ଅତିରିକ୍ତ ଦାୟିତ୍ୱ ମୁଣ୍ଡାଇ ଦିଆଯିବାରୁ ତହସିଲ କାର୍ଯ୍ୟ ମଧ୍ୟ ବାଧାପ୍ରାପ୍ତ ହେଉଛି। ବିଡ଼ିଓ ଚେୟାରରୁ ତହସିଲଦାର ଚେୟାର କୁ ଧାଇଁ ଧାଇଁ ସେ ନୟାନ୍ତ ହେଉଥିବା ବେଳେ ସାଧାରଣ ଲୋକ କାର୍ଯ୍ୟାଳୟ ସମ୍ମୁଖରେ ଲମ୍ବା ସମୟ ପର୍ଯ୍ୟନ୍ତ ଅପେକ୍ଷା କରି ରହୁଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାକୁ ଲାଗିଲାଣି। କେବେ ମହାକାଳପଡ଼ାକୁ ନୂତନ ବିଡ଼ିଓ ନିଯୁକ୍ତ ହେଉଛନ୍ତି ତାହା ଦେଖିବାକୁ ବାକି ରହିଲା।



## ବାଉଁଶ ବତାରେ ଟ୍ରାନ୍ସଫର୍ମର ଫ୍ୟୁଜ୍

**ମହାକାଳପଡ଼ା, ୬।୫(ସଂଚାର ବ୍ୟୁରୋ):** ବାଉଁଶ ଖଣ୍ଡିଏ ସାହାଯ୍ୟରେ ଟ୍ରାନ୍ସଫର୍ମରର ଫ୍ୟୁଜ୍ ଲଗାଯାଇଛି। ମୁଖ୍ୟ ସଡକ କଡରେ ଏହି ବିଦ୍ୟୁତ ଟ୍ରାନ୍ସଫର୍ମର ରହିଥିଲେ ସୁଦ୍ଧା ଏହା ଚତୁର୍ପାର୍ଶ୍ୱରେ ସୁରକ୍ଷା ବାଡ଼ ନିର୍ମାଣ କରାଯାଇନାହିଁ। ବାରମ୍ବାର ଏନେଇ ଲୋକେ ଅଭିଯୋଗ କରିଥିଲେ ମଧ୍ୟ ବିଦ୍ୟୁତ ବିଭାଗ ପକ୍ଷରୁ ସମାଧାନ କରାଯାଉନାହିଁ। ସୂଚନା ମୁତାବକ ମହାକାଳପଡ଼ା ବ୍ଲକ ଅଧୀନ ରାଜଗଡ଼ ପଞ୍ଚାୟତ ନଛିପଡ଼ା ଗ୍ରାମରେ ବିଦ୍ୟୁତ ବିଭାଗର ଚରମ ଅବହେଳା ଦେଖିବାକୁ ମିଳିଛି। ପୂର୍ତ୍ତବିଭାଗ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ବିଦ୍ୟୁତ ଟ୍ରାନ୍ସଫର୍ମରରେ ବାଉଁଶ ବତା ସାହାଯ୍ୟରେ ବିଦ୍ୟୁତ ଫ୍ୟୁଜ୍ ସଂଯୋଗ କରାଯାଇଛି। ଯାହା ଯେକୌଣସି ସମୟରେ ଏକ ବଡ଼ ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି।ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଦୀର୍ଘ ଦିନ ହେବ ଏହି ଟ୍ରାନ୍ସଫର୍ମରଟି ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଜଣାଇବା ସତ୍ତ୍ୱେ କୌଣସି ସ୍ଥାୟୀ ସମାଧାନ କରାଯାଉ ନାହିଁ। ବାଉଁଶ ବତା ଭଳି ଏକ ଅସ୍ଥାୟୀ ଓ ବିପଜ୍ଜନକ ଜିନିଷ ବ୍ୟବହାର କରି ଫ୍ୟୁଜ୍ ଚଳାଯିବା ଫଳରେ ସାମାନ୍ୟ ବର୍ଷା ବା ପବନ ହେଲେ ନିଆଁ ଲାଗିବାର ଭୟ ରହୁଛି। ଏହି ରାସ୍ତା ଦେଇ ପ୍ରତିଦିନ ଶତାଧିକ ଲୋକ ଯାତାୟାତ କରୁଥିବା ବେଳେ, ସାମାନ୍ୟ ଅସାବଧାନତା ଜୀବନ ନେଇପାରେ ବୋଲି ଗ୍ରାମବାସୀ ଆଶଙ୍କା ପ୍ରକଟ କରିଛନ୍ତି। ଏଥିସହିତ ଟ୍ରାନ୍ସଫର୍ମର ଚାରିପଟେ ସୁରକ୍ଷା ପ୍ରାଚୀର ନିର୍ମାଣ କରାନଯିବାରୁ ଗାଈଗୋରୁଙ୍କ ସମେତ ମଣିଷଙ୍କ ପାଇଁ ବି ବିପଦ ରହିଛି। ତେବେ ଅଭିଯୋଗ ସତ୍ତ୍ୱେ ସମାଧାନ ନକରି ଜନସାଧାରଣଙ୍କ ଜୀବନ ସହ ଖେଳୁଥିବା ବିଦ୍ୟୁତ ବିଭାଗ କେବେ ଜାଗ୍ରତ ହେଉଛି ତାହା ଦେଖିବାକୁ ବାକି ରହିଲା।

## ମାଟ୍ରିକ ଜିଲ୍ଲା ଟପ୍ପରଙ୍କୁ ବିକାଶ ମଞ୍ଚ ତରଫରୁ ସମ୍ବର୍ଦ୍ଧନା

**କେନ୍ଦ୍ରାପଡା, ୬।୫(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ୨୦୨୬ ମହାକାଳପଡା ବ୍ଲକ ଅନ୍ତର୍ଗତ ଖରିନାସି ହାଇସ୍କୁଲର ଛାତ୍ର ଦେବଦର୍ଶୀ ମଣ୍ଡଳ ଜିଲ୍ଲା ଟପର ହୋଇ ଜିଲ୍ଲାପାଇଁ ଗର୍ବ ଗୌରବ ହୋଇଛନ୍ତି। ଏହି ଅବସରରେ ମହାକାଳପଡା ବିକାଶ ମଞ୍ଚ ତରଫରୁ ମଣ୍ଡଳକୁ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା କରାଯାଇଥିଲା। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମଞ୍ଚର ସଭାପତି କାଶୀନାଥ ଭାରତୀୟ, ସଂପାଦକ ଭାଗୀରଥୀ ନନ୍ଦ, ଉପସଭାପତି ଈଶ୍ୱରଚନ୍ଦ୍ର ବେହେରା, ଉପଦେଷ୍ଟା କେଶବ ଚନ୍ଦ୍ର ପ୍ରମାଣୀକ ଓ ପ୍ରଣବ କୁମାର ଜେନା, ସଦସ୍ୟ ରବିନ୍ଦ୍ର ବେହେରା, ବିଚିତ୍ର ବାରିକ, ମନ୍ମଥ ବେହେରା, ସତ୍ୟସାରଥୀ ରାଉତରାୟ ପ୍ରମୁଖ ଉପସ୍ଥିତ ରହି ଶ୍ରୀମାନ ମଣ୍ଡଳରୁ ଉଜ୍ଜଳ ଭବିଷ୍ୟତ କାମନା ପୂର୍ବକ ଆର୍ଶୀବାଦ କରିଥିଲେ। ଉକ୍ତ ସମୟରେ ଦେବଦର୍ଶୀର ବାପା ନକୁଳ ଚନ୍ଦ୍ର ମଣ୍ଡଳ ଓ ମାଆ ସନ୍ଧ୍ୟାରାଣୀ ମଣ୍ଡଳକୁ ମଧ୍ୟ ମଞ୍ଚ ତରଫରୁ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା।



## ଜନଶୁଣାଣି ଶିବିରରେ ମେଧାବୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା




**ମାର୍ଶାଘାଇ,୬।୫(ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ ଗରଜଙ୍ଗା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଏହି ପଞ୍ଚାୟତ ଅନ୍ତର୍ଗତ ଗରଜଙ୍ଗା ଉଚ୍ଚ ବିଦ୍ୟାଳୟର ମେଧାବୀ ଛାତ୍ର ମାଟ୍ରିକ ପରୀକ୍ଷାରେ ୫୪୦ ନମ୍ବର ରଖି ଏ୧ରେ ଉତ୍ତୀର୍ଣ୍ଣ ହୋଇଥିବା କୈଳାସ ଷଡ଼ଙ୍ଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହିଠାରେ ବ୍ଲକ ପ୍ରଶାସନ ପକ୍ଷରୁ ଗ୍ରାମପଞ୍ଚାୟତ ସ୍ତରୀୟ ସ୍ୱତନ୍ତ୍ର ଜନଶୁଣାଣି ଶିବିର ବୁଧବାର ଅନୁଷ୍ଠିତ ହେଉଥିଲା। ମାର୍ଶାଘାଇ ବ୍ଲକ ଭାରପ୍ରାପ୍ତ ବିଡିଓ ଇତିଶ୍ରୀ ପଣ୍ଡା ଯୋଗଦେଇ ୩୫ଟି ଅଭିଯୋଗର ଶୁଣାଣି କରିଥିଲେ। ଗରଜଙ୍ଗା ସରପଞ୍ଚ କାଦମ୍ବିନୀ ଦାସ ପୌରୋହିତ୍ୟ କରିଥିବା ବେଳେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସଂଯୋଜକ ତଥା ପିଇଓ ମନୀଷା ମୈତ୍ରୀ ଶିବିର ପରିଚାଳନା କରିଥିଲେ। ବ୍ଲକ ଜିପିଡିଓ ସୋନାଲି ବେଉରା, ଡବ୍ଲୁଇଓ ବିଶ୍ୱଜିତ ରଥ, ଅବିନାଶ ପତି, ଅମରେଶ ଦାସ, ଚନ୍ଦନ ଖୁଣ୍ଟିଆ, ମନରେଗା ସହାୟକ ଦୀପକ ସୁତାର ପ୍ରମୁଖ ଯୋଗଦେଇଥିଲେ। ପିଇଓ ମନୀଷା ମୈତ୍ରୀ ଶିବିର ପରିଚାଳନା କରିଥିଲେ। ପୂର୍ବତନ ସରପଞ୍ଚ ବିପୁଳ ନାୟକ, ପଞ୍ଚାୟତ ନିର୍ବାହୀ ଅଧିକାରୀ ମଧୁସୂଦନ ପାତ୍ର, ସୁଶାନ୍ତ ସ୍ୱାଇଁ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ମହିଳା ଅଧିକାର ଅଭିଯାନ ସମାବେଶ




**ପଟ୍ଟାମୁଣ୍ଡାଇ,୬।୫(ସଂଚାର ବ୍ୟୁରୋ):** ରାଜ୍ୟ ବିଜେଡି ସୁପ୍ରିମୋ ନବୀନ ପଟନାୟକଙ୍କ ନିର୍ଦ୍ଦେଶରେ ପଟ୍ଟାମୁଣ୍ଡାଇ ବିଜେଡି ପକ୍ଷରୁ ବ୍ଲକ ସ୍ତରୀୟ ମହିଳା ଅଧିକାର ଅଭିଯାନ ସମାବେଶ ଅନୁଷ୍ଠିତ ହୋଇଯାଇଛି ।

ବ୍ଲକ ବିଜେଡି ସଭାପତି କିଶୋର ସାହୁଙ୍କ ପୌରହିତ୍ୟରେ ଆୟୋଜିତ ସମାବେଶରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପ୍ରବାଦପୁରୁଷ ବିଜୁ ପଟନାୟକ ଓ ବିଜେଡି ସୁପ୍ରିମୋ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟନାୟକ ମହିଳା ସଶକ୍ତିକରଣ କ୍ଷେତ୍ରରେ ସାରା ଭାରତରେ ଉଦାହରଣ ସୃଷ୍ଟି କରିଛି । ବିଜେଡି ସୁପ୍ରିମୋ ନବୀନ ପଟନାୟକଙ୍କ ନେତୃତ୍ୱରେ ବିଜେଡିର ମହିଳା ଅଧିକାର ଅଭିଯାନ କାର୍ଯ୍ୟକ୍ରମ ଜାରି ରହିବ ବୋଲି ବିଧାୟକ ଶ୍ରୀସାହୁ ପ୍ରକାଶ କରିଥିଲେ । ଏହି ମହିଳା ସମାବେଶରେ ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ ରୋଶନା ସାହୁ, କେନ୍ଦ୍ରାପଡ଼ା ପୌର ପରିଷଦ ଅଧକ୍ଷା ସରିତା ସାହୁ, ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା ନଗର ମହିଳା ସଭାନେତ୍ରୀ ଲାସ୍ୟ ମୟୀ ସାହୁ, ବିଲିକଣା ସରପଞ୍ଚ ଲକ୍ଷ୍ମୀପ୍ରିୟା ଷଡଙ୍ଗୀ ଶ୍ରୀରାମପୁର ସରପଞ୍ଚ ସସ୍ମିତା ସେଠୀ, ବଡ଼ମୋହନପୁର ସରପଞ୍ଚ ଯଶୋମତି ରାଉତ ବଡ଼ପତା ସରପଞ୍ଚ ଅନନ୍ୟା ପ୍ରିୟଦର୍ଶନୀ ସେଠୀ ବାଛରା ସରପଞ୍ଚ ରଂଜିତା ସାହୁ ଡାମରପୁର ସରପଞ୍ଚ ଅନୁସୂୟା ନାଥ ପୂର୍ବତନ ସରପଞ୍ଚ ମିନତୀ ପାତ୍ର ପୁଷ୍ପଲତା ଗାହାଣ ୧୭ନଂ ଜିଲ୍ଲା ପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ ବିଶ୍ୱାଳ, ୧୬ନଂ ଜିଲ୍ଲା ପରିଷଦ ପ୍ରତିନିଧି ସ୍ୱପ୍ନ ରଞ୍ଜନ ବେହେରା, ବ୍ଲକ ବିଜେଡି ଉପସଭାପତି ଅରକ୍ଷିତ ସାହୁ ଅରଡ଼ପଲ୍ଲୀ ସରପଞ୍ଚ ବୁଦ୍ଧିରାମ ବେହେରା, ବଳଭଦ୍ରପୁର ସରପଞ୍ଚ କଖାରୁଣୀ ସରପଞ୍ଚ ରମେଶ ମଲ୍ଲିକ ଶାସନ ସରପଞ୍ଚ ସଂଗ୍ରାମ ବାରିକ ଶିକ୍ଷାବିତ ଅଜାମ୍ବର ପ୍ରଧାନ ଯୁବନେତା ଦିଲ୍ଲୀପ ଜେନା ବରିଷ୍ଠ ନେତା ଯଦୁମଣି ଦାସ ସମିତି ସଭ୍ୟ ବିଶ୍ୱଭୂଷଣ ଭୂୟାଁ, ସୁବାଷ ବାରିକ ପର୍ଶୁରାମ ବେହେରା ମାନସ ମଲ୍ଲିକ ପ୍ରତାପ ସେଠୀ, ରାମ ଚନ୍ଦ୍ର ରାଉତ ପ୍ରମୋଦ ଗାହାଣ ସୁବାଷ ଖଟୁଆ କୈଳାଶ ସିଂ ଟୁଟୁଲି ଚୌଧୁରୀ ସୁମନ୍ତ ଦାସ ପ୍ରଭାତ ପ୍ରଧାନ ଅଶୋକ ପରିଡା ସଂଗ୍ରାମ ସ୍ୱାଇଁ ଶଶୀକାନ୍ତ ପଣ୍ଡା ପ୍ରେମାନନ୍ଦ ସେଠୀ ପ୍ରମୁଖ ବହୁ ମହିଳା ବିଜେଡି ଯୁବ ବିଜେଡି ଓ ବିଜେଡି ନେତା କର୍ମକର୍ତ୍ତା ସ୍ଥାନୀୟ ଲୋକପ୍ରତିନିଧି ଓ ଜନସାଧାରଣ ଯୋଗ ଦେଇଥିଲେ।

## ବିଜେପିର ବିଜୟ ଉତ୍ସବ ପାଳିତ

**ଡେରାବିଶ,୬।୫(ସଂଚାର ବ୍ୟୁରୋ):** ପାଟକୁରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଡେରାବିଶ ବ୍ଲକ ଅଧୀନ ୧୪ ନଂ ଜୋନ୍ ତଥା ବିଜେପି ଚାନ୍ଦୋଳ ମଣ୍ଡଳ ପକ୍ଷରୁ ଗତକାଲି ସନ୍ଧ୍ୟାରେ ବିଜୟ ଉତ୍ସବ ପାଳନ ହୋଇଯାଇଛି। ଚନ୍ଦୋଳ ବଜାର ସ୍ଥିତ ବିଜେପି କାର୍ଯ୍ୟାଳୟ ସମ୍ମୁଖରେ ଗତ ବିଧାନସଭା ନିର୍ବାଚନରେ ପଶ୍ଚିମବଙ୍ଗ, ଆସାମ ଓ ପୁଡୁଚେରିରେ ବିଜେପିର ବିପୁଳ ବଜୟ ପାଇଁ ଚାନ୍ଦୋଳ ମଣ୍ଡଳ ଅଧୀନ ଚାନ୍ଦୋଳ, ଦାନପୁର, ମୁକୁନ୍ଦପୁର, ଖମୋଳ, ରତାଦିଆଖଣ୍ଡସାହି, ବସପୁର, ହରିଅଙ୍କ, ଯଅଁରାବାରିମୂଳ ଓ ଇନ୍ଦାଳୋ ପଞ୍ଚାୟତର ଶକ୍ତିକେନ୍ଦ୍ର ପ୍ରମୁଖ, ବୁଥ୍ ସଭାପତିମାନଙ୍କ ସହିତ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଯୋଗଦେଇ ଏହି ବିଜୟ ଉତ୍ସବ ପାଳନ କରିଥିଲେ। ବିଶେଷ କରି ଆସାମର ପ୍ରଭାରୀ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କ ସାଂଗଠନିକ ଦକ୍ଷତା ପାଇଁ ଆସାମରେ ବିଜେପି ବିପୁଳ ଭୋଟ ପାଇ ପୁନର୍ବାର ସରକାର ଗଢ଼ିବା ସମ୍ଭବ ହୋଇଛି। ଏଥିସହିତ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦୃଢ଼ ନେତୃତ୍ୱ, ସଠିକ୍ ଢଙ୍ଗରେ ନିର୍ବାଚନ ପରିଚାଳନା ସହିତ ରାଜ୍ୟ ମୁଖପାତ୍ର ତଥା ପାଟକୁରା ନିର୍ବାଚନ ମଣ୍ଡଳୀ ନେତା ତେଜେଶ୍ୱର ପରିଡ଼ାଙ୍କର ସାଂଗଠନିକ ଦକ୍ଷତା ଓ ରାଜନୈତିକ ରଣ କୌଶଳ ପାଇଁ ବହୁମତରେ ପଶ୍ଚିମବଙ୍ଗରେ ବିଜେପି ସରକାର ଗଢ଼ିବା ସମ୍ଭବପର ହୋଇପାରିଛି। ଏହି ଅବସରରେ ଶୀର୍ଷ ନେତୃତ୍ୱ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରାଷ୍ଟ୍ରୀୟ ଅଧ୍ୟକ୍ଷ ନିତିନ ନବୀନ, ରାଜ୍ୟ ସଭାପତି ମନମୋହନ ସାମଲ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ କୃତଜ୍ଞତା ପ୍ରଦାନ ପୂର୍ବକ ପିକେଟିଂ କରାଯାଇଥିଲା। ଶତାଧିକ ଦଳୀୟ କାର୍ଯ୍ୟକର୍ତ୍ତା ଜୟଧ୍ୱନୀ ନାରାରେ ବଜାର ପରିକ୍ରମା କରିବା ସହିତ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବରିଷ୍ଠ କାର୍ଯ୍ୟକର୍ତ୍ତା ଜିତେନ୍ଦ୍ର ପଣ୍ଡା, ଦିପ୍ତିକାନ୍ତ ସାହୁ, କଳ୍ପତରୁ ଶତପଥି, ସୁଶାନ୍ତ ରାଉତ, ମଦନ ମୋହନ ସାହୁ, ଶରତ ବେହେରା ପ୍ରମୁଖ ପରିଚାଳନା କରିଥିବା ବେଳେ ଶରତ ମଳିକ, ଅୟସ ଦାସ, ଅଜୟ ସାହୁ, ଅମରେନ୍ଦ୍ର ରଥ, ରାଜକିଶୋର ମିଶ୍ର, ସାରସ ସାମନ୍ତରାୟ, ରାକେଶ ତ୍ରିପାଠୀ, ସତ୍ୟବ୍ରତ ପରିଡ଼ା, ପ୍ରଶାନ୍ତ ଭୂୟାଁ. ବିଶ୍ୱକେତନ ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ୨କୋଟି ବ୍ୟୟରେ ରାସ୍ତା ଓ କେନାଲ ଶିଳାନ୍ୟାସ



**ପଟ୍ଟାମୁଣ୍ଡାଇ,୬।୫(ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଗଙ୍ଗାରାମପୁର ପଞ୍ଚାୟତ ତାରିଣୀ ଛକ ଠାରେ ୨କୋଟି ଟଙ୍କା ବ୍ୟୟରେ ଜିଗରଣ ନୂଆପଡା ରାସ୍ତା ଓ ଜଳ ସମ୍ପଦ ବିଭାଗ ପକ୍ଷରୁ ଗୋବରୀ ସମ୍ପ୍ରସାରିତ କେନାଲ ନଂ ୧-୧/୨ କଂକ୍ରିଟକରଣ ଶିଳାନ୍ୟାସ କରାଯାଇଛି ଓ ଏହି ଉପଲକ୍ଷେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ରାସ୍ତା ଓ କେନାଲ କଂକ୍ରିଟକରଣର ଶିଳାନ୍ୟାସ କରିବା ସହିତ ଏହି ପ୍ରକଳ୍ପ ସଂପୂର୍ଣ୍ଣ ହେଲେ ସ୍ଥାନୀୟ ୪ଟି ପଞ୍ଚାୟତର ଜନସାଧାରଣ ଗମନାଗମନ ଓ ଚାଷୀମାନେ ଜଳ ସେଚନ ସୁବିଧା ପାଇପାରିବେ ବୋଲି ପ୍ରକାଶ କରିଥିଲେ ଓ ଏହି ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଜଳ ସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ଇଂ ସୁନୀଲ ନାୟକ, ବ୍ଲକ ବିଜେଡି ସଭାପତି କିଶୋର ସାହୁ, ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା ୧୭ନଂ ଜିଲ୍ଲା ପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ ବିଶ୍ୱାଳ, ୧୬ନଂ ଜିଲ୍ଲା ପରିଷଦ ପ୍ରତିନିଧି ସ୍ୱପ୍ନ ରଞ୍ଜନ ବେହେରା, ସରପଞ୍ଚ ସଂଘ ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ଷଡଙ୍ଗୀ ବ୍ଲକ ବିଜେଡି ଉପସଭାପତି ଅରକ୍ଷିତ ସାହୁ, ଅରଡ଼ପଲ୍ଲୀ ସରପଞ୍ଚ ବୁଦ୍ଧିରାମ ବେହେରା, ବଳଭଦ୍ରପୁର ସରପଞ୍ଚ କଖାରୁଣୀ ସରପଞ୍ଚ ରମେଶ ମଲ୍ଲିକ ଶାସନ ସରପଞ୍ଚ ସଂଗ୍ରାମ ବାରିକ ଶିକ୍ଷା ବିତ ଅଜାମ୍ବର ପ୍ରଧାନ ଯୁବନେତା ଦିଲ୍ଲୀପ ଜେନା ବରିଷ୍ଠ ନେତା ଯଦୁମଣି ଦାସ ସମିତି ସଭ୍ୟ ବିଶ୍ୱଭୂଷଣ ଭୂୟାଁ, ସୁବାଷ ବାରିକ ପର୍ଶୁରାମ ବେହେରା ମାନସ ମଲ୍ଲିକ ପ୍ରତାପ ସେଠୀ, ରାମ ଚନ୍ଦ୍ର ରାଉତ ପ୍ରମୋଦ ଗାହାଣ ସୁବାଷ ଖଟୁଆ କୈଳାଶ ସିଂ ଟୁଟୁଲି ଚୌଧୁରୀ ସୁମନ୍ତ ଦାସ ପ୍ରଭାତ ପ୍ରଧାନ ଅଶୋକ ପରିଡା ସଂଗ୍ରାମ ସ୍ୱାଇଁ ଶଶୀକାନ୍ତ ପଣ୍ଡା ପ୍ରେମାନନ୍ଦ ସେଠୀ ପ୍ରମୁଖ ବହୁ ବିଜେଡି ନେତା କର୍ମକର୍ତ୍ତା ସ୍ଥାନୀୟ ଲୋକପ୍ରତିନିଧି ମାନ୍ୟଗଣ୍ୟ ବ୍ୟକ୍ତି ଓ ଜନସାଧାରଣ ଯୋଗ ଦେଇଥିଲେ।

## ଅନୁଦାନ ସତ୍ତ୍ୱେ ସୁଦୃଢ଼ ହେଉନି ନଦୀବନ୍ଧ

**କେନ୍ଦ୍ରାପଡ଼ା,୬।୫(ସଂଚାର ବ୍ୟୁରୋ):** ସାଧାରଣ ଲୋକଙ୍କ ସୁରକ୍ଷା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଯୋଜନା ପ୍ରଣୟନ ସହ ଅନୁଦାନ ଯୋଗାଉଛନ୍ତି। ମାତ୍ର ଏହି ଅନୁଦାନ କେନ୍ଦ୍ରାପଡ଼ା ଜିଲ୍ଲାରେ ପ୍ରଭାବ ପକାଉନାହିଁ। ପ୍ରତିବର୍ଷ ଜିଲ୍ଲାର ୫୫ ପଞ୍ଚାୟତରେ ବନ୍ୟା ଜଳ ପଶୁଛି। ରାଜକନିକା, ଆଳି ଓ ଗରଦପୁର ବ୍ଲକ ଅଞ୍ଚଳର ସର୍ବାଧିକ କ୍ଷତି ହେଉଛି। ନଦୀବନ୍ଧ ସୁଦୃଢ଼ ନ ଥିବାରୁ ଆଳି ବ୍ଲକର ୧୬ ପଞ୍ଚାୟତ, ପଟ୍ଟାମୁଣ୍ଡାଇର ୧୪, ରାଜନଗରର ୪, ମାର୍ଶାଘାଇର ୯, ଡେରାବିଶର ୨, ମହାକାଳପଡାର ୯ ଓ ଗରଦପୁର ବ୍ଲକ ଅଞ୍ଚଳରେ ବନ୍ୟା ଜଳ ମାଡିଯାଉଛି। ଏ ସମ୍ପର୍କରେ ସାମାଜିକ କର୍ମୀ ବାନାମ୍ବର ସାହୁ କୁହନ୍ତି, ଜିଲ୍ଲାରେ ଉଦ୍‌ବୃତ୍ତ ଜଳ ନିଷ୍କାସନ ବ୍ୟବସ୍ଥା ଏକ ବଡ଼ ସମସ୍ୟା ହୋଇଛି। ଜିଲ୍ଲାରେ ୭ ନଦୀ ଓ ୨୭ ଶାଖା ନାଳ ଅଛି। ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ସିଷ୍ଟମରେ ଥିବା ୭ ନଦୀରେ ସାମାନ୍ୟ ଅଧିକ ପାଣି ଜିଲ୍ଲାର ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି।

## ଗୋବରୀ ସମ୍ପ୍ରସାରିତ କେନାଲ ନଂ୧ କଂକ୍ରିଟକରଣ ଶିଳାନ୍ୟାସ

**ପଟ୍ଟାମୁଣ୍ଡାଇ,୬।୫(ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଗଙ୍ଗାରାମପୁର ପଞ୍ଚାୟତ ଛୁଆଳିଆ ଶକ୍ତି ପୀଠ ଠାରେ ୨କୋଟି ଟଙ୍କା ବ୍ୟୟରେ ଜଳ ସମ୍ପଦ ବିଭାଗ ପକ୍ଷରୁ ଗୋବରୀ ସମ୍ପ୍ରସାରିତ କେନାଲ ନଂ ୧ କଂକ୍ରିଟକରଣ ଶିଳାନ୍ୟାସ କରାଯାଇଛି ଓ ଏହି ଉପଲକ୍ଷେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ କେନାଲ କଂକ୍ରିଟକରଣର ଶିଳାନ୍ୟାସ କରିବା ସହିତ ଏହି ପ୍ରକଳ୍ପ ସଂପୂର୍ଣ୍ଣ ହେଲେ ସ୍ଥାନୀୟ ୩ଟି ପଞ୍ଚାୟତର ଚାଷୀମାନେ ଉପକୃତ ହୋଇପାରିବେ ବୋଲି ପ୍ରକାଶ କରିଥିଲେ ଓ ଏହି ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଜଳ ସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ଇଂ ସୁନୀଲ ନାୟକ, ବ୍ଲକ ବିଜେଡି ସଭାପତି କିଶୋର ସାହୁ, ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା ୧୭ନଂ ଜିଲ୍ଲା ପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ ବିଶ୍ୱାଳ, ୧୬ନଂ ଜିଲ୍ଲା ପରିଷଦ ପ୍ରତିନିଧି ସ୍ୱପ୍ନ ରଞ୍ଜନ ବେହେରା, ସରପଞ୍ଚ ସଂଘ ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ଷଡଙ୍ଗୀ ବ୍ଲକ ବିଜେଡି ଉପସଭାପତି ଅରକ୍ଷିତ ସାହୁ, ଅରଡ଼ପଲ୍ଲୀ ସରପଞ୍ଚ ବୁଦ୍ଧିରାମ ବେହେରା, ବଳଭଦ୍ରପୁର ସରପଞ୍ଚ କଖାରୁଣୀ ସରପଞ୍ଚ ରମେଶ ମଲ୍ଲିକ ଶାସନ ସରପଞ୍ଚ ସଂଗ୍ରାମ ବାରିକ ଶିକ୍ଷା ବିତ ଅଜାମ୍ବର ପ୍ରଧାନ ଯୁବନେତା ଦିଲ୍ଲୀପ ଜେନା ବରିଷ୍ଠ ନେତା ଯଦୁମଣି ଦାସ ସମିତି ସଭ୍ୟ ବିଶ୍ୱଭୂଷଣ ଭୂୟାଁ, ସୁବାଷ ବାରିକ ପର୍ଶୁରାମ ବେହେରା ମାନସ ମଲ୍ଲିକ ପ୍ରତାପ ସେଠୀ, ରାମ ଚନ୍ଦ୍ର ରାଉତ ପ୍ରମୋଦ ଗାହାଣ ସୁବାଷ ଖଟୁଆ କୈଳାଶ ସିଂ ଟୁଟୁଲି ଚୌଧୁରୀ ସୁମନ୍ତ ଦାସ ପ୍ରଭାତ ପ୍ରଧାନ ଅଶୋକ ପରିଡା ସଂଗ୍ରାମ ସ୍ୱାଇଁ ଶଶୀକାନ୍ତ ପଣ୍ଡା ପ୍ରେମାନନ୍ଦ ସେଠୀ ପ୍ରମୁଖ ବହୁ ବିଜେଡି ନେତା କର୍ମକର୍ତ୍ତା ସ୍ଥାନୀୟ ଲୋକପ୍ରତିନିଧି ମାନ୍ୟଗଣ୍ୟ ବ୍ୟକ୍ତି ଓ ଜନସାଧାରଣ ଯୋଗ ଦେଇଥିଲେ।




## ଚିକିତ୍ସିତ ହେବାକୁ ଯାଇ ଶବ ହୋଇ ଫେରିଲେ



**ଡେରାବିଶ,୬।୫(ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଖମୋଳ ପଞ୍ଚାୟତ ଅନ୍ତର୍ଗତ କରିମୂଳ ଗ୍ରାମର ପ୍ରଶାନ୍ତ ସ୍ୱାଇଁ (୫୬) ଗତକାଲି ଚିକିତ୍ସିତ ହେବା ପାଇଁ କଟକ ବଡ଼ ଡାକ୍ତରଖାନାକୁ ଯାଇ ଆଜି ଶବ ହୋଇ ଘରକୁ ଫେରିବା ଘଟଣାଟି ତାଙ୍କ ପରିବାର ତଥା ଗ୍ରାମରେ ଶୋକାକୂଳ ପରିବେଶ ସୃଷ୍ଟି କରିଛି। ସୂଚନାରୁ ପ୍ରକାଶ ପ୍ରଶାନ୍ତଙ୍କ ଅସୁସ୍ଥତା ଅନୁଭବ କରି ନିଜର ଚିକିତ୍ସା ନିମନ୍ତେ ଏକାକୀ ଗତକାଲି ସକାଳୁ କଟକ ସ୍ଥିତ ଏସ୍‌ସିବି ମେଡ଼ିକାଲ୍‌କୁ ଯାଇଥିଲେ। ସେଠାରେ ପହଞ୍ଚି ଡାକ୍ତରଙ୍କୁ ଦେଖାଇବା ପୂର୍ବରୁ ଲାଇନ୍‌ରେ ଠିଆ ହୋଇଥିବା ସମୟରେ ପ୍ରଚଣ୍ଡ ରୌଦ୍ରତାପ ଓ ଗୁଳୁଗୁଳି ପ୍ରଭାବରେ ହଠାତ୍ ସେ ଅଚେତ ହୋଇପଡ଼ିଥିଲେ। କିଛି ସମୟ ପରେ ଚେତା ଆସିବାରୁ ଘରକୁ ଫୋନ୍ କରି ତାଙ୍କର ଚେତା ଚାଲିଯିବା ଓ ପୁଣି ଫେରିବା ଘଟଣା ସମ୍ପର୍କରେ କହିଥିଲେ। ସେତେବେଳେ ସେ ସୁସ୍ଥ ଅନୁଭବ କରୁଛନ୍ତି ଓ ଡାକ୍ତରଙ୍କୁ ଦେଖାଇ ଫେରିବେ ବୋଲି ମଧ୍ୟ କହିଥିଲେ। ହେଲେ କିଛି ସମୟ ପରେ ଦ୍ୱିତୀୟଥର ପାଇଁ ସେ ଅଚେତ ହୋଇପଡ଼ିଥିଲେ ଓ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ସହିତ ସ୍ଥାନୀୟ ପୋଲିସ୍ ଷ୍ଟେସନ୍‌କୁ ଏ ସମ୍ପର୍କରେ ଜଣାଇଥିଲେ। ପରେ ଖବର ପାଇ ପରିବାର ଲୋକ ସେଠାରେ ପହଞ୍ଚି ପ୍ରଶାନ୍ତଙ୍କ ଶବକୁ ଚିହ୍ନଟ କରିଥିଲେ ଓ ଆଜି ଡାକ୍ତରଖାନା କତୃପକ୍ଷ ପ୍ରଶାନ୍ତ ମୃତ ଶରୀରକୁ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଥିଲେ। ତେବେ ପରିବାର ଲୋକ ପ୍ରଶାନ୍ତଙ୍କ ମୃତ୍ୟୁ ଅଂଶୁଘାତ ଜନିତ ହୋଇଥିବା ପ୍ରକାଶ କରିଛନ୍ତି।

## ମହାବୀର ଓ ନୀଳ ସରସ୍ୱତୀଙ୍କ ପୂଜା ଉତ୍ସବ

**ଡେରାବିଶ,୬।୫(ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁର ସ୍ଥିତ କଳିଙ୍ଗ ଆବାସିକ ବିଦ୍ୟାଳୟ ପରିସରରେ ଚତୁର୍ଥ ପ୍ରହରବ୍ୟାପୀ ନାମଯଜ୍ଞ, ପିଠାଧିଶ୍ୱର ସଙ୍କଟ ମୋଚନ ପ୍ରଭୁ ମହାବୀର ଓ ବିଦ୍ୟାଦାତ୍ରୀ ମା' ନୀଳ ସରସ୍ୱତୀଙ୍କ ପୂଜା ଏବଂ ଗୀତାଯଜ୍ଞ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ତ୍ରିଦିବସୀୟ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ରବିବାର ଚତୁର୍ଥ ପ୍ରହର ବ୍ୟାପୀ ନାମଯଜ୍ଞ ଅନୁଷ୍ଠିତ ହୋଇଥିବା ବେଳେ ସୋମବାର ମା ନୀଳସରସ୍ୱତୀଙ୍କ ପୂଜା ଓ ହନୁମାନ ମେଳା ଅନୁଷ୍ଠିତ ହୋଇଥିଲା। ଆଜି ପୂର୍ବାହ୍ନରୁ ଗୀତାଯଜ୍ଞ ଆରମ୍ଭ ହୋଇ ସନ୍ଧ୍ୟାରେ ପୂର୍ଣ୍ଣାହୁତୀ ହୋଇଥିଲା।

## ବିଜେଡି ରାଜ୍ୟ ସମ୍ପାଦକ ହେଲେ ଦେବାଶିଷ ଆଚାର୍ଯ୍ୟ



**ଡେରାବିଶ,୬।୫(ସଂଚାର ବ୍ୟୁରୋ):** ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ ଆଜି ଦଳୀୟ ସଂଗଠନକୁ ଅଧିକ ସୁଦୃଢ଼ କରିବା ଓ ଆସନ୍ତା ପଞ୍ଚାୟତ ନିର୍ବାଚନ ପାଇଁ ପୂର୍ବ ପ୍ରସ୍ତୁତି ଆରମ୍ଭ କରିଥିବା ବେଳେ ସମଗ୍ର ରାଜ୍ୟରେ ବିଜେଡ଼ିର ତୁଙ୍ଗ ନେତାମାନଙ୍କୁ ବିଭିନ୍ନ ସାଂଗଠନିକ ଦାୟିତ୍ୱ ଅର୍ପଣ କରିଛନ୍ତି। ଏହି କ୍ରମରେ ପାଟକୁରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଡେରାବିଶ ବ୍ଲକ ବିଜେଡ଼ି ସଭାପତି ଦେବାଶିଷ ଆଚାର୍ଯ୍ୟଙ୍କୁ ରାଜ୍ୟ ସମ୍ପାଦକ ଭାବେ ଦାୟିତ୍ୱ ଅର୍ପଣ କରିଥିବା ଜଣାଯାଇଛି। ଆଜି ଏହି ଖବର ପାଟକୁରା ନିର୍ବାଚନ ମଣ୍ଡଳୀରେ ବ୍ୟାପିବା ପରେ ବିଜେଡ଼ି କର୍ମୀ ମହଲରେ ଆନନ୍ଦର ଲହରୀ ଖେଳିଯାଇଛି। ସୂଚନାଯୋଗ୍ୟ ଶ୍ରୀ ଆଚାର୍ଯ୍ୟ ଦୀର୍ଘ ବର୍ଷ ହେବ ବିଜେଡ଼ିର ଜଣେ ଶୃଙ୍ଖଳିତ କର୍ମୀ ଭାବେ କାର୍ଯ୍ୟ କରିବା ସହିତ ୨୦୧୩ ମସିହାରୁ ଅଦ୍ୟାବଧି ଡେରାବିଶ ବ୍ଲକ ବିଜେଡ଼ିର ସଭାପତି ଭାବେ ମଙ୍ଗ ସମ୍ଭାଳିଛନ୍ତି। ପୂର୍ବ ନିର୍ବାଚନ ମାନଙ୍କରେ ଶ୍ରୀ ଆଚାର୍ଯ୍ୟ ଦଳୀୟ କର୍ମୀମାନଙ୍କୁ ସଂଗଠିତ କରି ପାଟକୁରାର ପୂର୍ବତନ ବିଜେଡ଼ି ସମର୍ଥିତ ବିଧାୟକ ପ୍ରାର୍ଥୀ ଓ ବିଭିନ୍ନ ସଭ୍ୟ ସରପଞ୍ଚ ଏବଂ ଜିଲ୍ଲା ପରିଷଦ ସଭ୍ୟମାନଙ୍କୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରି ଆସିଛନ୍ତି। ଏପରିକି ଶ୍ରୀ ଆଚାର୍ଯ୍ୟଙ୍କ ପ୍ରଚେଷ୍ଟାରେ ଗତ ସମସ୍ତ ବିଧାନସଭା ଓ ଲୋକସଭା ନିର୍ବାଚନରେ ଡେରାବିଶରେ ବିଜେଡ଼ି ସମର୍ଥୀତ ପ୍ରାର୍ଥୀ ବିପୁଳ ସଂଖ୍ୟାରେ ଭୋଟ ପାଇ ଜିତିଥିବା ବେଳେ ଡେରାବିଶ ବ୍ଲକ ଅନ୍ତର୍ଗତ ତିନିଗୋଟି ଜିଲ୍ଲାପରିଷଦ ସଭ୍ୟପଦ ବିଜେଡ଼ି ସଫଳତାର ସହ ହାସଲ କରିପାରିଥିଲା। ଦେବାଶିଷଙ୍କୁ ଏହି ଗୁରୁଦାୟିତ୍ୱ ଅର୍ପଣ କରିଥିବାରୁ ଶ୍ରୀମନ୍ତ ରାଉତରାୟ, ଅକ୍ଷୟ ନାୟକଙ୍କ ସମେତ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସମସ୍ତ ଦଳୀୟ କର୍ମୀମାନେ ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିକଟରେ କୃତଜ୍ଞତା ଜଣାଇଛନ୍ତି।

**● ବିଧାୟିକାଙ୍କ ସମିକ୍ଷା ବୈଠକ**

## ଲୋକଙ୍କ ଅଭିଯୋଗ ଶୁଣିଲେ ବିଧାୟିକା

**ବାଲିଆପାଳ,୬।୫(ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକ ସଭାଗୃହରେ ବୁଧବାର ବସ୍ତା ବିଧାୟିକା ଙ୍କର ସମିକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଧାୟିକା ସୁବାସିନି ଜେନା ଯୋଗଦେଇ ବାଲିଆପାଳ ବ୍ଲକରେ ବିଭିନ୍ନ ପଞ୍ଚାୟତରେ ହୋଉଥିବା ଉନ୍ନୟନ ମୂଳକ କାର୍ଯ୍ୟର ସ୍ଥିତି ସମୀକ୍ଷା କରିବା ସହିତ ମନ୍ଥର ଗତିରେ ଚାଲିଥିବା କାର୍ଯ୍ୟକୁ ଶେଷ କରିବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।ଏଥି ସହିତ ବିଭିନ୍ନ ପଞ୍ଚାୟତରୁ ଆସିଥିବା କାର୍ଯ୍ୟର ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱ ଆରୋପ କରିଯାଇଥିଲା। ଆସିଥିବା ପଞ୍ଚାୟତରୁ ଜନପ୍ରତିନିଧି ମାନେ ନିଜ ନିଜର ଅଭିଯୋଗ ଜଣାଇଥିଲେ। ବ୍ଲକରେ କାର୍ଯ୍ୟରତ ଥିବା ବିଭାଗୀୟ ଜେଇ ଅରୁଣ କୁମାର ଜେନା ଦାୟିତ୍ୱରେ ଥିବା ପଞ୍ଚାୟତ ଗୁଡିକରେ ସରକାରୀ ଦଳର କର୍ମୀ ମାନଙ୍କୁ ନିର୍ମାଣର ଦାୟିତ୍ୱ ଦେବା ଏବଂ କୈଣସି କାର୍ଯ୍ୟର ସୂଚନା ଫଳକ ନ ରହିବା ନେଇ ଅଭିଯୋଗ ଆଣିବା ସହିତ ବିଭାଗୀୟ ଜେଇଙ୍କୁ ବଦଳି ପାଇଁ ଗୃହରେ ଦାବି କରିଥିଲେ ନିର୍ବାଚିତ ପ୍ରତିନିଧି ମାନେ। ଜେଇ ଶ୍ରୀ ଜେନାଙ୍କ ଉପରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଡିଓ ରାଧା ରଞ୍ଜନ ଦାଶ କହିଛନ୍ତି।



‘ସମସ୍ତଙ୍କ ପାଇଁ ଛାତ’ ଅଭିଯାନ: ଦୂର ହେବ ଆବାସ ସମସ୍ୟା

# ଢାଞ୍ଚାଗତ ବିକାଶ ପ୍ରକୃତ ବିକାଶ ନୁହେଁ

**ଭୁବନେଶ୍ୱର, ୬।୫ (ସଂଚାର ବ୍ୟୁରୋ) :** ନଗର ଉନ୍ନୟନର ସଫଳତା କେବଳ ଢାଞ୍ଚାଗତ ବିକାଶରେ ମାପାଯିବ ନାହିଁ। ଲୋକଙ୍କ ଜୀବନ ଧାରମର ମାନ, ଜୀବିକା ଓ ସୁବିଧାରେ ଆସୁଥିବା ପରିବର୍ତ୍ତନ ହିଁ ସରକାରଙ୍କ ପ୍ରକୃତ ସଫଳତାର ପରିଚୟ ବୋଲି ଆଜି ଗୃହ ଓ ନଗର ଉନ୍ନୟନ ବିଭାଗର ଏକ ସମୀକ୍ଷା ବୈଠକରେ ଏହା କହିଛନ୍ତି ବିଭାଗୀୟ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର। ୨୦୩୬ ସୁଦ୍ଧା ସହରାଞ୍ଚଳର ୮୦ ପ୍ରତିଶତ ଲୋକଙ୍କୁ ଆବାସ ସୁବିଧା ଯୋଗାଇବାକୁ ‘ସମସ୍ତଙ୍କ ପାଇଁ ଛାତ’ ଅଭିଯାନ ଆରମ୍ଭ ହେଉଛି। ଏଥିରେ ଆର୍ଥିକ ଦୁର୍ବଳ, ସ୍ୱଳ୍ପ ଆୟକାରୀ ଓ ପ୍ରବାସୀ ଶ୍ରମିକଙ୍କ ପାଇଁ ଭଡ଼ା ଆଧାରିତ ଆବାସ ମଡେଲ୍‌କୁ ଗୁରୁତ୍ୱ ଦିଆଯିବ। ରାଉରକେଲାରୁ ପାଇଲଟ୍ ପ୍ରକଳ୍ପ ଆରମ୍ଭ କରାଯାଇ ପର୍ଯ୍ୟାୟ କ୍ରମେ ସବୁ ପ୍ରମୁଖ ସହରରେ କାର୍ଯ୍ୟକାରୀ ହେବ ବୋଲି ସେ କହିଛନ୍ତି। ସହର ବିକାଶ ପାଇଁ ଆରମ୍ଭ ହୋଇଥିବା ଟିପି ସ୍କିମ ଅଧିନରେ ‘ଲ୍ୟାଣ୍ଡ ପୁଲିଂ’ ମଡେଲ୍‌କୁ ଗେମ୍-ଚେଞ୍ଜର ଭାବେ ଉପସ୍ଥାପନ କରିଛନ୍ତି ନଗର ଉନ୍ନୟନ ମନ୍ତ୍ରୀ। ସେ କହିଛନ୍ତି ଯେ ଏହି ଯୋଜନାରେ ୪୦ ପ୍ରତିଶତ ଜମି ରାସ୍ତା, ଡ୍ରେନ, ସ୍ୱେରଜ ଆଦି ସାର୍ବଜନୀନ କାର୍ଯ୍ୟ ପାଇଁ ବ୍ୟବହୃତ ହେବ। ବଳକା ୬୦ ପ୍ରତିଶତ ବିକଶିତ ଜମି ମାଲିକଙ୍କୁ ଫେରସ୍ତ ମିଳିବ। ଏହା ଜମି ବିବାଦ କମାଇବା ସହ ଆଧୁନିକ ନଗର ଯୋଜନାକୁ ତ୍ୱରାନ୍ୱିତ କରିବ ବୋଲି ସେ କହିଛନ୍ତି। ସେହିଭଳି ମୁଖ୍ୟମନ୍ତ୍ରୀ ସ୍ମାର୍ଟ ସିଟି ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ୪୯ଟି ସହରକୁ ଚୟନ କରାଯାଇଛି। ଏହି ସହରଗୁଡ଼ିକରେ ଆଧୁନିକ ସଡ଼କ, ୨୪ଘଣ୍ଟିଆ ପାନୀୟ ଜଳ ଯୋଗାଣ ଓ ବୈଜ୍ଞାନିକ ନିଷ୍କାସନ ବ୍ୟବସ୍ଥାକୁ ଅଗ୍ରଗତି ଦିଆଯିବ। ସେଥିସହ ‘ଅମୃତ’ ଯୋଜନା ମାଧ୍ୟମରେ ପ୍ରତ୍ୟେକ ପରିବାରକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରାଯିବ। ସହରୀ ବନ୍ୟା ସମସ୍ୟାର ସମାଧାନ ପାଇଁ ‘ଡ୍ରେନେଜ୍ ମାଷ୍ଟର ପ୍ଲାନ’ ପ୍ରସ୍ତୁତ କରାଯାଉଛି। ଗାଙ୍ଗୁଆ ନାଳ ଓ ଦୟା ପଶ୍ଚିମ କେନାଲର ପୁନରୁଦ୍ଧାର ପାଇଁ ଯୋଜନା ପ୍ରସ୍ତୁତ ହେବା ସହ ଅର୍ଥ ମଞ୍ଜୁର ହୋଇସାରିଛି। ନଗର ଉନ୍ନୟନ ଓ ଜଳସମ୍ପଦ ବିଭାଗ ମିଳିତ ଭାବେ ଶୀଘ୍ର କାମ ଆରମ୍ଭ କରିବେ। ଏହା ପ୍ରଧାନମନ୍ତ୍ରୀଙ୍କ ଭିଜନ୍ ଅନୁସାରେ ସହରୀ ଜଳବନ୍ଦୀ ସମସ୍ୟାର ସମାଧାନରେ ଏକ ବୃହତ୍ ପଦକ୍ଷେପ ବୋଲି ସେ କହିଥିଲେ।

# ୫୦ ଲକ୍ଷର ବ୍ରାଉନସୁଗର୍ ଜବତ, ୩ ଗିରଫ

**ଟାଙ୍ଗୀ,୬।୫(ସଂଚାର ବ୍ୟୁରୋ):** ୫୦ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗର୍ ଜବତ କରାଯିବା ସହ ୩ ଅଭିଯୁକ୍ତ ଗିରଫ ହୋଇଛନ୍ତି। ଏଥିସହ ସେମାନଙ୍କଠାରୁ ଏକ ବୋଲେରୋ, ୩ଟି ମୋବାଇଲ ଓ ନଗଦ ୭୦ ହଜାର ଟଙ୍କା ଜବତ କରାଯାଇଛି। ଅଭିଯୁକ୍ତଙ୍କଠାରୁ ଏକ କେଟିଏମ୍ ମଟରସାଇକେଲ ଓ ସୁନା ଅଳଙ୍କାର ବି ଜବତ ହୋଇଛି। ବେଣୀ ପଥର ଜଙ୍ଗଲ ଭିତରେ ବ୍ରାଉନସୁଗର୍ ବେପାରୀଙ୍କ ଡିଲ ଚାଲିଥିବା ସମୟରେ ଟାଙ୍ଗୀ ପୁଲିସ୍ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ଖୋର୍ଦ୍ଧା ଜେମାଦେଇପୁରର ଆକାଶ ସେଠୀ, ବାଲେଶ୍ୱରର ଏସକେ ଅଶରଫ ଓ ସୋର ଅଞ୍ଚଳର ଆଡିଶ ରଞ୍ଜନ ମାଝୀ ଏବଂ ସେମାନଙ୍କ ନାଁରେ ଏକାଧିକ ମାମଲା ରହିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ବରଗଡ଼ ଜିଲ୍ଲା ଝାରବନ୍ଧ ପୁଲିସକୁ ମିଳିଛି ବଡ଼ ସଫଳତା। ଝାରବନ୍ଧ ଥାନା ଅନ୍ତର୍ଗତ ସାରଙ୍ଗସିଲି ଛକରେ ଟ୍ରକ୍‌ରେ ଗଞ୍ଜେଇ ବୋଝେଇ ହୋଇ ଯାଉଥିବା ସମୟରେ ଏହାକୁ ଧରିବାରେ ପୁଲିସ୍ ସଫଳ ହୋଇଛି।

# ବେବନ୍ଦୋବସ୍ତ ଜମିର ସେଟେଲମେଣ୍ଟ୍ ଶୀଘ୍ର ସାରିବାକୁ ନିର୍ଦ୍ଦେଶ

- ଖୁବ୍‌ଶୀଘ୍ର ଜାରିହେବ ବେବନ୍ଦୋବସ୍ତ ଜମି ସମ୍ପର୍କିତ ଏସ୍‌ଓପି
- ସରକାରୀ ଜମିର ଜବରଖଲ କରିଥିଲେ ହେବ କାର୍ଯ୍ୟାନୁଷ୍ଠାନ
- ସଫଳ ରାଜସ୍ୱ ପ୍ରଶାସନ ନେଇ ଜିଲ୍ଲାର ହେବ ର୍ୟାଙ୍କିଙ୍ଗ



**ଭୁବନେଶ୍ୱର, ୬।୫ (ସଂଚାର ବ୍ୟୁରୋ) :** ଲୋକସେବା ଭବନଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସମସ୍ତ ବେବନ୍ଦୋବସ୍ତ ଜମିର ସମାଧାନ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବା ସହ ସମସ୍ତ ଜମିପଟ୍ଟାର ୨ ଖାନା ବା କଲମ୍ ୨ ସଂଶୋଧନ ତ୍ୱରାନ୍ୱିତ କରିବା ପାଇଁ ରାଜସ୍ୱ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ଗତବର୍ଷ ବକେୟା ଥିବା ପ୍ରାୟ ୩୮ ହଜାର ଏକର ବେବନ୍ଦୋବସ୍ତ ଜମିରୁ ପ୍ରାୟ ୭ ହଜାର ଏକର ଜମିର ବନ୍ଦୋବସ୍ତ ମାମଲା ଫଇସଲା କରାଯାଇ ରୟତି ସତ୍ୱରେ ରେକର୍ଡ଼ଭୁକ୍ତ କରାଯାଇଛି। ଏହି ପରିପ୍ରେକ୍ଷୀରେ କଟକ, ପୁରୀ, ଭଦ୍ରକ, ବଲାଙ୍ଗୀର ଏବଂ ଜଗତସିଂହପୁର ଆଦି ଜିଲ୍ଲାମାନଙ୍କରେ ଅଧିକ ବକେୟା ଥିବା ମାମଲାଗୁଡ଼ିକର ବନ୍ଦୋବସ୍ତ ପ୍ରକ୍ରିୟା ତ୍ୱରାନ୍ୱିତ କରିବା ସହ ଯୋଗ୍ୟ ବ୍ୟକ୍ତିମାନଙ୍କ ସପକ୍ଷରେ ଜମିପଟ୍ଟା ଜାରି କରିବା ନିମନ୍ତେ ସେ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି, ଯେଉଁଠି ସମ୍ପୃକ୍ତ ବ୍ୟକ୍ତିବିଶେଷ ବେବନ୍ଦୋବସ୍ତ ଜମି ନିମନ୍ତେ ସଲାମି ଦେଉ ନାହାଁନ୍ତି, ସେ କ୍ଷେତ୍ରରେ କାରଣ ଦର୍ଶାଅ ନୋଟିସ୍ ଦେଇ ଏକ ମାସ ମଧ୍ୟରେ ଶୀଘ୍ର ଫଇସଲା କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନାଯୋଗ୍ୟ ଯେ, ଯେଉଁ ଜମିମାନଙ୍କର କୌଣସି ବନ୍ଦୋବସ୍ତ ନିର୍ଦ୍ଧାରିତ ହୋଇ ନାହିଁ ତଥା ଖତିଆନରେ କୌଣସି ସ୍ଥିରୀକୃତ ଖଜଣା କିମ୍ବା ସ୍ୱୀକୃତ ମାଲିକାନା ଦର୍ଶାଯାଇନାହିଁ, ସେହିସବୁ ଜମି ବେବନ୍ଦୋବସ୍ତ ଜମି ଅଧୀନରେ ଆସୁଥିବା ବେଳେ ଯେଉଁ ପର୍ଯ୍ୟନ୍ତ ସମୁଚିତ ପ୍ରକ୍ରିୟାରେ ସଠିକ୍ ମାଲିକାନା ନିର୍ଦ୍ଧାରିତ ନହୋଇ ପାରିଛି, ସେପର୍ଯ୍ୟନ୍ତ ତାହା ସରକାରୀ ଜମି ଭାବରେ ପରିଗଣିତ ହୋଇଥାଏ। ପ୍ରଶାସନିକ ଦୃଷ୍ଟିକୋଣରୁ ଉକ୍ତ ଜମିର ବନ୍ଦୋବସ୍ତ ତହସିଲଦାରଙ୍କ ଦ୍ୱାରା ଉପଜିଲ୍ଲାପାଳ ଏବଂ ଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ କରାଯାଇଥାଏ। ଜମି ରେକର୍ଡ଼ ସଠିକ ରଖିବା, ଅନଧିକୃତ ଦଖଲ ରୋକିବା ଏବଂ ରାଜସ୍ୱ ବୃଦ୍ଧି କରିବା ପରିପ୍ରେକ୍ଷୀରେ ବେବନ୍ଦୋବସ୍ତ ଜମିର ସେଟେଲମେଣ୍ଟ୍ ନିମନ୍ତେ ବିଭିନ୍ନ ସମୟରେ ରାଜ୍ୟସରକାରଙ୍କ ପକ୍ଷରୁ ସର୍କୁଲାର୍ ଜାରି ହୋଇଥିବା ବେଳେ ଖୁବ୍ ଶୀଘ୍ର ଏ ସମ୍ପର୍କିତ ସମସ୍ତ ସର୍କୁଲାର, ନିର୍ଦ୍ଦେଶାବଳୀ ଆଦିକୁ ସଂକଳିତ କରି ଏକ ସ୍ୱତନ୍ତ୍ର ଏସଓପି ଜାରି କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। କାଳବୈଶାଖୀ ଅଥବା କୌଣସି ବି ବିପର୍ଯ୍ୟୟ ଘଟିଲେ ତୁରନ୍ତ ତାହାର କ୍ଷୟକ୍ଷତି ଆକଳନ କରି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ଅବଗତ କରାଇବା ସହ ସମସ୍ତ ସହାୟତା ଅଗ୍ରାଧିକାର ଭିତ୍ତିରେ ଯୋଗାଇ ଦେବାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

# ଶର୍ଟସର୍କିଟ ଅଗ୍ନି ଦୁର୍ଘଟଣା ରୋକିବାରେ ସରକାର ବିଫଳ

**ଭୁବନେଶ୍ୱର, ୬।୫(ସଂଚାର ବ୍ୟୁରୋ):** ଡାକ୍ତରଖାନା, ଆପାର୍ଟମେଣ୍ଟ, ସରକାରୀ ଅନୁଷ୍ଠାନ, ଶିଳ୍ପ ଓ ବାଣିଜ୍ୟ ସଂସ୍ଥାମାନଙ୍କ ପାଇଁ ଓଡିଶାର ନିର୍ମାଣ ହୋଇଥିବା ବୃହତ୍ ଅଟ୍ଟାଳିକାଗୁଡିକରେ ଅଗ୍ନି ଦୁର୍ଘଟଣା ବୃଦ୍ଧି ପାଉଛି। ସେଥିପାଇଁ ଧନଜୀବନ ହାନି ହେଉଛି। ଦୁର୍ଘଟଣା ଘଟିବା ପରେ ସରକାର ସଂଶୋଧନାତ୍ମକ ପଦକ୍ଷେପ ନେବାକୁ କହୁଥିଲେ ବି ତାହା କରୁନାହାନ୍ତି। ସେଥିପାଇଁ ଲକ୍ଷ୍ମୀସାଗର ବାସନ୍ତୀ ଅପାର୍ଟମେଣ୍ଟରେ ଘଟିଥିବା ଶର୍ଟସର୍କିଟଜନିତ ଦୁର୍ଘଟଣା ଆଜି ସମସ୍ତଙ୍କୁ ବିଚଳିତ କରିଛି। ତେବେ ଏଠାରେ ପ୍ରଶ୍ନ ଉଠୁଛି ଯେ ଅଗ୍ନି ଦୁର୍ଘଟଣା ପଛର କାରଣ କ’ଣ? ଓଡିଶାରେ ପୂର୍ବରୁ ଯେଉଁସବୁ ଅଗ୍ନି ଦୁର୍ଘଟଣା ଘଟିଛି, ତା’ର ୯୦ ପ୍ରତିଶତ ବିଦ୍ୟୁତ ଶର୍ଟସର୍କିଟ ପାଇଁ ହୋଇଛି। ଶର୍ଟସର୍କିଟ ଦୁର୍ଘଟଣାକୁ ହ୍ରାସ କରିବା ପାଇଁ ୨୦୦୧ରୁ ଏନର୍ଜି କଞ୍ଜରଭେସନ ଆଇନ ପ୍ରଣିତ ହୋଇଥିଲେ ବି ତାହାକୁ କଡ଼ାକଡ଼ି ଭାବେ ଲାଗୁ କରାଯାଉନାହିଁ। ଏନର୍ଜି କଞ୍ଜରଭେସନ ଆଇନ, ୨୦୦୧ ଅନୁସାରେ ରାଜ୍ୟର ପ୍ରତ୍ୟେକ ଅଟ୍ଟାଳିକାଗୁଡିକୁ ତିନି ବର୍ଷରେ ଥରେ ଏନର୍ଜି ଅଡିଟର ଦ୍ୱାରା ସେଫଟି ଓ ଗ୍ରୀନ ଅଡିଟ୍ କରାଯିବା ବାଧ୍ୟତାମୂଳକ। ଅଟ୍ଟାଳିକା ମାଲିକ ବିଦ୍ୟୁତ ବ୍ୟବସ୍ଥାକୁ ତିନି ବର୍ଷ ଅନ୍ତରରେ ଥରେ ଅଡିଟ ନକଲେ ଆଇନ ଅନୁସାରେ ଦଣ୍ଡ ବ୍ୟବସ୍ଥା ରହିଛି। ଆଶ୍ଚର୍ଯ୍ୟର କଥା ଏପର୍ଯ୍ୟନ୍ତ କାହାରିକୁ ଦଣ୍ଡିତ କରାଯାଇନାହିଁ। ଅଗ୍ନି ଦୁର୍ଘଟଣାର ଅନ୍ୟ ଏକ କାରଣ ହେଉଛି ବିଦ୍ୟୁତ ଯାନ (ଇଭି) ଚାର୍ଜିଂ ବ୍ୟାଟେରୀ। ବେଆଇନ ଭାବେ ଲୋକେ ନିଜ ଘରେ ଚାର୍ଜ କରୁଛନ୍ତି, ଯାହାକି ଶର୍ଟସର୍କିଟ ସମସ୍ୟା ସୃଷ୍ଟି କରୁଛି। ସାମ୍ପ୍ରତିକ ପରିସ୍ଥିତିରେ ଓଡ଼ିଶାରେ ଶର୍ଟସର୍କିଟଜନିତ ଅଗ୍ନି ଦୁର୍ଘଟଣାକୁ ଏଡ଼ାଇବା ପାଇଁ ରାଜ୍ୟ ସରକାର ବୃହତ୍ ଅଟ୍ଟାଳିକାଗୁଡିକରେ ଏନର୍ଜି ଅଡିଟ୍ ବାଧ୍ୟତାମୂଳକ କରିବାକୁ ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର ଦାବି କରିଛନ୍ତି।

## ମା’ ନାଲ୍ଲାରାମା ଠାକୁରାଣୀଙ୍କ ବାର୍ଷିକୋତ୍ସବ



**କଟକ,୬।୫(ସଂଚାର ବ୍ୟୁରୋ):** ଚୌଦ୍ୱାରରେ ମା’ ନାଲ୍ଲାରାମା ଠାକୁରାଣୀଙ୍କ ବାର୍ଷିକୋତ୍ସବ ପାଳିତ ହୋଇଛି। ରବିବାର ସକାଳେ ତେଲଗୁ ସମ୍ପ୍ରଦାୟର ଲୋକେ ପୂଜାର୍ଚ୍ଚନା କରି ଘଟ ସ୍ଥାପନ କରିଥିଲେ। ଦ୍ୱିତୀୟ ଦିନ ସନ୍ଧ୍ୟାରେ ଝିଅମାନଙ୍କ ଦ୍ୱାରା ଦାଣ୍ଡିଆ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ମା’ଙ୍କ ସାମ୍ନାରେ ହଜାର ଆଠ ଦୀପ ପ୍ରଜ୍ୱଳନ କରାଯାଇଥିଲା। ମଙ୍ଗଳବାର ପୁଷ୍ପାଞ୍ଜଳି ପ୍ରଦାନ କରି ପୂଜା କରିଥିଲେ ଓ ଘରଘର ବୁଲି ମା’ଙ୍କୁ ଭୋଗ ଖୁଆଇ ପୂଜା କରିଥିଲେ। ପରେ ମା’ଙ୍କୁ ବିଦାୟ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଚୌଦ୍ୱାର କଟକର ଯୁବ ବିଧାୟକ ସୌଭିକ ବିଶ୍ୱାଳ, ଚୌଦ୍ୱାର ପୌରପାଳିକାର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ସମାଜସେବୀ ବିଷ୍ଣୁ ଚରଣ ପରିଡ଼ା, ବରିଷ୍ଠ କାଉନସିଲର ଦିଲ୍ଲୀପ ସାହୁ, ସୁବ୍ରତ ସାମଲ, କଲ୍ୟାଣୀ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

## ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଓ ଅଧ୍ୟକ୍ଷା ନିର୍ବାଚତ

**କଟକ, ୬।୫ (ସଂଚାର ବ୍ୟୁରୋ):** ବୁଧବାର ପୂର୍ବାହ୍ନରେ ଚୌଧୁରୀ ବଜାରସ୍ଥିତ ନିଗମ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ କଟକ ମହାନଗର ନିଗମର ୮ ଗୋଟି ଷ୍ଟାଣ୍ଡିଂ କମିଟି ପାଇଁ ଅଧ୍ୟକ୍ଷ ଏବଂ ଅଧ୍ୟକ୍ଷା ନିର୍ବାଚନ ଅନୁଷ୍ଠିତ ହୋଇଯାଇଅଛି। କଟକ ମେୟର ସୁବାସ ସିଂହ କଣ୍ଟ୍ରାକ୍ଟ ଷ୍ଟାଣ୍ଡିଂ କମିଟିର ସ୍ଥାୟୀ ଅଧ୍ୟକ୍ଷ ରହିଥିବା ବେଳେ ଡେପୁଟି ମେୟର ଦମୟନ୍ତୀ ମାଝୀ ଟାକ୍ସେସନ, ଫାଇନାନ୍ସ ଓ ଆକାଉଣ୍ଟସ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ଭାବେ ପୁନଃ ନିର୍ବାଚିତ ହୋଇଛନ୍ତି। ଏହାଛଡ଼ା ୱାର୍ଡ ନମ୍ବର ୩ର କର୍ପୋରେଟର ପ୍ରଦୀପ କୁମାର ରାଉତ ପ୍ଲାନିଂ ଓ ଡେଭେଲପମେଣ୍ଟ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ଭାବରେ, ୱାର୍ଡ ନମ୍ବର ୧୦ କର୍ପୋରେଟର ମୋନାଲିଶା ଦାସ ପାର୍କ ପ୍ଲାଣ୍ଟେସନ ଏବଂ ଏଡୁକସନ, ରିକ୍ରିଏସନ ଏବଂ କଲଚରାଲ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷା ଭାବରେ, ୱାର୍ଡ



ନମ୍ବର ୪୪ କର୍ପୋରେଟର ପ୍ରଦୀପ୍ତ କିଶୋରେ ଖୁଣ୍ଟିଆ ପବ୍ଲିକ ୱାର୍କସ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଭାବେ, ୱାର୍ଡ ନମ୍ବର ୧୭ କର୍ପୋରେଟର ଏ ଶ୍ରୀଦେବୀ ଲାଇସେନ୍ସ ଓ ଅପିଲ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷା ଭାବେ, ୱାର୍ଡ ନମ୍ବର ୨୪ କର୍ପୋରେଟର ଦୀପ୍ତିମୟୀ ମୂଳିଆ ପବ୍ଲିକ ହେଲଥ, ୱାଟର ସପ୍ଲାଏ, ଇଲେକ୍ଟ୍ରିକ ସପ୍ଲାଏ, ଡ୍ରେନେଜ୍ ଓ ଏନଭାଇରନମେଣ୍ଟ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ଭାବେ, ୱାର୍ଡ ନମ୍ବର ୪୬ କର୍ପୋରେଟର ପ୍ରଳୟା ବେଉରା ଗ୍ରିଭାନ୍ସ ଓ ସୋସିଆଲ ଜଷ୍ଟିସ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ଭାବେ ଏବଂ ୱାର୍ଡ ନମ୍ବର ୫୧ କର୍ପୋରେଟର ରାକେଶ ସ୍ୱାଇଁ କର୍ପୋରେସନ ଏଷ୍ଟାବ୍ଲିସ୍‌ମେଣ୍ଟ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଭାବେ ପୁନଃନିର୍ବାଚିତ ହୋଇଛନ୍ତି। କଟକ ମହାନଗର ନିଗମ (ସିଏମ୍‌ସି)ର ଉପାୟୁକ୍ତ କଳ୍ପତରୁ ବେହେରା ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିଲେ।

# ଏଆଇୱାଇସି ଗଣମାଧ୍ୟମ ବିଭାଗର ପ୍ରଶିକ୍ଷଣ ଶିବିର

## ଓଡ଼ିଶାରୁ ଯୋଗଦେଲେ ସୁଦୀପ ସାମଲ




**ଭୁବନେଶ୍ୱର, ୬।୫ (ସଂଚାର ବ୍ୟୁରୋ) :** ଅଖିଳ ଭାରତୀୟ ଯୁବ କଂଗ୍ରେସ (ଏଆଇୱାଇସି) ଗଣମାଧ୍ୟମ ପକ୍ଷରୁ ଦିଲ୍ଲୀସ୍ଥିତ ଇନ୍ଦିରା ଭବନଠାରେ ସାରା ଦେଶର ଗଣମାଧ୍ୟମ ବିଭାଗ ଦାୟିତ୍ୱରେ ଥିବା ଯୁବ କଂଗ୍ରେସ କାର୍ଯ୍ୟକର୍ତ୍ତାମାନଙ୍କର ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ଏଆଇୱାଇସି ଗଣମାଧ୍ୟମ ବିଭାଗ ମୁଖ୍ୟ ପଓ୍ୱନ ଖେରା, ଏଆଇୱାଇସି ପ୍ରଭାରୀ ମନୀଷ ଶର୍ମା, ଅଖିଳ ଭାରତୀୟ ଯୁବ କଂଗ୍ରେସର ଗଣମାଧ୍ୟମ ବିଭାଗର ଅଧ୍ୟକ୍ଷ ବରୁଣ ପାଣ୍ଡେ, ଅଖିଳ ଭାରତୀୟ ଯୁବ କଂଗ୍ରେସର ସାମାଜିକ ଗଣମାଧ୍ୟମ ଅଧ୍ୟକ୍ଷ ମନୁ ଜୈନ୍ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଏଆଇୱାଇସି ପକ୍ଷରୁ କରୁନ୍ ଚୌରା ସିହା ପରିଚାଳନା କରିଥିବା ବେଳେ ଶ୍ରୀ ଖେରା କହିଥିଲେ ଯେ ଗଣମାଧ୍ୟମ ଦେଶର ଚତୁର୍ଥ ସ୍ତମ୍ଭ। ଯୁବ କଂଗ୍ରେସର ଗଣମାଧ୍ୟମ ବିଭାଗରେ କାର୍ଯ୍ୟ କରୁଥିବା ସଦସ୍ୟମାନେ ଗଣମାଧ୍ୟମ ବନ୍ଧୁମାନଙ୍କ ସହ ରହି ବାର୍ତ୍ତାକୁ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବା ଦରକାର। ଗଣମାଧ୍ୟମ ଲୋକମାନଙ୍କ ମାଧ୍ୟମ। ଦୁର୍ନୀତି, ଅନ୍ୟାୟ, ଅତ୍ୟାଚାର ଓ ଯେକୌଣସି ସମସ୍ୟା ହେଲେ ବି ଗଣମାଧ୍ୟମରେ ଏହାର ସମାଧାନ ହୋଇପାରୁଛି। ଗଣମାଧ୍ୟମରେ କାର୍ଯ୍ୟ କରୁଥିବା ସାମ୍ବାଦିକଙ୍କ ପ୍ରତି ଯଥେଷ୍ଟ ସମ୍ମାନ ରହିଛି ବୋଲି ଶ୍ରୀ ଖେରା କହିଥିଲେ। ସେହିପରି ଶ୍ରୀ ଶର୍ମା କହିଥିଲେ ଯେ ଯୁବପିଢ଼ି ଦେଶର ଭବିଷ୍ୟତ। ଯେଉଁ ଯୁବ କଂଗ୍ରେସ କର୍ମକର୍ତ୍ତା ଗଣମାଧ୍ୟମ ବିଭାଗରେ କାର୍ଯ୍ୟ କରୁଛନ୍ତି ସେମାନେ ଗଣମାଧ୍ୟମ ବନ୍ଧୁଙ୍କ ମାଧ୍ୟମରେ ସେମାନଙ୍କ ଅଞ୍ଚଳରେ ହେଉଥିବା ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ କରିବା ଉଚିତ। ସାରା ଦେଶରେ ଏବେ ବେରୋଜଗାରୀ, ସାମ୍ପ୍ରଦାୟିକ ଦଙ୍ଗା, ନାରୀଙ୍କ ଉପରେ ଅତ୍ୟାଚାର ଓ ଦରଦାମ ବୃଦ୍ଧି ଭଳି ଅନେକ ସମସ୍ୟା ଦେଖାଦେଇଛି। ବିଜେପି ସରକାର ବିରୋଧରେ ଯେଉଁ ଅସନ୍ତୋଷ ରହିଛି ତାହାକୁ ଗଣମାଧ୍ୟମରେ ସାରା ଦେଶବାସୀଙ୍କ ପାଖରେ ପହଞ୍ଚାଇବାକୁ ସେ ଯୁବ କଂଗ୍ରେସର ଗଣମାଧ୍ୟମ ବିଭାଗ କର୍ମକର୍ତ୍ତାମାନଙ୍କୁ ଆହ୍ୱାନ ଦେଇଥିଲେ।

# ଟିପି ସ୍କିମ୍ ୪୨ରୁ ୪୫ ଜମି ପୁନଃଗଠନ ପାଇଁ ଡ୍ରାଫ୍ଟ ଏସ୍‌ଓପି ଜାରି

**ଭୁବନେଶ୍ୱର,୬।୫(ସଂଚାର ବ୍ୟୁରୋ):** ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଜୋନ୍-୪ ଅନ୍ତର୍ଗତ ସହର ପରିକଳ୍ପନା ଯୋଜନା ଟିପି ସ୍କିମ୍ ୪୨ରୁ ୪୫ ଅଧୀନରେ ଜମି ପୁନଃଗଠନ ପାଇଁ ଏକ ଡ୍ରାଫ୍ଟ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡ୍ୟୁର (ଏସ୍‌ଓପି) ପ୍ରକାଶ କରିଛି। ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ଏକ ସ୍ୱଚ୍ଛ ଓ ଭଲ ବ୍ୟବସ୍ଥା ତିଆରି କରି ପୁନଃଗଠିତ ପ୍ଲଟ୍‌ଗୁଡ଼ିକୁ ସହଜ, ନ୍ୟାୟପୂର୍ଣ୍ଣ ଓ ସମାନ ଭାବେ ବଣ୍ଟନ କରିବା ସହ ଜମି ମାଲିକଙ୍କୁ ସର୍ବାଧିକ ଲାଭ ପ୍ରଦାନ କରିବା। ଏହି ଏସ୍‌ଓପି ବିଜିପୁର, କାଶୀପୁର, ଭଗବାନପୁର, ବାଲିଆପଡ଼ା ଓ ପାତ୍ରପଡ଼ା ଆଦି ଗ୍ରାମର ଅଞ୍ଚଳଗୁଡ଼ିକୁ ସାମିଲ୍ କରିଛି। ସମ୍ପୃକ୍ତ ଏସ୍‌ଓପି ମାଧ୍ୟମରେ ବିଡିଏ ପ୍ଲଟ ପୁନଃଗଠନ ପ୍ରକ୍ରିୟାକୁ ସହଜ କରିବା ସହ ସମାନ ଜମି ବଣ୍ଟନ ନିଶ୍ଚିତ କରିବା, ଜମି ବିବାଦ କମ୍ କରିବା ଓ ହିତାଧିକାରୀଙ୍କ ଆସ୍ଥା ବଢ଼ାଇବା ଲକ୍ଷ୍ୟ ରଖିଛି।



ଏହି ଡ୍ରାଫ୍ଟର ଏକ ପ୍ରମୁଖ ବିଶେଷତ୍ୱ ହେଉଛି, ଗୋଟିଏ ମୌଜା ମଧ୍ୟରେ ପ୍ଲଟ୍‌ଗୁଡ଼ିକର ସ୍ୱେଚ୍ଛାକୃତ ମିଶ୍ରଣ ବ୍ୟବସ୍ଥା। ଜମି ମାଲିକମାନେ ନିଜ ଜମି ମିଶାଇଲେ ୪୦ ପ୍ରତିଶତ କଟିବା ପରେ ମୋଟ ଜମିର ୬୦ ପ୍ରତିଶତ ସେମାନେ ଫେରସ୍ତ ପାଇବେ। ଗୋଟିଏ ମୌଜା ମଧ୍ୟରେ ଜଣେ ମାଲିକଙ୍କର ବିଭିନ୍ନ ଖାତା ନମ୍ବର ଥିବା ଏକାଧିକ ପ୍ଲଟ୍ ଥିଲେ ସେ କ୍ଷେତ୍ରରେ ମିଶ୍ରଣ ବାଧ୍ୟତାମୂଳକ ହେବ। ଏହା ଛୋଟ ଛୋଟ ପ୍ଲଟଗୁଡ଼ିକୁ ଏକାଠି କରିବାକୁ ଅନୁମତି ଦେଉଛି ଓ ଏକାଧିକ ଜମି ମାଲିକ ମିଳିମିଶି ଆବେଦନ କରିପାରିବେ। ଏଥିଯୋଗୁଁ ଚଉଡ଼ା ରାସ୍ତା କଡ଼ରେ ପ୍ଲଟ ଆବଣ୍ଟନ କରାଯିବା ସମ୍ଭବ ହୋଇପାରିବ। ଯୋଜନାବଦ୍ଧ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ନିମନ୍ତେ ବଡ଼ ମିଶ୍ରିତ ପ୍ଲଟଗୁଡ଼ିକ ପାଇଁ ଫ୍ଲୋର ଏରିଆ ଅନୁପାତ (ଏଫ୍‌ଏଆର୍)ର ଲାଭ ଦିଆଯାଇଛି। ବଡ଼ ପ୍ଲଟ୍‌ର ଆକାର ଅନୁଯାୟୀ ରାସ୍ତା ଚଉଡ଼ା ଦ୍ୱାରା ଅଧିକ ଲାଭ ମିଳିବ। ଏହା ବିନିଯୋଗ ବଢ଼ାଇବ ଓ ଜମିର ଉତ୍ତମ ବ୍ୟବହାରକୁ ଉତ୍ସାହିତ କରିବ ବୋଲି ଆଶା କରାଯାଉଛି। ବିଡିଏ ଅଧିସୂଚନା ଜାରି କରିବା ପରେ ୭ ଦିନ ମଧ୍ୟରେ ହିତାଧିକାରୀ ଓ ସାଧାରଣ ଜନତାଙ୍କଠାରୁ ପରାମର୍ଶ ଏବଂ ମତାମତ ଆହ୍ୱାନ କରିଛି। ସବିଶେଷ ତଥ୍ୟ ପାଇଁ bda.gov.inରେ ଲଗଇନ୍ କରିବାକୁ କୁହାଯାଇଛି।

# ଅନ୍ୟାୟ ଓ ଶୋଷଣ ବିରୁଦ୍ଧରେ ଗାନ୍ଧିପଥେ ନ୍ୟାୟ ପଦଯାତ୍ରା ଆରମ୍ଭ

**ଭୁବନେଶ୍ୱର, ୬।୫ (ସଂଚାର ବ୍ୟୁରୋ):** ବୁଧବାର ଜିନ୍ଦଲ ତଥା ଅନ୍ୟ ଶିଳ୍ପସଂସ୍ଥାଙ୍କର ଲୋକମାନଙ୍କ ପ୍ରତି ଅନ୍ୟାୟ ଓ ସରକାରଙ୍କ କମ୍ପାନୀ ପ୍ରୀତି ବିରୋଧରେ ରାଜ୍ୟ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ଗାନ୍ଧିପଥେ ନ୍ୟାୟ ପଦଯାତ୍ରା ଜଗତସିଂହପୁର ଜିଲ୍ଲା ଢିଙ୍କିଆରୁ ରାଜଧାନୀ ଅଭିମୁଖେ ବାହାରିଥିଲା। ଏହି ଅବସରରେ ଗଣମାଧ୍ୟମକୁ ବିବୃତି ଦେଇ ପିସିସି ସଭାପତି କହିଥିଲେ ଯେ, ରାଜ୍ୟର ସମସ୍ତ ଖଣି ଅଞ୍ଚଳରେ ବିସ୍ଥାପନକୁ ନେଇ ଗୁରୁତର ସମସ୍ୟା ସୃଷ୍ଟି ହୋଇଛି। ଏହାକୁ ନେଇ କଂଗ୍ରେସ ଗାନ୍ଧୀପଥେ ନ୍ୟାୟ ପଦଯାତ୍ରା ମାଧ୍ୟମରେ ଆନ୍ଦୋଳନ ଆରମ୍ଭ କରିଛି। ଖଣିଜ ସମ୍ପଦ ଉତ୍ତୋଳନ ରାଜସ୍ୱ ଆଦାୟ ଏବଂ ସୁବିସ୍ଥାପନରେ ସରକାରଙ୍କ କୌଣସି ନିର୍ଦ୍ଦିଷ୍ଟ ନୀତି ନିୟମ ଏପର୍ଯ୍ୟନ୍ତ ହୋଇପାରିନାହିଁ। ସରକାର ଲକ୍ଷ



ଲକ୍ଷ କୋଟି ଟଙ୍କା ଖଣି ଖାଦାନରୁ ପାଉଥିବା ବେଳେ ବିସ୍ଥାପିତ ଏବଂ ପ୍ରଭାବିତ ହେଉଥିବା ବ୍ଲକ ଅଞ୍ଚଳରେ କାହିଁକି ୨୦-୩୦ ହଜାର ଟଙ୍କା ଖର୍ଚ୍ଚ କରୁନାହାନ୍ତି। ଯେଉଁ ଅଞ୍ଚଳରେ କଳ କାରଖାନା ପ୍ରତିଷ୍ଠା ହେଉଛି ସେହି ଗାଁ ଲୋକେ ବାହାରକୁ କାମ ପାଇଁ ଯାଉଛନ୍ତି। ଯେଉଁ ସ୍ଥାନରେ ଖଣି କିମ୍ବା ଶିଳ୍ପ ପ୍ରତିଷ୍ଠା ହୋଇଛି ସେଠାରେ ଶୋଷଣ ଓ ଅତ୍ୟାଚାର ବଢ଼ିଛି। ପୋସ୍କୋ ଭଳି ଜେଏସଡବ୍ଲୁ ଦ୍ୱାରା ମଧ୍ୟ ଲୋକେ ଅତ୍ୟାଚାରିତ ହେଉଛନ୍ତି। ନିୟମ ଅନୁଯାୟୀ ପ୍ରଥମେ ବିସ୍ଥାପିତଙ୍କୁ ପଟ୍ଟା ପ୍ରଦାନ କରିବା କଥା। ରାହୁଲ ଗାନ୍ଧୀଙ୍କ ଉଦ୍ୟମରେ ଅଣାଯାଇଥିବା ୨୦୧୩ ଜମି ଅଧିଗ୍ରହଣ ଆଇନ ଅନୁଯାୟୀ ସରକାର ଜମି ଅଧିଗ୍ରହଣ କରି ଲୋକଙ୍କୁ ତାଙ୍କ ପ୍ରାପ୍ୟ ଦେବା କଥା। ପ୍ରତି ପରିବାରକୁ ପ୍ରତିମାସ ୩୦୦୦ ଟଙ୍କା, ଘର ବଦଳରେ ଘର ଦେବା କଥା। ସେ ସମସ୍ତ ସୁବିଧା କରିବାକୁ ସେ ଦାବି କରିଛନ୍ତି। ଏହି ଐତିହାସିକ ଗାନ୍ଧିପଥେ ପଦଯାତ୍ରାରେ ବରିଷ୍ଠ କଂଗ୍ରେସ ନେତା ସୁରେଶ ରାଉତରାୟ, ନଗେନ୍ଦ୍ର ପ୍ରଧାନ, ଲଲାଟେନ୍ଦୁ ମହାପାତ୍ର, ସସ୍ମିତା ବେହେରା, ମିନାକ୍ଷୀ ବାହିନୀପତି, ଦେବୀ ପ୍ରସାଦ ନାୟକ, ସୁଧାଂଶୁ ଦେଓ, ଶୁଭେନ୍ଦୁ ମହାନ୍ତି, ନିରଞ୍ଜନ ନାୟକ, ପିନାକୀ ଦାସ ପ୍ରମୁଖ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ।

## ପୁରୀରେ ହେବ ବିଶ୍ୱସ୍ତରୀୟ ଦୁଃସାହସିକ ଜଳକ୍ରୀଡ଼ା

# ପ୍ରଶାସନିକ ଟିମ୍ ସହ ଏନ୍‌ଆଇଓଡବ୍ଲ୍ୟୁର ସ୍ଥିତି ଅନୁଧ୍ୟାନ

**ପୁରୀ,୬।୫(ସଂଚାର ବ୍ୟୁରୋ):** ମଧ୍ୟପ୍ରଦେଶର ଜବଲପୁର ବର୍ଗୀ ଡ୍ୟାମରେ କ୍ରୁଜ୍ ଦୁର୍ଘଟଣା ପରେ ପୁରୀରେ ବଢ଼ିଛି ସତର୍କତା। ପୁରୀର ଚିଲିକାଠାରୁ ଅସ୍ତରଙ୍ଗ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ପର୍ଯ୍ୟଟକଙ୍କୁ ଆମୋଦିତ କରିବା ନିମନ୍ତେ ଦୁଃସାହସିକ ଜଳକ୍ରୀଡ଼ା କରାଯାଉଥିବାରୁ ଏପରି ଦୁର୍ଘଟଣାକୁ ଏଡ଼ାଇବା ସକାଶେ ଯାଞ୍ଚକୁ କଡ଼ାକଡ଼ି କରାଯାଉଛି। ଯାତ୍ରୀଙ୍କୁ ଜଳକ୍ରୀଡ଼ା ସେବା ଦେଉଥିବା ସଂସ୍ଥାଗୁଡ଼ିକୁ ଯାଞ୍ଚ ପ୍ରକ୍ରିୟାରେ ନିଆଯାଉଛି। କ୍ରୁଜ, ଜେଟସ୍କି, ଡଙ୍ଗାଗୁଡ଼ିକ ସୁରକ୍ଷା ସାଙ୍ଗକୁ ନିର୍ଦ୍ଧାରିତ ମାନର ସୁରକ୍ଷା ଉପକରଣ ବ୍ୟବହାର, ଆବଶ୍ୟକ ଏନ୍‌ଓସି (ଆପତ୍ତିବିହୀନ ପ୍ରମାଣପତ୍ର) ହାସଲ କରିଛନ୍ତି କି ନାହିଁ, ତାହାର ଅନୁଧ୍ୟାନ କରାଯାଉଛି। ପୁରୀ ଆସି ଦୁଃସାହସିକ ଜଳ କ୍ରୀଡ଼ା ପାଇଁ ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ୱାଟରସ୍ପୋର୍ଟ୍ସ (ଏନ୍‌ଆଇଓଡବ୍ଲ୍ୟୁ)ର ଅଧିକାରୀଙ୍କ ସମେତ ପ୍ରଶାସନିକ ଯୁଗ୍ମ ଟିମ୍ ଆଜି ସ୍ଥିତି



ଅନୁଧ୍ୟାନ କରିଛି।

ଦୁଃସାହସିକ ଜଳକ୍ରୀଡ଼ା ନିମନ୍ତେ ପୁରୀରେ ବିଶ୍ୱ ସ୍ତରୀୟ ଭିତିଭୂମି କରାଯିବ। ଏହି ନିର୍ଦ୍ଦେଶକୁ ସଫଳ କରିବା ନିମନ୍ତେ ଅନୁଧ୍ୟାନ ଉପରେ ଗୁରୁତ୍ୱ ଦିଆଯାଉଛି। ସମୁଦ୍ରରେ ଜଳକ୍ରୀଡ଼ା ପାଇଁ ଲାଗୁ ହେବ ସ୍ୱତନ୍ତ୍ର ମାର୍ଗଦର୍ଶିକା। ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି ଯେ ସାତପଡ଼ାଠାରୁ ପୁରୀ ପର୍ଯ୍ୟନ୍ତ ସବୁଠି ପର୍ଯ୍ୟଟକଙ୍କୁ ଆମୋଦିତ କରିବା ନିମନ୍ତେ ବୋଟ୍ ଓ ଜେଟସ୍କି ଆଦି ଦ୍ୱାରା ଜଳକ୍ରୀଡ଼ା ସେବା ଦେବା ନିୟମ କଡ଼ାକଡ଼ି ପାଳନ ହେବ। ଜଳକ୍ରୀଡ଼ା ନିମନ୍ତେ ବ୍ୟବହୃତ ବୋଟଗୁଡ଼ିକ ସୁରକ୍ଷା ସ୍ଥିତି ଅନୁଧ୍ୟାନ କରି ଉଚିତ୍ ପଦକ୍ଷେପ ନେବାକୁ ବିଡିଓ ଓ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯାତ୍ରୀଙ୍କ ସୁରକ୍ଷା ଦିଗରେ କୌଣସି ପ୍ରକାର ସାଲିସ କରାଯିବନି। କାଳବୈଶାଖୀ ସମୟରେ ଉଭୟ ଯାତ୍ରୀ ଓ ବୋଟ୍ ଚାଳକ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେବେ ବୋଲି ସେମାନଙ୍କୁ ସଚେତନ କରାଯାଉଛି। ପ୍ରତିଦିନ ପୁରୀକୁ ଲକ୍ଷାଧିକ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଆସି ଦୁଃସାହସିକ ଜଳକ୍ରୀଡ଼ାର ମଜା ନେଉଛନ୍ତି। ଯାତ୍ରୀଙ୍କ ଆଗ୍ରହକୁ ଦେଖି ଜଳକ୍ରୀଡ଼ା ସେବା ଦେବା ନିମନ୍ତେ ବହୁ ଆଗ୍ରହୀ ସଂସ୍ଥା ପ୍ରଶାସନଠାରୁ ଅନୁମତି ଲୋଡ଼ିଛନ୍ତି। ପୁରୀ ଅସ୍ତରଙ୍ଗଠାରୁ ଚିଲିକା ପର୍ଯ୍ୟନ୍ତ ପ୍ରାୟ ୫ଟି ସଂସ୍ଥା ଏବେ ନୂଆକରି ଆବେଦନ କରିଥିବା ବେଳେ ପୁରୁଣା ବହୁ ସଂସ୍ଥା ଦେଉଥିବା ଜଳକ୍ରୀଡ଼ା ସେବାର ସୁରକ୍ଷା ବ୍ୟବସ୍ଥା ଓ ଏନ୍‌ଓସି ଆଦିର ତଦାରଖ କରୁଛି ପ୍ରଶାସନିକ ଯୁଗ୍ମ ଟିମ୍ ଓ ଗୋଆର ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ୱାଟର ସ୍ପୋର୍ଟ୍ସର ଅଧିକାରୀ ରଞ୍ଜିତ୍ ସିଂହ। ସେ କହିଛନ୍ତି ଯେ ପୁରୀର ୫ ଆବେଦନ ସହ ବାଲେଶ୍ୱର, ସମ୍ବଲପୁରରୁ ଆସିଥିବା ମୋଟ ୧୦ ଜଳକ୍ରୀଡ଼ା ଅନୁମତି ଆବେଦନର ଯାଞ୍ଚ କରାଯାଉଛି। ପୁରୀ ସମୁଦ୍ରରେ ରିପ୍‌କରେଣ୍ଟ ଅଧିକ ରହୁଥିବା ବେଳେ ଏହା ଅଚାନକ ସ୍ଥାନ ବି ବଦଳାଉଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ପ୍ରଶାସନିକ ସତର୍କତା ଅନୁଯାୟୀ ଯାତ୍ରୀମାନେ ସ୍ନାନ କରିବା ସହ ଜଳକ୍ରୀଡ଼ା କରିବା ଉଚିତ। ସେହିପରି ପୁରୀ ପର୍ଯ୍ୟଟନ ଅଧିକାରୀ ସରୋଜ ପ୍ରଧାନ କହିଛନ୍ତି ଯେ ରାଜ୍ୟସ୍ତରୀୟ କମିଟି ସୁରକ୍ଷା ବ୍ୟବସ୍ଥା ଯାଞ୍ଚ ରିପୋର୍ଟ ଓ ପରାମର୍ଶ ଉପରେ ଚୂଡ଼ାନ୍ତ ପଦକ୍ଷେପ ନେବ।

## ଆଦିବାସୀ ଓ ଦଳିତ ଆନ୍ଦୋଳନକାରୀଙ୍କ ସଂକ୍ରାନ୍ତ ରାୟ

# ସୁପ୍ରିମ୍‌କୋର୍ଟଙ୍କୁ କୃତଜ୍ଞତା ଜଣାଇଲା କଂଗ୍ରେସ

**ଭୁବନେଶ୍ୱର,୬।୫(ସଂଚାର ବ୍ୟୁରୋ):** ଓଡ଼ିଶାରେ ଅନୁସୂଚିତ ଜାତି ଓ ଜନଜାତି ଲୋକେ ନ୍ୟାୟ ପାଇବାରୁ କ୍ରମାଗତ ଭାବେ ବଞ୍ଚିତ ହେଉଛନ୍ତି ଓ ନ୍ୟାୟାଳୟଗୁଡ଼ିକ ରାଜ୍ୟରେ ବସବାସ କରୁଥିବା ଏହି ବର୍ଗ ଲୋକଙ୍କ ମାନବିକ ଅଧିକାରକୁ ସୁରକ୍ଷା ଦେବାରେ ବିଫଳ ହେଉଛି, ତା’ର ପ୍ରମାଣ ହାଇକୋର୍ଟଙ୍କ ନିର୍ଦ୍ଦେଶନାମାରୁ ସ୍ପଷ୍ଟ ହୋଇଛି। ରାୟଗଡ଼ା ଓ କଳାହାଣ୍ଡି ଜିଲ୍ଲାର ଆଦିବାସୀ ଓ ଦଳିତ ଲୋକେ ସେଠାକାର ଖଣିଜ ସମ୍ପଦ, ପାହାଡ଼ ଜଙ୍ଗଲ ଓ ଆଦିବାସୀ ଗ୍ରାମର ଭୂସମ୍ପଦକୁ ବିନା ଗ୍ରାମସଭାରେ ବେଆଇନ ଭାବେ ବେଦାନ୍ତ ଓ ଅନ୍ୟ ଶିଳ୍ପପତିଙ୍କୁ ରାଜ୍ୟ ସରକାର ହସ୍ତାନ୍ତର ଓ ଲିଜ୍ ଦେବା ପ୍ରତିବାଦରେ ଗତ ୨୦୨୩ରୁ ଆନ୍ଦୋଳନ କରୁଛନ୍ତି। ସେଥିପାଇଁ ସ୍ଥାନୀୟ ପ୍ରଶାସନ ସମ୍ପୃକ୍ତ କମ୍ପାନୀର ହାତବାରେସୀ ହୋଇ ନିରୀହ ଆଦିବାସୀ ଆନ୍ଦୋଳନକାରୀଙ୍କ ବିରୋଧରେ ମାମଲା ରୁଜୁ କରିଛି। ଫଳରେ ସମ୍ପୃକ୍ତ ଆଦିବାସୀମାନଙ୍କୁ ଗିରଫ କରାଯାଇଥିଲା। ରାୟଗଡ଼ା ଅଦାଲତରେ ଜାମିନ୍ ପାଇଁ ଆବେଦନ କରିବାରୁ ସମ୍ପୃକ୍ତ ଜିଲ୍ଲା ଅଦାଲତ ଆଦିବାସୀ ଆନ୍ଦୋଳନକାରୀମାନଙ୍କ ଜାମିନ୍ ବି ଖାରଜ କରିଥିଲେ। ପରବର୍ତ୍ତୀ ସମୟରେ ଅଦାଲତ ଜାମିନ୍ ଦେଇଥିଲେ ମଧ୍ୟ ଆବେଦନକାରୀଙ୍କୁ ସ୍ଥାନୀୟ ଥାନାରେ ଦୁଇ ସଫେଇ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ଆନ୍ଦୋଳନକାରୀଙ୍କ ମାନବାଧିକାରକୁ କ୍ଷୁଣ୍ଣ କରୁଥିବା ଅଭିଯୋଗ କରି ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମ୍‌କୋର୍ଟ ସ୍ୱତଃ ସଂଜ୍ଞାନ ନେଇ ଏହାକୁ ବିଚାର ପାଇଁ ଗ୍ରହଣ କରିଥିଲେ। ନିକଟରେ ଏହି ମାମଲାର ବିଚାର କରି ଏକ ଡିଭିଜନ ବେଞ୍ଚରେ ସୁପ୍ରିମ୍‌କୋର୍ଟର ମୁଖ୍ୟ ବିଚାରପତି




ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ୍ ଜୟମାଲ ବାଗ୍‌ଚୀ ଓଡ଼ିଶା କୋର୍ଟଙ୍କ ଉକ୍ତ ଆଦେଶକୁ ରଦ୍ଦ କରିଛନ୍ତି। ଏଥିସହ ଏହି ଆଦେଶ ଦେଶର ସମସ୍ତ ନ୍ୟାୟାଳୟ ଆଦେଶ ଦେବା ସମୟରେ ସଚେତନ ରହିବା ସହ ଆଦିବାସୀ ଓ ଦଳିତ ତଥା ଗରିବ ଲୋକଙ୍କ ମୌଳିକ ଅଧିକାର ଓ ବ୍ୟକ୍ତି ମର୍ଯ୍ୟାଦାର ସୁରକ୍ଷା ପାଇଁ ଏକ ଗାଇଡ୍‌ଲାଇନ୍ ହେବ ବୋଲି ବି ବେଞ୍ଚ୍ କହିଛନ୍ତି। ଦେଶର ଅନୁସୂଚିତ ଜାତି ଓ ଜନଜାତି ତଥା ଗରିବ ଲୋକଙ୍କ ମାନବିକ ଅଧିକାରର ସୁରକ୍ଷା ପାଇଁ ଅଦାଲତ ଅଧିକ ସ୍ପର୍ଶକାତର ଓ ଯତ୍ନବାନ ହେବାକୁ ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ଆଦିବାସୀ, ଦଳିତ ଓ ଗରୀବ ଲୋକଙ୍କ ବ୍ୟକ୍ତି ମର୍ଯ୍ୟାଦାର ସୁରକ୍ଷା ପାଇଁ ଉଚ୍ଚତମ ନ୍ୟାୟାଳୟ ଉପରୋକ୍ତ ଆଦେଶରେ ଚିନ୍ତା ପ୍ରକଟ କରିଥିବାରୁ ପିସିସି ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଉଛି ବୋଲି ଆଜି ସ୍ଥାନୀୟ କଂଗ୍ରେସ ଭବନରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ଅନୁସୂଚିତ ଜନଜାତି ବିଭାଗ ଅଧ୍ୟକ୍ଷ ତଥା ପୂର୍ବତନ ସାଂସଦ ଯଶୋବନ୍ତ ସିଂ ଲାଗୁରୀ, ବରିଷ୍ଠ କଂଗ୍ରେସ ନେତା ତଥା ଅଧିବକ୍ତା ହଳଧର ସେଠୀ ଓ ପିସିସି ସମ୍ପାଦକ ଅନୀମା ମିଞ୍ଜ୍ ଉପସ୍ଥିତ ଥିଲେ।

sanchar.live
ସମ୍ପାଦକୀୟ
SANCHAR
ସଂଚାର
୪
ଗୁରୁବାର ୭ ମେ ୨୦୨୬, ଭୁବନେଶ୍ୱର
Thursday 7 May 2026, Bhubaneswar

### ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

# ପୁରୁଣା ଦ୍ରାବିଡୀୟ ମଡେଲକୁ ପ୍ରତ୍ୟାଖ୍ୟାନ

ତାମିଲନାଡୁର ରାଜନୀତିରେ ଏକ ଅଭୂତପୂର୍ବ ପରିବର୍ତ୍ତନ ଘଟିଛି। ଅଭିନେତା ତଥା ରାଜନୈତିକ ନେତା ଜୋସେଫ୍ ବିଜୟଙ୍କ ନେତୃତ୍ୱରେ ଗଠିତ ଟିଭିକେର ୨୦୨୬ ବିଧାନସଭା ନିର୍ବାଚନରେ ଆତ୍ମପ୍ରକାଶ କରି ଇତିହାସ ରଚନା କରିଛି।



ପ୍ରଥମ ନିର୍ବାଚନରେ ହିଁ ୨୩୪ ଆସନ ବିଶିଷ୍ଟ ବିଧାନସଭାରେ ୧୦୮ ଆସନ ଜିତି ଏକକ ବୃହତ୍ତମ ଦଳ ଭାବେ ଉଭା ହୋଇଛି। ଏହା ଡିଏମକେ ଓ ଏଆଇଏଡିଏମକେର ପାରମ୍ପରିକ ରାଜନୀତିର ପଚାଶ ବର୍ଷର ଆଧିପତ୍ୟକୁ ଭାଙ୍ଗି ଦେଇଛି। ଏହି ବିଜୟ କେବଳ ଏକ ରାଜନୈତିକ ଘଟଣା ନୁହେଁ, ବରଂ ତାମିଲ ସମାଜର ଯୁବକ ଓ ସାଧାରଣ ଜନତାଙ୍କ ଆକାଂକ୍ଷାର ପ୍ରତିଫଳନ।

ଟିଭିକେ ୨୦୨୪ ଫେବ୍ରୁଆରୀ ୨ ତାରିଖରେ ବିଜୟଙ୍କ ଦ୍ୱାରା ଗଠିତ ହୋଇଥିଲା। ମାତ୍ର ଦୁଇ ବର୍ଷ ଭିତରେ ଏହି ଦଳ ଏକ ଶକ୍ତିଶାଳୀ ରାଜନୈତିକ ଶକ୍ତି ଭାବେ ଉଭା ହୋଇଛି। ବିଜୟଙ୍କ ସିନେମା ଜନପ୍ରିୟତା, ସାମାଜିକ କାର୍ଯ୍ୟ ଓ ଯୁବକଙ୍କ ମଧ୍ୟରେ ଥିବା ପ୍ରଭାବ ଏହି ବିଜୟର ମୂଳ ଆଧାର। ତାଙ୍କର ଫ୍ୟାନ୍ କ୍ଲବ୍ ଗୁଡ଼ିକ ବର୍ଷ ବର୍ଷ ଧରି ସାମାଜିକ କାର୍ଯ୍ୟକ୍ରମ ଚଳାଇ ଆସୁଥିଲେ। ଏହା ରାଜନୈତିକ ଭିତ୍ତି ପ୍ରସ୍ତୁତ କରିଥିଲା। ନିର୍ବାଚନରେ ଟିଭିକେ ପ୍ରାୟ ୩୪-୩୫% ଭୋଟ୍ ପାଇଛି, ଯାହା ଏକ ନୂତନ ଦଳ ପାଇଁ ଅଭୂତପୂର୍ବ। ଏହା ଡିଏମ୍କେକୁ ୫୯ ଆସନ ଓ ଏଆଇଏଡିଏମକେକୁ ୪୭ ଆସନରେ ସୀମିତ ରଖିଛି। ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ନିଜ ନିର୍ବାଚନକ୍ଷେତ୍ର କୋଲାଥୁରରେ ପରାଜିତ ହୋଇଛନ୍ତି।

ଏହି ବିଜୟର ମୂଳରେ ଅନେକ କାରଣ ରହିଛି। ପ୍ରଥମତଃ, ଦ୍ରାବିଡ଼ିୟ ରାଜନୀତିର ପୁରୁଣା ମଡେଲ୍ ପ୍ରତି ଜନତାଙ୍କ ବିରକ୍ତି ଓ ଆକାଂକ୍ଷାର ପରିବର୍ତ୍ତନ। ଦୀର୍ଘ ଦିନର ଦୁର୍ନୀତି, ପରିବାରବାଦ ଓ ପ୍ରଶାସନିକ ଅଦକ୍ଷତା ବିରୋଧରେ ଯୁବକମାନେ ଏକ ନୂତନ ବିକଳ୍ପ ଖୋଜୁଥିଲେ। ବିଜୟ ଏହି ଖାଲି ସ୍ଥାନ ପୂରଣ କରିଛନ୍ତି। ତାଙ୍କର ପ୍ରତିଶ୍ରୁତି ଗୁଡ଼ିକ - ମହିଳାଙ୍କୁ ମାସିକ ଆର୍ଥିକ ସହାୟତା, ବେକାର ଭତ୍ତା, ଚାଷୀଙ୍କ ଋଣ ମୁକ୍ତି, ଯୁବକଙ୍କ ପାଇଁ ରୋଜଗାର ସୃଷ୍ଟି ଆଦି ଜନସାଧାରଣଙ୍କୁ ଆକର୍ଷିତ କରିଛି। ଦ୍ୱିତୀୟତଃ, ତାଙ୍କର ଚଳଚ୍ଚିତ୍ର ଭାବମୂର୍ତ୍ତି 'ଥାଲାପତି' ଯୁବପିଢ଼ିଙ୍କ ମନରେ ଏକ ଆଦର୍ଶ ସୃଷ୍ଟି କରିଥିଲା। ସେ ନିଜକୁ ଏକ ସ୍ୱାଧୀନ, ସମାନତାବାଦୀ ଓ ତାମିଲ ଗୌରବର ପ୍ରତୀକ ଭାବେ ଉପସ୍ଥାପନ କରିଛନ୍ତି।

ତଥାପି ଏହି ବିଜୟ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ପାଇଁ ଯଥେଷ୍ଟ ନୁହେଁ। ୧୧୮ ଆସନ ଆବଶ୍ୟକ ଥିବା ବେଳେ ଟିଭିକେ ୧୦୮ ଆସନ ପାଇଛି। କଂଗ୍ରେସ ଓ ଅନ୍ୟାନ୍ୟ ଛୋଟ ଦଳଙ୍କ ସମର୍ଥନ ସହ ସରକାର ଗଠନ କରିବାର ସମ୍ଭାବନା ରହିଛି। ଏହା ଏକ ମିଳିତ ସରକାରର ଚ୍ୟାଲେଞ୍ଜ ଆଣିବ। ବିଜୟଙ୍କୁ ଏବେ ପ୍ରମାଣ କରିବାକୁ ପଡ଼ିବ ଯେ ସେ କେବଳ ଏକ ଫିଲ୍ମ ଷ୍ଟାର୍ ନୁହନ୍ତି, ବରଂ ଏକ ସଫଳ ପ୍ରଶାସକ ଓ ରାଜନେତା ହୋଇପାରିବେ। ତାମିଲନାଡୁର ଅର୍ଥନୈତିକ ବିକାଶ, ଶିକ୍ଷା, ସ୍ୱାସ୍ଥ୍ୟ ଓ ରୋଜଗାର ସମସ୍ୟା ସମାଧାନ କରିବା ତାଙ୍କର ପ୍ରଥମ ପରୀକ୍ଷା ହେବ।

ଏହି ଘଟଣା ଭାରତୀୟ ରାଜନୀତି ପାଇଁ ଏକ ଶିକ୍ଷା। ପୁରୁଣା ଦଳ ଗୁଡ଼ିକର ଆତ୍ମନିରୀକ୍ଷଣ ଆବଶ୍ୟକ। ଦ୍ରାବିଡ଼ିୟ ଦଳଗୁଡ଼ିକ ଜନତାଙ୍କ ପରିବର୍ତ୍ତିତ ଆକାଂକ୍ଷାକୁ ବୁଝିବା ଉଚିତ୍। ସେହିପରି, ନୂତନ ନେତାମାନେ ମଧ୍ୟ କ୍ଷମତାର ଦାୟିତ୍ୱ ସହ ନୈତିକତା ଓ ସ୍ୱଚ୍ଛତା ବଜାୟ ରଖିବେ ବୋଲି ଆଶା କରାଯାଏ। ବିଜୟଙ୍କ ଉତଥାନ ଦେଖାଏ ଯେ ଜନପ୍ରିୟତା ଓ ସାମାଜିକ କାର୍ଯ୍ୟ ରାଜନୈତିକ ସଫଳତା ଆଣିପାରେ, କିନ୍ତୁ ଶାସନ ଏକ ଦୀର୍ଘ ପ୍ରକ୍ରିୟା। ତାମିଲନାଡୁ ଏବେ ଏକ ନୂତନ ଯୁଗର ଆରମ୍ଭ କରୁଛି। ଯଦି ଟିଭିକେ ସରକାର ଜନକଲ୍ୟାଣମୂଳକ ନୀତି ଓ ସମବୟସ୍କ ବିକାଶ ଉପରେ ଧ୍ୟାନ ଦେଇପାରେ, ତେବେ ଏହା କେବଳ ତାମିଲନାଡୁ ନୁହେଁ, ସମଗ୍ର ଦକ୍ଷିଣ ଭାରତର ରାଜନୀତିରେ ଏକ ନୂଆ ମାନଦଣ୍ଡ ସ୍ଥାପନ କରିପାରିବ। ବିଜୟଙ୍କ ଯାତ୍ରା ଏବେ ଆରମ୍ଭ ହୋଇଛି।

# ମାନବୀୟ ଦୃଷ୍ଟିକୋଣରେ ଆତ୍ମନିରୀକ୍ଷଣର ଗୁରୁତ୍ୱ

**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**



ଜଣେ ମଣିଷ ପାଇଁ ସବୁଠାରୁ କଷ୍ଟକର କାର୍ଯ୍ୟ ହେଉଛି ଅନ୍ୟମାନଙ୍କୁ ବିଚାର କରିବା ନୁହେଁ, ବରଂ ନିଜକୁ ଚିହ୍ନିବା। ସନାତନ ଧର୍ମର ଶାସ୍ତ୍ରଗୁଡ଼ିକ ବାରମ୍ବାର ଏହି ସତ୍ୟକୁ ପ୍ରକାଶ କରନ୍ତି ଯେ ଆତ୍ମନିରୀକ୍ଷଣ ବିନା, ଆତ୍ମ-ଉନ୍ନତି କିମ୍ବା ମୁକ୍ତି ସମ୍ଭବ ନୁହେଁ। ସାଧାରଣ ପ୍ରବୃତ୍ତି ହେଉଛି ଯେ ମଣିଷ ଅନ୍ୟମାନଙ୍କ ଦୋଷ ଖୋଜିବାରେ ଅତ୍ୟନ୍ତ ପାରଙ୍ଗମ। ଅହଂକାର, ଈର୍ଷା ଏବଂ ତୁଳନା କରିବାର ପ୍ରବୃତ୍ତି ସେମାନଙ୍କୁ ଏପରି କରିବାକୁ ପ୍ରେରଣା ଦିଏ। ଏହି ଭାବନା ମହାଭାରତରେ ସ୍ପଷ୍ଟ ଭାବରେ ଦୃଶ୍ୟମାନ। ଭୀଷ୍ମ ପିତାମହ ଯୁଧିଷ୍ଠିରଙ୍କୁ କହିଛନ୍ତି ଯେ ମଣିଷ ଅନ୍ୟମାନଙ୍କ ଦୋଷକୁ କଣ୍ଟା ପରି ଛୋଟ ଦେଖେ, କିନ୍ତୁ ସେମାନଙ୍କର ନିଜର ଦୋଷ, ଯଦିଓ ସେମାନେ ପର୍ବତ ପରି ବଡ଼, ଅଦୃଶ୍ୟ ରହିଥାଏ। ଭଗବଦ୍ ଗୀତା ହେଉଛି ଆତ୍ମ-ପ୍ରତିବିମ୍ବନ ଉପରେ ସବୁଠାରୁ ପ୍ରାମାଣିକ ପାଠ। ଭଗବାନ କୃଷ୍ଣ ଅର୍ଜୁନଙ୍କୁ କୁହନ୍ତି: "ଉଦ୍ଧରେଦାତ୍ମାନାଂ ଆତ୍ମାନମ୍, ନାତମାନମ୍ବାସାଦୟେତ୍" ଅର୍ଥାତ୍, ମଣିଷ ନିଜର ମୁକ୍ତି ଏବଂ ନିଜର ପତନ ଉଭୟ ଆଣିଥାଏ। ଏହି ଶ୍ଳୋକ ସ୍ପଷ୍ଟ କରେ ଯେ ସମସ୍ୟା ବାହାରେ ନୁହେଁ, ଭିତରେ ଅଛି। ଯେପର୍ଯ୍ୟନ୍ତ ଜଣେ ବ୍ୟକ୍ତି ନିଜ ମନ, ଇଚ୍ଛା ଏବଂ ଆବେଗକୁ ପରୀକ୍ଷା ନ କରେ, ସେ ଅନ୍ୟମାନଙ୍କୁ ଦୋଷ ଦେଇ ଶକ୍ତି ନଷ୍ଟ କରି ଚାଲିବ।

ଉପନିଷଦ ହେଉଛି ଆତ୍ମ-ସାକ୍ଷାତର ଶୀର୍ଷ। କଥା ଉପନିଷଦରେ, ଯମ ନଚିକେତାଙ୍କୁ କୁହନ୍ତି ଯେ ଆତ୍ମା ବାହାରେ ନାହିଁ, ବରଂ ଭିତରେ ଅଛି - କିନ୍ତୁ ଏହାକୁ ଦେଖିବା ପାଇଁ ତୀକ୍ଷ୍ଣ ବୁଦ୍ଧି ଏବଂ ସାହସ ଆବଶ୍ୟକ। ଯିଏ ନିଜ ଇନ୍ଦ୍ରିୟଗୁଡ଼ିକୁ ନିୟନ୍ତ୍ରଣ କରେ ସେ ହିଁ ପ୍ରକୃତରେ ଜ୍ଞାନୀ। ଏହି ସାହସ ହେଉଛି ସେହି "ଯକୃତ" ଯାହା ସିଂହ ଇଙ୍ଗିତ କରେ। ମହରିଷି ପତଞ୍ଜଳିଙ୍କ ଯୋଗସୂତ୍ର ଆଧ୍ୟାତ୍ମିକ ଅଭ୍ୟାସ ପାଇଁ ଆତ୍ମନିରୀକ୍ଷଣକୁ ଏକ ଅତ୍ୟାବଶ୍ୟକୀୟ ପୂର୍ବାବଶ୍ୟକତା ବୋଲି ବିବେଚନା କରନ୍ତି। ଆତ୍ମ-ଅଧ୍ୟୟନ ଏବଂ ଈଶ୍ୱରଙ୍କ ପ୍ରତି ଭକ୍ତି ଭଳି ନୀତିଗୁଡ଼ିକ ନିଜକୁ ଭିତରେ ଦେଖିବା ପାଇଁ ପ୍ରେରଣା ଦିଏ। ଯୋଗ ଅନୁସାରେ, ଯେପର୍ଯ୍ୟନ୍ତ ମନର ପ୍ରବୃତ୍ତି ଶାନ୍ତ ନହୁଏ, ସେପର୍ଯ୍ୟନ୍ତ ଜଣେ ସତ୍ୟ ଦେଖିପାରିବ ନାହିଁ - ନା ନିଜ ବିଷୟରେ ନା ଜଗତ ବିଷୟରେ। ରାମାୟଣରେ ରାବଣଙ୍କ ଚରିତ୍ର ଏହାର ଏକ ଶକ୍ତିଶାଳୀ ଉଦାହରଣ। ସେ ଜଣେ ବିଦ୍ୱାନ ଏବଂ ଶିବଙ୍କ ଭକ୍ତ ଥିଲେ, କିନ୍ତୁ ଆତ୍ମନିରୀକ୍ଷଣର ଅଭାବ ଯୋଗୁଁ ସେ ତାଙ୍କର ଅହଂକାର ଦେଖିପାରିଲେ ନାହିଁ। ସେ ଅନ୍ୟମାନଙ୍କର ଧାର୍ମିକତା ଉପରେ ପ୍ରଶ୍ନ ଉଠାଇଥିଲେ, କିନ୍ତୁ ନିଜର ଅଧର୍ମକୁ ଚିହ୍ନି ପାରିଲେ ନାହିଁ-ଏବଂ ଏହା ତାଙ୍କ ବିନାଶର କାରଣ ହେଲା।

ମନୁସ୍ମୃତିରେ କୁହାଯାଇଛି ଯେ ଯିଏ ନିଜକୁ ନିୟନ୍ତ୍ରଣ କରେ ସେ ହିଁ ସମାଜକୁ ପ୍ରଭାବିତ କରିପାରିବ। ଆତ୍ମ-ନିୟନ୍ତ୍ରଣ ହେଉଛି ଚରିତ୍ର ନିର୍ମାଣର ମୂଳଦୁଆ। ଆତ୍ମ-ଶୁଦ୍ଧି ବିନା ପ୍ରଚାର କରିବା କପଟତା। ଆଜିର ସୋସିଆଲ ମିଡିଆ ଯୁଗରେ, ଅନ୍ୟମାନଙ୍କୁ ସମାଲୋଚନା କରିବା ଅତ୍ୟନ୍ତ ସହଜ ହୋଇଯାଇଛି। ସମସ୍ତେ "ବିଚାରପତି" ହୋଇଗଲେଣି। କିନ୍ତୁ ସନାତନ ଧର୍ମ ଆମକୁ ପ୍ରଥମେ ନିଜକୁ ପଚାରିବାକୁ ଶିଖାଏ, "ମୁଁ ଯାହା ପ୍ରଚାର କରୁଛି ତାହା କ'ଣ ମୁଁ ବଞ୍ଚୁଛି?" ମୋ ଭିତରେ କ'ଣ ସମାନ ଦୋଷ ନାହିଁ ଯାହା ମୁଁ ନିନ୍ଦା କରୁଛି ? ସନାତନ ଧର୍ମର ବାର୍ତ୍ତା ସ୍ପଷ୍ଟ: ଅନ୍ୟମାନଙ୍କ ଭିତରେ ଦୋଷ ଖୋଜିବା ସହଜ, କିନ୍ତୁ ନିଜ ଭିତରେ ଦେଖିବା ପାଇଁ ସାହସ, ଜ୍ଞାନ ଏବଂ ତପସ୍ୟା ଆବଶ୍ୟକ। କେବଳ ସେହି ବ୍ୟକ୍ତି ପ୍ରକୃତରେ ଧାର୍ମିକ, ଆଧ୍ୟାତ୍ମିକ ଏବଂ ମାନବ ହୋଇଯାଏ ଯିଏ ଏହା କରିବାକୁ ସାହସ କରେ। ଆତ୍ମ-ସମ୍ବୋଧନ ହେଉଛି ପରମ ଧର୍ମ, ଏବଂ କେବଳ ଏହା ମୋକ୍ଷର ଦ୍ୱାର ଖୋଲିଥାଏ। ଯେଉଁ ବ୍ୟକ୍ତି ନିଜ ଭିତରେ ଦେଖେ ସେ ଦୁନିଆକୁ ପରିବର୍ତ୍ତନ କରିବାର ଆବଶ୍ୟକତା ଅନୁଭବ କରେ ନାହିଁ କାରଣ ସେ ନିଜେ ପରିବର୍ତ୍ତନ ହୋଇଛି।

**ଅରଙ୍ଗାବାଦ, ବରୀ, ଯାଜପୁର**
**ମୋବାଇଲ୍:୮୨୪୯୫୦୨୭୭୬**



# ନା' କହିବାର ଶକ୍ତି: ସନ୍ତୁଳିତ ଜୀବନର ଚାବିକାଠି



**ମାନସ କୁମାର କର**

ଆମ ସମାଜରେ ପିଲାଦିନରୁ ହିଁ ଆମକୁ ଏହା ଶିଖାଯାଏ ଯେ ଅନ୍ୟର କଥା ମାନିବା, ସମସ୍ତଙ୍କୁ ଖୁସି ରଖିବା ଏବଂ କାହାକୁ ମନା ନକରିବା ଭଲ ସଂସ୍କାର ଅଟେ। ଏହା ଠିକ୍ ମଧ୍ୟ, କାରଣ ସହୃଦୟତା ଏବଂ ସହଯୋଗ ମଣିଷକୁ ଉନ୍ନତ କରିଥାଏ। କିନ୍ତୁ ଅନେକ ସମୟରେ ଏହି ଅଭ୍ୟାସ ଆମକୁ ଏପରି ପରିସ୍ଥିତିରେ ପହଞ୍ଚାଇ ଦିଏ, ଯେଉଁଠି ଆମେ ନିଜର ଇଚ୍ଛା, ନିଜର ସମୟ ଏବଂ ନିଜର ମାନସିକ ଶାନ୍ତିକୁ ଅବହେଳା କରିବାକୁ ଲାଗୁ। ଏଭଳି ପରିସ୍ଥିତିରେ ଜୀବନ ଆମକୁ ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦିଏ - କେବେ କେବେ 'ନା' କହିବା ମଧ୍ୟ ସେତିକି ଜରୁରୀ ଯେତିକି 'ହଁ' କହିବା। 'ନା' କହିବା ଅସଭ୍ୟତା ନୁହେଁ, ବରଂ ଏହା ନିଜ ଜୀବନର ସୀମା ଏବଂ ପ୍ରାଥମିକତାଗୁଡ଼ିକୁ ବୁଝିବାର ସଙ୍କେତ ଅଟେ।

ଯେତେବେଳେ ଆମେ ସମସ୍ତଙ୍କ କଥା ମାନୁଥାଉ, ତେବେ ଧୀରେ ଧୀରେ ଆମ ଉପରେ ଦାୟିତ୍ୱର ବୋଝ ବଢ଼ିଚାଲେ। ଆମେ ଏପରି କାମ ମଧ୍ୟ କରିବାକୁ ଲାଗୁ, ଯାହା ଆମକୁ କ୍ଲାନ୍ତ କରିଦିଏ କିମ୍ବା ଯାହାଦ୍ୱାରା ଆମକୁ କୌଣସି ସନ୍ତୋଷ ମିଳେ ନାହିଁ। ଉଦାହରଣ ସ୍ୱରୂପ, ଅନେକ ସମୟରେ ଆମର କୌଣସି ବିବାହ କିମ୍ବା ଉତ୍ସବକୁ ଯିବାକୁ ମନ ନଥାଏ, କାରଣ ଆମେ ପୂର୍ବରୁ କ୍ଲାନ୍ତ ଥାଉ କିମ୍ବା ଆମର କିଛି ଜରୁରୀ କାମ ଥାଏ। ତଥାପି ଆମେ କେବଳ ଏଥିପାଇଁ ଚାଲିଯାଉ ଯେ ଲୋକେ କ'ଣ କହିବେ। ପରିଣାମ ଏହା ହୁଏ ଯେ ଆମେ ସେଠାରେ ନା ପୂରା ଖୁସିରେ ରହିପାରୁ, ନା ନିଜର ଜରୁରୀ କାମ ପୂରା କରିପାରୁ।

ଏହିଭଳି କାର୍ଯ୍ୟକ୍ଷେତ୍ରରେ ମଧ୍ୟ ପ୍ରାୟତଃ ଘଟିଥାଏ। ମନେକରାଯାଉ କୌଣସି ସହକର୍ମୀଙ୍କୁ ନିଜ କାମ ଶୀଘ୍ର ସାରିବାକୁ ଅଛି, ତେଣୁ ସେ ନିଜର କିଛି କାମ ଆମକୁ ଦେଇଦିଅନ୍ତି। ଆମେ ମନା କରିପାରୁନାହୁଁ ଏବଂ 'ଠିକ୍ ଅଛି, ମୁଁ କରିଦେବି' କହିଦେଉ। ଧୀରେ ଧୀରେ ଏହା ଅଭ୍ୟାସରେ ପରିଣତ ହୋଇଯାଏ ଏବଂ ଲୋକେ ଏହା ମାନି ନିଅନ୍ତି ଯେ ଆମେ ପ୍ରତିଥର ପ୍ରସ୍ତୁତ ରହିବୁ। ଶେଷରେ ଏହାର ପ୍ରଭାବ ଆମର ସମୟ, ପ୍ରଦର୍ଶନ ଏବଂ ଆମର ଶକ୍ତି ଉପରେ ପଡ଼େ। ଛାତ୍ରମାନଙ୍କ ଜୀବନରେ ମଧ୍ୟ ଏହି ପରିସ୍ଥିତି ସାଧାରଣ ଅଟେ। ଅନେକ ଛାତ୍ର କେବଳ ସାଙ୍ଗମାନଙ୍କ ଚାପରେ ଆସି ଅନାବଶ୍ୟକ କାର୍ଯ୍ୟକଳାପରେ ସମୟ ବିତାଇ ଦିଅନ୍ତି - କେବେ ଘଣ୍ଟା ଘଣ୍ଟା ଧରି ମୋବାଇଲ୍‌ରେ କଥା ହେବା, କେବେ ବିନା ଦରକାରରେ ବାହାରେ ବୁଲିବା। ସେମାନେ ମନା କରିପାରନ୍ତି ନାହିଁ ଏବଂ ପରେ ପାଠପଢ଼ାର ଚାପ ବଢ଼ିଯାଏ। ଏହି ଛୋଟ ଛୋଟ ପରିସ୍ଥିତିରେ ଯଦି ଆମେ ବିନମ୍ରତାର ସହିତ 'ନା' କହିବା ଶିଖିଯାଉ, ତେବେ ଜୀବନ ଅନେକ ଅଧିକ ସନ୍ତୁଳିତ ହୋଇପାରିବ। ଏପରି କରିବା ସ୍ୱାର୍ଥପରତା ନୁହେଁ। ଏହା ସ୍ୱ-ସମ୍ମାନ ଏବଂ ଆତ୍ମ-ସଚେତନତାର ପ୍ରତୀକ। ଯେତେବେଳେ ଆମେ ନିଜର ସୀମାଗୁଡ଼ିକୁ ଚିହ୍ନିଥାଉ ଏବଂ ସେଗୁଡ଼ିକୁ ସ୍ପଷ୍ଟ ଭାବରେ ପ୍ରକାଶ କରୁ, ତେବେ ଲୋକେ ମଧ୍ୟ ଧୀରେ ଧୀରେ ତାର ସମ୍ମାନ କରିବା ଶିଖନ୍ତି।

ଆମର ପ୍ରାଚୀନ ଗ୍ରନ୍ଥଗୁଡ଼ିକରେ ମଧ୍ୟ ଏପରି ପ୍ରସଙ୍ଗ ମିଳେ ଯାହା 'ନା' କହିବାର ମହତ୍ୱକୁ ବୁଝାଏ। ମହାଭାରତରେ ଭୀଷ୍ମ ପିତାମହଙ୍କ ଜୀବନ ଏହାର ଏକ ମାର୍ମିକ ଉଦାହରଣ। ସେ ନିଜ ପିତାଙ୍କ ଖୁସି ପାଇଁ ଆଜୀବନ ବ୍ରହ୍ମଚର୍ଯ୍ୟ ଏବଂ ସିଂହାସନ ପ୍ରତି ନିଷ୍ଠାର ପ୍ରତିଜ୍ଞା ନେଇଥିଲେ। ଏହି ପ୍ରତିଜ୍ଞା ତ୍ୟାଗର ଅଦ୍ଭୁତ ପ୍ରତୀକ ଥିଲା, କିନ୍ତୁ ଅନେକ ସମୟରେ ସେହି ପ୍ରତିଜ୍ଞା ତାଙ୍କ ପାଇଁ ବନ୍ଧନ ମଧ୍ୟ ପାଲଟିଗଲା। ଦ୍ରୌପଦୀଙ୍କ ଅପମାନ ସମୟରେ ସେ ଅନ୍ୟାୟର ଖୋଲାଖୋଲି ବିରୋଧ କରିପାରିଲେ ନାହିଁ। ଏହି ପ୍ରସଙ୍ଗ ଆମକୁ ଏହା ଭାବିବାକୁ ବାଧ୍ୟ କରେ ଯେ କେବେ କେବେ ଭୁଲ୍ ପରିସ୍ଥିତିରେ ମୌନ ରହିବା କିମ୍ବା ମନା ନକରିବା ମଧ୍ୟ ଅନ୍ୟାୟକୁ ପ୍ରଶ୍ରୟ ଦେଇପାରେ। ସ୍ୱାଭିମାନର ସହିତ କୁହାଯାଇଥିବା 'ନା' କେବଳ ବ୍ୟକ୍ତିଗତ ନିର୍ଣ୍ଣୟ ନୁହେଁ, ବରଂ ଇତିହାସର ଦିଗ ମଧ୍ୟ ବଦଳାଇ ପାରେ। ସେହିପରି ରାଜକୁମାର ସିଦ୍ଧାର୍ଥଙ୍କ ଜୀବନ ମଧ୍ୟ ଏକ ଗଭୀର ପ୍ରେରଣା ଦିଏ। ରାଜପ୍ରାସାଦରେ ତାଙ୍କୁ ସମସ୍ତ ସୁଖ-ସୁବିଧା ପ୍ରାପ୍ତ ଥିଲା, ତଥାପି ସେ ଭୋଗ-ବିଳାସର ଜୀବନକୁ 'ନା' କହି ସତ୍ୟ ଏବଂ ଜ୍ଞାନର ସନ୍ଧାନ ପଥ ବାଛିଲେ। ସେହି ସିଦ୍ଧାର୍ଥ ଆଗକୁ ଯାଇ ଗୌତମ ବୁଦ୍ଧ ହେଲେ ଏବଂ ତାଙ୍କର ବିଚାର ସମଗ୍ର ବିଶ୍ୱକୁ ପ୍ରଭାବିତ କଲା।

ଏହି ଉଦାହରଣଗୁଡ଼ିକରୁ ସ୍ପଷ୍ଟ ହୁଏ ଯେ 'ନା' କହିବା କେବଳ ଅସ୍ୱୀକାର କରିବା ନୁହେଁ। ଏହା ନିଜର ବିବେକ, ଆତ୍ମସମ୍ମାନ ଏବଂ ଜୀବନର ପ୍ରାଥମିକତାଗୁଡ଼ିକୁ ଚିହ୍ନିବାର ସଙ୍କେତ ଅଟେ। ଯେତେବେଳେ ଆମେ ପ୍ରତ୍ୟେକ ଅନୁରୋଧକୁ ଗ୍ରହଣ କରୁଥାଉ, ତେବେ ଧୀରେ ଧୀରେ ଆମେ ନିଜ ପାଇଁ ସମୟ ହିଁ ବାହାର କରିପାରୁନାହୁଁ। କିନ୍ତୁ ଯେତେବେଳେ ଆମେ ଚିନ୍ତା କରି ନିର୍ଣ୍ଣୟ ନେଉ, ସେତେବେଳେ ଆମର ଜୀବନ ଅଧିକ ସନ୍ତୁଳିତ ଏବଂ ସାର୍ଥକ ହୁଏ।

ତେବେ 'ନା' କହିବାର ଶୈଳୀ ଅନେକ ଗୁରୁତ୍ୱ ରଖେ। ଏହାକୁ କଠୋରତା କିମ୍ବା ତିରସ୍କାରର ସହିତ କହିବାରୁ ସର୍ବାଧିକ ସୀମା ପର୍ଯ୍ୟନ୍ତ ବଞ୍ଚିବା ଉଚିତ୍। ଯଦି ଆମେ ଶାନ୍ତ ଏବଂ ବିନମ୍ର ଭାଷାରେ କହୁ ଯେ 'କ୍ଷମା କରିବେ, ଏହି ସମୟରେ ମୁଁ ଏହି କାମ କରିପାରିବି ନାହିଁ' କିମ୍ବା 'ଏବେ ମୋ ପାଇଁ ଏହା ସମ୍ଭବ ନୁହେଁ', ତେବେ ସାମ୍ନା ଲୋକଙ୍କୁ ଖରାପ ଲାଗେ ନାହିଁ ଏବଂ ଆମର କଥା ମଧ୍ୟ ସ୍ପଷ୍ଟ ହୋଇଯାଏ। ସତ କଥା ହେଉଛି ଜୀବନରେ ସନ୍ତୁଳନ ବଜାୟ ରଖିବା ପାଇଁ ଆମକୁ ଏହା ବୁଝିବାକୁ ହେବ ଯେ ପ୍ରତ୍ୟେକ ଅନୁରୋଧକୁ ଗ୍ରହଣ କରିବା ଆବଶ୍ୟକ ନୁହେଁ। ଯେତେବେଳେ ଆମେ ପ୍ରତ୍ୟେକ ଜିନିଷ ପାଇଁ 'ହଁ' କହୁ, ତେବେ ଧୀରେ ଧୀରେ ଆମେ ନିଜକୁ ହରାଇବାକୁ ଲାଗୁ, କିନ୍ତୁ ଯେତେବେଳେ ଆମେ ଠିକ୍ ସମୟରେ 'ନା' କହୁ, ତେବେ ନିଜ ଜୀବନର ଦିଗକୁ ଉତ୍ତମ ଭାବରେ ସ୍ଥିର କରିପାରୁ।

ମନା କରିବା ପାଇଁ 'ନା' ଶବ୍ଦଟି ଛୋଟ, କିନ୍ତୁ ଏହାର ଶକ୍ତି ବହୁତ ବଡ଼। ଏହା ଆମକୁ ଶିଖାଏ ଯେ ଅନ୍ୟର ଅପେକ୍ଷା ମଧ୍ୟରେ ବି ନିଜର ଖୁସି, ନିଜର ସମୟ ଏବଂ ନିଜର ପ୍ରାଥମିକତାକୁ ମହତ୍ତ୍ୱ ଦେବା ଜରୁରୀ। ଜୀବନରେ ସଚ୍ଚା ସନ୍ତୁଳନ ସେତେବେଳେ ଆସେ, ଯେତେବେଳେ ଆମେ ଏହା ବୁଝିପାରୁ ଯେ କେଉଁଠି ଆମକୁ ଆଗକୁ ବଢ଼ି 'ହଁ' କହିବା ଉଚିତ୍ ଏବଂ କେଉଁଠି ସାହସର ସହିତ 'ନା' କହିବା ଉଚିତ୍। କେବେ କେବେ ଗୋଟିଏ ଛୋଟ 'ନା' ହିଁ ଆମକୁ ଅନାବଶ୍ୟକ ବୋଝରୁ ରକ୍ଷା କରି ସେହି ରାସ୍ତାକୁ ନେଇଯାଏ, ଯେଉଁଠି ଆମେ ଅଧିକ ଶାନ୍ତ, ଅଧିକ ସନ୍ତୁଳିତ ଏବଂ ଅଧିକ ସନ୍ତୁଷ୍ଟ ଜୀବନ ଜିଇଁପାରୁ।

**କୋଟାଙ୍ଗ, କୋଣାର୍କ**
**ମୋବାଇଲ୍:୭୩୮୧୩୮୨୨୧୦**

# ବନ୍ଦେ ମାତରମ୍

**ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ**



'ସୁଜଳାମ୍ ସୁଫଳାମ୍ ମଳୟଜ ଶୀତଳାମ୍ / ଶସ୍ୟ ଶ୍ୟାଳାମ୍ ମାତରମ୍ ବନ୍ଦେ ମାତରମ୍।'

'ବନ୍ଦେ ମାତରମ୍/ସୁଜଳାମ୍ ସୁଫଳାମ୍ ମଳୟଜ ଶୀତଳାମ୍/ଶସ୍ୟ ଶ୍ୟାଳାମ୍ ମାତରମ୍ ବନ୍ଦେ ମାତରମ୍।' ଏହି ଗୀତ ଦିନେ ଭାରତର ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ଉଦବୁଦ୍ଧ କରିଥିଲା। ଆଜି ବି ପ୍ରତ୍ୟେକ ଭାରତୀୟଙ୍କ ପ୍ରାଣରେ ସେତିକି ଶିହରଣ ଆଣିଦିଏ। ଆକାଶବାଣୀ ଯେତେବେଳେ ଦିନ ଆରମ୍ଭ କରେ, ସେନାବାହିନୀର ବୀର ଜୱାନମାନେ ସେତେବେଳେ ବିଜୟ ହୁଙ୍କାର ଦିଅନ୍ତି, ଦେଶଭକ୍ତିରେ ଯେତେବେଳେ ଜଣେ ଆପ୍ଳୁତ ହୁଏ, ସେତେବେଳେ ସେ ହୃଦୟରୁ ଉଦଘୋଷଣା କରେ - 'ବନ୍ଦେ ମାତରମ୍।' ଭାରତର ସ୍ୱାଧୀନତା ସଂଗ୍ରାମ ଅନେକ ପର୍ଯ୍ୟାୟ ଦେଇ ଯାଇଛି। କେତେଯେ ଦେଶଭକ୍ତ ଆତ୍ମ ବଳିଦାନ ଦେଇ ସ୍ୱାଧୀନତା ଆଣିଥିଲେ, ତାର ପଚ୍ଛାନ୍ତର ନାହିଁ। ୧୭୬୩ରୁ ୧୮୦୦ ଖ୍ରୀଷ୍ଟାବ୍ଦ ଯାଏଁ ସେହିଭଳି ଏକ ଆନ୍ଦୋଳନ ବ୍ରିଟିଶ ଶାସକ ଗୋଷ୍ଠୀଙ୍କ ବିରୋଧରେ ବଙ୍ଗ ଓ ବିହାରରେ ସଂଘଟିତ ହୋଇଥିଲା ଯାହାରି ନାଁ ଥିଲା ସନ୍ନ୍ୟାସୀ ବିଦ୍ରୋହ। ହିନ୍ଦୁ ସନ୍ନ୍ୟାସୀ ଓ ମୁସଲମାନ ଫକୀରମାନେ ଏହି ବିଦ୍ରୋହର ନେତୃତ୍ୱ ନେଇଥିଲେ। ଅର୍ଥନୈତିକ ଶୋଷଣ, ଧର୍ମ ଉପରେ ଆକ୍ରମଣ ଓ ପାରମ୍ପରିକ ସାମାଜିକ ଭିତ୍ତିଭୂମି ପ୍ରତି ଆଘାତ ଥିଲା, ସନ୍ନ୍ୟାସୀ ବିଦ୍ରୋହର ପ୍ରମୁଖ କାରଣ। ବ୍ରିଟିଶ ଶାସକ ଗୋଷ୍ଠୀ ବଙ୍ଗ ପ୍ରୋଭିନ୍ସ ଉପରେ ରାଜସ୍ୱ ଆଦାୟର ଅଧିକାରୀ ପାଇବା ପରେ, ଏହା ବ୍ୟାପକ ଭାବରେ ଦାରିଦ୍ର୍ୟ ଓ ସାମାଜିକ ଅସ୍ଥିରତାକୁ ଜନ୍ମ ଦେଇଥିଲା। ଏହାକୁ ବହୁଗୁଣିତ କରିଥିଲା ୧୭୭୦ର ବଙ୍ଗ ଦୁର୍ଭିକ୍ଷ। ଉତ୍ତର ଭାରତର ବହୁ ସାଧୁ ସନ୍ଥ, ଫକିର, ବଙ୍ଗ ଓ ବିହାରକୁ ତୀର୍ଥ ଯାତ୍ରାରେ ଯାଉଥିଲେ। ଜମିଦାର ଓ ସମ୍ପନ୍ନ ବ୍ୟକ୍ତିମାନେ ସେମାନଙ୍କୁ ଆତିଥ୍ୟ ପ୍ରଦାନ କରୁଥିଲେ। ଇଂରେଜ ଶାସକ ଗୋଷ୍ଠୀ ଏହି ସମ୍ପନ୍ନ ବ୍ୟକ୍ତିମାନଙ୍କ ଉପରେ ବ୍ୟାପକ କର ଲଦି ଦେବା ପରେ, ସେମାନେ କ୍ରମଶଃ ଅର୍ଥନୈତିକ ଦୃଷ୍ଟିରୁ ଦୁର୍ବଳ ହେବାରେ ଲାଗିଲେ। ଇଂରେଜ ଶାସକମାନେ ଯାଯାବର ଓ ଡାକୟତ କହି ଯେଉଁ ସନ୍ନ୍ୟାସୀ ମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖୁଥିଲେ, ସେମାନେ ତୀର୍ଥାଟନରେ ଗଲାବେଳେ ଅସହ୍ୟ ଦୁଃଖ କଷ୍ଟ ଭୋଗିଲେ। ବଙ୍କରର ଜଣେ ବ୍ରାହ୍ମଣ ପଣ୍ଡିତ ଭବାନୀ ଚରଣ ପାଠକ, ସନ୍ନ୍ୟାସୀ ବିଦ୍ରୋହର ସୂତ୍ରଧର ଥିଲେ, ଯାହା ଦୀର୍ଘ ୩୭ ବର୍ଷ ଧରି ଜାରି ରହିଥିଲା।

୧୭୭୦ର ଦୁର୍ଭିକ୍ଷ ଓ ସନ୍ନ୍ୟାସୀ ବିଦ୍ରୋହ ଅନେକ ସାହିତ୍ୟ ସୃଷ୍ଟି କରିଥିଲା, ଯେଉଁଥିରେ ପ୍ରମୁଖଥିଲା ବଙ୍କିମଚନ୍ଦ୍ର ଚାଟାର୍ଜୀଙ୍କ ଦୁଇ ପ୍ରମୁଖ ଉପନ୍ୟାସ 'ଆନନ୍ଦ ମଠ' ଓ 'ଦେବୀ ଚୌଧୁରାଣୀ'। 'ଆନନ୍ଦ ମଠ' ଏତେ ପ୍ରଭାବଶାଳୀ ଥିଲା ଯେ ବ୍ରିଟିଶ ସରକାର ଏହାକୁ ବାଜ୍ୟାପ୍ତି କରିଥିଲେ। ଏହାର ପ୍ରସାରଣ ଉପରେ ରୋକ ଲଗାଇଥିଲେ।

ଏହି ଆନନ୍ଦ ମଠ ୧୮୮୨ରେ ପ୍ରକାଶିତ ଉପନ୍ୟାସରେ ସ୍ଥାନିତ ହୋଇଥିଲା ପ୍ରସିଦ୍ଧ ସଂସ୍କୃତ ବଙ୍ଗଳା ସମ୍ମିଳିତ କବିତା 'ବନ୍ଦେ ମାତରମ୍'। ସୁଜଳା, ସୁଫଳା, ଶସ୍ୟଶ୍ୟାମଳା, ଶୀତଳ ମଳୟ ପବନ ଦେଉଥିବା, ସୁଖ ଓ ବରାଭୟ ପ୍ରଦାନକାରୀ ମାତୃଭୂମିକୁ ପ୍ରଣାମ କରୁଛି - ଏହା ହିଁ ଏହି କବିତାର ନିର୍ଯାସ। ବିଶ୍ୱାସ କରାଯାଏ ଯେ ବଙ୍କିମଚନ୍ଦ୍ର କବିତାଟିକୁ ପୂର୍ବରୁ ଲେଖିଥିଲେ ପଶ୍ଚିମବଙ୍ଗର ହୁଗୁଳି ଜିଲ୍ଲା ଚିନସୁରାରେ ୧୮୭୫ରେ ଓ ପରବର୍ତ୍ତୀ ସମୟରେ ଏହା ଆନନ୍ଦ ମଠ ଉପନ୍ୟାସରେ ସ୍ଥାନିତ ହୋଇ ପ୍ରକାଶ ପାଇଥିଲା ୧୮୮୨ରେ। କିନ୍ତୁ ଏହାର ଲୋକପ୍ରିୟତା ବୃଦ୍ଧି ପାଇଥିଲା, ଯେତେବେଳେ ୧୮୬୯ରେ କୋଲକାତା କଂଗ୍ରେସ ଅଧିବେଶନରେ ଗୁରୁଦେବ ରବୀନ୍ଦ୍ରନାଥ ଠାକୁର ବନ୍ଦେ ମାତରମ୍କୁ ଗାଇଥିଲେ। ଏକ ଅଦ୍ଭୁତ ମୋହଶକ୍ତି ସଞ୍ଚରି ଯାଉଥିଲା ସଂଗ୍ରାମୀମାନଙ୍କ ପ୍ରାଣରେ। ତା'ପରେ ବନ୍ଦେ ମାରତରମ୍ ସବୁ କଂଗ୍ରେସ ଅଧିବେଶନରେ ଗାନ କରାଯାଇଥିଲା। ଯେତେବେଳେ ନେତାଜୀ 'ଜୟ ହିନ୍ଦ'ର ଉଦାର ଉଚ୍ଚାରଣରେ ସମସ୍ତଙ୍କୁ ପ୍ରେରିତ କରିଥିଲେ, କଂଗ୍ରେସ ମଧ୍ୟ ଏହାକୁ ଗ୍ରହଣ କରୁ ବୋଲି ପ୍ରସ୍ତାବ ଆସିଥିଲା କିନ୍ତୁ ମହାତ୍ମା ଗାନ୍ଧୀ 'ବନ୍ଦେ ମାତରମମ୍ର ସରଳ, ସହଜ, ଅନୁଭବ୍ୟ ପ୍ରଭାବକୁ ଲକ୍ଷ୍ୟ କରି ଏହି ଗୀତକୁ ଜାରି ରଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବାସ୍ତବିକ ପ୍ରତ୍ୟେକ ସଂଗ୍ରାମୀ, ଭାରତମାତା ପାଇଁ ଲଢ଼େଇରେ, ହୃଦୟରୁ ବଜ୍ର ନିର୍ଘୋଷ କରୁଥିଲେ - ବନ୍ଦେ ମାତରମ୍। ମୌଲାନା ଆଜାଦ କଂଗ୍ରେସ ଅଧ୍ୟକ୍ଷ ଥିଲାବେଳେ ମଧ୍ୟ ଏହି ଗୀତ ପ୍ରତ୍ୟେକ ଅଧିବେଶନରେ ଗାନ କରାଯାଇଥିଲା। ୧୯୦୭ରେ ତ୍ରିରଙ୍ଗା ପତାକାର ଯେଉଁ ରୂପରେଖ ତିଆରି କରିଥିଲେ ଭିକାଜି କାମା, ସେହି ପାତାକାର ମଝିରେ ହିନ୍ଦୀରେ ଲେଖା ହୋଇଥିଲା ବନ୍ଦେ ମାତରମ୍। କାକୋରି ରେଳ ଡକାୟତିର ପ୍ରମୁଖ ବିନ୍ଧାଣି ସହିତ ରାମପ୍ରସାଦ ବିସମିଲ ଏହାର ପ୍ରଥମଦୁଇ ପଂକ୍ତିକୁ ହିନ୍ଦୀ ଅନୁବାଦ କରିଥିଲେ। ଶ୍ରୀ ଅରବିନ୍ଦ ଆନନ୍ଦ ମଠ ଉପନ୍ୟାସକୁ ଇଂରାଜୀରେ ଅନୁବାଦ କରିଥିଲେ ହେଁ ସମ୍ପୂର୍ଣ୍ଣ କରିପାରିନଥିଲେ। ୧୯୩୦ ପରେ ବନ୍ଦେ ମାତରମ୍କୁ ବିରୋଧ କରିବା ଆରମ୍ଭ କରିଥିଲେ ମହମ୍ମଦ ଅଲି ଜିନ୍ନା, ଯାହା ଆଜି ପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ଦ୍ୱାରା ଜାରି ରହିଛି। କାରଣ, ସେମାନଙ୍କ ମତରେ ମାତୃଭୂମି ବୋଲି କିଛି ନାହିଁ। ଦେଶକୁ ମା' ହିସାବରେ ଅଭିହିତ କରାଯାଇ ପାରିବ ନାହିଁ।




୨୪ ଜାନୁଆରୀ ୧୯୫୦ରେ ସମ୍ବିଧାନ ପ୍ରଣୟନ ସଭା ବନ୍ଦେ ମାତରମ୍କୁ ରାଷ୍ଟ୍ର ଗୀତ ହିସାବରେ ସ୍ୱୀକୃତି ଦେଇଥିଲା। ଡକ୍ଟର ରାଜେନ୍ଦ୍ର ପ୍ରସାଦ କହିଥିଲେ ଯେ ଏହି ଗୀତକୁ ରାଷ୍ଟ୍ରଗାନ ଜନଗଣମନ ସହିତ ସମାନ ମର୍ଯ୍ୟାଦା ପ୍ରଦାନ କରାଯିବା ଉଚିତ। ଭାରତ ସରକାର ମଧ୍ୟ ଏହି ପ୍ରସ୍ତାବକୁ ଆଜି ଯାଏଁ ଗ୍ରହଣ କରି ଆସିଛନ୍ତି ଓ ବହୁ ଅଦାଲତି ମାମଲାରେ ସତ୍ୟପାଠରେ ଏହାକୁ ଦର୍ଶାଇ ଆସିଛନ୍ତି। ଦେଶଭକ୍ତିର ପ୍ରାଣଶକ୍ତି ଭରି ଦେଉଥିବା ଏହି ଗୀତ ତାମିଲ, ତେଲଗୁ, କନ୍ନଡ଼, ଓଡ଼ିଆ, ମାଲାୟାଲମ, ଅହମୀୟ, ହିନ୍ଦୀ, ମରାଠୀ, ଗୁଜୁରାଟୀ, ପଞ୍ଜାବୀ, ଉର୍ଦ୍ଦୁ ଓ ଅନ୍ୟାନ୍ୟ ଭାଷାରେ ଅନୁଦିତ ହୋଇଛି। ଲିଡ଼ର, ଅମର ଆଶା, ଆନନ୍ଦ ମଠ ଆଦି ଚଳଚ୍ଚିତ୍ର ସହିତ ଲତା ମଙ୍ଗେସରକର ଓ ଏଆର ରହମାନ ଏହାକୁ ଭିନ୍ନ ଭିନ୍ନ ସ୍ୱରରେ ଗାଇଛନ୍ତି। ଆକାଶବାଣୀ ପ୍ରସାରିତ କରୁଥିବା ଗୀତର ସ୍ୱର, ପଣ୍ଡିତ ରବିଶଙ୍କର କରିଥିଲେ ବୋଲି ବିଶ୍ୱାସ କରାଯାଏ। ରାଗର ନାଁ ସେ ଦେଇଥିଲେ 'ଦେଶରାଗ'।

ଗୀତଟିର ବିରଳ ମଧୁରତା, ସହଜ, ସରଳତା ଓ ଉଚ୍ଚ କାବ୍ୟିକ ଶକ୍ତି ଯୋଗୁଁ ଏହାକୁ ଅନ୍ୟ ଭାଷାରେ ଅନୁବାଦ କରିବା ସହଜ ନୁହେଁ ବୋଲି ଭାଗବନ ଶ୍ରୀ ଅରବିନ୍ଦ ପ୍ରକାଶ କରିଛନ୍ତି। ସେ ନିଜ ଆତ୍ମଜୀବନୀରେ ବଙ୍କିମଚନ୍ଦ୍ରଙ୍କୁ ଏକାଧାରରେ ଜଣେ କବି ଓ ରାଷ୍ଟ୍ର ନିର୍ମାତା ହିସାବରେ ବର୍ଣ୍ଣନା କରିଛନ୍ତି। ରବୀନ୍ଦ୍ର ବଙ୍କିମଚନ୍ଦ୍ରଙ୍କୁ 'ସବ୍ୟସାଚୀ' ହିସାବରେ ଅଭିହିତ କରି ତାଙ୍କ ସାହିତ୍ୟିକ ଶ୍ରେଷ୍ଠତା ଓ ନୂଆପିଢ଼ିଙ୍କୁ ଉଦବୁଦ୍ଧ କରିବାର ସାମର୍ଥ୍ୟର ସମନ୍ୱୟକୁ ଉଚ୍ଚ ପ୍ରଶଂସା କରିଛନ୍ତି।

ବଙ୍କିମଙ୍କୁ ସାହିତ୍ୟ ସମ୍ରାଟ କୁହାଯାଏ। ଇତିହାସର ଗୋଟିଏ ଗୋଟିଏ ଘଟଣା, ସାମାଜିକ, ସ୍ତରରେ କିଭଳି ବିଘଟନ ସୃଷ୍ଟି କରୁଥିଲା, ତାକୁ ସେ ଚମତ୍କାର ଭାବରେ ପ୍ରକାଶ କରୁଥିଲେ। ସନ୍ନ୍ୟାସୀ ବିଦ୍ରୋହର ପ୍ରାୟ ଶହେ ବର୍ଷ ପରେ ସେହି ପୃଷ୍ଠଭୂମିକୁ ନେଇ ରଚିତ 'ଆନନ୍ଦ ମଠ' ଯେ ଅମରତ୍ୱ ପାଇବ, ଏହା ଅବଧାରିତ ଥିଲା। ଉପନ୍ୟାସ ତୁଳନାରେ ଏଥିରେ ସ୍ଥାନିତ ଗୀତର ପଂକ୍ତି ଗୋଟିଏ ମହାନ ଦେଶକୁ ଅନିର୍ଦ୍ଦିଷ୍ଟ କାଳ ଯାଏଁ ପ୍ରେରଣା ଦେଇ ଚାଲିବ ବୋଲି ସେ ମଧ୍ୟ ଭାବି ନଥିଲେ। ଦେଶ ୭ ନଭେମ୍ବର ୨୦୨୫ରେ 'ବନ୍ଦେ ମାତରମ୍' ୧୫୦ ବର୍ଷ ପୂର୍ତ୍ତି ପାଳନ କରୁଛି। ଏହି ଅବସରରେ ଉଭୟ 'ବନ୍ଦେ ମାତରମ୍' ଓ ଏହାର ସ୍ରଷ୍ଟା ବଙ୍କିମ ଚନ୍ଦ୍ର ଚଟୋପାଧ୍ୟାୟ (୧୮୩୮-୧୮୯୪)ଙ୍କୁ କୃତଜ୍ଞ ଜାତି ସ୍ମରଣ କରିବା ଉଚିତ। ସାହିତ୍ୟ ଯେ ବିପ୍ଳବ, ବିଦ୍ରୋହ, ସଂଗ୍ରାମ ଓ ପରିବର୍ତ୍ତନର ପ୍ରଚଣ୍ଡ ରଣ ଦୁନ୍ଦୁଭି ବଜାଇପାରେ, 'ବନ୍ଦେ ମାତରମ୍' ଏହାର ସର୍ବୋତ୍ତମ ଉଦାହରଣ।

**ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର**



# ହାଣ୍ଟା ଭାଇରସ୍ ଆକ୍ରାନ୍ତରେ ୩ ମୃତ, ୮ ଆକ୍ରାନ୍ତ

## ଆକ୍ରାନ୍ତ ଜାହାଜକୁ ଡକ୍ କରିବାକୁ ମନାକଲା ସ୍ପେନ୍

ନୂଆଦିଲ୍ଲୀ, ୬।୫ଃ ଘାତକ ହାଣ୍ଟା ଭାଇରସ୍ ବ୍ୟାପିଥିବା କ୍ରୁଜ୍ ଜାହାଜରୁ ବୁଧବାର ତିନିଜଣ ଯାତ୍ରୀଙ୍କୁ ବାହାର ରାଯାଇଛି। ତେବେ ଏହି ଜାହାଜକୁ ସ୍ପେନ ତା'ର ଉପକୂଳରେ ଡକିଂ (ଲଙ୍ଗର ପକାଇବା) କରିବାକୁ ଦେବନାହିଁ ବୋଲି ସ୍ପଷ୍ଟ ଭାବେ ମନା କରିଛି। ଏବେ ସ୍ୱିଜରଲ୍ୟାଣ୍ଡରେ ପୁଣି ଏକ ନୂତନ ହାଣ୍ଟା ଭାଇରସ ଆକ୍ରାନ୍ତ ମାମଲା ଚିହ୍ନଟ କରାଯାଇଛି। ଆଣ୍ଡିଜ୍ ଷ୍ଟ୍ରେନ୍ ଦ୍ୱାରା ଏହି ଭାଇରସ ବ୍ୟାପୁଛି ବୋଲି ସୁଇଜରଲାଣ୍ଡ କର୍ତ୍ତୃପକ୍ଷ ନିଶ୍ଚିତ କରିଛନ୍ତି। ଅପରପକ୍ଷରେ, ଏହି ଭାଇରସ କ୍ଷେତ୍ରରେ ଆଣ୍ଡିଜ ଷ୍ଟ୍ରେନ୍ ସକ୍ରିୟ ଥିବା ଘଟଣାକୁ ନେଇ ଆତଙ୍କ ସୃଷ୍ଟି ହୋଇଛି। ପୂର୍ବରୁ ହାଣ୍ଟା ଭାଇରସ ମଣିଷଠୁ ମଣିଷକୁ ବ୍ୟାପିବ ନାହିଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କହିଥିବା ବଳେ ଆଣ୍ଡିଜ ଷ୍ଟ୍ରେନ୍ ମଣିଷଠୁ ମଣିଷକୁ ବ୍ୟାପିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ହୋଣ୍ଡିୟସ୍ କ୍ରୁଜରେ ଯାତ୍ରା କରିଥିବା ଜଣେ ବ୍ୟକ୍ତିଙ୍କୁ




ଜୁରିଚ୍ ସହରରେ ହାଣ୍ଟାଭାଇରସ୍ ପାଇଁ ଚିକିତ୍ସା କରାଯାଉଛି। ତେବେ ବ୍ୟାପକ ଜନସଂଖ୍ୟା ପ୍ରତି କୌଣସି ବିପଦ ନାହିଁ ବୋଲି ବୁଧବାର ସକାଳେ ସ୍ୱିସ୍ ସରକାର ଏକ ବିବୃତ୍ତିରେ ଜଣାଇଛନ୍ତି। ଏଯାଏ ୮ଜଣ ହାଣ୍ଟା ଭାଇରସରେ ଆକ୍ରାନ୍ତ ହୋଇଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଜଣାଇଛନ୍ତି।

ସୂଚନାଯୋଗ୍ୟ ଯେ, ୨୦୧୯-୨୦ ବିଶ୍ୱବ୍ୟାପୀ ଆତଙ୍କ ଖେଳାଇଦେଇଥିବା କରୋନା ଭାଇରସ୍‌ର ଭୟ ଏଯାଏ ବିଶ୍ୱବାସୀଙ୍କ ମନରୁ ଲିଭି ନଥିବା ବେଳେ ହାଣ୍ଟା ଭାଇରସକୁ ନେଇ ବିଶ୍ୱ ଏବେ ଏକ ନୂଆ ସ୍ୱାସ୍ଥ୍ୟ ସଙ୍କଟର ସମ୍ମୁଖୀନ ହେବାକୁ ଯାଉଛି। ଏକ କ୍ରୁଜ୍ ସିପ୍‌ରେ ହାଣ୍ଟା ଭାଇରସ୍ ସଂକ୍ରମଣ ଯୋଗୁଁ ୩ ଜଣଙ୍କ ମୃତ୍ୟୁ ଘଟଣା ପରେ ସାରା ବିଶ୍ୱରେ ଆଲୋଡ଼ନ ସୃଷ୍ଟି ହୋଇଛି। ଆର୍ଜେଣ୍ଟିନାରୁ କେପ୍ ଭର୍ଡେ ଯାଉଥିବା ଏହି ଜାହାଜରେ ସଂକ୍ରମଣ ବ୍ୟାପିବା ପରେ ଲୋକଙ୍କ ମଧ୍ୟରେ ଭୟ ବଢ଼ିବାରେ ଲାଗିଛି। ଯଦିଓ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବର୍ତ୍ତମାନ ପାଇଁ ବିପଦ କମ୍ ବୋଲି କହିଛି, ତଥାପି ଏହାର ମାରାତ୍ମକ ପ୍ରଭାବକୁ ନଜରରେ ରଖି ସତର୍କତା ଅବଲମ୍ବନ କରିବା ଜରୁରୀ। ହାଣ୍ଟା ଭାଇରସ୍ ହେଉଛି ଏକ ପ୍ରକାର ଭୂତାଣୁ ଯାହା ମୁଖ୍ୟତଃ ମୂଷା ଏବଂ ସେହି ଜାତୀୟ ପ୍ରାଣୀଙ୍କଠାରୁ ମଣିଷ ଶରୀରକୁ ବ୍ୟାପିଥାଏ। ସାଧାରଣତଃ ଏହା ମୂଷାଙ୍କ ମୂତ୍ର, ଲାଳ କିମ୍ବା ମଳ ମାଧ୍ୟମରେ ସଂକ୍ରମିତ ହୋଇଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର କହିବା ଅନୁଯାୟୀ, ହାଣ୍ଟା ଭାଇରସ୍‌ର ପ୍ରାଥମିକ ଲକ୍ଷଣ ସାଧାରଣ ଫ୍ଲୁ ବା ଜ୍ୱର ସହିତ ସମାନ ହୋଇଥାଏ, ଯେଉଁଥିପାଇଁ ଏହାକୁ ଚିହ୍ନିବା କଷ୍ଟକର ହୁଏ। ପ୍ରବଳ ଜ୍ୱର ଏବଂ ଶରୀରରେ ଯନ୍ତ୍ରଣା, ମୁଣ୍ଡବିନ୍ଧା ଏବଂ ପେଟ ଖରାପ ହେବା, ସାମାନ୍ୟ କାଶ ହେଉଛି ଏହାର ପ୍ରାରମ୍ଭିକ ଲକ୍ଷଣ। ଗମ୍ଭୀର ସ୍ଥିତିରେ କିଡନୀ ଉପରେ ଏହାର ଖରାପ ପ୍ରଭାବ ପଡ଼େ। ଶ୍ୱାସକ୍ରିୟାରେ ପ୍ରବଳ କଷ୍ଟ ହୁଏ ଏବଂ ଫୁସଫୁସରେ ପାଣି ଜମିଯାଏ, ଯାହା ମୃତ୍ୟୁର କାରଣ ସାଜେ।




ନୂଆଦିଲ୍ଲୀ, ୬।୫ଃ ଚୀନରୁ ଏକ ହୃଦୟବିଦାରକ ଖବର ସାମ୍ନାକୁ ଆସିଛି। ସୋମବାର ସନ୍ଧ୍ୟାରେ ଏକ ବାଣ କାରଖାନାରେ ହୋଇଥିବା ଶକ୍ତିଶାଳୀ ବିସ୍ଫୋରଣ ପୂରା ଅଞ୍ଚଳକୁ ସ୍ତବ୍ଧ କରିଦେଇଛି। ଏହି ଭୟଙ୍କର ଅଘଟଣରେ ଅତିକମରେ ୨୧ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୬୧ରୁ ଅଧିକ ଲୋକ ଗୁରୁତର ଭାବେ ଆହତ ହୋଇଛନ୍ତି। ବିସ୍ଫୋରଣର ତୀବ୍ରତା ଏତେ ଅଧିକ ଥିଲା ଯେ, କେଇ ମିନିଟ୍ ମଧ୍ୟରେ ଅନେକ ଏକର ପରିମିତ ଅଞ୍ଚଳ ପାଉଁଶ ହୋଇଯାଇଛି। ଚୀନର ସରକାରୀ ଟିଭି ଚ୍ୟାନେଲ 'ସିସିଟିଭି'ର ସୂଚନା ଅନୁଯାୟୀ, ହୁନାନ ପ୍ରାନ୍ତର ଲିୟୁୟାଙ୍ଗ ସହରରେ ଅବସ୍ଥିତ 'ଲିୟୁୟାଙ୍ଗ ହୁଆଶେଙ୍ଗ ଫାୟାରୱାର୍କସ ମାନୁଫାକଚରିଂ ଏଣ୍ଡ ଡିସପ୍ଲେ କମ୍ପାନୀ'ରେ ସୋମବାର ଅପରାହ୍ନ ପ୍ରାୟ ୪ଟା ୪୩ ମିନିଟ୍ ସମୟରେ ଏହି ବିସ୍ଫୋରଣ ଘଟିଥିଲା। ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଭିଡିଓରେ ଦେଖିବାକୁ ମିଳୁଛି ଯେ, ପାହାଡ଼ ଘେରା ଏକ ଗ୍ରାମୀଣ ଅଞ୍ଚଳ ହଠାତ୍ କମ୍ପି ଉଠିଥିଲା। ଆକାଶକୁ ଶହଶହ ଫୁଟ୍ ଉଚ୍ଚର କଳା ଧୂଆଁ ଉଠୁଥିବା ବେଳେ କ୍ରମାଗତ ଭାବେ ବଡ଼ ବଡ଼ ବିସ୍ଫୋରଣ ଶବ୍ଦ ଶୁଣିବାକୁ ମିଳିଥିଲା, ଯାହା ମିସାଇଲ୍ ଆକ୍ରମଣର ଭ୍ରମ ସୃଷ୍ଟି କରୁଥିଲା। ଲିୟୁୟାଙ୍ଗ ସହର ହେଉଛି ବିଶ୍ୱର ବାଣ ବଜାରର ଏକ ବଡ଼ କେନ୍ଦ୍ର। ଚୀନରେ ବ୍ୟବହୃତ ହେଉଥିବା ୬୦ ପ୍ରତିଶତ ଏବଂ ବିଦେଶକୁ ରପ୍ତାନି ହେଉଥିବା ୭୦ ପ୍ରତିଶତ ବାଣ କେବଳ ଏହି ଅଞ୍ଚଳରୁ ପ୍ରସ୍ତୁତ ହୋଇଥାଏ। ତେବେ ସୁରକ୍ଷା ନିୟମର ଅବହେଳା ଯୋଗୁଁ ଏଠାରେ ବାରମ୍ବାର ଏଭଳି ଦୁର୍ଘଟଣା ଘଟୁଛି।

## ଶୁଭେନ୍ଦୁଙ୍କ ବିଜୟରେ ବାଂଲାଦେଶ ଗଦ୍‌ଗଦ୍



କୋଲକାତା, ୬।୫ଃ ବାଂଲାଦେଶର ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟିର ନେତା ଏବଂ ସୂଚନା ସଚିବ ଅଜିଜୁଲ ବାରୀ ହେଲାଲ ବଙ୍ଗଳାର ନିର୍ବାଚନକୁ ନେଇ ଖୁସୀ ପ୍ରକାଶ କରିଛନ୍ତି। ଦୀର୍ଘବର୍ଷ ପରେ ଟିଏମସିର ପତନ ହେବା ଏବଂ ପଶ୍ଚିମବଙ୍ଗ ବିଜେପି ହାତକୁ ଯିବା ଘଟଣା ତାଙ୍କୁ ଖୁସି କରିଛି ଏବଂ ସେ ପଶ୍ଚିମବଙ୍ଗର ଭାବୀ ମୁଖ୍ୟମନ୍ତ୍ରୀ କୁହାଯାଉଥିବା ଶୁଭେନ୍ଦୁ ଅଧିକାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଶୁଭେନ୍ଦୁଙ୍କ ନେତୃତ୍ୱ ଦୁଇ ରାଷ୍ଟ୍ର ମଧ୍ୟରେ ସମ୍ପର୍କକୁ ଅଧିକ ମଜଭୁତ କରିବ ବୋଲି ଅଜିଜୁଲ ବାରୀ ହେଲାଲ କହିଛନ୍ତି। ହେଲାଲ ଆଶା ପ୍ରକାଶ କରିଛନ୍ତି ଯେ, ରାଜନୈତିକ ଦୃଶ୍ୟପଟରେ ଶୁଭେନ୍ଦୁଙ୍କ ପ୍ରବେଶ ପଶ୍ଚିମବଙ୍ଗ ଏବଂ ବାଂଲାଦେଶ ସରକାରଙ୍କ ମଧ୍ୟରେ ସମ୍ପର୍କକୁ ଅଧିକ ମଜଭୁତ କରିବ। ସେ ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ, ମମତା ବାନାର୍ଜୀ ପୂର୍ବରୁ ତୀସ୍ତା ଜଳବଣ୍ଟନ ଚୁକ୍ତିନାମାରେ ବାଧା ସୃଷ୍ଟି କରୁଥିଲେ। ଏବେ ଶୁଭେନ୍ଦୁ ଅଧିକାରୀଙ୍କ ଆଗମନ ସହିତ ଏହି ଚୁକ୍ତିନାମା ପାଇଁ ପଥ ପରିଷ୍କାର ହୋଇଯିବ। ତୀସ୍ତା ଜଳବଣ୍ଟନ ଚୁକ୍ତିନାମା ଉଭୟ ବାଂଲାଦେଶ ଏବଂ ଭାରତ ପାଇଁ ଲାଭଦାୟକ ହେବ। ସେ ଆହୁରି ମଧ୍ୟ କହିଛନ୍ତି ଯେ, ଯଦିଓ ତାଙ୍କ ଦଳ ଏବଂ ବିଜେପିର ଚିନ୍ତାଧାରା ଭିନ୍ନ, ସେମାନେ ଭାରତ ଏବଂ ବାଂଲାଦେଶ ମଧ୍ୟରେ ଶାନ୍ତି ଏବଂ ତୀସ୍ତା ପ୍ରସଙ୍ଗରେ ଏକ ସମନ୍ୱିତ ଦୃଷ୍ଟିକୋଣ ପୋଷଣ କରନ୍ତି। ସୂଚନାଯୋଗ୍ୟ ଯେ, ପ୍ରଥମଥର ପାଇଁ ବିଜେପି ପଶ୍ଚିମବଙ୍ଗରେ ସରକାର ଗଠନ କରିବାକୁ ଯାଉଛି। ନୂତନ ସରକାରଙ୍କ ଶପଥ ଗ୍ରହଣ ସମାରୋହ ମେ ୯ ତାରିଖରେ ଅନୁଷ୍ଠିତ ହେବ।

## ଆଉ ଦି'ପଟ ରୁଟି ପାଇଁ ସଂଘର୍ଷ କରିବେନି କଳିତା



କୋଲକାତା, ୬।୫ଃ ପଶ୍ଚିମବଙ୍ଗରେ ଅସ୍‌ଗ୍ରାମ ଏସ୍‌ସି-ଏସ୍‌ଟି ବିଧାନସଭା ଆସନରୁ ଟିଏମ୍‌ସି ପ୍ରତିଦ୍ୱନ୍ଦ୍ୱୀଙ୍କୁ ହରାଇ ବିଧାୟକ ହୋଇଥିବା ବିଜେପିର କଳିତା ମାଝୀଙ୍କ ସଂଘର୍ଷର କାହାଣୀ ଏବେ ଖୁବ୍ ଚର୍ଚ୍ଚାରେ ରହିଛି। ନିର୍ବାଚନ ସମୟରେ ପରିବାର ପ୍ରତିପାଳନ ଲାଗି କଳିତା ଘର ଘର ବୁଲି ବାସନ ମାଜୁଥିଲେ। ଏହି ଆୟରେ ତାଙ୍କ ଘର ଚଳୁଥିଲା। ଏବେ ବିଧାୟକ ହେବା ପରେ ତାଙ୍କ ସଂଘର୍ଷର ଦିନ ଶେଷ ହୋଇଛି। ୨୦୨୧ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ କଳିତା ପ୍ରଥମଥର ଚର୍ଚ୍ଚାକୁ ଆସିଥିଲେ। ସେ ଅସ୍‌ଗ୍ରାମ ଆସନରୁ ବିଜେପିର ପ୍ରାର୍ଥୀ ହୋଇଥିଲେ। କିନ୍ତୁ ନିର୍ବାଚନ ଜିତି ପାରି ନଥିଲେ। ୨୦୨୬ ନିର୍ବାଚନରେ କଳିତାଙ୍କ ଉପରେ ବିଜେପି ପୁଣିଥରେ ଭରସା କରି ତାଙ୍କୁ ଟିକେଟ ଦେଲା। ଟିଏମ୍‌ସିର ଶକ୍ତିଶାଳୀ ପ୍ରାର୍ଥୀ ଶ୍ୟାମା ପ୍ରସନ୍ନା ଲୋହାରଙ୍କ ବିପକ୍ଷରେ ତାଙ୍କୁ ମୈଦାନକୁ ଓହ୍ଲାଇଲା। ଏ ଥର କଳିତା ବାଜି ମାରିଲେ। ତାଙ୍କୁ ମୋଟ୍ ୧ ଲକ୍ଷ ୭ ହଜାର ୬୯୨ ଭୋଟ୍ ମିଳିଲା। ପ୍ରତିଦ୍ୱନ୍ଦ୍ୱୀ ଶ୍ୟାମା ପ୍ରସନ୍ନାଙ୍କୁ ୯୫,୧୫୭ ଭୋଟ୍ ମିଳିଲା। କଳିତା ୧୨ ହଜାରରୁ ଅଧିକ ଭୋଟ୍‌ରେ ନିର୍ବାଚନ ଜିତିଛନ୍ତି। ଗରିବ ପୃଷ୍ଠଭୂମିର ଜଣେ ମହିଳାଙ୍କ ପାଇଁ ଏହା ବଡ଼ ବିଜୟ। କାରଣ କଳିତାଙ୍କୁ ଆଜି ବି ଦି'ଓଳି ରୁଟି ପାଇଁ ସଂଘର୍ଷ କରିବାକୁ ପଡୁଛି। ପ୍ରାୟ ୧୦ ବର୍ଷ ପୂର୍ବେ କଳିତାଙ୍କର ରାଜନୈତିକ ଯାତ୍ରା ଆରମ୍ଭ ହୋଇଥିଲା। ପ୍ରଥମେ ସେ ବୁଥ୍‌ସ୍ତରୀୟ କର୍ମକର୍ତ୍ତା ଥିଲେ। ତାଙ୍କ ଭିତରେ ନେତୃତ୍ୱ କ୍ଷମତା ଓ ସକ୍ରିୟତା ବିଜେପିର ଧ୍ୟାନ ଆକର୍ଷଣ କଲା। ତା' ପରେ ତାଙ୍କୁ ଅବସର ମିଳିଲା। କଳିତା କହିଛନ୍ତି, ମୁଁ ବହୁତ ଖୁସି। ଏବେ ଏଠାରେ ଫାୟାର ବ୍ରିଗେଡ୍ ଓ ହସ୍ପିଟାଲର ବ୍ୟବସ୍ଥା କରାଇବି।

## ଫେକ୍ ଆକାଉଣ୍ଟ ଖୋଲିଲା ରହସ୍ୟ

ନୂଆଦିଲ୍ଲୀ, ୬।୫ଃ ସ୍ୱାମୀଙ୍କ ସତ ଜାଣିବା ପାଇଁ ସ୍ତ୍ରୀ ଇନଷ୍ଟାଗ୍ରାମରେ ଫେକ୍ ଆଇଡି ଖୋଲିଲେ। କୌଣସି ନୂଆ ଝିଅ ହୋଇଥିବ ଭାବି ସ୍ୱାମୀର ଚାଟିଂ କଲେ। ହୋଟେଲରେ ମୁହଁ ଦେଖିବା ପରେ ଆରମ୍ଭ ହେଲା ଝଗଡ଼ା। ସ୍ତ୍ରୀକୁ ଆକ୍ରମଣ କଲା ସ୍ୱାମୀ। ପ୍ରୟାଗରାଜରୁ ଆସିଛି ଏଭଳି ଏକ ଖବର, ଯାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ପୁଲିସ ସ୍ୱାମୀ ପ୍ରଭୁଦତ୍ତଙ୍କୁ ଗିରଫ କରିଛି। ମହିଳା ଜଣକ କହିଛନ୍ତି ଯେ, ମୋ ସ୍ୱାମୀଙ୍କ ଅଲଗା ମହିଳାଙ୍କ ସହ ସମ୍ପର୍କ ରହିଛି ବୋଲି ମୋର ପ୍ରଥମରୁ ସନ୍ଦେହ ହୋଇଥିଲା। ସେହି କାରଣରୁ ଆମ ଭିତରେ ଝଗଡ଼ା ମଧ୍ୟ ହେଉଥିଲା। ଏମିତିକି ସେ ମୋତେ ଘରୁ ବାହାର କରି ଦେଇଛନ୍ତି। ମୁଁ ମୋ ବାପଘରେ ରହୁଛି। ସେ ମୋତେ ରଖିବାକୁ ମନା କରି ଦେଇଛନ୍ତି। ସତ ଜାଣିବା ପାଇଁ ମୁଁ ଇନଷ୍ଟାଗ୍ରାମରେ ଏକ ଫେକ୍ ଆକାଉଣ୍ଟ ଖୋଲିଥିଲି। ଆଉ ତାଙ୍କ ସହ ଚାଟ୍ କରିବା ଆରମ୍ଭ କଲି। ଝିଅ ପିଲା ଭାବି ସେ ମଧ୍ୟ କଥା ହେଉଥିଲେ। ସବୁବେଳେ ହୋଟେଲକୁ ଆସିବ ପାଇଁ ଡାକୁଥିଲେ। ଏମିତିକି କଥା ବାହାଘର ପର୍ଯ୍ୟନ୍ତ ମଧ୍ୟ ପହଞ୍ଚିଥିଲା। ଫେକ ଆଇଡିରେ ତାଙ୍କ ସହ କଥା ହେବା ପରେ ତାଙ୍କ ଚରିତ୍ର କେମିତି ମୁଁ ଜାଣିପାରିଲି।

## କୋଠାରେ ପିଟିହେଲା ବିମାନ, ୩ ଆହତ

ବ୍ରାସିଲିଆ,୬।୫ଃ ବ୍ରାଜିଲରୁ ଏକ ବଡ଼ ଖବର ସାମ୍ନାକୁ ଆସୁଛି । ଏକ ବିମାନ ହଠାତ୍ ସେଠାରେ ଏକ କୋଠା ସହିତ ଧକ୍କା ହୋଇଛି । ବ୍ରାଜିଲର ବେଲୋ ହରିଜୋଣ୍ଟେ ଅଞ୍ଚଳରେ ଏହି ଦୁର୍ଘଟଣା ଘଟିଛି। ଦୁର୍ଘଟଣା ପରେ ତୁରନ୍ତ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଥିଲା। ରିପୋର୍ଟ ଅନୁଯାୟୀ, ବିମାନରେ ଥିବା ପାଇଲଟ୍ ଏବଂ ସହ-ପାଇଲଟ୍ ମୃତ୍ୟୁବରଣ କରିଛନ୍ତି। ଏହା ସହିତ, ବିମାନରେ ଥିବା ଅନ୍ୟ ତିନି ଜଣ ଆହତ ହୋଇଥିବା ଜଣାପଡ଼ିଛି । ସୌଭାଗ୍ୟବଶତଃ, କୋଠା ଭିତରେ କାହାରି କୌଣସି କ୍ଷତି ହୋଇନାହିଁ। ଅଧିକାରୀଙ୍କ ଅନୁଯାୟୀ, ବିମାନଟି କୋଠାର ସିଡ଼ି ଅଂଶକୁ ଧକ୍କା ଦେଇଥିଲା। ଅଗ୍ନିଶମ ବିଭାଗ ଅଧିକାରୀମାନେ କହିଛନ୍ତି ଯେ ସୋମବାର ଦିନ ଦକ୍ଷିଣ-ପୂର୍ବ ବ୍ରାଜିଲର ଏକ ପ୍ରମୁଖ ସହର ବେଲୋ ହରିଜୋଣ୍ଟରେ ଏହି ଦୁର୍ଘଟଣା ଘଟିଛି, ଯେଉଁଠାରେ ଏକ ଛୋଟ ବିମାନ ଏକ ଆବାସିକ କୋଠାରେ ଧକ୍କା ହୋଇଥିଲା। ଏହି ଦୁର୍ଘଟଣାରେ ପାଇଲଟ୍ ଏବଂ ସହ-ପାଇଲଟ୍ ପ୍ରାଣ ହରାଇଛନ୍ତି, ଯେତେବେଳେ ବିମାନରେ ଥିବା ତିନି ଜଣ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ଏହି ସମୟରେ, ମିନାସ୍ ଗେରାଇସ୍ ରାଜ୍ୟ ଅଗ୍ନିଶମ ବିଭାଗ ରିପୋର୍ଟ କରିଛି ଯେ କୋଠା ଭିତରେ କେହି ଆହତ ହୋଇ ନାହାଁନ୍ତି।

## ଇସ୍ତଫା ଦେଲେ ହିମନ୍ତ, ୧୧ରେ ଶପଥ



ଦିଶପୁର, ୬।୫ଃ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଇସ୍ତଫା ଦେଇଛନ୍ତି। ସେ ରାଜଭବନରେ ରାଜ୍ୟପାଳ ଲକ୍ଷ୍ମଣ ଆଚାର୍ଯ୍ୟଙ୍କୁ ଭେଟି ତାଙ୍କର ଇସ୍ତଫାପତ୍ର ପ୍ରଦାନ କରିଛନ୍ତି। ରାଜ୍ୟରେ ତୃତୀୟଥର ବିଜେପି ସରକାର ଗଠନ କରିବାକୁ ଯାଉଛି। ୧୨୬ ଆସନ ମଧ୍ୟରୁ ୧୦୨ ଆସନରେ ଏନ୍‌ଡିଏ ମେଣ୍ଟ ବିଜୟୀ ହୋଇଛି। ଆସାମରେ ସରକାର ଗଠନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଆସାମ ରାଜ୍ୟପାଳଙ୍କୁ ଭେଟିଛନ୍ତି ସିଇଓ ଅନୁରାଗ ଗୋୟେଲ। ଲୋକଭବନ ଯାଇ ନିର୍ବାଚିତ ବିଧାୟକଙ୍କ ତାଲିକା ପ୍ରଦାନ କରିଛନ୍ତି। ଆସନ୍ତା ୧୧ ତାରିଖରେ ଆସାମରେ ନୂଆ ସରକାର ନେବେ ଶପଥ। ଏନେଇ ସୂଚନା ଦେଲେ କାମଚଳା ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା।

## ବଢୁଛି ଦ୍ୱନ୍ଦ୍ୱ, ଏବେ ବି ମ୍ୟାଜିକ୍ ନମ୍ବରଠୁ ଦୂରରେ ବିଜୟ

ଚେନ୍ନାଇ,୬।୫ଃତାମିଲନାଡୁ ରାଜନୀତିରେ ଏବେ ଘଡ଼ିକେ ଘୋଡ଼ା ଛୁଟିବା ପରିସ୍ଥିତି ସୃଷ୍ଟି ହୋଇଛି। ଥାଲାପତି ବିଜୟ ପ୍ରଥମ ରାଜନୈତିକ ପଦାର୍ପଣରେ ରାଜ୍ୟର ଦୀର୍ଘଦିନ ଦ୍ରାବିଡ଼ ରାଜନୀତିକୁ ଧୂଳିସାତ କରିବା ଘଟଣାକୁ ଉଭୟ ଡିଏମକେ ଓ ଏଆଇଡିଏମକେ ସହଜରେ ହଜମ କରିପାରୁ ନାହାନ୍ତି। ବିଜୟଙ୍କ ଟିଭିକେ ନିକଟରେ ୧୦୭ (ବିଜୟ ଦୁଇଟି ଆସନରୁ ଗୋଟିଏ ଆସନ ଛାଡ଼ିବେ) ଟି ଆସନ ଥିବା ବେଳେ ସଂଖ୍ୟାଗରିଷ୍ଠତା ପ୍ରମାଣ କରିବା ପାଇଁ ତାଙ୍କୁ ଆହୁରି ୧୧ଟି ଆସନ ଦରକାର। ଏଆଇଡିଏମକେ ମେଣ୍ଟର କଂଗ୍ରେସ ବିଧାୟକ ବିଜୟଙ୍କୁ ସମର୍ଥନ କରିବାକୁ ପ୍ରତିଶ୍ରୁତି ଦେଥିଲେ। ଏଆଇଡିଏମକେ ମେଣ୍ଟରେ ୫ଟି ଆସନ କଂଗ୍ରେସ ହାତରେ ରହିଛି। କଂଗ୍ରେସର ୫ ଜଣଙ୍କ ସହିତ ସିପିଆଇ, ସିପିଆଇ (ଏମ) ଭଳି ଅନ୍ୟ ଛୋଟ ଦଳର ସମର୍ଥନରେ ବିଜୟ ୧୧୮ ମ୍ୟାଜିକ୍ ନମ୍ବରକୁ ଛୁଇଁ ରାଜ୍ୟରେ ସରକାର ଗଠନ କରିବେ ବୋଲି କୁହାଯାଉଥିଲା। ତାମିଲନାଡୁ କଂଗ୍ରେସ ପ୍ରଭାରୀ ଗିରିଶ ଚୋଡଙ୍କାର ମଧ୍ୟ କହିଥିଲେ ଯେ 'ଧର୍ମନିରପେକ୍ଷତା'କୁ ବଜାୟ ରଖିବା ଏବଂ 'ସାମ୍ପ୍ରଦାୟିକ ଶକ୍ତିଗୁଡ଼ିକୁ ଦୂରରେ ରଖିବା' ସର୍ତ୍ତରେ କଂଗ୍ରେସ ଟିଭିକେକୁ ସମର୍ଥନ ଦିଆଯାଇଛି। ସମ୍ବିଧାନକୁ ବଜାୟ ରଖି ନଥିବା ଶକ୍ତିଗୁଡ଼ିକର ମୁକାବିଲା କରିବା ପାଇଁ ସେମାନେ ବିଜୟଙ୍କ ସହ ଠିଆ ହୋଇଛନ୍ତି ବୋଲି କଂଗ୍ରେସ ସ୍ପଷ୍ଟ କରିବା ସହ ଏହି ମେଣ୍ଟ କେବଳ ସରକାର ଗଠନ ପର୍ଯ୍ୟନ୍ତ ସୀମିତ ନୁହେଁ; ବରଂ ଉଭୟ ଦଳ ଭବିଷ୍ୟତରେ ସ୍ଥାନୀୟ ସଂସ୍ଥା ନିର୍ବାଚନ ଏବଂ ଲୋକସଭା ନିର୍ବାଚନରେ ମଧ୍ୟ ଏକାଠି କାମ କରିବେ ବୋଲି ଦଳ ପକ୍ଷରୁ କୁହାଯାଇଥିଲା।



ତେବେ ରାଜନୀତିରେ ସବୁ ସମ୍ଭବ ନ୍ୟାୟରେ ଯଦି ଦୁଇ ଦ୍ରାବିଡ଼ ଦଳ (ଡିଏମକେ ଏବଂ ଏଆଇଡିଏମକେ) ରାଜନୈତିକ ଶତ୍ରୁତାକୁ ଭୁଲି ପରସ୍ପର ସହିତ ହାତ ମିଳାନ୍ତି ତା'ହେଲେ ବିଜୟଙ୍କ ମୁଖ୍ୟମନ୍ତ୍ରୀ ହେବାର ଆଶା ଆଶାରେ ରହିଯିବ। ସଂଖ୍ୟା ଗଣିତ ଅନୁଯାୟୀ, ଡିଏମକେ ହାତରେ ୫୯ ଆସନ ଥିବା ବେଳେ ଏଆଇଏଡିଏମକେ ନିକଟରେ ରହିଛି ୪୭ଟି ଆସନ (ମୋଟ ୧୦୬ ଆସନ)। ଉଭୟ ଦଳ ପାଇଁ ଆଉ ଦରକାର ୧୨ଟି ଆସନ, ଯାହା ସେମାନେ ପିଏମକେ (୪), ସିପିଆଇ (୨), ସିପିଏମ (୨) ଏବଂ ଅନ୍ୟଦଳ ଯଥା- ଭିସିକେ, ବିଜେପି, ଡିଏମଡିକେଙ୍କ ହାତରେ ଥିବା ୭ ଆସନକୁ ହାତେଇ ପାରିବେ। ଯଦି ଏଭଳି କିଛି ଘଟେ ତା'ହେଲେ ବିଜୟଙ୍କ ଟିଭିକେ ଯେ, ଦମଦାର ପ୍ରଦର୍ଶନ ସତ୍ତ୍ୱେ ବିରୋଧୀ ଦଳ ଆସନରେ ବସି ନିଜକୁ ସନ୍ତୁଷ୍ଟ କରିବ, ଏ ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ। ଅବଶ୍ୟ ଟିଭିକେର ଆଶା ଶେଷ ହୋଇନାହିଁ।

## ଆନନ୍ଦ, ସୁପର୍ଣ୍ଣା ଓ ଅନିରୁଦ୍ଧଙ୍କୁ ପୁଲିଜର ପୁରସ୍କାର

ନୂଆଦିଲ୍ଲୀ, ୬।୫ଃ ବିଶ୍ୱ ସାମ୍ବାଦିକତା କ୍ଷେତ୍ରରେ ପୁଣିଥରେ ଭାରତରକୁ ପୁଲିଜର ପୁରସ୍କାର ମିଳିଛି। ଅନ୍ତର୍ଜାତୀୟ ସ୍ତରରେ ପୁରସ୍କାର ଜିତି ଭାରତର ପରିଚୟକୁ ଆହୁରି ସମୃଦ୍ଧ କରିଛନ୍ତି ଦୁଇଜଣ ଭାରତୀୟ ସାମ୍ବାଦିକ। ଡିଜିଟାଲ ସର୍ଭେଲାନ୍ସ ଏବଂ ସାଇବର ଠକେଇ ଭଳି



ଆଧୁନିକ ଯୁଗର ଗୁରୁତର ସମସ୍ୟା ଉପରେ ଏକ ସାହସିକ ତଥା ଗବେଷଣାତ୍ମକ ରିପୋର୍ଟିଂ ପାଇଁ ଭାରତୀୟ ସାମ୍ବାଦିକ ଆନନ୍ଦ ଆର୍କେ ଏବଂ ସୁପର୍ଣ୍ଣା ଶର୍ମା ସମ୍ମାନଜନକ 'ପୁଲିଜର ପୁରସ୍କାର' ଜିତି ଦେଶ ପାଇଁ ଗୌରବ ଆଣିଛନ୍ତି। ସୋମବାର ନ୍ୟୁୟର୍କ ସ୍ଥିତ କଲମ୍ବିଆ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହି ପୁରସ୍କାର ଘୋଷଣା କରାଯାଇଛି। ବିଜେତାଙ୍କୁ ପୁରସ୍କାର ସ୍ୱରୂପ ଏକ ମାନପତ୍ର ସହ ୧୫ ହଜାର ଆମେରିକୀୟ ଡଲାର (ପ୍ରାୟ ୧୪ ଲକ୍ଷ ୨୬ ହଜାର ଟଙ୍କା) ପ୍ରଦାନ କରାଯାଏ। ଆନନ୍ଦ ଆର୍କେ ଏବଂ ସୁପର୍ଣ୍ଣା ଶର୍ମାଙ୍କୁ 'ଇଲୁଷ୍ଟ୍ରେଟେଡ ରିପୋର୍ଟିଂ ଏବଂ କମେଣ୍ଟ୍ରି' ବର୍ଗରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏହି ରିପୋର୍ଟରେ ଭାରତର ଜଣେ ପ୍ରଖ୍ୟାତ ସ୍ନାୟୁ ବିଶେଷଜ୍ଞଙ୍କ କାହାଣୀ ସ୍ଥାନ ପାଇଛି, ଯିଏକି ମାତ୍ର ଏକ ଫୋନ୍ କଲ୍ ମାଧ୍ୟମରେ 'ଡିଜିଟାଲ ଆରେଷ୍ଟ'ର ଶିକାର ହୋଇଥିଲେ। ଏହି ବର୍ଗରେ ଅନ୍ୟ ଜଣେ ଭାରତୀୟ ସାମ୍ବାଦିକ ଦେବଜ୍ୟୋତ ଘୋଷାଲ ଫାଇନାଲିଷ୍ଟ ତାଲିକାରେ ରହିଥିଲେ। ସେ ଦକ୍ଷିଣ-ପୂର୍ବ ଏସିଆରେ ବ୍ୟାପିଥିବା ସାଇବର ଅପରାଧ ଏବଂ ମାନବ ଚାଲାଣର ପର୍ଦ୍ଦାଫାଶ କରି ଚର୍ଚ୍ଚାକୁ ଆସିଥିଲେ। ସେହିଭଳି ହାନୋଇରେ ଅବସ୍ଥାପିତ ଭାରତୀୟ ରିପୋର୍ଟର ଅନିରୁଦ୍ଧ ଘୋଷାଲ 'ଇଣ୍ଟର ନ୍ୟାସନାଲ ରିପୋର୍ଟିଂ' ଶ୍ରେଣୀରେ ପୁଲିଜର ପୁରସ୍କାର ପାଇଛନ୍ତି। ସେ ଆମେରିକୀୟ ସୀମା ପୋଲିସ ଦ୍ୱାରା ବ୍ୟବହୃତ ସିକ୍ରେଟ୍ ସର୍ଭେଲାନ୍ସ ଟୁଲ୍ସ ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ରିପୋର୍ଟ ପ୍ରସ୍ତୁତ କରିଥିଲେ।

## ବିଗିଡ଼ିପାରେ ଭାରତ-ନେପାଳ ସମ୍ପର୍କ

କାଠମାଣ୍ଡୁ,୬।୫ଃ ନେପାଳର ବାଲେନ ସରକାର ଭାରତକୁ ନାଲିଆଖି ଦେଖାଇଛି। ନେପାଳ ସରକାର ମାନସରୋବର ଯାତ୍ରାପଥକୁ କଡ଼ା ବିରୋଧ କରିଛି। ଏହା ଭାରତ ଏବଂ ନେପାଳ ମଧ୍ୟରେ ଲିପୁଲେଖ ବିବାଦକୁ ପୁଣିଥରେ ଚର୍ଚ୍ଚାକୁ ଆଣିଛି। ଭାରତ ଏବଂ ଚାଇନା ଲିପୁଲେଖ ଘାଟ ଦେଇ କୈଳାସ ମାନସରୋବର ଯାତ୍ରା ପୁନଃ ଆରମ୍ଭ କରିବାକୁ ରାଜି ହୋଇଛନ୍ତି। ବାଲେନ ସରକାର କହିଛନ୍ତି କାଠମାଣ୍ଡୁର ସମ୍ମତି ବିନା ଏହି ତୀର୍ଥଯାତ୍ରା ଆୟୋଜନ କରାଯାଇପାରିବ ନାହିଁ। ନେପାଳ ସରକାର ଏହି ପ୍ରସଙ୍ଗରେ ଭାରତ ଏବଂ ଚାଇନା ଉଭୟକୁ କୂଟନୈତିକ ଚିଠି ପଠାଇଛନ୍ତି। ଭାରତ ପୂର୍ବରୁ ନେପାଳର ଦାବିକୁ ପ୍ରତ୍ୟାଖ୍ୟାନ କରିସାରିଛି। ଚାଇନା ମଧ୍ୟ ନେପାଳର ସ୍ଥିତି ଗ୍ରହଣ କରିବାକୁ କୌଣସି ପଦକ୍ଷେପ ନେଇନାହିଁ। ବିଶ୍ଳେଷକମାନେ ବିଶ୍ୱାସ କରନ୍ତି ଯେ, ଲିପୁଲେଖ ବିବାଦ ସମ୍ପର୍କରେ ନେପାଳ ଗତ କିଛିବର୍ଷ ମଧ୍ୟରେ ଏପରି ପଦକ୍ଷେପ ନେଇଛି ଯାହା ପରିସ୍ଥିତିକୁ ଆହୁରି ତୀବ୍ର କରିଛି। ବିବାଦର ମୂଳ ହେଉଛି ଲିମ୍ପିଆଧୁରା, ଲିପୁଲେଖ ଏବଂ କଳାପାଣିର ତ୍ରି-ସଂଯୋଗ, ଯାହା ଭାରତର ଅଂଶ ଏବଂ ଭାରତ ଦ୍ୱାରା ମଧ୍ୟ ନିୟନ୍ତ୍ରିତ। ନେପାଳ ଏହି ଅଞ୍ଚଳକୁ ଦାବି କରେ ଏବଂ ୧୮୧୬ର ସୁଗୌଲି ଚୁକ୍ତିନାମା କଥା କହେ। ନେପାଳ କହିଛି, ଭାରତ କିମ୍ବା ଚାଇନା ତାଙ୍କ ସମ୍ମତି ବିନା ଲିପୁଲେଖ ଦେଇ ବାଣିଜ୍ୟ କିମ୍ବା ଯାତ୍ରା କରିପାରିବେ ନାହିଁ।

## ମାତ୍ର ୮୮ ଘଣ୍ଟାରେ ପାକିସ୍ତାନ ଦେଇଥିଲା ଯୁଦ୍ଧବିରତି ପ୍ରସ୍ତାବ

ନୂଆଦିଲ୍ଲୀ, ୬।୫ଃ ଆଜି ଅପରେସନ ସିନ୍ଦୂରର ପ୍ରଥମ ବାର୍ଷିକୀ। ୨୦୨୫ ଏପ୍ରିଲ ୨୨ ତାରିଖରେ ପହଲଗାମ୍ ଆକ୍ରମଣର ଜବାବରେ, ଭାରତ ୭ ମଇ ମଧ୍ୟରାତ୍ରୀରେ ପାକ୍ ଅଧିକୃତ କାଶ୍ମୀରର ଆତଙ୍କବାଦୀ ଭିତ୍ତିଭୂମି ଉପରେ ଏକ ବଡ଼ ବିମାନ ଆକ୍ରମଣ କରିଥିଲା। ଏହି ଅଭିଯାନ ଏତେ ସଠିକ୍, ଦ୍ରୁତ ଏବଂ ସୁଚିନ୍ତିତ ଥିଲା ଯେ ଶତ୍ରୁ ମଧ୍ୟ ଏହାର ଟେର୍ ପାଇନଥିଲା। ମାତ୍ର ୨୩ ମିନିଟ୍ ମଧ୍ୟରେ, ବାହାବଲପୁରରେ ଜୈଶ-ଏ-ମହମ୍ମଦର ଆତଙ୍କବାଦୀ ଶିବିର ଏବଂ ମୁରିଦକେରେ ଲସ୍କର-ଏ-ତୈବା ଆତଙ୍କବାଦୀ ଶିବିର ଧ୍ୱଂସ ହୋଇଯାଇଥିଲା। ଯେତେବେଳେ ପାକିସ୍ତାନ ପ୍ରତିଶୋଧ ନେବାକୁ ଚେଷ୍ଟା କରିଥିଲା, ଭାରତୀୟ ଲଢ଼ୁଆ ବିମାନଗୁଡ଼ିକ କ୍ଷେପଣାସ୍ତ୍ର ଆକ୍ରମଣରେ ନୁର ଖାନ ଏବଂ ସରଗୋଧା ସମେତ ଏହାର ୧୧ଟି ବାୟୁସେନା ଘାଟିକୁ ଧ୍ୱଂସ କରିଦେଇଥିଲା, ଯାହା ପାକିସ୍ତାନକୁ ଆତ୍ମସମର୍ପଣ କରିବାକୁ ବାଧ୍ୟ କରିଥିଲା। ମାତ୍ର ୮୮ ଘଣ୍ଟା ମଧ୍ୟରେ, ପାକିସ୍ତାନ ଯୁଦ୍ଧବିରତି ପ୍ରସ୍ତାବ ଦେଇଥିଲା। ପହଲଗାମ ଆକ୍ରମଣରେ ଭାରତ ନଅଟି ଲକ୍ଷ୍ୟସ୍ଥଳ ଚୟନ କରିଥିଲା, ଯେଉଁଥିରେ ୧୦୦ରୁ ଅଧିକ ଆତଙ୍କବାଦୀ ନିହତ ହୋଇଥିଲେ। ଜୈଶ-ଏ-ମହମ୍ମଦ ମୁଖ୍ୟ ମାସୁଦ ଆଝାରର ପରିବାରର ଅନେକ ସଦସ୍ୟ ମଧ୍ୟ ନିହତ ହୋଇଥିଲେ। ପାକିସ୍ତାନ ପ୍ରତିଶୋଧ ନେବା ସମୟରେ, ଏହାର ୧୧ଟି ସାମରିକ ଘାଟିକୁ ନଷ୍ଟ କରିସାରିଥିଲା ବ୍ରହ୍ମୋସ ପରି ଘାତକ କ୍ଷେପଣାସ୍ତ୍ର। ମାତ୍ର ୮୮ ଘଣ୍ଟା ମଧ୍ୟରେ ଲକ୍ଷ୍ୟ ପୂରଣ କରି ଶତ୍ରୁକୁ ଶିକ୍ଷା ଦେବା ପରେ, ଶତ୍ରୁ ରାଷ୍ଟ୍ର ଅନୁରୋଧ କଲା ଏବଂ ଭାରତ ଚାରି ଦିନ ମଧ୍ୟରେ ନିଜ ସର୍ତ୍ତରେ ଯୁଦ୍ଧବିରତି ପାଇଁ ରାଜି ହୋଇଥିଲା। ଶତ୍ରୁକୁ ଏତେ ଶୀଘ୍ର ଯୁଦ୍ଧବିରତି କରିବାକୁ ବାଧ୍ୟ କରି, ଭାରତ ଆଧୁନିକ ଇତିହାସରେ ବିରଳ ଦେଖାଯାଇଥିବା ନିୟନ୍ତ୍ରିତ ଯୁଦ୍ଧର ରଣନୀତି ପ୍ରଦର୍ଶନ କରିଥିଲା। ଏହି ଆକ୍ରମଣର ଫଳସ୍ୱରୂପ ପାକିସ୍ତାନର ଅର୍ଥନୀତି ୧୨,୫୦୦ କୋଟିରୁ ଅଧିକ କ୍ଷତି ସହିଥିଲା। ସିନ୍ଧୁ ଜଳ ଚୁକ୍ତିନାମା ବାତିଲ କରି ଭାରତ ପାକିସ୍ତାନକୁ ଏକ ବଡ଼ ଆଘାତ ଦେଇଛି। ଏହା ପାକିସ୍ତାନର କୃଷି ଏବଂ ବିଦ୍ୟୁତ୍ ଉତ୍ପାଦନ ପାଇଁ ଏକ ଅସ୍ତିତ୍ୱର ବିପଦ ସୃଷ୍ଟି କରିଛି। ଭାରତ ପାକିସ୍ତାନ ସହିତ ବାଣିଜ୍ୟକୁ ସମ୍ପୂର୍ଣ୍ଣ ଭାବରେ ସ୍ଥଗିତ ରଖିଛି ଏବଂ ପାକିସ୍ତାନୀ କୂଟନୀତିଜ୍ଞମାନଙ୍କୁ ବହିଷ୍କାର କରିଛି। ଆତଙ୍କବାଦର ଆଶ୍ରୟସ୍ଥଳ ଭାବରେ ପାକିସ୍ତାନର ଭୂମିକାକୁ ପ୍ରକାଶ କରିବା ପାଇଁ ଏହା ଏକ କୂଟନୈତିକ ମିଶନ ଅଟେ।




## ମହଙ୍ଗା ପଡୁଛି ଇରାନ ସହ ଯୁଦ୍ଧ

ୱାଶିଂଟନ,୬।୫ଃ ଯୁକ୍ତରାଷ୍ଟ୍ର ଆମେରିକାରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସାମଗ୍ରିକ ଅନୁମୋଦନ ମୂଲ୍ୟାଙ୍କନ ୩୭ ପ୍ରତିଶତକୁ ହ୍ରାସ ପାଇଛି। ୬୬ ପ୍ରତିଶତ ଆମେରିକୀୟ ନାଗରିକ ତାଙ୍କ ଅର୍ଥନୈତିକ ନୀତିକୁ ନେଇ ଅସନ୍ତୁଷ୍ଟ ଅଛନ୍ତି ବୋଲି ଏକ ସର୍ବେକ୍ଷଣଭିତ୍ତିକ ତଥ୍ୟ ପ୍ରକାଶ କରିଛି। ଏହି ସର୍ଭେକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି, କାରଣ ଏହା ନଭେମ୍ବରରେ ହେବାକୁ ଥିବା ନିର୍ବାଚନ ପୂର୍ବରୁ ଆସିଛି, ଯାହା ଆମେରିକାରେ ରାଷ୍ଟ୍ରପତିଙ୍କ ଚାରିବର୍ଷର କାର୍ଯ୍ୟକାଳର ମଧ୍ୟବିନ୍ଦୁ। ଦି ୱାଶିଂଟନ ପୋଷ୍ଟ-ଏବିସି ନ୍ୟୁଜ-ଇପସୋସ ଦ୍ୱାରା କରାଯାଇଥିବା ସର୍ଭେ ଅନୁଯାୟୀ, ଟ୍ରମ୍ପ ପ୍ରବାସ ପ୍ରସଙ୍ଗରେ ତୁଳନାତ୍ମକ ଭାବରେ ଦୃଢ଼ ସମର୍ଥନ ପାଇଛନ୍ତି। ଆମେରିକା-ମେକ୍ସିକୋ ସୀମା ସମ୍ପର୍କରେ ତାଙ୍କର ନୀତିକୁ ୪୫ ପ୍ରତିଶତ ଉତ୍ତରଦାତାଙ୍କ ଦ୍ୱାରା ଅନୁମୋଦନ କରାଯାଇଥିଲା, ଯେତେବେଳେ ୫୪ ପ୍ରତିଶତ ନାପସନ୍ଦ ପ୍ରକାଶ କରିଥିଲେ। ସର୍ଭେରେ ଏକ ଗୁରୁତ୍ୱପୂର୍ଣ୍ଣ ସଂଖ୍ୟକ ଆମେରିକୀୟ କହିଛନ୍ତି



### ଆମେରିକାରେ କମୁଛି ଟ୍ରମ୍ପଙ୍କ ଲୋକପ୍ରିୟତା

ଯେ ସେମାନେ ପ୍ରମୁଖ ପ୍ରସଙ୍ଗରେ କୌଣସି ରାଜନୈତିକ ଦଳକୁ ବିଶ୍ୱାସ କରନ୍ତି ନାହିଁ। ବିଶେଷକରି ୨୩ ପ୍ରତିଶତ ପ୍ରବାସ ସମ୍ପର୍କରେ କୌଣସି ଦଳ ଉପରେ କୌଣସି ବିଶ୍ୱାସ ପ୍ରକାଶ କରିନାହାନ୍ତି। ସେହପରି ୨୭ ପ୍ରତିଶତ ଅର୍ଥନୀତି ସମ୍ପର୍କରେ, ୨୮ ପ୍ରତିଶତ ଅପରାଧ ସମ୍ପର୍କରେ ଏବଂ ୩୩ ପ୍ରତିଶତ ମୁଦ୍ରାସ୍ଫୀତି ସମ୍ପର୍କରେ ସେମାନଙ୍କର ଭିନ୍ନମତ ପୋଷଣ କରିଛନ୍ତି। ପ୍ରାୟ ୫୧ ପ୍ରତିଶତ ଆମେରିକୀୟ ସୂଚିତ କରିଛନ୍ତି ଯେ ସେମାନେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ପ୍ରସଙ୍ଗରେ ରିପବ୍ଲିକାନ କିମ୍ବା ଡେମୋକ୍ରାଟିକ ପାର୍ଟିକୁ ବିଶ୍ୱାସ କରନ୍ତି ନାହିଁ। ଇରାନ ସହିତ ଉତ୍ତେଜନା ଆର୍ଥିକ ପ୍ରସଙ୍ଗ ସମ୍ପର୍କରେ ଟ୍ରମ୍ପଙ୍କ ପ୍ରତି ଥିବା ବିଶ୍ୱାସ ପ୍ରଭାବିତ ହୋଇଛି। ଆମେରିକୀୟ ନାଗରିକଙ୍କ ମଧ୍ୟରେ ୬୬ ପ୍ରତିଶତ ଇରାନ ପ୍ରତି ତାଙ୍କର ପରିଚାଳନାକୁ ବିରୋଧ ପ୍ରକାଶ କରିଛନ୍ତି ଯେତେବେଳେ ୩୩ ପ୍ରତିଶତ ସେମାନଙ୍କର ସମର୍ଥନ ପ୍ରଦାନ କରିଛନ୍ତି। ଅର୍ଥନୀତି ଉପରେ ତାଙ୍କର ଅନୁମୋଦନ ମୂଲ୍ୟାଙ୍କନ ସାତ ପଏଣ୍ଟ ହ୍ରାସ ପାଇ ୩୪ ପ୍ରତିଶତ ହୋଇଛି; ଏହି ଫଳାଫଳଗୁଡ଼ିକରେ ଇନ୍ଧନ ମୂଲ୍ୟ ବୃଦ୍ଧିର ପ୍ରଭାବ ମଧ୍ୟ ସ୍ପଷ୍ଟ ଥିଲା। ମୁଦ୍ରାସ୍ଫୀତି ପ୍ରସଙ୍ଗରେ, ତାଙ୍କର ଅନୁମୋଦନ ମୂଲ୍ୟାଙ୍କନ ପାଞ୍ଚ ପଏଣ୍ଟ ହ୍ରାସ ପାଇ ୨୭ ପ୍ରତିଶତ ହୋଇଛି; ଏହି ସମୟରେ, ଜୀବନଯାପନ ଖର୍ଚ୍ଚ ସମ୍ପର୍କରେ ତାଙ୍କର ମୂଲ୍ୟାଙ୍କନ ୨୩ ପ୍ରତିଶତର ସର୍ବନିମ୍ନ ସ୍ତରରେ ପହଞ୍ଚିଛି।

## ଜଳନ୍ଧର ଓ ଅମୃତସରରେ ବିସ୍ଫୋରଣ

ନୂଆଦିଲ୍ଲୀ, ୬।୫ଃ ପଞ୍ଜାବର ଦୁଇଟି ଭିନ୍ନଭିନ୍ନ ସ୍ଥାନରେ ବିସ୍ଫୋରଣ ଘଟିଛି। ପ୍ରଥମେ ଜଳନ୍ଧରର ବିଏସଏଫ୍ ମୁଖ୍ୟାଳୟ ବାହାରେ ହୋଇଥିବା ବେଳେ ଏହାର କିଛି ଘଣ୍ଟା ପରେ ଅମୃତସରର ଖାସା ଅଞ୍ଚଳରେ ଏକ ସେନା ଶିବିର ନିକଟରେ ଏକ ବିସ୍ଫୋରଣ ଘଟିଛି। ପ୍ରଥମ ଘଟଣା ମଙ୍ଗଳବାର ରାତି ପ୍ରାୟ ୮ ଟା ୧୫ ସମୟରେ ଜଳନ୍ଧରରେ ଘଟିଥିଲା। ବିଏସଏଫ ପଞ୍ଜାବ ମୁଖ୍ୟାଳୟ ବାହାରେ ପାର୍କିଂ ହୋଇଥିବା ଏକ ସ୍କୁଟରରେ ବିସ୍ଫୋରଣ ହୋଇଥିଲା। ଜଳନ୍ଧର ଘଟଣାର କିଛି ଘଣ୍ଟା ପରେ, ରାତି ପ୍ରାୟ ସାଢ଼େ ୧୦ଟା ସମୟରେ ଅମୃତସରର ଖାସା ଅଞ୍ଚଳରେ ଥିବା ଏକ ସେନା ଶିବିର ନିକଟରେ ଏକ ବିସ୍ଫୋରଣ ଘଟିଥିଲା। ସ୍ଥାନୀୟ ଲୋକଙ୍କ ଅନୁଯାୟୀ, ବିସ୍ଫୋରଣର ଶବ୍ଦ ଦେଢ଼ କିଲୋମିଟର ଦୂର ପର୍ଯ୍ୟନ୍ତ ଶୁଣାଯାଇଥିଲା। ଏହା ବ୍ୟତୀତ ବିସ୍ଫୋରଣର ତୀବ୍ରତା ଏତେ ଅଧିକ ଥିଲା ଯେ ଏହା କ୍ୟାମ୍ପସ କାଚଗୁଡ଼ିକୁ ଥରାଇ ଦେଇଥିଲା। ଦୁଇଟି ଘଟଣା ପରେ ସେନା ଏବଂ ପଞ୍ଜାବ ପୁଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ଘଟଣାସ୍ଥଳକୁ ଫରେନସିକ୍ ଦଳ ମଧ୍ୟ ଡକାଯାଇଛି ଏବଂ ଆଖପାଖ ଅଞ୍ଚଳକୁ ଘେରାବନ୍ଦୀ କରାଯାଇ ତଦନ୍ତ ଚାଲିଛି। ଅଧିକାରୀଙ୍କ ଅନୁଯାୟୀ, ଉଭୟ ଘଟଣାରେ କୌଣସି ବଡ଼ କ୍ଷୟକ୍ଷତି କିମ୍ବା ମୃତାହତ ନିଶ୍ଚିତ ହୋଇନାହିଁ। ତଥାପି, ବିସ୍ଫୋରଣର ପ୍ରକୃତ ଏବଂ କାରଣ ନିର୍ଣ୍ଣୟ କରିବା ପାଇଁ ପୁଙ୍ଖାନୁପୁଙ୍ଖ ତଦନ୍ତ ଚାଲିଛି। ଘଟଣାକୁ ନେଇ ଜଳନ୍ଧର ପୁଲିସ କମିଶନର ଧନପ୍ରୀତ କୌର କହିଛନ୍ତି, ଆମର ପାଟ୍ରୋଲିଂ ଦଳ ପ୍ରାୟ ୮ଟା ସମୟରେ ଏଠାରେ ଉପସ୍ଥିତ ଥିଲେ। ଗେଟ୍ ପାଖରେ ଏକ ସ୍କୁଟର ପାର୍କିଂ କରାଯାଇଥିଲା। ହଠାତ୍ ଏଥିରେ ନିଆଁ ଲାଗିଗଲା। ଆମେ ବିଏସଏଫରୁ ସୂଚନା ସଂଗ୍ରହ କରୁଛୁ।

# ମିଶନ ବାତ୍ସଲ୍ୟ ଦିଗହରା, ମିଳୁନି ସହାୟତା ରାଶି



ଭୁବନେଶ୍ୱର, ୬।୫ (ସଂଚାର ବ୍ୟୁରୋ): 'ମିଶନ ବାତ୍ସଲ୍ୟ' ପାଇଁ ପାଣ୍ଠି ନାହିଁ। ଅନାଥ ପିଲାଙ୍କୁ ମିଳୁନି ପୃଷ୍ଠପୋଷକତା (ସ୍ପନସରସିପ୍) ସହାୟତା ରାଶି । ପଞ୍ଜିକୃତ, ପ୍ରସ୍ତାବିତ ଓ ପ୍ରଭାବିତ ପିଲା ବଞ୍ଚିତ ହୋଇଛନ୍ତି। ରାଜ୍ୟର ହଜାର ହଜାର ଅନାଥ ପିଲା ଓ ଯତ୍ନ-ସୁରକ୍ଷା ଲୋଡ଼ୁଥିବା ଶିଶୁଙ୍କୁ ଏହି ଯୋଜନାର ଲାଭ ମିଳିପାରୁନି। ମିଶନ ବାତ୍ସଲ୍ୟ ଯୋଜନାରେ ପ୍ରତ୍ୟେକ ଅନାଥ ବା ଯତ୍ନ-ସୁରକ୍ଷା ଲୋଡୁଥିବା ପିଲାଙ୍କୁ ୪ ହଜାର ଟଙ୍କାର ସ୍ପନସରସିପ୍ ରାଶି ମିଳିଥାଏ। ଜଗତ୍‌ସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ୍‌ର ଜଣେ ଅନାଥ ଶିଶୁର ପାଠପଢ଼ା ଓ ସୁରକ୍ଷା ନିମନ୍ତେ ତାର ଜେଜେମା' ସ୍ପନସରସିପ୍ ଟଙ୍କା ପାଇଁ ନିବେଦନ କରିଛନ୍ତି। ବାପାମା' ଛେଉଣ୍ଡ ନାତିକୁ ପାଠ ପଢ଼ାଇ ମଣିଷ କରାଇବାର ସ୍ୱପ୍ନ ତାଙ୍କର ଭାଙ୍ଗି ପଡ଼ିଛି। ନାତିକୁ ମାସିକ ୪ ହଜାର ସରକାରୀ ସ୍ପନସରସିପ୍ ମିଳିଲେ ତାଙ୍କର ସବୁ ଦୁଃଖ ଚାଲି ଯାଆନ୍ତା। ବିଭାଗର ପୂର୍ବ ତଥ୍ୟ ଅନୁସାରେ ରାଜ୍ୟରେ ପିତୃମାତୃ ହରା ଶିଶୁଙ୍କର ସର୍ଭେ ହୋଇଥିଲା। ସବୁ ଜିଲ୍ଲାରୁ ରିପୋର୍ଟ ମହିଳା ଓ ଶିଶୁ ବିଭାଗ ସଂଗ୍ରହ କରିଥିଲା। ରାଜ୍ୟର ପ୍ରାୟ ସବୁ ଜିଲ୍ଲାରେ ସମାନ ଅବସ୍ଥା। ଫଣ୍ଡ୍ ଅଭାବରୁ ରାଜ୍ୟର ୫ ହଜାର ୮୨୧ ଜଣ ଶିଶୁ ଏହି ସହାୟତାରୁ ବଞ୍ଚିତ ଥିବା ଜଣାପଡ଼ିଛି। ତେବେ ସେମାନେ କାହିଁକି ବଞ୍ଚିତ ଅଛନ୍ତି ଏନେଇ ବିଭାଗ ନିକଟରେ କୌଣସି ଉତ୍ତର ନାହିଁ। ୬ ମାସରୁ ବର୍ଷେ ହେଲାଣି ପିଲାମାନଙ୍କୁ ମିଳିନି ଏହି ସ୍ପନସରସିପ୍ ଟଙ୍କା। ନୂଆ ପିଲାଙ୍କ ନାମ ଯୋଡ଼ାଯାଉ ନାହିଁ। ନିକଟରେ ପୁନର୍ବାର ବିଭାଗ ପକ୍ଷରୁ ସର୍ଭେ କରାଯାଇଛି। ମିଳିଥିବା ତଥ୍ୟ ଅନୁସାରେ ବଲାଙ୍ଗିର ଜିଲ୍ଲାରେ ପ୍ରାୟ ୨ ଶହ ପିଲା ପୂର୍ବରୁ ସ୍ପନସରସିପ୍ ରାଶି ପାଉଥିଲେ। ଏବେ ୬ ମାସରୁ ଅଧିକ ସମୟ ହେଲାଣି ସେମାନଙ୍କୁ ଟଙ୍କା ଦିଆଯାଇନି । ନୂତନ ସର୍ଭେ ଅନୁସାରେ ପ୍ରାୟ ୨ ଶହ ପିଲା ଏହି ସହାୟତା ରାଶି ପାଇବାକୁ ଯୋଗ୍ୟ ହୋଇଛନ୍ତି । ସେହିପରି ଜଗତ୍‌ସିଂହପୁର ଜିଲ୍ଲାରେ ପାଖାପାଖି ୧୫୦ ପିଲା, ସମ୍ବଲପୁର ଜିଲ୍ଲାରେ ପାଖାପାଖି ୩୦୦ପିଲା ଏବଂ ପୁରୀ ଜିଲ୍ଲାରେ ୧୦୦ରୁ ଅଧିକ ପିଲା ସ୍ପନସରସିପ୍ କାର୍ଯ୍ୟକ୍ରମରେ ସାମିଲ ହେବାକୁ ଅନେଇ ବସିଛନ୍ତି । ଅନୁଗୁଳ ଜିଲ୍ଲାରେ ବାତ୍ସଲ୍ୟ ଯୋଜନାରେ ୨୫୮ ପିଲା ଗତ ନଭେମ୍ବରରୁ ପୃଷ୍ଠପୋଷକ ଭତ୍ତା ମିଳିନି । ପିଲାଙ୍କ ପରିବାର ଲୋକେ ବାରମ୍ବାର କାର୍ଯ୍ୟାଳୟକୁ ଦୌଡ଼ିଲେ ମଧ୍ୟ ନା ମିଳୁଛି ଉତ୍ତର ନା ମିଳୁଛି ଆଶ୍ୱାସନା । ସବୁଠାରୁ ବିଡ଼ମ୍ବନା, ବାତ୍ସଲ୍ୟ ଭତ୍ତା ପାଇବାରୁ ବଞ୍ଚିତ ବିଭିନ୍ନ ସ୍ତରରେ ଯଥା ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠ, ଇ-ଗ୍ରିଭାନ୍ସ, ପିଏମ୍‌ଓ ଗ୍ରିଭାନ୍ସ, ଗଣମାଧ୍ୟମ ରିପୋର୍ଟରେ ପ୍ରକାଶିତ ଏବଂ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରୁ ଆସିଥିବା ସତ୍ତ୍ୱେ ଉକ୍ତ ଶିଶୁଙ୍କୁ ଏହି ଟଙ୍କା ମିଳିନି । ୧୮ ବର୍ଷ ବୟସ ପର୍ଯ୍ୟନ୍ତ ମିଶନ୍ ବାତ୍ସଲ୍ୟ ଯୋଜନାରେ ସ୍ପନସରସିପ୍ ଟଙ୍କା ପ୍ରଦାନ ପାଇଁ ବ୍ୟବସ୍ଥା ରହିଛି ।

# ଶୁଦ୍ଧି ହୋଇ ସମାଜରେ ସାମିଲ ହେଲେ ଜିତୁ ମୁଣ୍ଡା



ପାଟଣା, ୬।୫ (ସଂଚାର ବ୍ୟୁରୋ): କଙ୍କାଳ କାନ୍ଧେଇବାରୁ ସମାଜରୁ ବାସନ୍ଦ ଦଣ୍ଡ ମିଳିଥିଲା। ବୁଧବାର ଶୁଦ୍ଧି ହୋଇ ପବିତ୍ର ହେଲେ ଜିତୁ ମୁଣ୍ଡା। ବିଧି ଅନୁଯାୟୀ ଜିତୁ ମୁଣ୍ଡା ହଳଦୀ ଭାତ, ତେଲ ଦେଇ ସାସାନ୍ଦ୍ରରେ କାଲାରା, ବାପା ଓ ମାଆଙ୍କ ଅମର ଆତ୍ମାର ସଦଗତି ପାଇଁ ପ୍ରାର୍ଥନା କରିଛନ୍ତି। ଭଉଣୀଙ୍କୁ ହାତ ଯୋଡି ଭୁଲ୍ ମାଗିଛନ୍ତି। ଆଜି ଜିତୁଙ୍କ ଭଉଣୀ କାଲାରା ମୁଣ୍ଡାଙ୍କ ଦୁଲସୁନୁମ୍ ଅର୍ଥାତ୍ ଦଶାହରେ ଏହି ସବୁ ବିଧି ଶେଷ ହୋଇଛି। ଆଜି ସମାଧି ପାଖରେ ଠିଆ ହୋଇ ବଡ଼ ଭଉଣୀଙ୍କୁ ମନେ ପକାଇ କାନ୍ଦି ପକାଇଥିଲେ ଜିତୁ। ଭାବ ବିହ୍ୱଳ ହୋଇ ଯାଇଥିଲେ। ଲକ୍ଷ ଲକ୍ଷ ଟଙ୍କା କଣ ହେବ ବରଂ ଭଉଣୀ ବଞ୍ଚିଥିଲେ ଭଲ ହୋଇଥାନ୍ତା ବୋଲି କହିଛନ୍ତି ଜିତୁ। ଭଉଣୀର ସ୍ନେହକୁ ମନେ ପକାଉଛନ୍ତି। ପ୍ରକାଶ ଥାଉକି,ଜିତୁ ମୁଣ୍ଡା ଗାଁ ପାଖ ବ୍ୟାଙ୍କକୁ ନିଜ ଭଉଣୀର ଟଙ୍କା ଆଣିବାକୁ ଯାଇଥିଲେ। କିନ୍ତୁ ସେଠାରେ ବ୍ୟାଙ୍କ କର୍ମଚାରୀ ଭଉଣୀଙ୍କ ମୃତ୍ୟୁ ପ୍ରମାଣ ପତ୍ର ବିନା କୌଣସି ଟଙ୍କା ଦିଆଯିବ ନାହିଁ ବୋଲି କହିଥିଲେ। ଏହାପରେ ଜିତୁ ମୁଣ୍ଡା ଗାଁ ମଶାଣିରୁ ଭଉଣୀର ମୃତଦେହ ଖୋଳିଥିଲେ। ଦୀର୍ଘ ୪ କିମିକଙ୍କାଳ ଧରିଚାଲିବା ପରେ ବ୍ୟାଙ୍କଆଗରେ କଙ୍କାଳ ରଖି ଟଙ୍କା ପାଇଁ ବସିଥିଲେ। ଯାହାରାଜ୍ୟରେଚର୍ଚ୍ଚାର ବିଷୟ ପାଲଟିଥିଲା। ଏହାପରେ ମୁଖ୍ୟମନ୍ତ୍ରୀ ଘଟଣାର ତଦନ୍ତ ପାଇଁ ଆରଡିସିଙ୍କୁ ଦାୟିତ୍ୱ ଦେଇଥିଲେ। ଏଥିସହ ଜିତୁଙ୍କୁ ବ୍ୟାଙ୍କରୁ ଟଙ୍କା ମିଳିବା ସହ ସରକାରୀ ସହାୟତା ମିଳିଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପୂର୍ବ ଉପକୂଳର...

ସମ୍ପୂର୍ଣ୍ଣ ପ୍ରସ୍ତୁତ। ଦକ୍ଷିଣ-ପୂର୍ବ ଏସିଆ, ପୂର୍ବ ଏସିଆ ଏବଂ ଇଣ୍ଡୋ-ପାସିଫିକ ଅଞ୍ଚଳ ସହ ଓଡ଼ିଶାର ସାମୁଦ୍ରିକ ବାଣିଜ୍ୟର ବିକାଶ ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ।

ମୁଖ୍ୟମନ୍ତ୍ରୀଙ୍କ ସହ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଏହି ଗସ୍ତରେ ସାମିଲ ହୋଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହ ଓଡ଼ିଶାର ପ୍ରତିନିଧି ଦଳ ମୁନ୍ଦ୍ରା ଶିଳ୍ପାଞ୍ଚଳ ଓ ଏସଇଜେଡ ପରିଦର୍ଶନ କରିଥିଲେ। ସେମାନେ କଣ୍ଟେନର ଜେଟି, ଭେରି ଲାର୍ଜ କ୍ରୁଡ୍ କ୍ୟାରିଅର୍ (ଭିଏଲସିସି) ଜେଟି, ତମ୍ବା ଉତ୍ପାଦନ ୟୁନିଟ୍, ସୌର ସେଲ୍ ଓ ପବନ ଚାଳିତ ଟର୍ବାଇନ ଉପକରଣ ନିର୍ମାଣ କେନ୍ଦ୍ରଗୁଡ଼ିକ ବୁଲି ଦେଖିଥିଲେ। ଶିଳ୍ପପତିମାନଙ୍କୁ ଓଡ଼ିଶାର ନିବେଶ ସ୍ଥିତି ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ବର୍ତ୍ତମାନ ସୁଦ୍ଧା ୮.୩୭ ଲକ୍ଷ କୋଟି ଟଙ୍କାର ୪୩୩ଟି ନିବେଶ ପ୍ରସ୍ତାବ ଅନୁମୋଦିତ ହୋଇଛି। ସେଥିମଧ୍ୟରୁ ୨.୮୬ ଲକ୍ଷ କୋଟି ଟଙ୍କାର ୧୪୮ଟି ପ୍ରକଳ୍ପର କାର୍ଯ୍ୟ ଇତିମଧ୍ୟରେ ଆରମ୍ଭ ହୋଇସାରିଛି।

ଏହି ଅବସରରେ ଶିଳ୍ପ ମନ୍ତ୍ରୀ କହିଥିଲେ, 'ମୁଁ ପାରାଦୀପ ମାଟିର ସନ୍ତାନ ଓ ପାରାଦୀପ କିଭଳି ଓଡ଼ିଶାର ଅର୍ଥନୈତିକ ଅଭିବୃଦ୍ଧିରେ ପରିବର୍ତ୍ତନ ଆଣିଛି, ତାହା ମୁଁ ନିଜେ ଦେଖିଛି। ଆଜି ଆମେ ସେହି ମୂଳଦୁଆ ଉପରେ ବନ୍ଦରଭିତ୍ତିକ ଶିଳ୍ପାୟନର ଏକ ନୂତନ ପର୍ଯ୍ୟାୟ ଆରମ୍ଭ କରୁଛୁ'।

ସୂଚନାଯୋଗ୍ୟ ଯେ ଧାମରା, ପାରାଦୀପ ଓ ଗୋପାଳପୁର ଭଳି ପ୍ରମୁଖ ବନ୍ଦରଗୁଡ଼ିକ ସହ ଓଡ଼ିଶା ଭାରତର ପୂର୍ବ ଉପକୂଳରେ ବିକାଶର ଏକ ପ୍ରଭାବଶାଳୀ ଇଞ୍ଜିନ୍ ଭାବେ ଉଭା ହେଉଛି। ଏହି ଗସ୍ତ ଦ୍ୱାରା ବନ୍ଦର-ଭିତ୍ତିକ ଶିଳ୍ପାୟନ ଉପରେ ଓଡ଼ିଶାର ରଣନୈତିକ ଗୁରୁତ୍ୱ ବୃଦ୍ଧି ପାଇଛି। ଉପକୂଳ ଭିତ୍ତିଭୂମି ରାଜ୍ୟର ଅର୍ଥନୈତିକ ସମ୍ପ୍ରସାରଣର ମେରୁଦଣ୍ଡ ଭାବେ ଉଭା ହେଉଛି। ଶିଳ୍ପ କରିଡର, ଲଜିଷ୍ଟିକ୍ ହବ୍ ଏବଂ ସ୍ୱତନ୍ତ୍ର ଅର୍ଥନୈତିକ ଅଞ୍ଚଳ (ଏସଇଜେଡ) ମାଧ୍ୟମରେ ଓଡ଼ିଶା ଏଭଳି ଏକ ସମନ୍ୱିତ ବ୍ୟବସ୍ଥା ଗଠନ କରୁଛି, ଯାହା ଓଡ଼ିଶାର ଉତ୍ପାଦନ କ୍ଷେତ୍ରକୁ ବିଶ୍ୱ ବଜାର ସହ ସହଜରେ ଯୋଡ଼ିପାରିବ।

### ମୁଖ୍ୟମନ୍ତ୍ରୀଙ୍କୁ ଚିଠି...

ଏଥିସହ ମହିଳା ଧାରଣାରେ ବସିଥିବା ସମୟରେ ପୁଲିସ ପକ୍ଷରୁ ପୂର୍ବରୁ କାହିଁକି ପ୍ରତିରୋଧମୂଳକ ପଦକ୍ଷେପ ନିଆଯାଇନଥିଲା, ସେନେଇ ମଧ୍ୟ ତଦନ୍ତ କରିବାକୁ ନବୀନ ଦାବି କରିଛନ୍ତି। ଆଗାମୀ ଦିନରେ ଏପରି ଘଟଣାର ପୁନରାବୃତ୍ତି ରୋକିବା ପାଇଁ କଡ଼ା ପଦକ୍ଷେପର ଆବଶ୍ୟକତା ରହିଛି ବୋଲି ସେ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି।

### ଜନଗଣନାରେ ବାଧା...

ସେପଟେ ପୂର୍ବରୁ ପ୍ରଥମ ପର୍ଯ୍ୟାୟ ଜନଗଣନା ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଏସଓପି ଜାରି କରାଯାଇଥିଲା। ଜନଗଣନା କାର୍ଯ୍ୟରେ ନିୟୋଜିତ ଅଧିକାରୀ ଓ କର୍ମଚାରୀମାନଙ୍କ ସୁରକ୍ଷା ଏବଂ ନିରାପତ୍ତା ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ଏସଓପି ଜାରି ହୋଇଥିଲା। ଏନେଇ ରାଜସ୍ୱ ବିଭାଗ ପକ୍ଷରୁ ସବୁ ଜିଲ୍ଲାପାଳ, ଏସପି ଓ ମ୍ୟୁନିସିପାଲ କମିଶନରଙ୍କୁ ଚିଠି ପଠାଯାଇଥିଲା।

### ୧୦-୧୫ ମଧ୍ୟରେ...

ଗ୍ଲୋବାଲ ଫୋରକାଷ୍ଟ ସିଷ୍ଟମ୍ ତା'ର ରିପୋର୍ଟରେ ଦର୍ଶାଇଛି। ଏହା ଆହୁରି ଘନୀଭୂତ ହୋଇ ଘୂର୍ଣ୍ଣିଝଡ଼ ସୃଷ୍ଟି କରିପାରେ ବୋଲି ମଡେଲ ଚିତ୍ରରୁ ଅନୁମାନ କରାଯାଉଛି। ତେବେ ଏଭଳି ଘଟଣା ସମ୍ପର୍କରେ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ପକ୍ଷରୁ ସରକାରୀ ଭାବେ ଏଯାଏ କିଛି କୁହାଯାଇନାହିଁ। ପାଣିପାଗ ବିଶେଷଜ୍ଞମାନେ କହିଛନ୍ତି ଯେ, ବାସ୍ତବିକ କ'ଣ ଘଟିବାକୁ ଯାଉଛି ତାହା ଏବେଠାରୁ କୁହାଯାଇପାରିବ ନାହିଁ। ବର୍ତ୍ତମାନ କେନ୍ଦ୍ରୀୟ ଭାରତରେ ଏକ ଟ୍ରଫ୍ ଲାଇନ ରହିଛି। ଏହା ପ୍ରଭାବରେ ରାଜ୍ୟରେ କାଳବୈଶାଖୀ ବର୍ଷା ଲାଗି ରହିଛି। ୧୧ ତାରିଖ ବେଳକୁ ଟ୍ରଫ୍‌ଲାଇନ ଦୁର୍ବଳ ହେବା ପରେ ଲଘୁଚାପର କ୍ଷେତ୍ର କେଉଁ ଆଡକୁ ଗତି କରିବ ତାହା ସ୍ପଷ୍ଟ ହୋଇପାରିବ। ଅପରପକ୍ଷରେ, ମେ' ୧୦ରୁ ୧୫ ତାରିଖ ମଧ୍ୟରେ ବଙ୍ଗୋପସାଗରରେ ନିମ୍ନ-ଚାପ ପ୍ରଣାଳୀ ସୃଷ୍ଟି ହେବ ବୋଲି ଅନେକ ବିଶ୍ୱ ପାଣିପାଗ ମଡେଲ ସୂଚନା ଦେଇଛନ୍ତି।

### ଆପାର୍ଟମେଣ୍ଟରେ ଅଗ୍ନିକାଣ୍ଡ...

ଅନ୍ୟପକ୍ଷରେ ତେଜେଶ୍ୱରୀ ଖରାଛୁଟି କାଟିବା ସକାଶେ ତେଜେଶ୍ୱରୀ କିଛି ଦିନ ତଳେ ଜେଜେବାପା-ଜେଜେମା'ଙ୍କ ପାଖକୁ ଆସିଥିଲେ। କିନ୍ତୁ ତାଙ୍କର ଏହି ଖରାଛୁଟି ଶେଷ ଛୁଟି ସାବ୍ୟସ୍ତ ହୋଇଛି। ବିଶ୍ୱନାଥଙ୍କ ସହ ସୁଲଭା ଓ ତେଜେଶ୍ୱରୀ ନିଆଁ ଲାଗିବା କ୍ଷଣି ବାହାରକୁ ଚାଲିଆସିଥିଲେ ମଧ୍ୟ ଆପାର୍ଟମେଣ୍ଟର ଅନ୍ୟ ଲୋକମାନଙ୍କୁ ରକ୍ଷା କରିବା ସକାଶେ ବିଶ୍ୱନାଥ ଓ ସୁଲଭା ଉପର ମହଲାକୁ ଯାଇଥିବା ସମୟରେ ସେଠାରେ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି।

### ଡ୍ରପ୍-ଆଉଟ୍ କମାଇବାକୁ...

ବରଂ ସମସ୍ତ ଛାତ୍ରଛାତ୍ରୀଙ୍କୁ ଏଥିରେ ସାମିଲ କରି ସେମାନଙ୍କ ମଧ୍ୟରେ ପରିବେଶ ସଚେତନତା ସୃଷ୍ଟି କରିବା ଆମର ଦାୟିତ୍ୱ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଏହି ଅବସରରେ ଦିଲ୍ଲୀ ଶିକ୍ଷା ମନ୍ତ୍ରୀ ଆଶିଷ ସୁଦ, ଛତିଶଗଡ଼ ସ୍କୁଲ ଶିକ୍ଷା ମନ୍ତ୍ରୀ ଗଜେନ୍ଦ୍ର ଯାଦବ, ବିଶିଷ୍ଟ ଶିକ୍ଷାବିତ୍ ଓ ଶିକ୍ଷକମାନେ ଉପସ୍ଥିତ ଥିଲେ।

### ଦଳଦ୍ରୋହୀଙ୍କୁ ଦେଖାଇଲେ...

ବନିଯାଇଛନ୍ତି। କିନ୍ତୁ ସେମାନେ ଦଳ ପାଇଁ ସମର୍ପିତ ନ ହୋଇ ଦଳବିରୋଧୀ କାର୍ଯ୍ୟ କରୁଛନ୍ତି। ସେହିଭଳି ନେତାଙ୍କୁ ନବୀନ ପରୋକ୍ଷରେ ନାଲି ଆଖି ଦେଖାଇଛନ୍ତି। ନବୀନଙ୍କ ଏହି ନାଲି ଆଖି କ୍ରୀତଦାସଙ୍କ ପ୍ରତି ଉଦ୍ଦିଷ୍ଟ ଥିଲା ବୋଲି କିଛି ପଞ୍ଚାୟତ ପ୍ରତିନିଧି ସୂଚନା ଦେଇଛନ୍ତି। ବୋଧହୁଏ ସେଇଥିପାଇଁ ଯାଜପୁରରେ ଅନୁଷ୍ଠିତ କାର୍ଯ୍ୟକାରିଣୀ ନେଇ ଦଳ ପକ୍ଷରୁ ମଧ୍ୟ କୌଣସି ସୂଚନା ଦିଆଯାଇନାହିଁ।

### ଶାହ, ମୋହନଙ୍କ...

କ୍ରମେ ତାଙ୍କୁ ବିଧାୟକ ଦଳ ନେତା ବଛାଯିବ। ଏହାପରେ ଶୁଭେନ୍ଦୁ, ଶମିକ ଭଟ୍ଟାଚାର୍ଯ୍ୟ ଓ ଦଳର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ସୁନୀଲ ବଂଶଲ ରାଜଭବନ ଯାଇ ସରକାର ଗଠନ ନେଇ ଦାବି ଉପସ୍ଥାପନ କରିବେ। ଆସନ୍ତା ୯ ତାରିଖରେ ରବୀନ୍ଦ୍ରନାଥ ଟାଗୋରଙ୍କ ଜନ୍ମ ଜୟନ୍ତୀ ଅବସରରେ ବେଙ୍ଗଲରେ ନୂଆ ସରକାରର ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ ବୋଲି ଜାତୀୟ ଗଣମାଧ୍ୟମକୁ ଦଳର ରାଜ୍ୟ ସଭାପତି ସୂଚନା ଦେଇଛନ୍ତି।

ବେଙ୍ଗଲରେ ପ୍ରଚାର ଶେଷ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସାମ ଗସ୍ତ କରିବା ପୂର୍ବରୁ ସରକାର ଗଠନ ପାଇଁ ମେ' ୪ ତାରିଖ ପରେ ପୁଣି ଆସିବେ ବୋଲି କହିଥିବାରୁ ଶପଥ ଗ୍ରହଣ ସମାରୋହରେ ସେ ଯୋଗଦେବାର ଯଥେଷ୍ଟ ସମ୍ଭାବନା ରହିଛି। ଏଥିସହ ପ୍ରଥମ ଥର ପାଇଁ ପଶ୍ଚିମବଙ୍ଗରେ ବିଜେପି ସରକାର ଗଠନ କରୁଥିବାରୁ ବହୁ କେନ୍ଦ୍ର ମନ୍ତ୍ରୀ ଓ ଅନ୍ୟ ରାଜ୍ୟର ମୁଖ୍ୟମନ୍ତ୍ରୀ ମଧ୍ୟ ଏଥିରେ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି। ଯଦିଓ ମୁଖ୍ୟମନ୍ତ୍ରୀ ରେସରେ ଅନ୍ୟ ବହୁ ନେତାଙ୍କ ନାଁ ବି ଚର୍ଚ୍ଚା ହେଉଛି, କିନ୍ତୁ ଏହି ଦୌଡ଼ରେ ଶୁଭେନ୍ଦୁ ସମସ୍ତଙ୍କ ଆଗରେ ରହିଛନ୍ତି।

# ୧୦୦ ବର୍ଷ ଯାଏ ବଙ୍ଗଳାରେ ବିଜେପି ରହିବ: ଶୁଭେନ୍ଦୁ



କୋଲକାତା,୬।୫(ସଂଚାର ବ୍ୟୁରୋ): ୧୦୦ ବର୍ଷ ପର୍ଯ୍ୟନ୍ତ ପଶ୍ଚିମବଙ୍ଗରେ ବିଜେପି ରହିବ ବୋଲି ବୁଧବାର ନନ୍ଦିଗ୍ରାମରୁ ଲଗାତାର ତୃତୀୟଥର ବିଜୟ ହାସଲ କରିଥିବା ବିଜେପି ନେତା ଶୁଭେନ୍ଦୁ ଅଧିକାରୀ କହିଛନ୍ତି। ଏହା ସହିତ ସେ ଦଳୀୟ କର୍ମୀମାନଙ୍କୁ ଶାନ୍ତି ବଜାୟ ରଖିବାକୁ ତଥା ହିଂସାରୁ ନିବୃତ୍ତ ରହିବାକୁ ଅନୁରୋଧ କରିଛନ୍ତି। ଶୁଭେନ୍ଦୁ ଅଧିକାରୀ କହିଛନ୍ତି ଯେ ନନ୍ଦିଗ୍ରାମର ଲୋକଙ୍କ ପ୍ରତି ତାଙ୍କର ଋଣ ଅଛି ଏବଂ ବିକାଶ କାର୍ଯ୍ୟଗୁଡ଼ିକୁ ପ୍ରାଥମିକତା ଦିଆଯିବ। ସେ ଭବିଷ୍ୟତରେ ଭିତ୍ତିଭୂମି, ସ୍ୱାସ୍ଥ୍ୟସେବା ଏବଂ ପାନୀୟ ଜଳ ସହିତ ଜଡିତ ପ୍ରମୁଖ ପ୍ରକଳ୍ପ ପ୍ରଚଳନ ସମ୍ପର୍କରେ ମଧ୍ୟ ପ୍ରତିଶ୍ରୁତି ଦେଇଛନ୍ତି।

# ଏବିଭିପି ଓ ଡିଏସ୍‌ଓ ସମର୍ଥକଙ୍କ ମଧ୍ୟରେ ସଂଘର୍ଷ, ଜଣେ ଆହତ

କୋଲକାତା,୬।୫(ସଂଚାର ବ୍ୟୁରୋ): କୋଲକାତା ବିଶ୍ୱବିଦ୍ୟାଳୟରେ ଏଆଇଡିଏସ୍‌ଓ ଓ ଏବିଭିପି ସମର୍ଥକଙ୍କ ମଧ୍ୟରେ ସଂଘର୍ଷରେ ଡିଏସଓ ସମର୍ଥକ ଆହତ ହୋଇଥିବା ଅଭିଯୋଗ ହୋଇଛି। ଏଆଇଡିଏସ୍‌ଓଙ୍କ ସମର୍ଥକମାନେ ଦାବି କରିଛନ୍ତି ଯେ ଏବିଭିପି ସଦସ୍ୟମାନେ କଲେଜ ଷ୍ଟ୍ରିଟ୍ କ୍ୟାମ୍ପସରେ ପ୍ରବେଶ କରି ଡିଏସ୍‌ଓର ଫେଷ୍ଟୁନ୍ ଓ ବ୍ୟାନର ଚିରି ପକାଇଥିଲେ। ଶିବମ୍ ମଣ୍ଡଳ ନାମକ ଜଣେ ଡିଏସ୍‌ଓ ସମର୍ଥକ ହସ୍ତକ୍ଷେପ କରିବାରୁ ତାଙ୍କ ମାଡ଼ ମାରିଥିଲେ। ତାଙ୍କ ମୁଣ୍ଡରେ ଆଘାତ ଲାଗିଛି। ତାଙ୍କୁ ତୁରନ୍ତ କୋଲକାତା ମେଡିକାଲ କଲେଜକୁ ନିଆଯାଇଥିଲା। ସେଠାରେ ତାଙ୍କ ମୁଣ୍ଡରେ ଚାରୋଟି ଷ୍ଟିଚ୍ ପଡ଼ିଥିଲା। ଅନିକ୍ ଦେ ନାମକ ଆଉ ଜଣେ ଛାତ୍ରର ଡାହାଣ ଆଖିରେ ଆଘାତ ହେବାରୁ ସେ ଦୃଷ୍ଟିଶକ୍ତି ହରାଇଛନ୍ତି ବୋଲି ଡିଏସ୍‌ଓ ଦାବି କରିଛି। ସେହିପରି ରାଜାବଜାର ବିଜ୍ଞାନ କଲେଜ ପରିସରରେ ପ୍ରବେଶ କରିବାକୁ ଚେଷ୍ଟା କରିବା ସମୟରେ ଏବିଭିପି ସମର୍ଥକମାନେ ପ୍ରତିରୋଧର ସମ୍ମୁଖୀନ ହୋଇଥିଲେ। ଆଶୁତୋଷ କଲେଜରେ କିଛି ବାହାର ଲୋକ ପରିସରରେ ପ୍ରବେଶ କରି ବିଜେପି ପତାକା ଲଗାଇଥିବା ଜଣାପଡ଼ିଛି।

# ନିର୍ବାଚନ ପରବର୍ତ୍ତୀ ହିଂସାରେ ୮୦ ଜଣ ଗିରଫ



କୋଲକାତା, ୬।୫ (ସଂଚାର ବ୍ୟୁରୋ): ଲାଲବଜାର ସହରରେ ନିର୍ବାଚନ ପରବର୍ତ୍ତୀ ହିଂସା ଅଭିଯୋଗରେ ୮୦ ଜଣଙ୍କୁ ଗିରଫ କରାଯାଇଛି। ଦେଶର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ପରିସ୍ଥିତିର ମୁକାବିଲା ପାଇଁ ସେ ନବାନ୍ନର ଉଚ୍ଚ ପଦାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଦିଲ୍ଲୀରେ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ପାଇବାର କିଛି ଘଣ୍ଟା ମଧ୍ୟରେ ପୋଲିସ କମିଶନର ଏକ ସାମ୍ବାଦିକ ସମ୍ମିଳନୀ କରି ଅଶାନ୍ତି ସୃଷ୍ଟି କରିବାକୁ ଚେଷ୍ଟା କରୁଥିବା ଲୋକଙ୍କ ବିରୁଦ୍ଧରେ କଡ଼ା ଚେତାବନୀ ଦେଇଛନ୍ତି। ଏହା ସହିତ ସେ ସାଧାରଣ ଜନତାଙ୍କୁ ଗୁଜବରେ ଧ୍ୟାନ ନଦେବାକୁ ନିବେଦନ କରିଛନ୍ତି। ସିପି କହିଛନ୍ତି ଆମର ନିର୍ବାଚନ ପ୍ରକ୍ରିୟା ମୁକ୍ତ ଏବଂ ଶାନ୍ତିପୂର୍ଣ୍ଣ ହୋଇଛି। ହିଂସାର ବାତାବରଣ ସୃଷ୍ଟି କରିବାକୁ କୌଣସି ପ୍ରୟାସ କରାଗଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସାରା ସହରରେ ୬୫ କମ୍ପାନୀ କେନ୍ଦ୍ରୀୟ ବାହିନୀ ମୁତୟନ କରାଯାଇଛି, ଏବଂ ୪୦ଟି କ୍ୱିକ୍ ରେସପନ୍ସ ଟିମ୍ ବର୍ତ୍ତମାନ ପାଟ୍ରୋଲିଂରେ ଅଛନ୍ତି। ଏହା ସହିତ ୩୦୦ ରୁ ଅଧିକ ପୋଲିସ କର୍ମଚାରୀ ପ୍ରସ୍ତୁତ ଅଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ପୋଲିସର ଅନୁମତି ବିନା କୌଣସି ଶୋଭାଯାତ୍ରା କରାଯାଇପାରିବ ନାହିଁ। ବିଶେଷକରି, ବୁଲଡୋଜର ସହିତ ଶୋଭାଯାତ୍ରା ନିଷେଧ କରାଯିବା ସହ ମାଲିକମାନଙ୍କୁ ସେମାନଙ୍କର ବୁଲଡୋଜର ଭଡା ନଦେବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି।

# ତୃଣମୂଳ ନେତାଙ୍କ ଘରେ ଆକ୍ରମଣ ଅଭିଯୋଗ

କୋଲକାତା, ୬।୫ (ସଂଚାର ବ୍ୟୁରୋ): ରାଜ୍ୟର ବିଦାୟୀ ମନ୍ତ୍ରୀ ତୃଣମୂଳ ନେତା ଶୋଭନଦେବ ଚଟ୍ଟୋପାଧ୍ୟାୟଙ୍କ ବାସଭବନ ଉପରେ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ବିଳମ୍ବିତ ରାତିରେ କିଛି ବ୍ୟକ୍ତି ତାଙ୍କ ଘରେ ପଶିଥିବା ଶ୍ରୀ ଚଟ୍ଟୋପାଧ୍ୟାୟ ଅଭିଯୋଗ କରିଛନ୍ତି। ଗଣମାଧ୍ୟମକୁ ସେ କହିଛନ୍ତି ଯେ, ଦୁର୍ବୃତ୍ତମାନେ ତାଙ୍କ ଫାଟକ ଭାଙ୍ଗିବାକୁ ଚେଷ୍ଟା କରିଥିଲେ। ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ ଓ ଘର ଉପରକୁ ଇଟା ଫିଙ୍ଗିଥିଲେ। ପାଟ୍ରୋଲିଂ ଗାଡ଼ି ସୁରକ୍ଷାକର୍ମୀ ଆସିବା ଦେଖି ସେମାନେ ଚାଲି ଯାଇଥିଲେ। ପାଟ୍ରୋଲିଂ ଗାଡ଼ି ଚାଲିଯିବା ପରେ ସେମାନେ ମୋ ଘର ଭିତରକୁ ପଶି ଆସିଥିଲେ ବୋଲି ସେ ଅଭିଯୋଗ କରିଛନ୍ତି।

# ବିଜେପି ସମର୍ଥକଙ୍କ ଗୁଳିମାଡ଼ରେ ୩ ପୁଲିସ ଆହତ

କୋଲକାତା, ୬।୫ (ସଂଚାର ବ୍ୟୁରୋ): ନ୍ୟାଜାଟ ଥାନା ଅନ୍ତର୍ଗତ ୧୪ ନମ୍ବର ବାମନଘେରି ଅଞ୍ଚଳରେ ତୃଣମୂଳ କର୍ମୀ ଏବଂ ସମର୍ଥକଙ୍କ ଘର ଭଙ୍ଗାରୁଜାକୁ ରୋକିବା ପାଇଁ ଯାଇଥିବା ବେଳେ ନ୍ୟାଜାଟ ଥାନାର ଭାରପ୍ରାପ୍ତ ଅଧିକାରୀ ଭରତ ପ୍ରସୂନ ପୁରକୈତ, ରାଜବାଡି ପୋଲିସ ଫାଣ୍ଡିର ସବ-ଇନ୍ସପେକ୍ଟର ଏବଂ ଅନ୍ୟଜଣେ ପୋଲିସ କର୍ମଚାରୀ ଗୁଳିମାଡ଼ରେ ଆହତ ହୋଇଛନ୍ତି। ଅଭିଯୋଗ ଅନୁଯାୟୀ, ମଙ୍ଗଳବାର ରାତିରେ ବିଜେପି ସମର୍ଥୀତ ଏକ ଗୋଷ୍ଠୀ ତୃଣମୂଳ କର୍ମୀ ଏବଂ ସମର୍ଥକଙ୍କ ଘର ଭାଙ୍ଗିବାକୁ ପହଞ୍ଚିଥିଲେ। ସୂଚନା ପାଇ ନ୍ୟାଜାଟ ଥାନାର ଭାରପ୍ରାପ୍ତ ଅଧିକାରୀ ଅନ୍ୟ ଦୁଇ ଜଣ ପୋଲିସ କର୍ମଚାରୀ ଏବଂ ସିଆର୍‌ପିଏଫ୍ ଯବାନଙ୍କ ସହିତ ଘଟଣାସ୍ଥଳରେ ପହଞ୍ଚିଥିଲେ। ବିଜେପି କର୍ମୀମାନେ ପୋଲିସ ଉପରକୁ ଗୁଳି ଚଳାଇଥିବା ଅଭିଯୋଗ ହୋଇଛି। ଫଳରେ ଜଣେ ମହିଳା କନଷ୍ଟେବଳଙ୍କ ସମେତ ୩ଜଣ ଆହତ ହୋଇଛନ୍ତି। କୋଲକାତାର ନ୍ୟାସନାଲ ମେଡିକାଲ କଲେଜରେ ସେମାନଙ୍କୁ ଭର୍ତ୍ତି କରାଯାଇଛି।

# ଜିଲ୍ଲାସ୍ତରୀୟ ସନ୍ତରଣ ଟାଇମ୍ ଟ୍ରାଏଲ

ସତ୍ୟବାଦୀ, ୬।୫ (ସଂଚାର ବ୍ୟୁରୋ) : ଆସନ୍ତା ୯ ରିଖରେ ଖୋର୍ଦ୍ଧା ଜିଲ୍ଲା ସ୍ତରୀୟ ମହିଳା ଏବଂ ପୁରୁଷ ବର୍ଗର ସନ୍ତରଣ ଟାଇମ୍ ଟ୍ରାଏଲ ପାଇଁ ଖୋର୍ଦ୍ଧା ଭୁବନେଶ୍ୱର ଜିଲ୍ଲା ଆକ୍ୱାଟିକ ସଂଘ, ଭୁବନେଶ୍ୱର ପକ୍ଷରୁ ସୂଚନା ମିଳିଛି। ଏହି ସନ୍ତରଣ ଟାଇମ ଟ୍ରାଏଲ କଳିଙ୍ଗ ଷ୍ଟାଡିୟମ ସ୍ଥିତ ଆକ୍ୱାଟିକ କେନ୍ଦ୍ର ସନ୍ତରଣାଗାର ଠାରେ ଅନୁଷ୍ଠିତ ହେବ। ୧୪ ବର୍ଷରୁ ଉର୍ଦ୍ଧ୍ୱ ଇଚ୍ଛୁକ ପ୍ରତିଯୋଗୀ ମାନେ ୭ତାରିଖ ମଧ୍ୟରେ ନିଜର ଏସ୍‌ଏଫ୍‌ଆଇ ୟୁଆଇଡି କାର୍ଡ ଦେଇ ସନ୍ତରଣାଗାର ଠାରେ ସ୍ୱତନ୍ତ୍ର ଫର୍ମ ପୂରଣ କରି ଭାଗ ନେଇ ପାରିବେ। ଏଥି ନିମିତ୍ତ ଭାରତୀୟ ସନ୍ତରଣ ମହାସଂଘ ତରଫରୁ ସନ୍ତରଣବିତ ପରିଚୟ ପତ୍ର ହାସଲ କରିବା ବାଧ୍ୟତାମୂଳକ ଭାବେ ଲାଗୁ କରାଯାଇଅଛି । ଏହି ସନ୍ତରଣ ଟାଇମ୍ ଟ୍ରାଏଲରେ ଉଲ୍ଲେଖନୀୟ ପ୍ରଦର୍ଶନ କରୁଥିବା ସନ୍ତରଣବିତ ମାନଙ୍କୁ ଆସନ୍ତା ୧୬ ଠାରୁ ୧୭ ତାରିଖପର୍ଯ୍ୟନ୍ତ ଓଡ଼ିଶା ରାଜ୍ୟ ସ୍ତରୀୟ ମହିଳା ଏବଂ ପୁରୁଷ ବର୍ଗର ସନ୍ତରଣ ପ୍ରତିଯୋଗୀତା ଲାଗି ମନୋନୟନ କରାଯିବାକୁ ବ୍ୟବସ୍ଥା ରହିଛି ବୋଲି ଅନୁଷ୍ଠାନ ସମ୍ପାଦକ ଶ୍ରୀ ଗୌରୀଶକର ରଥ ଅନୁଷ୍ଠାନ ପକ୍ଷରୁ ସୂଚନା ଦେଇଛନ୍ତି।

# ହ୍ୱାଟ୍ସଆପ୍‌ରୁ ହଟିବ ଅବ୍‌ତାର ଅପ୍ସନ

ଭୁବନେଶ୍ୱର,୬।୫ (ସଂଚାର ବ୍ୟୁରୋ) : ହ୍ୱାଟ୍ସଆପ୍‌ରେ ଥିବା ଅବ୍‌ତାର ଅପ୍ସନ ଯୁବପିଢ଼ିଙ୍କ ପ୍ରଥମ ପସନ୍ଦ ଥିବା ବେଳେ କମ୍ପାନୀ ଏହି ଫିଚରକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି। ୟୁଜରମାନେ ଆଉ ତାଙ୍କ ପ୍ରୋଫାଇଲ୍ ଫଟୋରେ ଡିଜିଟାଲ୍ ଅବତାର କିମ୍ବା ଷ୍ଟିକର ଲଗାଇ ପାରିବେ ନାହିଁ। ଅବତାର ଅପ୍ସନକୁ ହ୍ୱାଟ୍ସଆପ୍ ତା'ର ସେଟିଂ, ଚାଟ୍ ଇନ୍‌ଫୋ ସ୍କ୍ରିନ୍ ଏବଂ କି'ବୋର୍ଡ ଆଦିରୁ ହଟାଇଦେବ। ପ୍ରଥମେ କମ୍ପାନୀ ଏହି ଫିଚରକୁ ଖୁବ୍ ପ୍ରମୋସନ କରୁଥିଲା। ୟୁଜର୍ସ ସେମାନଙ୍କ ଚେହେରା, ହେୟାରଷ୍ଟାଇଲ୍, ପୋଷାକ ଏବଂ ଏକ୍ସପ୍ରେସନ ହିସାବରେ ଅବତାର କଷ୍ଟମ କରୁଥିଲେ। ଏହା ସହ ଅବତାର ଷ୍ଟିକର ଏବଂ ଆନିମେସନ ଭଳି ଫିଚର ମଧ୍ୟ ଯୋଡ଼ା ହୋଇଥିଲା। ଚାଟିଂ ମଜାଦାର ଲାଗୁଥିଲା। ତେବେ ଅନେକ ଅପଡେଟ୍ ସତ୍ତ୍ୱେ ଏହି ଫିଚରଟି ସେତେବେଶି ଲୋକପ୍ରିୟତା ହାସଲ କରିପାରିଲାନାହିଁ।

# ପ୍ରଶାସନିକ ପ୍ରଶ୍ରୟ ଯୋଗୁ ବାଲି ମାଫିଆଙ୍କ ଦୌରାତ୍ମ୍ୟ ବଢ଼ୁଛି





ଭୁବନେଶ୍ୱର,୬।୫(ସଂଚାର ବ୍ୟୁରୋ): ବୁଧବାର ପୁରୀ ଜିଲ୍ଲା ସତ୍ୟବାଦୀରେ କ୍ରମାଗତ ବୃଦ୍ଧି ପାଉଥିବା ହିଂସାତ୍ମକ କାର୍ଯ୍ୟକଳାପକୁ ନେଇ କଂଗ୍ରେସ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ଯୋଗଦେଇ ସ୍ଥାନୀୟ ରାଜନୈତିକ ନେତୃବୃନ୍ଦ ତଥା ପୁରୀ ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟକୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ଜଗନ୍ନାଥ ଧାମ ପୁରୀ ଏକ ଶାନ୍ତ ଓ ଆଧ୍ୟାତ୍ମିକ ସ୍ଥାନ। ସମସ୍ତ ଓଡ଼ିଆଙ୍କ ପରିଚୟ। କିନ୍ତୁ ଦୁଃଖର କଥା ପୁରୀ ଜିଲ୍ଲା ବିଶେଷ କରି ସତ୍ୟବାଦୀରେ ଅପରାଧୀକ କାର୍ଯ୍ୟ ଅହେତୁକ ବୃଦ୍ଧି ପାଇଛି। ବିଗତ ବିଜେଡି ସରକାରଙ୍କ ସମୟରେ ଅପରାଧ ଆରମ୍ଭ ହୋଇଥିଲା। ଆମେ ସତ୍ୟବାଦୀରେ ତିନିଥର ପ୍ରତିନିଧିତ୍ୱ କରିଥିଲୁ। ଆମର ମନୋବଳ ଯୋଗୁଁ ସତ୍ୟବାଦୀ ହିଂସାଠାରୁ ଅନେକ ଦୂରରେ ଥିଲା। ସତ୍ୟବାଦୀରେ ବାଲି ମାଫିଆଙ୍କ ଯୋଗୁଁ ଆଜି ଏ ଅଞ୍ଚଳ ଅପରାଧ ପ୍ରବଣ ପାଲଟିଛି। ଦୁଇ ବାଲି ମାଫିଆ ଗୋଷ୍ଠୀଙ୍କ ମଧ୍ୟରେ ଆକ୍ରମଣ ଓ ପ୍ରତି ଆକ୍ରମଣ ଯୋଗୁଁ କଣାସରେ ଏକ ହୃଦୟ ବିଦାରକ ଘଟଣା ଘଟିଲା। ଉଭୟ ଗୋଷ୍ଠୀଙ୍କ ନାମରେ ମାମଲା ଥିବା ପୁରୀ ଆରକ୍ଷୀ ଅଧିକ୍ଷକ କହୁଥିବା ବେଳେ ସେମାନଙ୍କୁ ଅନୁମତି କିପରି ମିଳିଛି ବୋଲି ସେ ପ୍ରଶ୍ନ କରିଛନ୍ତି। ଘଟଣା ଘଟିବା ପରେ ମଧ୍ୟ ଏଯାଏ ପୁଲିସ ମାଫିଆଙ୍କୁ ଗିରଫ କରି ପାରିନି। କାହା ଚାପରେ ପୁଲିସ ଚାପି ହୋଇ ରହିଛି ବୋଲି ଶ୍ରୀ ହରିଚନ୍ଦନ ପଚାରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ପିସିସି ମିଡ଼ିଆ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ, ସତ୍ୟବାଦୀ ବ୍ଲକ କଂଗ୍ରେସ ସଭାପତି ସୁବାଷ ଚନ୍ଦ୍ର ମହାପାତ୍ର ଓ କଣାସ ବ୍ଲକ କଂଗ୍ରେସ ସଭାପତି ତ୍ରିନାଥ ଛୋଟରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ୧୦ ବର୍ଷ ହେଲା ଯନ୍ତ୍ରଣାରେ ଛଟପଟ ହେଉଛି ଫୈଜଲ

ନବରଙ୍ଗପୁର,୬।୫(ସଂଚାର ବ୍ୟୁରୋ): ଜନ୍ମରୁ ନାହିଁ ମଳଦ୍ୱାର। ଦୀର୍ଘ ୧୦ ବର୍ଷ ହେଲା ଯନ୍ତ୍ରଣାରେ ଛଟପଟ ହେଉଛି ଶିଶୁଟିଏ। ଅସ୍ତ୍ରୋପଚାର ପରେ ଅସ୍ତ୍ରୋପଚାର ହେଉଛି। ଚିକିତ୍ସା ପାଇଁ ଲକ୍ଷାଧିକ ଟଙ୍କା କରଜ ପରେ ବି ସ୍ୱାସ୍ଥ୍ୟାବସ୍ଥାରେ ଆସିନି କୌଣସି ସୁଧାର। ଶେଷରେ ଅଧିକ ଚିକିତ୍ସା ପାଇଁ ଶିଶୁକୁ ଧରି ବାପାମାଆ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି । ସରକାରୀ ସହାୟତା ଲାଗି ନିବେଦନ କରିଛନ୍ତି । ଯନ୍ତ୍ରଣାରେ ଜଳୁଥିବା ଏହି ଶିଶୁଟି ହେଉଛି ଝରିଗାଁ ବ୍ଲକ ତାରାବେଡା ଗାଁର ପରବେଜ ଅହମ୍ମଦଙ୍କ ପୁଅ ଫୈଜଲ। ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ ପ୍ରତିଶ୍ରୁତି ଦେଇଛନ୍ତି, ରାଜ୍ୟ ସରକାରଙ୍କୁ ଅବଗତି କରି ଏ ଦିଗରେ ନିଶ୍ଚୟ ପଦକ୍ଷେପ ନେବେ। ପରବେଜ୍ କହିଛନ୍ତି, ଜନ୍ମରୁ ଫୈଜଲର ମଳଦ୍ୱାର ନଥିଲା । ଜନ୍ମର ୮ ଦିନ ମଧ୍ୟରେ ହୋଇଥିଲା ପ୍ରଥମ ଅସ୍ତ୍ରୋପଚାର । ୨୦ ଦିନରେ ପେଟରୁ ମଳ ବାହାରିବା ଲାଗି ବାଇପାସ୍ କରାଯାଇଥିଲା । ପେଟକାଟି ଏକ ପାଇପ୍ ଲଗାଯାଇଥିଲା । ଅସ୍ତ୍ରୋପଚାର ପରେ ପେଟ ଫୁଲିବା ସହ ବାନ୍ତି ହୋଇଥିଲା। ଯନ୍ତ୍ରଣା ଅସହ୍ୟ ହେବାରୁ ତୃତୀୟ ଥର ଲାଗି ଅସ୍ତ୍ରୋପଚାର କରାଯାଇଥିଲା । ତାହା ବି ବିଫଳ ହୋଇଥିଲା । ମଳ ଅନ୍ୟବାଟ ଦେଇ ବାହାରିଥିଲା । ଏଭଳି ୬ଥର ଅସ୍ତ୍ରୋପଚାର ପରେ ବି ଅନ୍ୟବାଟ ଦେଇ ମଳ ବାହାରିବା ବନ୍ଦ ହେଲାନି । ଜନ୍ମରୁ ଯମଯନ୍ତ୍ରଣା ଭୋଗୁଛି ଫୈଜଲ । ଡାକ୍ତରଙ୍କ ପରାମର୍ଶରେ ନିୟମିତ ବଥା ବଟିକା ଦିଆଯାଉଛି । ହଜମ ପାଇଁ ସୂକ୍ଷ୍ମ ଓ ତରଳ ଖାଦ୍ୟ ଦିଆଯାଉଛି । ସେପଟେ ବିଭିନ୍ନ ଡାକ୍ତରଖାନାରେ ପୁଅର ଚିକିତ୍ସା ପାଇଁ ବାପା-ମାଆ ଧାରକରଜରେ ବୁଡ଼ିଗଲେଣି। ଲକ୍ଷାଧିକ ଟଙ୍କା ଋଣ କରିସାରିଲେଣି । ୩ ପୁଅ ଓ ସ୍ତ୍ରୀଙ୍କୁ ନେଇ ୫ ପ୍ରାଣୀ କୁଟୁମ୍ବ । ରୋଜଗାର କହିଲେ କେବଳ ଗାଁରେ ଛୋଟ ରାସନ ଦୋକାନଟିଏ । ସରକାରଙ୍କ ପକ୍ଷରୁ ୨୫ କେଜି ଚାଉଳ ମିଳୁଛି । ଜମିବାଡ଼ି କିଛି ନାହିଁ । ଏଭଳି ସ୍ଥିତିରେ ଫୈଜଲର ଚିକିତ୍ସା ପାଇଁ ପ୍ରତିମାସରେ ଔଷଧ ବାବଦରେ ୩ ହଜାର ଟଙ୍କା ଖର୍ଚ୍ଚ ହେଉଛି । ତଥାପି ପୁଅର ଅସହ୍ୟ ଯନ୍ତ୍ରଣା ସହିହେଉନି । ଅଧିକ ଚିକିତ୍ସା ପାଇଁ ଅର୍ଥ ଅଭାବରୁ କୌଣସି ବଡ଼ ଡାକ୍ତରଖାନା ନେଇପାରୁନାହାନ୍ତି ।

# ପନିପରିବା ଓ ବିହନ ମେଳା

ଭଞ୍ଜନଗର,୬।୫(ସଂଚାର ବ୍ୟୁରୋ): ଗଞ୍ଜାମ ଜିଲା ଭଞ୍ଜନଗର ବ୍ଲକ କଲ୍ୟାଣ ମଣ୍ଡପରେ ବୁଧବାର ଅନନ୍ୟା ଜୈବିକ ପନିପରିବା ଓ ବିହନ ମେଳା ଅନୁଷ୍ଠିତ ହୋଇଯାଇଛି। ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଆମ ଦେଶ ବିଜ୍ଞାନ ଓ ଅର୍ଥନୀତି କ୍ଷେତ୍ରରେ ବହୁ ଆଗକୁ ଯାଇଛି। କୃଷି ଉତ୍ପାଦନ ମଧ୍ୟ ବଢ଼ିଛି। କିନ୍ତୁ କୃଷି କ୍ଷେତ୍ରରେ ବିଭିନ୍ନ ପ୍ରକାର ଔଷଧ, ସାର ପ୍ରୟୋଗ ବୃଦ୍ଧି ଯୋଗୁ ତାହା ସ୍ୱାସ୍ଥ୍ୟ ପାଇଁ ବିପଦ ହେଉଛି। ତେଣୁ ଜୈବିକ ସାର ମାଧ୍ୟମରେ ପାରମ୍ପରିକ କୃଷି ଯଥା ମାଣ୍ଡିଆ, ଧାନ, ମୁଗ , ବିରି, ସମେତ ବିଭିନ୍ନ ପନିପରିବା ଚାଷ କରିବା ଆବଶ୍ୟକତା ରହିଛି। ତାହାହେଲେ ଯାଇ ଆମେ ସମସ୍ତେ ସୁସ୍ଥ ରହିବା। ତେଣୁ ଏଥିପ୍ରତି ସମସ୍ତେ ଧ୍ୟାନ ଦେବାକୁ ବିଧାୟକ ଉପସ୍ଥିତ ମହିଳା ଚାଷୀମାନଙ୍କୁ ଆହ୍ୱାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ବିଦ ସମ୍ପାଦିକା ପଦ୍ମଶ୍ରୀ ସାବରମତୀ, ସମାଜସେବୀ ଶୁଳପାଣି ଶତପଥୀ, ଗୋଲାପଡ଼ା ସରପଞ୍ଚ ସୁକାନ୍ତ କୁମାର ମଲ୍ଲିକ, ବେହେରା ମାଧବ, ସଂଗ୍ରାମ କୁମାର ସେନାପତି, ସରପଞ୍ଚ କେ.କେ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

# ଦାରିଙ୍ଗବାଡ଼ିରେ ପେଟ୍ରୋଲ, ଡିଜେଲର ଘୋର ସଙ୍କଟ

ଦାରିଙ୍ଗବାଡ଼ି,୬।୫(ସଂଚାର ବ୍ୟୁରୋ): କନ୍ଧମାଳ ଜିଲା ଦାରିଙ୍ଗବାଡ଼ିରେ ଏବେ ପେଟ୍ରୋଲ ଓ ଡିଜେଲର ଘୋର ସଙ୍କଟ ଦେଖାଯାଇଛି। ଉକ୍ତ ବ୍ଲକର ୨୫ଟି ପଞ୍ଚାୟତ ପାଇଁ ମାତ୍ର ୨ଟି ଟାଙ୍କି ରହିଥିବାବେଳେ ବୁଧବାର ୨ଟି ଯାକ ପେଟ୍ରୋଲ ଟାଙ୍କିରେ ତାଲା ଝୁଲୁଛି। ଫଳରେ ଉପଭୋକ୍ତାମାନେ ବହୁତ ହଇରାଣ ଭୋଗୁଛନ୍ତି। ଜରୁରୀକାଳିନ ପରିସ୍ଥିତିରେ ବାଇକ୍ ଓ ଅନ୍ୟ ଗାଡ଼ିମାଲିକମାନେ ବଜାରରୁ ଖୋଲା ପେଟ୍ରୋଲ ଓ ଡିଜେଲ ଚଢ଼ାଦରରେ କିଣି ହଇରାଣ ଓ ଆର୍ଥିକ ଅନଟନର ଶିକାର ହେଉଛନ୍ତି। କଳାବଜାରୀଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇଛି। ଉକ୍ତ ବ୍ଲକର ଭୌଗୋଳିକ ସ୍ଥିତି ଦେଖିଲେ ଚାରିଆଡ଼େ ପାହାଡ଼, ଘାଟି ଜଙ୍ଗଲିଆ ରାସ୍ତା ହୋଇଥିବା ବେଳେ ସବୁ ଗାଁକୁ ବସ୍ ଚଳାଚଳ କରୁନାହିଁ। ଫଳରେ ଲୋକମାନେ ଅଟୋ, ବାଇକ ଉପରେ ନିର୍ଭର କରୁଥିବା ବେଳେ ଏବେ ଇଞ୍ଜିନ ଚାଲିବାକୁ ଇନ୍ଧନ ନାହିଁ। ଫଳରେ ବହୁତ ସମସ୍ୟା ଦେଖାଯାଇଛି। ସେହିପରି ଚାଷୀମାନେ ମଧ୍ୟ ନିଜ ଓ୍ୱାଟର ପମ୍ପ୍ ଚଲାଇବା ପାଇଁ ଡିଜେଲ ଓ ପେଟ୍ରୋଲ ନ ଥିବାରୁ ଚାଷକାର୍ଯ୍ୟରେ ବାଧା ସୃଷ୍ଟି ହୋଇଛି। ଏହାକୁ ନେଇ ଅସନ୍ତୋଷ ଦେଖାଯାଇଛି।

# ଲାଗି ଲାଗି ପାଇଲେ ଏଚ-୧ବି ଭିସା



ନୂଆଦିଲ୍ଲୀ, ୬।୫: ଆମେରିକାରେ ଚାକିରି କରିବା ଏବଂ ସେଠାରେ ସ୍ଥାୟୀ ଭାବେ ବସବାସ କରିବା ଅନେକଙ୍କ ପାଇଁ ଏକ ସ୍ୱପ୍ନ। ଏହି ସ୍ୱପ୍ନ ପୂରଣ କରିବା ପାଇଁ ସବୁଠାରୁ ବଡ଼ ମାଧ୍ୟମ ହେଉଛି ଏଚ-୧ବି ଭିସା। କିନ୍ତୁ ଏହି ଭିସା ପାଇବା କେବଳ ପରିଶ୍ରମ ନୁହେଁ, ବରଂ 'ଲଟେରୀ' ବା ଭାଗ୍ୟ ଉପରେ ମଧ୍ୟ ନିର୍ଭର କରେ। ଜଣେ ଭାରତୀୟ ଟେକ୍ ଓ୍ୱାର୍କରଙ୍କ କ୍ଷେତ୍ରରେ ଏହି ଭାଗ୍ୟ ଲଗାତାର ୭ ଥର ସାଥ୍ ଦେଇନଥିଲା। ତଥାପି ସେ ହାର୍ ମାନି ନଥିଲେ। ଶେଷରେ ସେ ସିଧାସଳଖ ଆମେରିକାର ଗ୍ରିନ୍ କାର୍ଡ ପାଇ ସମସ୍ତଙ୍କୁ ଚକିତ କରିଦେଇଛନ୍ତି। ଏହି ସଫଳତା ପାଇଥିବା ବ୍ୟକ୍ତିଜଣକ ହେଉଛନ୍ତି ମାଇକ୍ରୋସଫ୍ଟର ଜଣେ ସିନିୟର ସଫ୍ଟୱେୟାର ଇଞ୍ଜିନିୟର ଐଶାନୀ ବି। ନିକଟରେ ସେ ସୋସିଆଲ ମିଡିଆ ପ୍ଲାଟଫର୍ମ ଲିଙ୍କଡଇନରେ ନିଜର ଏହି ଦୀର୍ଘ ୬ ବର୍ଷର ସଂଘର୍ଷପୂର୍ଣ୍ଣ ଯାତ୍ରା ବିଷୟରେ ସୂଚନା ଦେଇଛନ୍ତି। ଐଶାନୀଙ୍କ କହିବା ଅନୁଯାୟୀ, ସେ ୨୦୧୯ ରୁ ୨୦୨୫ ମଧ୍ୟରେ ମୋଟ ୭ ଥର ଭିସା ପାଇଁ ଆବେଦନ କରିଥିଲେ। ଆମେରିକାରେ ଏହି ଭିସା ଏକ କମ୍ପ୍ୟୁଟରାଇଜଡ୍ ଲଟେରୀ ସିଷ୍ଟମ ଜରିଆରେ ମିଳିଥାଏ । ଦୁର୍ଭାଗ୍ୟବଶତଃ, ପ୍ରତିଥର ତାଙ୍କ ନାଁ ଲଟେରୀରେ ଆସିନଥିଲା । ପ୍ରଥମ ଓ ଦ୍ୱିତୀୟ ଥର ରିଜେକ୍ଟ ହେବା ପରେ ସେ ମାନସିକ ସ୍ତରରେ ଭାଙ୍ଗି ପଡ଼ିଥିଲେ । ତୃତୀୟ, ଚତୁର୍ଥ ଓ ପଞ୍ଚମ ଥର ବିଫଳ ହେବା ପରେ ସେ ନିଜର ଦକ୍ଷତା ଉପରେ ସନ୍ଦେହ କରିବା ଆରମ୍ଭ କରିଥିଲେ ଏବଂ ଏ ବିଷୟରେ ଚର୍ଚ୍ଚା କରିବା ମଧ୍ୟ ବନ୍ଦ କରିଦେଇଥିଲେ। ଯେତେବେଳେ ଆମେରିକାରେ ରହିବା ପାଇଁ ଭିସା ସମସ୍ୟା ଦେଖାଦେଲା, ୨୦୨୨ ମସିହାରେ ସେ କାନାଡ଼ା ଚାଲିଯାଇଥିଲେ। କିନ୍ତୁ, ମାଇକ୍ରୋସଫ୍ଟ ଭଳି ବଡ଼ କମ୍ପାନୀ ତାଙ୍କ ଦକ୍ଷତା ଉପରେ ଭରସା ରଖିଥିଲା। ଐଶାନୀଙ୍କୁ ଶେଷରେ ଆମେରିକାରେ ସ୍ଥାୟୀ ଭାବେ ରହିବା ପାଇଁ ଇବି-୧ ଭିସା ମାଧ୍ୟମରେ ଗ୍ରିନ୍ କାର୍ଡ ମିଳିଛି। ଏହାକୁ ସାଧାରଣ ଭାଷାରେ 'ଆଇନଷ୍ଟାଇନ ଭିସା' ବୋଲି ମଧ୍ୟ କୁହାଯାଏ।

# ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ, ୨ ଆହତ



**ହିଞ୍ଜିଳିକାଟୁ,୬।୫ (ସଂଚାର ବ୍ୟୁରୋ):** ହିଞ୍ଜିଳି ଥାନା ସୋମପୁର ଗ୍ରାମରେ ଆଜି ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଦୁଇ ଗୋଷ୍ଠି ମଧ୍ୟରେ ସଙ୍ଘର୍ଷ ହୋଇଛି। ଏଥିରେ ଦୁଇ ଗୋଷ୍ଠୀର ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି। ଆହତ ମାନେ ହେଲେ ମାଧବ ଗୌଡ଼ ଓ ବିଜୟ ପ୍ରଧାନ। ସୂଚନା ଅନୁସାରେ, କିଛି ଦିନ ହେବ ଦୁଇ ଗୋଷ୍ଠି ମଧ୍ୟରେ ଏକ ଝଗଡ଼ା ହେଇଥିଲା। ଉଭୟ ଗୋଷ୍ଠି ଥାନାକୁ ଯାଇ ବୁଝାମଣା ହୋଇଥିଲା। ବୁଝାମଣା ହୋଇଥିଲେ ମଧ୍ୟ ସେଇ ଦିନ ଠାରୁ ଶତ୍ରୁତା ଲାଗିରହିଥିଲା। ଆଜି ଗ୍ରାମରେ ଏକ ବାହାଘର ଭୋଜି ଚାଲିଥିବା ବେଳେ ଗୋଟିଏ ଗୋଷ୍ଠି ଅନ୍ୟ ଗୋଷ୍ଠିକୁ ଅସଭ୍ୟ ଭାଷାରେ ଗାଳି ଗୁଲୁଜ କରିଥିଲେ। ଏହା ଫଳରେ ଉଭୟ ଗୋଷ୍ଠୀ ମଧ୍ୟରେ ଆରମ୍ଭ ହେଇଥିଲା ମାରପିଟ। ରାଗରେ ଦୁଇ ଗୋଷ୍ଠୀ ମଧ୍ୟରେ ସଙ୍ଘର୍ଷ ହେଇଥିବା ବେଳେ ଦୁଇ ଗୋଷ୍ଠିର ଦୁଇ ଜଣ ଗୁରୁତର ଆହତ ହେଇଛନ୍ତି। ସେମାନଙ୍କୁ ସଙ୍ଗେ ସଙ୍ଗେ ପ୍ରଥମେ ହିଞ୍ଜିଳି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁରର ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ସୂଚନା ପାଇବା ପରେ ପୋଲିସ ପହଂଚି ତଦନ୍ତ କରୁଛି।

# ବାଟବଣା ବସୁଧା | ପାନୀୟ ଜଳର ଉତ୍କଟ ସମସ୍ୟା; ପ୍ରଶାସନ ନିଷ୍କ୍ରିୟ

**ସତ୍ୟବାଦୀର,୬।୫ (ସଂଚାର ବ୍ୟୁରୋ):** ଅଞ୍ଚଳରେ ଦେଖାଦେଇଛି ଉତ୍କଟ ପିଇବା ପାଣି ସମସ୍ୟା। ଯାହାକୁ ନେଇ ବାରମ୍ବାର ଖବର ପ୍ରସାରଣ ଆଉ ଅଭିଯୋଗ ପରେ ମଧ୍ୟ ସୁଧୁରିନି ବ୍ୟବସ୍ଥା। ନାଁ ଅଛି ରାଜନୈତିକ ଇଚ୍ଛାଶକ୍ତି ନାଁ ପ୍ରଶାସନିକ ତତ୍ପରତା। ସମାଧାନ ଦିଗରେ କାହାରି ନିଘା ଥିବା ଭଳି ଲାଗୁନି। ସଂପ୍ରତି ରାଜ୍ୟବ୍ୟାପି ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରୀ ରହିଥିବା ବେଳେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ସମ୍ପୂର୍ଣ୍ଣ ନିଷ୍କ୍ରିୟ ହୋଇପଡ଼ିଛି। ଆଗକୁ ପରିସ୍ଥିତି ଆହୁରି ଭୟଙ୍କର ହେବା ନେଇ ଅନୁମାନ କରାଯାଉଛି। ଅନ୍ୟପଟେ ବସୁଧା ଯୋଜନା କରି ଘରେ ଘରେ ପାଣି ପହଞ୍ଚେଇବାର ଯେଉଁ ବାହାସ୍ଫୋଟ ମାରୁଛନ୍ତି ସରକାର, ତାହାର ବାସ୍ତବ ଚିତ୍ର କିନ୍ତୁ ଅଲଗା। କେଉଁଠି ପାଣି ୨ଦିନ ଆସିଲେ ୮ ଦିନ ଆସୁନି। ଆଉ କେଉଁଠି ଗୋଳିଆ ଅସ୍ୱାସ୍ଥ୍ୟକର ପାଣି ଆସୁଥିବା ଅଭିଯୋଗ ହେଉଛି। ସତ୍ୟବାଦୀ ବ୍ଲକର



କିଛି ପଞ୍ଚାୟତକୁ ବସୁଧା ଯୋଜନାରେ ସାମିଲ କରାଯାଇ ପାନୀୟଜଳ ଯୋଗାଇ ଦିଆଯାଉଥିବା ବେଳେ ଅନେକ ପଞ୍ଚାୟତ ଏବେ ବି ପିଇବା ପାଣି ପାଇବାରୁ ବଞ୍ଚିତ। ସତ୍ୟବାଦୀର ବିଭୁତି ଦଣ୍ଡା ଠାରେ ନିର୍ମିତ ମେଗା ପାନୀୟ ଜଳ ପ୍ରକଳ୍ପରୁ ୧୪ ପଞ୍ଚାୟତର ୪୫ଟି ରାଜସ୍ୱ ଗ୍ରାମକୁ ପାନୀୟ ଜଳ ଯୋଗାଣ ହେଉଥିବା ବେଳେ କେବଳ କାଦୁଆ, ବଳରାମପୁର ଗଡ଼, ସରଙ୍ଗଯୋଡ଼ି, ର୍ଯ୍ୟାଖଣ୍ଡି, ବଳପୁର, ବିଦ୍ୟାଧରପୁର, ଦୁଗଲ ଆଦି ୭ଟି ପଞ୍ଚାୟତରେ ଏହି ଜଳ ପହଂଚି ପାରିଛି। କେତକୀପାଟଣା, ମହୁରା, ପରଜାପଡା, ବିରରାମଚନ୍ଦ୍ରପୁର, ବିଶ୍ୱନାଥପୁର, ପେଣ୍ଠପଡା, ଜୟପୁର ଆଦି ୭ଟି ପଞ୍ଚାୟତରେ ଏହି ପାଣି ଏପର୍ଯ୍ୟନ୍ତ ପହଂଚି ପାରିନି। ମେଗା ପ୍ରକଳ୍ପ ଦାୟିତ୍ୱରେ ଥିବା ଏଲ ଆଣ୍ଡ ଟି କମ୍ପାନୀ କେବଳ ପାଇପ ବିଛେଇ ନିଜର ଦାୟିତ୍ୱ ସାରିଦେଇଥିବା ମନେ ହେଉଛି। ସେହିଭଳି ମୂଳଅଳସା, ଶ୍ରୀରାମଚନ୍ଦ୍ରପୁର ଓ ନରେନ୍ଦ୍ରପୁର ପଞ୍ଚାୟତରେ ଗବକୁଣ୍ଡ କଟ ଠାରେ ନିର୍ମିତ ମେଗା ପ୍ରକଳ୍ପରୁ ପାଣି ଆସିବାର ବ୍ୟବସ୍ଥା ହୋଇଥିଲେ ହେଁ ଏପର୍ଯ୍ୟନ୍ତ ତାହା ସମ୍ଭବ ହୋଇପାରିନି। ଅନ୍ୟପଟେ କଣାସ ଚୂପୁରିଙ୍ଗି ଠାରେ ନିର୍ମାଣ ହୋଇଥିବା ମେଗା ପ୍ରକଳ୍ପ ପାଣି ଶୁକଲ, ଆଳିସ ଓ ମଧୁବନ ପଞ୍ଚାୟତକୁ ପାନୀୟ ଜଳ ଯୋଗାଇବା ବ୍ୟବସ୍ଥା ହୋଇଥିଲେ ବି ଅଦ୍ୟାବଧି ସେ କାର୍ଯ୍ୟ ପୂର୍ଣ୍ଣାଙ୍ଗ ନହେବାରୁ ଲୋକଙ୍କ ପାଖକୁ ପାଣି ପହଂଚି ପାରୁନି। ଏସବୁ ଭିତରେ ସାକ୍ଷୀଗୋପାଳ ବଜାରରେ ପାନୀୟ ଜଳର ସମସ୍ୟା ଅତ୍ୟନ୍ତ ଉତ୍କଟ ହୋଇପଡ଼ିଛି। ପ୍ରତିଦିନ ସାକ୍ଷୀଗୋପାଳ ମନ୍ଦିରକୁ ହଜାର ହଜାର ଆସୁଥିବା ତୀର୍ଥଯାତ୍ରୀ ପିଇବା ପାଇଁ ବୋତଲ ପାଣି କିଣିବାକୁ ବାଧ୍ୟ ହେଉଛନ୍ତି। ଅଂଚଳର ଜଳସ୍ତର କମିଯିବା ଯୋଗୁଁ ନଳକୂଅରୁ ବି ପାଣି ଆସୁନି। ଏପରିକି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବି ଜଳସ୍ତର କମିଯିବା ଯୋଗୁଁ ବୋରିଙ୍ଗ ପାଣି ଯଥେଷ୍ଟ ହେଉନାହିଁ। ମୁଖ୍ୟ ଚିକିତ୍ସାଧିକାରୀ ସତ୍ୟବାଦୀ ମେଗା ପ୍ରକଳ୍ପରୁ ଡାକ୍ତରଖାନାକୁ ଜଳ ଯୋଗାଣ ପାଇଁ ଆର ଡବ୍ଲୁ ଏସ ଏସ ଯନ୍ତ୍ରୀଙ୍କୁ ଲିଖିତ ଜଣାଇଥିଲେ ବି କାର୍ଯ୍ୟାନୁଷ୍ଠାନ ଶୂନ। ଅପରପକ୍ଷେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗରେ ୨ ଜଣ ଯନ୍ତ୍ରୀଙ୍କ ମଧ୍ୟରୁ ସୁଜାତା ପରିଡାଙ୍କ ଦାୟିତ୍ୱରେ ଥିବା ପଞ୍ଚାୟତ ଗୁଡିକରେ ମେଗା ପ୍ରକଳ୍ପ ପାଣି ପହଞ୍ଚୁଥିବା ବେଳେ ଅନିତାରାଜ ପଣ୍ଡାଙ୍କ ଦାୟିତ୍ୱରେ ଥିବା ପଞ୍ଚାୟତ ଗୁଡିକରେ ପାନୀୟଜଳ ଏବେବି ଅପହଞ୍ଚ।

# ବ୍ୟାସନଗରରେ ଭାଙ୍ଗିଗଲାଣି ଯାତ୍ରୀ ବିଶ୍ରାମାଗାର



**ଯାଜପୁର ରୋଡ଼,୬।୫(ସଂଚାର ବ୍ୟୁରୋ):** ବ୍ୟାସନଗର ପୌରାଅଞ୍ଚଳ ସହରରୁ ପ୍ରତ୍ୟେକ ଦିନ ହଜାର ହଜାର ସଂଖ୍ୟାର ଯାତ୍ରୀ ମାନେ ବସ୍, ଅଟୋ ରିକ୍ସା ଠାରୁ ଆରମ୍ଭ କରି ବିଭିନ୍ନ ଭଡ଼ା ଗାଡ଼ିରେ ବିଭିନ୍ନ ସ୍ଥାନକୁ ଯିବାକୁ ରାସ୍ତା କଡ଼ରେ ଅପେକ୍ଷା କରିବାକୁ ନେଇ ବିଭିନ୍ନ ରକମର ନାନାଦି ପ୍ରକାରର ଅସୁବିଧାକୁ ଏବେ ସମ୍ମୁଖୀନ ହେଉଛନ୍ତି। ଏହି ସହରରେ ଥିବା କଲେଜ ଛକ, ଧବଳଗିରି ଗଡ଼ାଣି ତଳ ଛକ, ଚୋରଦା ବାଇପାସ ଛକ, ନହକା ଗୋଲେଇ ଛକ, ଯାଜପୁର ରୋଡ଼ ଥାନା ଗୋଲେଇ ଛକ, ଦଳା ଛକ, ଗୋପବନ୍ଧୁ ଛକ ଭଳି ଜନଗହଳି ପୂର୍ଣ୍ଣ ସ୍ଥାନରେ ଯାତ୍ରୀ ବିଶ୍ରାମାଗାର'ର ସୁବିଧା ନଥିବାରୁ ଓ ଯେଉଁଠାରେ ଏବେ'ବି ଅଛି ସେଗୁଡ଼ିକ ଏବେସବୁ ଭାଙ୍ଗି ଯାଇଥିବା ଯୋଗୁଁ ଯାତ୍ରୀ ମାନେ ଏଇ ଖରାଦିନ ମାନଙ୍କରେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯାତ୍ରୀ ବିଶ୍ରାମାଗାର ଗୁଡ଼ିକ ଏଭଳି ଜନଗହଳି ଛକ ନିକଟରେ ନଥିବା ହେତୁ ଯାତ୍ରୀମାନେ ବିଭିନ୍ନ ସ୍ଥାନକୁ ଯିବାକୁ ଗାଡ଼ିକୁ ଅପେକ୍ଷା କରିବାକୁ ଲୋକଙ୍କର ବ୍ୟବସାୟୀକ ପ୍ରତିଷ୍ଠାନ ଦୋକାନ ଦୁଆରେ ଠିଆ ହୋଇ ହଠାତ୍ ବର୍ଷା ପବନ ହେଲେ ବାଧ୍ୟ ହୋଇ ଓଦା ହେବାକୁ ପଡୁଛି। ତେଣୁ ଏପରି ସମ୍ବେଦନଶୀଳ ସମସ୍ୟା ଘଟଣା ବିଷୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବାକୁ ନେଇ ସାଧାରଣରେ ଦାବି ହେଉଛି।

# ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ପୋଷାକ ବଣ୍ଟନ



**ବୋରିଗୁମ୍ମା,୬।୫(ସଂଚାର ବ୍ୟୁରୋ):** ବୋରିଗୁମ୍ମା ସ୍ଥିତ ଏମଇ ସ୍କୁଲରେ ଛାତ୍ରଛାତ୍ରୀ ମାନଙ୍କୁ ସ୍କୁଲ ପୋଷାକ ବଣ୍ଟନ କରାଯାଇଥିଲା।ଚଳିତ ବର୍ଷ ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗ ଶିକ୍ଷା ବର୍ଷ ପ୍ରାରମ୍ଭ ରୁ ସ୍କୁଲ ୟୁନିଫର୍ମ ବଣ୍ଟନ ନେଇ ବିଜ୍ଞପ୍ତି ପ୍ରକାଶ କରିଥିଲେ।ଆଜି ଏମଇ ସ୍କୁଲ ପରିସରରେ ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ନାୟକ ଙ୍କ ପ୍ରତକ୍ଷ ତତ୍ୱାବଧାନରେ ମୁଖ୍ୟ ଅତିଥି ଭାବେ ସ୍କୁଲ ପରିଚାଳନା କମିଟିର ସଭାପତି ଲଛମନ ବିଷୋୟୀ, ସମ୍ମାନିତ ଅତିଥି ଭାବେ ଏବିଇଓ ସୁବାସ ଚନ୍ଦ୍ର ମାଝୀ, ସିଆରସିସି ଆଶିଷ କୁମାର ହୋତା ଯୋଗ ଦେଇ ସ୍କୁଲ ୟୁନିଫର୍ମ ବଣ୍ଟନ କରିଥିଲେ।ବିଦ୍ୟାଳୟରେ ମୋଟ ୭୨୦ ଛାତ୍ରଛାତ୍ରୀ ରହିଥିବା ବେଳେ ପ୍ରଥମ ଦିନରେ ୧୫୦ ଛାତ୍ରଛାତ୍ରୀ ଙ୍କୁ ଦୁଇ ହଳ ସ୍କୁଲ ୟୁନିଫର୍ମ ପୋଷାକ ଓ ଏକ ହଳ ବୁଟ ପ୍ରଦାନ କରାଯାଇଛି।ଅନ୍ୟ ମାନଙ୍କ ମଧ୍ୟରେ ବିଦ୍ୟାଳୟ ର ଶିକ୍ଷୟିତ୍ରୀ ସସ୍ମିତା ରଥ, ଏଲୋରା ଜେନା, ଅର୍ଚ୍ଚନା ଭଞ୍ଜ, ସ୍ମୃତିରେଖା ପରିଡା, ମଇନା ଦାସ, ଲୋପାମୁଦ୍ରା ମାନସିଂ, ସସ୍ମିତା ସିଂ, ଅଭିଭାବକ ଓ ସ୍କୁଲ ପରିଚାଳନା କମିଟିର ସଭ୍ୟ ସଭ୍ୟା ପ୍ରମୁଖ ଉପସ୍ଥିତ ଥିଲେ।

# ଜୟନାରାୟଣ ହେଲେ ରାଜ୍ୟ ବିଜେଡିର ଯୁଗ୍ମ ସମ୍ପାଦକ



**ସୁନ୍ଦରଗଡ଼,୬।୫(ସଂଚାର ବ୍ୟୁରୋ):** ଗତ କାଲି ରାଜ୍ୟ ବିଜୁ ଜନତା ର ରାଜ୍ୟ କମିଟି ପାଇଁ ସୁନ୍ଦରଗଡ଼ ଜିଲ୍ଲାର ବରିଷ୍ଠନେତା, ପୂର୍ବତନ ଜିଲ୍ଲା ବିଜେଡି ଉପସଭାପତି, ପୂର୍ବତନ ନଗର ବିଜେଡି ସଭାପତି ତଥା ସୁନ୍ଦରଗଡ଼ ବିଧାୟକ ଯୋଗେଶ କୁମାର ସିଂ ଙ୍କ ପ୍ରତିନିଧି ସମସ୍ତଙ୍କ ପ୍ରିୟ ଜୟ ନାରାୟଣ ତ୍ରିପାଠୀଙ୍କୁ ରାଜ୍ୟ ବିଜୁ ଜନତା ଦଳର ସୁପ୍ରିମୋ ତଥା ସଭାପତି ନବୀନ ପଟ୍ଟନାୟକ ରାଜ୍ୟ ବିଜୁ ଜନତା ଦଳର ଯୁଗ୍ମ ସମ୍ପାଦକ ଭାବେ ମନୋନୀତ କରିଥିବାରୁ ସୁନ୍ଦରଗଡ଼ ବିଜୁ ଜନତା ଦଳରେ ଖୁସିର ମାହୋଲ ସୃଷ୍ଟି ହେବା ସହିତ ଏଥିପାଇଁ ସୁନ୍ଦରଗଡ଼ ବିଜେଡି ବରିଷ୍ଠନେତ୍ରୀ ରାଜମାତା ପଦ୍ମିନୀ ଶେଖରଦେ, ମୁନିସିପାଲିଟିର ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ଜିଲ୍ଲା ପରିଷଦ ସଭାପତି କୁନ୍ତୀ ପ୍ରଧାନ, ବରିଷ୍ଠନେତା ଜନ୍ମଜୟ ମହାପାତ୍ର, ଗୋପ ମହାନ୍ତି, ଲାଳନ ଦେଓ, ମୁନିସିପାଲିଟିର ଉପ ନଗରପାଳ ଲଲାଟ ପରିଡ଼ା, ଜିଲ୍ଲା ମହିଳା ବିଜେଡି ସଭାପତି ରଞ୍ଜନା ପଣ୍ଡା, ଅସିତ ରାୟ, ସମସ୍ତ କାଉନସିଲର ସମେତ ବିଜେଡି କର୍ମୀମାନେ ରାଜ୍ୟ ବିଜେଡି ସୁପ୍ରିମୋ ତଥା ସଭାପତି ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣେଇବା ସହିତ ନୂତନ ଭାବେ ରାଜ୍ୟ ବିଜେଡିର ଯୁଗ୍ମ ସମ୍ପାଦକ ଜୟ ନାରାୟଣ ତ୍ରିପାଠୀଙ୍କୁ ଅସରନ୍ତି ଶୁଭେଚ୍ଛା ଓ ଶୁଭକାମନା ଜଣେଇଛନ୍ତି ।

# ମହାବିଦ୍ୟାଳୟରେ ଅଲ ଷ୍ଟାଫ ମିଟିଂ



**ଆନନ୍ଦପୁର,୬।୫(ସଂଚାର ବ୍ୟୁରୋ):** ମହାବିଦ୍ୟାଳୟ ଷ୍ଟାଫ କମନ୍ ରୁମ୍ ରେ ଆନନ୍ଦପୁର ଉପଖଣ୍ଡ ର ଉପ ଜିଲ୍ଲାପାଳ ତଥା ମହାବିଦ୍ୟାଳୟ ପରି ଚା ଳନା ପରିଷଦ ର ସଭାପତି ନୀଳ ମାଧବ ସୁନା ଙ୍କ ଅଧ୍ୟକ୍ଷତା ରେ ୨୦୨୫-୨୬ ଶିକ୍ଷା ବର୍ଷ ର ଅନ୍ତିମ କାର୍ଯ୍ୟ ଦିବସ ଉପଲକକ୍ଷେ ଏକ ସଭା ର ଆୟୋଜନ କରା ଯାଇଥିଲା। ଅଧ୍ୟକ୍ଷ ଡକ୍ଟର ନାରାୟଣ ମିଶ୍ର ସର୍ବ ପ୍ରଥମେ ସମସ୍ତ ଙ୍କୁ ସ୍ୱାଗତ କରିଥିଲେ। ସଭାପତି ସୁନା ଅଧ୍ୟାପନା ଓ ଗବେଷଣା ରେ ମ ନ ନିବେଶ କରିବା ପାଇଁ ଅଧ୍ୟାପକ ଅଧ୍ୟାପିକା ମାନଙ୍କୁ ପରାମର୍ଶ ଦେଇଥିଲେ। ଛାତ୍ର ଛାତ୍ରୀ ମାନଙ୍କ ର ଚ ରି ତ୍ର ଗଠନ କରିବାରେ ଭଲ ମଣିଷ ହେବାରେ ଅଧ୍ୟାପକ ଅଧ୍ୟାପିକା ମା ନଙ୍କର ଗୁରୁ ଦାୟିତ୍ୱ ଅଛି ବୋଲି ସଭା ରେ ସମ୍ମାନ ନୀୟ ଉପ ଜିଲ୍ଲା ପା ଳ ପରାମର୍ଶ ଦେଇଥିଲେ। ପ୍ରାଧ୍ୟାପକ ଶକ୍ତି ପ୍ରସାଦ ମହାପାତ୍ର ଦୁର୍ଗା ଶଙ୍କର ପରିଡା, ଶ୍ରିଲେ ଖା ସାହୁ, ପ୍ରିୟ ସାରଥି ମହା ପା ତ୍ର, ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ। ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଏହି ସଭା ରେ ଉପସ୍ଥିତ ଥିଲେ। ସର୍ବ ପ୍ରଥମେ ମହାବିଦ୍ୟାଳୟ ର ଅଧକ୍ଷ ପରିଚାଳନା ପରିଷଦ ର ସଭାପତି ଙ୍କୁ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ ଅଧ୍ୟାପକ ରଘୁ ଦୀପ୍ତି ନାୟକ ଧନ୍ୟ ବା ଦ ଅର୍ପଣ କରିଥିଲେ।

# ଓକିଲଙ୍କ ପାଠାଗାର, ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପନ କଲେ ବିଧାୟକ




**ବୋରିଗୁମ୍ମା,୬।୫(ସଂଚାର ବ୍ୟୁରୋ):** ଆର୍ଥିକ ଅନଗ୍ରସର ଶ୍ରେଣୀର ମେଧାବୀ ଓକିଲଙ୍କ ଲାଗି ବୋରିଗୁମ୍ମା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ସ୍ଥିତ ତହସିଲ କାର୍ଯ୍ୟାଳୟ ପରିସରରେ କୋରାପୁଟ ଜିଲ୍ଲା ବୋରିଗୁମ୍ମା ଓକିଲ ସଂଘ ତରଫରୁ ଏକ ପାଠାଗାର କେନ୍ଦ୍ରର ଉଦଘାଟନ କରିଛନ୍ତି ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି। ଓକିଲ ମାନଙ୍କ ଲାଗି ଏଭଳି ଲାଇବ୍ରେରୀ ସେଣ୍ଟର ନିର୍ମାଣ ଚିନ୍ତାଧାରା ପ୍ରଥମ ବୋଲି ବିଧାୟକ ଶ୍ରୀ ବାହିନୀପତି କହିଛନ୍ତି। ଏହି ଲାଇବ୍ରେରି ସେଣ୍ଟରରେ ଏସି ହଲ୍, ପାଠାଗାର, କୋଚିଂ ହଲ୍, ରିଡିଂ ରୁମ୍, ଅତ୍ୟାଧୁନିକ ଟଏଲେଟ୍, ଲାଉଞ୍ଜ ଭଳି ଅତ୍ୟାଧୁନିକ ସୁବିଧା ରହିଛି। ଆଗାମୀ ଦିନରେ ଏହି ଅତ୍ୟାଧୁନିକ ଲାଇବ୍ରେରୀ ପାଇଁ ବିଧାୟକଙ୍କ ପାଣ୍ଠିରୁ ସାହାଯ୍ୟ ପ୍ରଦାନ କରାଯିବ ବୋଲି କହିଛନ୍ତି ବିଧାୟକ ତାରାପ୍ରସାଦ ବାହିନୀପତି। ଏବଂ ସେଣ୍ଟରରେ ପିଲାଙ୍କ ପଢ଼ିବା ଲାଗି ସମସ୍ତ ପ୍ରକାରର ବହି ମିଳୁଛି କି ନାହିଁ, କଣ ତ୍ରୁଟି ରହୁଛି ତାହାକୁ ବ୍ୟକ୍ତିଗତ ଭାବେ ତଦାରଖ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ଶ୍ରୀ ବାହିନୀପତି।

# ପ୍ରେମିକାକୁ ହତ୍ୟା ଘଟଣା: ଦୁଇ ନାବାଳକ ଗିରଫ

**ହିଞ୍ଜିଳିକାଟୁ,୬।୫(ସଂଚାର ବ୍ୟୁରୋ):** ହିଞ୍ଜିଳି ଥାନା କେ. ଖରିଡ଼ା ଗ୍ରାମରେ ମଙ୍ଗଳବାର ଦିନ ନିଜ ଅଧିକାର ପାଇବା ପାଇଁ ପ୍ରେମିକର ଘରେ ୩ବର୍ଷର ଛୁଆକୁ ଧରି ଧାରଣା ଦେଇଥିବା ବେଳେ ପ୍ରେମିକର ଭାଇ ରାଗରେ ଜର୍ଜରିତ ହୋଇ ମହିଳାଙ୍କୁ ହତ୍ୟା କରିଥିବା ଘଟଣା ସାରା ଓଡ଼ିଶାର ଚର୍ଚ୍ଚା ପାଲଟିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ପୋଷ୍ଟମର୍ଟମ ପାଇଁ ପଠାଇଥିଲା। ପରେ ଥାନାରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ବେଳେ ଆଜି ଦୁଇ ନାବାଳକକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ନେଇ ଥାନାଧିକାରୀ ସୂଚନା ଦେଇଛନ୍ତି।

# ସତ୍ୟସାଇ ସେବା ସମିତିରେ ଇଶ୍ୱରଆତ୍ମା ଦିବସ ପାଳିତ



**ନୀଳଗିରି,୬।୫(ସଂଚାର ବ୍ୟୁରୋ):** ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ମାତାଙ୍କର ତିରୋଧାନ ଦିବସକୁ ସାଇ ସଂଗଠନ ପକ୍ଷରୁ ଇଶ୍ୱର ଆତ୍ମା ଦିବସ ରୂପେ ପାଳନ କରାଯାଇଛି. ଏହି ଅବସରରେ ଶକକ୍ଷଳେ ନଗର ପରିକ୍ରମା. ଷୋଡ଼ଷ ଉପଚାର ପୂଜା ସହିତ ଦିବ୍ୟ ପ୍ରଶାନ୍ତି ପତାକା ଉତ୍ତୋଳନ କରାଯାଇଥିଲା. ପରେ ପରେ ସମିତି ଗୃହରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା. ପ୍ରଚଣ୍ଡ ଗରମ ସତ୍ତ୍ୱେ ୧୪ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା. ଅପରାହ୍ନରେ ଆଧ୍ୟାତ୍ମିକ ଆଲୋଚନା ହୋଇଥିଲା. ପରେ ପରେ ବକ୍ଷଳବିକାଶ ପିଲାମାନଙ୍କ ଅବିଭାବକ ସହ ଆଧ୍ୟାତ୍ମିକ ଆଲୋଚନା ବେଦ ପାଠ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ଏହାଦ୍ୱାରା ପିଲାଙ୍କ ବୌଦ୍ଧିକ ଜ୍ଞାନ ଆହରଣ କରି ନିଜର ଚରିତ୍ର ଗଠନ କରିବକ୍ଷ ସହିତ ସଂସ୍କାର ମାର୍ଗରେ ଗଢିତୋଳିବା ପାଇଁ ଆହ୍ୱାନ ଦେଇଥିଲେ. ଏହି କାର୍ଯ୍ୟକ୍ରମରେ ନୀଳଗିରି ସେବା ସମିତିର ନ ଗୋଟି ଭଜନ ମଣ୍ଡଳୀର ସାଇ ପ୍ରେମୀ ମାନେ ଯୋଗଦାନ କରି ବିଭୁକୃପାରୁ ଲାଭ କରିଥିଲେ. ଶେଷରେ ପ୍ରସାଦ ସେବନ କରି ଆତ୍ମ ସନ୍ତୋଷ ଲାଭ କରିଥିଲେ।

# ନଗରମଣ୍ଡଳର ନାରୀ ଶକ୍ତି ବନ୍ଦନ ଅଧିନିୟମ କାର୍ଯ୍ୟକ୍ରମ




**ସୁନ୍ଦରଗଡ଼,୬।୫(ସଂଚାର ବ୍ୟୁରୋ):** "ନାରୀ ଶକ୍ତି ବନ୍ଦନ ଅଧିନିୟମ" ମାଧ୍ୟମରେ ଭାରତର ସଂସଦ ଓ ବିଧାନସଭାରେ ନାରୀମାନଙ୍କୁ ୩୩ ପ୍ରତିଶତ ସରକ୍ଷଣ ପ୍ରଦାନ କରିବା ପ୍ରସଙ୍ଗରେ କଂଗ୍ରେସ, ଟିଏମସି, ବିଜୁ ଜନତା ଦଳ ଓ ୟୁପିଏ ମେଣ୍ଟର ସହଯୋଗୀ ଦଳମାନଙ୍କ ଅସମର୍ଥନ ନାରୀ ବିରୋଧୀ ମନୋଭାବକୁ ପ୍ରକାଶ କରୁଛି। ଏହାର ପ୍ରତିବାଦ ସ୍ୱରୂପ ଆଜି ବିଜେପି ସୁନ୍ଦରଗଡ଼ ନଗର ମଣ୍ଡଳ ପକ୍ଷରୁ ମଣ୍ଡଳ ସଭାପତି ଲକ୍ଷ୍ମୀକାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଶଙ୍କରା ଠାରେ "ଜନ ଆକ୍ରୋଶ ମହିଳା ପଦଯାତ୍ରା" ଆୟୋଜନ କରାଯାଇଥିଲା। ଏହି ପଦଯାତ୍ରା ସହିତ ବିକ୍ଷୋଭ ପ୍ରଦର୍ଶନ କରାଯାଇ, କଂଗ୍ରେସ ଦଳର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଓ ପଶ୍ଚିମ ବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ପୌରପରିଷଦ ଅଧ୍ୟକ୍ଷା ତନୟା ମିଶ୍ର, ଜିଲ୍ଲା ଉପସଭାନେତ୍ରୀ ସଂଯୁକ୍ତା ନାଏକ, ଜିଲ୍ଲା ସମ୍ପାଦିକା ମିନତୀ ପୁରୋହିତ, ୱାର୍ଡ କାଉନସିଲର ଦୀପାଞ୍ଜଳି ନନ୍ଦ ଓ ମମତା ଖାଲଖୋ ତାଙ୍କ ଅଭିଭାଷଣରେ "ନାରୀ ଶକ୍ତି ବନ୍ଦନ ଅଧିନିୟମ" ଆଇନର ଗୁରୁତ୍ୱ ଉପରେ ବିସ୍ତୃତ ଆଲୋଚନା କରି ନାରୀ ଆକ୍ରୋଶର ଭାବନାକୁ ଉପସ୍ଥାପନ କରିଥିଲେ। ଏହା ସହିତ ଅନ୍ୟ ମାନଙ୍କ ମଧ୍ୟରେ ମନୋଜ ପୁରୋହିତ, ଭବାନୀ ପଟେଲ, ଡିଲେଶ୍ୱର ତନ୍ତୀ, ମିତ୍ରଭାନୁ ପଟେଲ, ପିଙ୍କୁ ପୃସେଠ, ସ୍ୱର୍ଣ୍ଣଲତା ନାଏକ, ରୀନା ପ୍ରଧାନ, ରାଜକିଶୋର ଭଟ୍ଟାଚାର୍ଯ୍ୟ, ଲକି ଯଂଙ୍କାସୀ ସମେତ ବହୁ ମହିଳା ଓ ସ୍ଥାନୀୟ କାର୍ଯ୍ୟକର୍ତ୍ତାମାନେ ସାମିଲ ହୋଇଥିଲେ।

# ଢ଼ିଙ୍କିଆରୁ କଂଗ୍ରେସର 'ଗାନ୍ଧି ପଥେ ନ୍ୟାୟ ପଦଯାତ୍ରା'ର ଶୁଭାରମ୍ଭ କଲେ ପିସିସି ସଭାପତି



**ପାରାଦ୍ୱୀପ,୬।୫(ସଂଚାର ବ୍ୟୁରୋ):** ଢ଼ିଙ୍କିଆରୁ ଆରମ୍ଭ ହେଲା କଂଗ୍ରେସର ପଦଯାତ୍ରା ଯ ପିସିସି ମୁଖିଆ ଭକ୍ତ ଦାସଙ୍କ ନେତୃତ୍ୱରେ ଆଜି ସତାଧିକ କଂଗ୍ରେସ କର୍ମୀ ଏକତ୍ରୀତ ହୋଇ ଢ଼ିଙ୍କିଆରୁ ବାହାରିଛନ୍ତି ଭୁବନେଶ୍ୱର ରାଜଭବନ ଅଭିମୁଖେ। ନିର୍ମାଣାଧୀନ ଜେଏସଡବ୍ଲ୍ୟୁ କମ୍ପାନୀ ରେ ବିନା ଗ୍ରାମସଭାରେ ଜଙ୍ଗଲ ଜମି ଟେକିଦେବା ଓ ସ୍ଥାନୀୟ ଲୋକଙ୍କ ବିରୋଧରେ ହୋଇଥିବା ମିଥ୍ୟା ମକଦ୍ଦମା ପ୍ରତ୍ୟାହାର, ସ୍ଥାନୀୟ ଯୁବକ ଓ ଯୁବତୀକୁ ନିଯୁକ୍ତି, ବେଆଇନ୍ ଭାବେ କମ୍ପାନୀ ପରିସର ମଧ୍ୟରେ ଭୂତଳ ଜଳ ଖନନ ଏବଂ ପୋଲିସର ଦମନଲୀଳା ପ୍ରତିବାଦରେ ଢ଼ିଙ୍କିଆ ପଞ୍ଚାୟତ ଅଫିସ ପାଖରୁ ଏହି ପଦଯାତ୍ରା ଆରମ୍ଭ ହୋଇଛି। ଆସନ୍ତା ୧୪ ତାରିଖରେ ଭୁବନେଶ୍ୱରରେ ଏହା ପହଞ୍ଚିବାକୁ ଥିବାବେଳେ ରାଜ୍ୟର ଅନ୍ୟ ଜିଲ୍ଲାରୁ ମଧ୍ୟ ଅନେକ ବିସ୍ଥାପିତ ଲୋକ ଆସି ପହଁଞ୍ଚିବାର କାର୍ଯ୍ୟକ୍ରମ ରହିଛି। ଏହି ପଦଯାତ୍ରାରେ ଭକ୍ତଙ୍କ ସହ ପୂର୍ବତନ ବିଧାୟକ ସୁର ରାଉତରାୟ, ରାଜ୍ୟ ମହିଳା କଂଗ୍ରେସ ସଭାପତି ମିନାକ୍ଷୀ ବାହିନିପତି ଓ ଜିଲ୍ଲାର ଅନେକ କଂଗ୍ରେସ୍ କର୍ମୀ ସାମିଲ ଥିବା ଦେଖିବାକୁ ମିଳିଛି।


**IN THE COURT OF THE 2nd ADDL. SENIOR CIVIL JUDGE, AT: BARIPADA, DIST-MAYURBHANJ**

**C.S No. 381/2010**

Baidhar Das..............................Plaintiff

-Vrs-

Paresh Chandra Dash & Others ...................... Defendants

**NOTICE**
**[U/0-5, Rule-20 C.P.C]**

**To**

(2) Bhabesh Chandra Dash, aged about 86 years, S/o Late Ram Chandra Dash resident of Jagannath Mathasahi (Near Lingaraj Temple) P.O - Old Town, Bhubaneswar, P.S/Munsifi - Bhubaneswar, Dist - Khurdha.

Take notice that the plaintiff has filed the suit against you and others for specific performance of contract and also for permanent injunction in respect of the suit land.

You are directed to appear before this Court on 18/05/2006. at 7: 30A.M in person or by pleader to answer all material questions relating to the suit. In default of your appearance on the day before mentioned the above suit will be heard and determined in your absence.

Given under my hand and seal of the Court this the 29th day of April, 2026.

**2nd Addl. Senior Civil Judge, Baripada**


# ୧୦୫ ଗ୍ରାମ ଧଳାଜହର ଜବତ, ଜଣେ ଗିରଫ



**କାକଟପୁର/ଅସ୍ତରଙ୍ଗ,୬।୫(ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ନିମାପଡା ଅବକାରୀ ଥାନା ପୁଲିସକୁ ସଫଳତା ମିଳିଛି। ୧୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଧଳା ଜହର ଜବତ ହୋଇଛି। ଅବକାରୀ ପୁଲିସ ଏହି ଘଟଣାରେ ଜଣକୁ ଗିରଫ କରିଛି। ଗିରଫ ଯୁବକ ଜଣକ ଅସ୍ତରଙ୍ଗ ବ୍ଲକ ଖଣ୍ଡାସାହି ଗ୍ରାମର ବସନ୍ତ କୁମାର ନାୟକ (୫୧)। ତେବେ ବସନ୍ତଙ୍କ ନିକଟରୁ ୧୦୫ଗ୍ରାମର ଧଳା ଜହର ଜବତ କରିଛି ଅବକାରୀ ବିଭାଗ। ବିଶେଷ ସୂତ୍ରରୁ ଖବର ପାଇ ପୁରୀ ଅବକାରୀ ଅଧିକ୍ଷକ ଶ୍ରୀଯୁକ୍ତ ଜଗଦୀଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶକ୍ରମେ ନିମାପଡା ଅବକାରୀ ଥାନା ଅଧିକାରୀ ଶ୍ରୀଯୁକ୍ତ ପ୍ରଭାକର ସେଠୀଙ୍କ ନେତୃତ୍ୱରେ ଏକ ଟିମ୍ ବୁଧବାର ଦିନ ମଧ୍ୟାହ୍ନ ୧୨ଘଟିକା ସମୟରେ ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ଖଣ୍ଡାସାହି ପାର୍ଶ୍ୱବର୍ତ୍ତୀ ଦେବୀ ନଦୀ ରାସ୍ତା ନିକଟରେ ଚଢ଼ାଉ କରି ବସନ୍ତ କୁମାର ନାୟକଙ୍କୁ ଗିରଫ କରି ଧଳା ଜହର ଜବତ କରିବାରେ ସକ୍ଷମ ହୋଇଛନ୍ତି। ବସନ୍ତଙ୍କ ନିକଟରୁ ୧୦୫ଗ୍ରାମ ଧଳା ଜହର ଜବତ କରିଥିବା ବେଳେ ଯାହାର ଆନୁମାନିକ ମୂଲ୍ୟ ୧୦ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଇଛି। ଏହା ସହ ଅଭିଯୁକ୍ତ ଠାରୁ ଏକ ସ୍ମାଟ ଫୋନ ସହ ୧୨ଶହ ଟଙ୍କା ନଗଦ ଜବତ କରିଥିଲା ଅବକାରୀ ପୋଲିସ। ଏ ନେଇ ଅବକାରୀ ଥାନା କେଶ ନମ୍ବର ୧୨/୨୬-୨୭ରେ ଏନ.ଡ଼ି.ପି.ଏସ ମାମଲା ରୁଜୁ କରି କୋର୍ଟ ଚାଲଣ କରିଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ନିମାପଡା ଉପକାରାଗାର କୁ ପଠାଯାଇଛି। ଯାହାକି ସୂଚନା ଦେଇଛନ୍ତି ନିମାପଡା ଅବକାରୀ ଥାନା ଅଧିକାରୀ ଶ୍ରୀଯୁକ୍ତ ପ୍ରଭାକର ସେଠୀ। ଏହି ସ୍ୱତନ୍ତ୍ର ଚଢ଼ାଉ ସମୟରେ ଅବକାରୀ ଥାନା ନିମାପଡା ଓ କୋଣାର୍କ ଅଞ୍ଚଳର ଅଧିକାରୀ ପ୍ରମୁଖ ସାମିଲ ଥିଲେ। ଏହି କାରବାର ସହ ଅନ୍ତଃରାଜ୍ୟ ରାକେଟ କାମ କରୁଥିବା ଚର୍ଚ୍ଚା ହେଉଛି।

## ଢେଙ୍କାନାଳରେ ଏସଏସସି ଜିଡ଼ି ପରୀକ୍ଷାରେ ବିଭ୍ରାଟ

# ଶତାଧିକ ପରୀକ୍ଷାର୍ଥୀ ଦେଇ ପାରିଲେନି ପରୀକ୍ଷା, ଉତ୍ତେଜନା



**ଢେଙ୍କାନାଳ,୬।୫(ସଂଚାର ବ୍ୟୁରୋ):** ଗତ କାଲିଠାରୁ ଚାଲିଥିବା ଷ୍ଟାଫ ସିଲେକ୍ସନ କମିଶନ ଜେନେରାଲ ଡ୍ୟୁଟି ବା ଏସଏସସି ଜିଡ଼ି ପରୀକ୍ଷାରେ ବିଭ୍ରାଟ ଦେଖାଦେଇଛି। ପରୀକ୍ଷା ପରିଚାଳନାରେ ବ୍ୟାପକ ତ୍ରୁଟି ଦେଖାଦେଇଛି। ଫଳରେ ଏହି ପରୀକ୍ଷା ଦେବା ପାଇଁ ରାଜ୍ୟ ବ୍ୟାପି ଜିଲ୍ଲାର ଦୂର ଦୁରାନ୍ତରୁ ଆସି ପିଲାମାନେ ନାହିଁ ନଥିବା ସମସ୍ୟାରେ ପଡ଼ିଛନ୍ତି। ଏପରିକି ପରୀକ୍ଷା ଦେବାପାଇଁ ରାଜ୍ୟବ୍ୟାପୀ ଆସିଥିବା ଶତାଧିକ ପରୀକ୍ଷାର୍ଥୀ ପରୀକ୍ଷା ଦେଇ ପାରି ନାହାନ୍ତି।ଗତ କାଲି ଏପରି ସ୍ଥିତି ଯୋଗୁଁ ୧୧୫ପିଲା ପରୀକ୍ଷା ଦେଇ ନପାରି ଫେରି ଯାଇଥିଲେ। ଆଜି ମଧ୍ୟ ଅନୁରୂପ ସ୍ଥିତି ଉପୁଜିଥିଲା। ଯାହାକୁ ନେଇ ଢେଙ୍କାନାଳର ପରୀକ୍ଷା କେନ୍ଦ୍ର ହୋଇଥିବା ସିଆରିଆସ୍ଥିତ ବାଜିରାଉତ ଇନ୍ସଷ୍ଟିଚ୍ୟୁଟ ଅଫ ଏଜୁକେସନ ଆଣ୍ଡ ଟେକ୍ନୋଲୋଜି ବା ଈଓଋଞ କଲେଜରେ ଉତ୍ତେଜନା ପ୍ରକାଶ ପାଇଥିଲା। ଆଜି ଉତ୍ୟକ୍ତ ପରୀକ୍ଷାର୍ଥୀ ମାନେ କଲେଜ ପରିସର ରେ ବିକ୍ଷୋଭ ପ୍ରଦର୍ଶନ ସାଙ୍ଗକୁ କଲେଜ ଗେଟ ସମ୍ମୁଖରେ ଗଣ ଧାରଣା ଦେଇ ବିଭିନ୍ନ ନାରା ବାଜି କରିଥିଲେ। ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ସ୍ଥାନୀୟ ସଦର ଥାନା ପୁଲିସ ପହଂଛି ଉତ୍ତ୍ୟକ୍ତ ପରୀକ୍ଷାର୍ଥୀ ମାନଙ୍କୁ ବୁଝା ସୁଝା କରିଥିଲେ। ପିଲାଙ୍କ ଜିଦ ଉକ୍ତ ସେଣ୍ଟରରେ ଦେଢ଼ ଶହ ରୁ ଦୁଇ ଶହ ପିଲାଙ୍କ ପାଇଁ ପରୀକ୍ଷାଦେବାର ଅନୁଆଙ୍ଗିକ ବ୍ୟବସ୍ଥା ରହିଛି। ମାତ୍ର ପରକ୍ଷା ପରିଚାଳନା କରୁଥିବା ସରକାରୀ କର୍ତ୍ତୃପକ୍ଷ ପ୍ରତି ସିଟିଂରେ ୫ଶହ ରୁ ୬ ଶହ ପିଲାଙ୍କୁ ପରୀକ୍ଷା ଦେବାପାଇଁ କାହିଁକି ନିର୍ଦ୍ଧାରଣ କରିଛନ୍ତି ବୋଲି ପ୍ରଶ୍ନ ଉଠାଇଥିଲେ। ପରେ ପରୀକ୍ଷା କେନ୍ଦ୍ର ଠାରେ ଢେଙ୍କାନାଳ ତହସିଲଦାର ପହଁଚି ବୁଝାସୁଝା କରିଥିଲେ।

### ଅଳିଆ ଉଠାଇବାକୁ ୟୁଜର୍ସ ଫି' ବେଆଇନ

# ୟୁଜର୍ସ ଫି' ନାଁରେ ଜିଜିଆ କର ଆଦାୟ କରୁଛି ବିଏମ୍‌ସି

- ବିଏମ୍‌ସି ବିରୋଧରେ ଉନ୍ନୟନ ପରିଷଦର ଅଭିଯାନ
- ଆଜି ମେୟରଙ୍କୁ ଭେଟିବେ ନାଗରିକ ସଂଘ ପ୍ରତିନିଧି



ଭୁବନେଶ୍ୱର, ୬।୫ (ସଂଚାର ବ୍ୟୁରୋ): ବିଏମସି ପକ୍ଷରୁ ରାଜଧାନୀରେ ଅଳିଆ ଉଠେଇବା ପାଇଁ ୟୁଜର୍ସ ଫି' ଆଦାୟ ନିଷ୍ପତ୍ତିକୁ ନେଇ ଘନୀଭୂତ ହେଉଛି ଅସନ୍ତୋଷ। ହାଇକୋର୍ଟ ୪ ବର୍ଷ ପୂର୍ବରୁ ୟୁଜର୍ସ ଫି' ଆଦାୟ ଉପରେ ରହିତାଦେଶ ଲଗାଇଥିବା ବେଳେ ପୁଣି କିଭଳି ଏହା ଆଦାୟ କରାଯାଉଛି, ସେନେଇ ପ୍ରଶ୍ନ କରିଛନ୍ତି ଭୁବନେଶ୍ୱର ଉନ୍ନୟନ ପରିଷଦ। ଏହାକୁ ନେଇ ଆସନ୍ତାକାଲି ପରିଷଦର ଏକ ପ୍ରତିନିଧିମଣ୍ଡଳୀ ମେୟରଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ୟୁଜର୍ସ ଫି' ଆଦାୟ ନେଇ ହାଇକୋର୍ଟ ବିଏମ୍‌ସି ଓ ନଗର ଉନ୍ନୟନ ବିଭାଗକୁ ମାଗିଥିବା ସ୍ପଷ୍ଟୀକରଣର ଆଜି ପର୍ଯ୍ୟନ୍ତ ସରକାର ସତ୍ୟପାଠ ଦାଖଲ କରିନାହାଁନ୍ତି। ଭୁବନେଶ୍ୱର ପୌର ପରିଷଦକୁ ମହାନଗର ନିଗମ ମାନ୍ୟତା ମିଳିବା ପରେ ଲୋକଙ୍କ ଠାରୁ ପ୍ରପର୍ଟି ଟିକସ ଆଦାୟ ହେବା କଥା। ତାହା ନ କରି ଏଯାଏଁ ପୂର୍ବ ଭଳି ହୋଲଡିଂ ଟିକସ ଆଦାୟ ହେଉଛି। ହୋଲଡିଂ ଟିକସରେ ଡ୍ରେନ, ଅଳିଆ ସଫା, ପରିମଳ ସେବା, ରାସ୍ତାର ଆଲୋକୀକରଣ ପାଇଁ ଟିକସକୁ ବାଧ୍ୟତାମୂଳକ କରାଯାଇଛି। ଏହାସତ୍ତ୍ୱେ ବି ବିଏମସି ୟୁଜର୍ସ ଫି' ଆଦାୟ କରୁଛି। ଟେଲିକମ କମ୍ପାନୀ ଭଳି ମାଗଣା ଡାଟାରେ ଅଭ୍ୟସ୍ତ କରାଇ ଏବେ ବିଏମସି ଜନସାଧାରଣଙ୍କୁ ଲୁଟୁଛି ବୋଲି ଉନ୍ନୟନ ପରିଷଦ ଅଭିଯୋଗ କରିଛି। ଅଳିଆର ପ୍ରକ୍ରିୟାକରଣ କରି ବିଏମ୍‌ସି ଜୈବିକ ଖତ, ଧୂପକାଠି ପାଇଁ କାଠ ଓ ପତ୍ର ଗୁଣ୍ଡ, ପ୍ଲାଷ୍ଟିକ ଗୁଣ୍ଡ, କାଗଜ ପେଡ଼ି ଆଦି ଉପକରଣ ବିକ୍ରି କରି ରାଜସ୍ୱ ପାଉଛି। ଅଳିଆ ଆବର୍ଜନାରୁ ଗ୍ୟାସ ଉତ୍ପାଦନ ପାଇଁ ଓଏନଜିସି ସହ ଏମଓୟୁ ମଧ୍ୟ ହୋଇଛି। ଏହାସତ୍ତ୍ୱେ ବିଏମସିର ନିଜସ୍ୱ ଆୟ ପାଇଁ ଏଭଳି ଫି' ଆଦାୟ ଜିଜିଆ କର ସହ ସମାନ ବୋଲି ଅଭିଯୋଗ ହେଉଛି। ରାଜଧାନୀରେ ପ୍ରାୟ ୨ ଲକ୍ଷ ୫୦ ହଜାର ଘରେ ବସ୍ତି ସମେତ ପ୍ରାୟ ୧୫ ଲକ୍ଷ ଲୋକ ବସବାସ କରୁଛନ୍ତି। କିନ୍ତୁ ଏପର୍ଯ୍ୟନ୍ତ ୧ ଲକ୍ଷ ୨୨ ହଜାର ଘରୁ ହୋଲଡିଂ ଟିକସ ଆଦାୟ ହେଉଛି। ବିଏମସିର ୨୦୦୬ ଆଇନରେ ପରିମଳ, ସ୍ୱଚ୍ଛତା ସେବା ଯୋଗାଇବା ବାଧ୍ୟତାମୂଳକ ଥିଲା। ହେଲେ ୨୦୧୮ରେ ଏକ ସାଧାରଣ ସଙ୍କଳ୍ପ ଜରିଆରେ ୟୁଜର୍ସ ଫି' ଆଦାୟ କରାଯିବା କେତେଦୂର ଆଇନସମ୍ମତ, ତା'ର ତର୍ଜମା ହେବାର ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ ପାଇଛି।

### ଚିଲିକାରେ ସୁରକ୍ଷା ନିୟମ କଡ଼ାକଡ଼ି

## ବିନା ଲାଇଫ ଜ୍ୟାକେଟ୍‌ରେ ଚାଲିବନି ଡଙ୍ଗା



ବ୍ରହ୍ମଗିରି, ୬।୫ (ସଂଚାର ବ୍ୟୁରୋ): ଚିଲିକାରେ କଡ଼ା ସୁରକ୍ଷା ନିୟମ। ବିନା ଲାଇଫ ଜ୍ୟାକେଟ୍‌ରେ ଡଙ୍ଗା ଚଳାଚଳ ନିଷିଦ୍ଧ। ମଧ୍ୟପ୍ରଦେଶରେ କ୍ରୁଜ ବୁଡ଼ି ଘଟଣା ପରେ ସମଗ୍ର ଚିଲିକାରେ ଲାଗିଛି କଟକଣା। ବିନା ଲାଇଫ ଜ୍ୟାକେଟରେ ଡଙ୍ଗା ନେବାକୁ ମନା କରାଯାଇଛି କିନ୍ତୁ କେହି ନିୟମ ମାନୁନାହାନ୍ତି। ଚିଲିକାରେ ବିପଦପୂର୍ଣ୍ଣ ଯାତ୍ରା କରୁଛନ୍ତି। ଉଭୟ ଯାତ୍ରୀବାହୀ ଡଙ୍ଗା ଓ ଭସାପୋଲରେ ଯାଉଥିବା ଯାତ୍ରୀଙ୍କ ପାଇଁ ଲାଇଫଜ୍ୟାକେଟ ଓ ଲାଇଫ ଗାର୍ଡକୁ ବାଧ୍ୟତାମୂଳକ କରିଛି। ଏନେଇ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପରେ ଚିଲିକା ସାତପଡ଼ାର ସମସ୍ତ ଡଙ୍ଗା ମାଲିକଙ୍କୁ ଚିଠି କରିଛି ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ କିନ୍ତୁ ଏହାକୁ ବେଖାତିର କରାଯାଇଛି। ଅନ୍ୟପକ୍ଷରେ ଆବଶ୍ୟକତାଠାରୁ ଅଧିକ ଯାତ୍ରୀଙ୍କୁ ନେବା ଉପରେ ମଧ୍ୟ ପ୍ରଶାସନ ପକ୍ଷରୁ କଟକଣା ଜାରି ହୋଇଛି। ଏବେ ଅଧିକାଂଶ ସମୟରେ କାଳବୈଶାଖୀ ହେଉଥିବାରୁ ଚିଲିକା ମଝିରେ ଯାତ୍ରୀଙ୍କୁ ସୁରକ୍ଷା ଦେବା ପାଇଁ ଏଭଳି କଡ଼ା ନିୟମ କରାଯାଇଛି ଓ ପଞ୍ଜିକରଣର ସମସ୍ତ ନିୟମକୁ ମାନିବାକୁ ମଧ୍ୟ ଚିଠିରେ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ଚିଠି ପରେ ବି ଯାତ୍ରୀବାହୀ ଡଙ୍ଗା ଓ ଭସାପୋଲରେ ଯାତ୍ରୀଙ୍କୁ ଲାଇଫ୍ ଜ୍ୟାକେଟ୍ ଦିଆଯାଉନାହିଁ।

## ମହୁ ଲୋଭ, ପଥର ସନ୍ଧିରେ ଫସିଲେ ନାବାଳକ

### ୯ ଘଣ୍ଟା ପରେ ସୁରକ୍ଷିତ ଭାବେ ଉଦ୍ଧାର



ନୟାଗଡ଼, ୬।୫ (ସଂଚାର ବ୍ୟୁରୋ): ପଥରଖୋଲରେ ଫସିଥିଲେ ନାବାଳକ। ତେବେ ଅଗ୍ନିଶମ କର୍ମଚାରୀମାନଙ୍କ ଦୀର୍ଘ ୯ ଘଣ୍ଟାର ପରିଶ୍ରମ ପରେ ଉକ୍ତ ନାବାଳକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଛନ୍ତି। ମହୁ ଫେଣା ଭାଙ୍ଗିବାକୁ ଯାଇ ଓଡ଼ଗାଁ ରାଣୀପଡ଼ାର ନାବାଳକ ଶିବ ପ୍ରଧାନ କାଣିପଦା ଜଙ୍ଗଲ ପଥର ଖୋଲରେ ଫସିଯାଇଥିଲା। ମିଳିଥିବା ସୂଚନାନୁସାରେ, ଆଜି ସକାଳ ପ୍ରାୟ ୭ଟା ମହୁ ସଂଗ୍ରହ ପାଇଁ ଶିବ ଙ୍କ ଓଡ଼ଗାଁ ବାଉଁଶଗାଡ଼ିଆ ଅଞ୍ଚଳର ଜଙ୍ଗଲକୁ ଯାଇଥିଲେ। ତେବେ ମହୁଫେଣା ଭାଙ୍ଗିବା ସମୟରେ ମାଟି ଖସିଯିବାରୁ ସେ ପଥର ସନ୍ଧିରେ ଫସିଯାଇଥିଲେ। ତାଙ୍କ ମୁଣ୍ଡ ପଥର ସନ୍ଧିରେ ଅଟକିଯିବାରୁ ସେ ଆଉ ବାହାରକୁ ଆସିପାରିନଥିଲେ। ସ୍ଥାନୀୟ ଲୋକେ ଏହା ଦେଖି ତୁରନ୍ତ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ନୟାଗଡ଼ ଓ ଓଡ଼ଗାଁ ଅଗ୍ନିଶମ କର୍ମଚାରୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ପରେ ଭୁବନେଶ୍ୱରରୁ ମଧ୍ୟ ରେସ୍କ୍ୟୁ ଟିମ୍ ପହଞ୍ଚି ଏହି ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଥିଲା। ପଥର ସନ୍ଧିରେ ଶିବଙ୍କ ମୁଣ୍ଡ ଅଟକିଯାଇଥିବାରୁ ଉଦ୍ଧାର କାର୍ଯ୍ୟ ବେଶ୍ ଚ୍ୟାଲେଞ୍ଜିଂ ହୋଇପଡ଼ିଥିଲା। ତେବେ ଉଦ୍ଧାର ସମୟରେ ଉକ୍ତ ନାବାଳକଙ୍କଠାରୁ ମାତ୍ର ଅଳ୍ପ ଦୂରରେ ଏକ ବିରାଟକାୟ ଅଜଗର ଶୋଇଥିଲା। କିନ୍ତୁ ଅଜଗର ତାଙ୍କର କୌଣସି କ୍ଷତି କରିବା ପୂର୍ବରୁ ଅଗ୍ନିଶମ ବାହିନୀର କର୍ମଚାରୀମାନେ ତାଙ୍କୁ ଦୀର୍ଘ ୯ ଘଣ୍ଟାର ଅପରେସନ ପରେ ଉକ୍ତ ପଥର ଖୋଲରୁ ଉଦ୍ଧାର କରିଥିଲେ। ଉଦ୍ଧାର ପରେ ନାବାଳକଙ୍କୁ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନାକୁ ନିଆଯାଇଛି।

## ଭିଜିଲାନ୍ସ ପଞ୍ଝାରେ ବରଗଡ଼ ଜିଲ୍ଲା ଶିଳ୍ପ କେନ୍ଦ୍ର ଡିଆରପି



ବରଗଡ଼, ୬।୫ (ସଂଚାର ବ୍ୟୁରୋ): ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ବରଗଡ଼ ଜିଲ୍ଲା ଶିଳ୍ପ କେନ୍ଦ୍ରର ଡିଷ୍ଟ୍ରିକ୍ଟ ରିସୋର୍ସ ପର୍ସନ (ଡିଆର୍‌ପି)। ୩୦ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ବରଗଡ଼ ଜିଲ୍ଲା ଶିଳ୍ପ କେନ୍ଦ୍ର ଅଫିସ୍ ଅଧୀନରେ କାମ କରୁଥିବା ଡିଆର୍‌ପି ରାକ୍ଷୀ ମେହେରଙ୍କୁ ଭିଜିଲାନ୍ସ ଗିରଫ କରିଛି। ସେ ଜଣେ ହିତାଧିକାରୀଙ୍କଠାରୁ ୮ ଲକ୍ଷ ୬୪ ହଜାର ଟଙ୍କା ଲୋନ୍ ବାବଦରେ ୩୫ ପ୍ରତିଶତ ସବସିଡି କରାଇଦେବା ସକାଶେ ଲାଞ୍ଚ ନେଉଥିଲେ। ସେ ଏହି ଟଙ୍କା ବ୍ୟାଙ୍କ ଆକାଉଣ୍ଟ ଯୋଗେ ନେଉଥିବା ସମୟରେ ତାଙ୍କୁ ଭିଜିଲାନ୍ସ ଅଧିକାରୀମାନେ କାବୁ କରିନେଇଥିଲେ। ଏଥିସହ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ସନ୍ଦେହରେ ତାଙ୍କ ସହ ଜଡ଼ିତ ଗାଇସିଲେଟ ଓ ବିଜେପୁର ଦୁଇଟି ସ୍ଥାନରେ ଏକକାଳୀନ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ ଜାରି ରହିଛି। ଏହି ଚଢ଼ାଉରେ ୩ଟି ଭିଜିଲାନ୍ସ ଟିମ୍ ସାମିଲ୍ ରହିଛି।

### ଯୁବକଙ୍କୁ ପିଟିପିଟି ହତ୍ୟା ମାମଲା

## ଅଭିଯୁକ୍ତ ମାମୁ, ଭଣଜା ଗିରଫ



ସୋର, ୬।୫ (ସଂଚାର ବ୍ୟୁରୋ): ଯୁବକଙ୍କୁ ପିଟିପିଟି ହତ୍ୟା ଘଟଣାରେ ମାମୁ-ଭଣଜା ଗିରଫ। ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ସିମୁଳିଆ ଥାନା ପଇଁତିରିଶ ସାହି ଗାଁର ସୁବାସ ସୂତାରକୁ ହତ୍ୟା କରିଥିଲେ ଅଭିଯୁକ୍ତ। ଦୁଇ ଦିନ ତଳେ କାଞ୍ଚପଡ଼ା ଅଞ୍ଚଳର ଭଗବାନ କର ଓ ତାଙ୍କ ସହଯୋଗୀ ସୁବାସଙ୍କୁ ଘରୁ ଉଠାଇ ଆଣି ଅଙ୍ଗନବାଡ଼ି କେନ୍ଦ୍ରରେ ହାତଗୋଡ଼ ବାନ୍ଧିଦେବା ସହ ଠେଙ୍ଗାରେ ଭୀଷଣ ମାଡ଼ ମାରିଥିଲେ। ଫଳରେ ସୁବାସଙ୍କ ନାକରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ପରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡ଼ିବାରୁ ସୁବାସଙ୍କୁ ସିମୁଳିଆ ମେଡିକାଲରେ ଭର୍ତ୍ତି କରି ସେଠାରୁ ଅଭିଯୁକ୍ତମାନେ ଖସି ପଳାଇଥିଲେ। ଖବର ପାଇ ସିମୁଳିଆ ମେଡିକାଲରୁ ଭଦ୍ରକ ମେଡିକାଲକୁ ନେଇଥିଲେ ପରିବାର ଲୋକ। କିନ୍ତୁ ଭଦ୍ରକ ମେଡିକାଲରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ସୁବାସଙ୍କ ପରିବାର ସିମୁଳିଆ ଥାନାରେ ଅଭିଯୋଗ କରିବା ପରେ ପୁଲିସ୍ ଘଟଣାର ତଦନ୍ତ କରି ଅଭିଯୁକ୍ତ ଭଗବାନ ଓ ତାଙ୍କ ଭଣଜା ବୈରଞ୍ଜନ ଦାସଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତେବେ ପାରିବାରିକ କଳହରୁ ଏହି ହତ୍ୟାକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ପୁଲିସ ଜାଣିବାକୁ ପାଇଛି।

## ଧରାପଡ଼ିଲେ ମାମୁ-ଭଣଜା ଲୁଟେରା ଗ୍ୟାଙ୍ଗ




ଭୁବନେଶ୍ୱର, ୬।୫ (ସଂଚାର ବ୍ୟୁରୋ): ରାଜଧାନୀ ଭୁବନେଶ୍ୱର ଷ୍ଟେସନ୍‌ରୁ ମାମୁ-ଭଣଜା ଲୁଟେରା ଗ୍ୟାଙ୍ଗ୍ ଧରାପଡ଼ିଛି। ପ୍ଲାଷ୍ଟିକ ଜରି ଗୋଟାଇବା ଆଳରେ ସେମାନେ ମୋବାଇଲ ଫୋନ ଓ ପର୍ସ ଆଦି ଚୋରି କରୁଥିଲେ। ଭୁବନେଶ୍ୱର ରେଳଷ୍ଟେସନରେ ଯାତ୍ରୀଙ୍କଠାରୁ ସେମାନେ ଅଭିନବ ଢଙ୍ଗରେ ଲୁଟ୍‌ପାଟ୍ କରୁଥିବା ବେଳେ ଗିରଫ ପରେ ସେମାନେ ଆରପିଏଫ ଆଗରେ ଡେମୋ ଦେଖାଇଛନ୍ତି। କେମିତି ଯାତ୍ରୀମାନଙ୍କଠାରୁ ଲୁଟ୍ କରୁଥିଲେ, ତା' କରିଦେଖାଇଛନ୍ତି ଆନ୍ଧ୍ରର ଅଭିଯୁକ୍ତ ମାମୁ ସହ ଓଡ଼ିଶା ସୀମାନ୍ତ ଅଞ୍ଚଳର ଭଣଜା। ଗିରଫ ହୋଇଥିବା ଦୁଇ ଅଭିଯୁକ୍ତ ହେଲେ ଆନ୍ଧ୍ର ୱେଷ୍ଟ ଗୋଦାବରୀର ଅକିଭିଡ୍ଡୁର ଚିଣ୍ଟା ଆନନ୍ଦ ଓ ଗଞ୍ଜାମ ଜିଲ୍ଲା ସୋରଡ଼ା ଅଞ୍ଚଳର ସନ୍ତୁ ଦାସ। ଲୁଟ୍ ପରେ ସେମାନେ ଲୁଟ୍ ସାମଗ୍ରୀକୁ ଅଧା ଦାମରେ ବିକ୍ରି କରିଦେଉଥିଲେ।

## ଥାନା ପରିସରରେ ମାରପିଟ୍: ପୁଲିସ୍ ସମେତ ୭ ଆହତ



ବୌଦ୍ଧ, ୬।୫ (ସଂଚାର ବ୍ୟୁରୋ): ରଣକ୍ଷେତ୍ର ପାଲଟିଲା ଥାନା ପରିସର। ପୁଲିସ ଓ ଉତ୍ତ୍ୟକ୍ତ ଲୋକଙ୍କ ମଧ୍ୟରେ ହାତାହାତି ହେବା ଫଳରେ ଜଣେ ପୁଲିସ୍ କର୍ମୀଙ୍କ ସହ ମୋଟ ୭ ଜଣ ଆହତ ହୋଇଛନ୍ତି। ବୌଦ୍ଧ ଜିଲ୍ଲା ଅନ୍ତର୍ଗତ ପୁରୁଣାକଟକ ଥାନା ପରିସରରେ ଘଟିଛି ଏପରି ଉତ୍ତେଜନା। ଘଟଣାସ୍ଥଳରେ ପୁଲିସ ଛାଉଣୀ ହୋଇଥିବା ବେଳେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଏହି ଘଟଣାରେ ମୋଟ ୭ ଜଣଙ୍କୁ ଅଟକ ରଖି ପୁଲିସ୍ ପଚରାଉଚରା କରୁଛି। ତେବେ ପୁଲିସ ମାଡ଼ରେ କେତେକ ଯୁବକ ରକ୍ତାକ୍ତ ହୋଇଥିବା ଦେଖିବାକୁ ମିଳିଛି। ଖବର ପାଇ ଘଟଣାସ୍ଥଳରେ ବୌଦ୍ଧ ଏସଡିପିଓ ଓ ହରଭଙ୍ଗା ଥାନାଧିକାରୀ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରୁଛନ୍ତି। କରଞ୍ଜକଟା ଗାଁରେ ଥିବା ପଶୁ ଡାକ୍ତରଖାନା ପରିସରରେ ଗଛ ଓ ବିଦ୍ୟୁତ କାଟ ଘଟଣା ନେଇ ପୁରୁଣାକଟକ ଥାନାରେ ଅଭିଯୋଗ ହୋଇଥିଲା। ଗାଁଲୋକେ ଏହି ସମସ୍ୟା ନେଇ ଥାନାରେ ପହଞ୍ଚିଥିବା ବେଳେ କେତେକ ପୁଲିସ କର୍ମୀ ସେମାନଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ପ୍ରଥମେ ପୁଲିସ ଓ ଉତ୍ତ୍ୟକ୍ତ ଲୋକଙ୍କ ମଧ୍ୟରେ ବାକ୍‌ଯୁଦ୍ଧ ହୋଇଥିଲା, ଯାହାକି ପରେ ହାତାହାତି ଓ ମାରପିଟର ରୂପ ନେଇଥଇଲା। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ପୁରୁଣାକଟକ ଥାନା ପରିସରରେ ଉତ୍ତେଜନାମୂଳକ ପରିସ୍ଥିତି ଜାରି ରହିଛି।

## ଛାତ୍ରୀଙ୍କୁ ଅସଦାଚରଣ କରି ଶିକ୍ଷକ ଗିରଫ



ବାଲିକୁଦା, ୬।୫ (ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ଅନ୍ତର୍ଗତ ଗରାମ ଗ୍ରାମ ପଞ୍ଚାୟତ ଅଧୀନ ଦଧିବାମନ ଜୀୟୁ ହାଇସ୍କୁଲର ଗଣିତ ଶିକ୍ଷକଙ୍କ ବିରୋଧରେ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ କରିଥିବା ଅଭିଯୋଗ ଆସିଛି। ଏହି ଘଟଣାରେ ବାଲିକୁଦା ପୁଲିସ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ଶିକ୍ଷକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ମିଳିଥିବା ସୂଚନାନୁସାରେ, ସ୍ଥାନୀୟ ସଠଳପୁର ଗ୍ରାମର ଉକ୍ତ ୧୩ ବର୍ଷୀୟା ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କୁ ହାଇସ୍କୁଲର ଗଣିତ ଶିକ୍ଷକ ସମୀର କୁମାର ନାୟକ ବିଭିନ୍ନ ସମୟରେ ଅଶୋଭନୀୟ ଆଚରଣ ପ୍ରଦର୍ଶନ କରିଆସୁଥିବା ଅଭିଯୋଗ ହୋଇଛି। ପୀଡ଼ିତାଙ୍କ ମା' କରିଥିବା ଅଭିଯୋଗ ଅନୁଯାୟୀ, ଉକ୍ତ ଶିକ୍ଷକ ଜଣଙ୍କ ତାଙ୍କ ଝିଅଙ୍କୁ ଅଶ୍ଳୀଳ ଇଙ୍ଗିତ କରିବା ସହ ତାଙ୍କୁ କ୍ଲାସର ପଛ ବେଞ୍ଚରେ ବସାଇ ବିଭିନ୍ନ ସମୟରେ କଥାବାର୍ତ୍ତା ଆଳରେ ଶରୀରକୁ ସ୍ପର୍ଶ କରୁଥିଲେ। ଏପରିକି ଶିକ୍ଷକ ଜଣଙ୍କ ଛାତ୍ରୀଙ୍କୁ ଏକାକୀ ଥିବା ସମୟରେ ତାଙ୍କୁ ସହଯୋଗ କଲେ ପରୀକ୍ଷାରେ ମାର୍କ ବଢ଼ାଇଦେବାର ପ୍ରଲୋଭନ ବି ଦେଉଥିଲେ। ଏଥିସହ ମୋବାଇଲରେ ମଧ୍ୟ ସେ ତାଙ୍କ ଝିଅ ସହ ଅଶ୍ଳୀଳ ଭାଷାରେ କଥାବାର୍ତ୍ତା ହେଉଥିଲେ। ଗତ ୨୦ ତାରିଖରେ ଉକ୍ତ ଶିକ୍ଷକ ଜଣଙ୍କ ତାଙ୍କ ଝିଅଙ୍କୁ ଫୋନ କରିବା ସହ ଅସଭ୍ୟ ଭାଷାରେ କଥାବାର୍ତ୍ତା କରିବାରୁ ବାଧ୍ୟ ହୋଇ ଝିଅ ତାଙ୍କୁ ସବୁକିଛି କହିଥିଲା। ଏନେଇ ପୀଡ଼ିତାଙ୍କ ବାପା ପ୍ରଥମେ ହାଇସ୍କୁଲର ପ୍ରଧାନଶିକ୍ଷକଙ୍କୁ ଜଣାଇଥିଲେ। ପ୍ରଧାନଶିକ୍ଷକ ସ୍ଥାନୀୟ ଭଦ୍ରଲୋକଙ୍କ ମଧ୍ୟସ୍ଥତାରେ ଘଟଣାର ସମାଧାନ ପାଇଁ ଚେଷ୍ଟା କରଥିଲେ। କିନ୍ତୁ ପୀଡ଼ିତାଙ୍କୁ ନ୍ୟାୟ ନ ମିଳିବାରୁ ଶେଷରେ ଗତକାଲି ବାଲିକୁଦା ଥାନାରେ ଛାତ୍ରୀଙ୍କ ମା' ପୂଜାରାଣୀ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ବାଲିକୁଦା ପୁଲିସ ୧୭୦/୨୦୨୬ରେ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ଶିକ୍ଷକଙ୍କୁ ଥାନାରେ ଅଟକ ରଖିଥିଲେ। ପରେ ଶିକ୍ଷକଙ୍କ ବୟାନ ସହ ପୀଡ଼ିତା ଓ ତାଙ୍କ ମା'ଙ୍କ ବୟାନକୁ ଭିତ୍ତି କରି ପୁଲିସ ଭାରତୀୟ ନ୍ୟାୟ ସଂହିତାର ଧାରା ୭୪, ୭୫, ୭୯ ଓ ପୋକ୍ସୋ ଆଇନର ଧାରା ୮ ଅନୁସାରେ ମାମଲା ରୁଜୁ କରିଥିଲେ। ପରେ ଅଭିଯୁକ୍ତଙ୍କୁ ଡାକ୍ତରୀ ପରୀକ୍ଷା କରି ଆଜି କୋର୍ଟ ଚାଲାଣ କରାଯାଇଛି। ତେବେ ଏପରି ଏକ ଘଟଣାକୁ ନେଇ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି ଓ ଶିକ୍ଷକ ଜଣଙ୍କ ଗୁରୁ ନାଁରେ କଳଙ୍କ ବୋଲି ଲୋକେ କହୁଛନ୍ତି।

## ଚୋରାମଦ ବିକ୍ରି ଅଭିଯୋଗରେ ୯ ଗିରଫ



କେନ୍ଦ୍ରାପଡ଼ା, ୬।୫ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର୍. ଆୟରଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ଅଧୀକ୍ଷକ ବିପ୍ର ଚରଣ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ଜିଲ୍ଲାର ରାଜକନିକା, ଆଳି ଓ ମାର୍ଶାଘାଇ ଥାନା ଅଧୀନସ୍ଥ ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ମୋଟ ୯ ଜଣଙ୍କୁ ଗିରଫ କରାଯାଇଛି। ଚଢ଼ାଉ ପରେ ନେମ୍ବରା ଗ୍ରାମର ବିଶ୍ୱଜିତ ସ୍ୱାଇଁ(୪୫)ଙ୍କଠାରୁ ୪୦ ଲିଟର ଚୋରା ଦେଶୀ ମଦ, ନଛିପଡ଼ା ଗ୍ରାମର ନରହରି ସ୍ୱାଇଁ(୫୮)ଙ୍କଠାରୁ ୫୨ ଲିଟର ଚୋରା ବିଦେଶୀ ମଦ, ବଳିପଡ଼ା ଗ୍ରାମର ସାଗର ବେହେର(୩୬)ଙ୍କଠାରୁ ୩୫ ଲିଟର ଚୋରା ବିଦେଶୀ ମଦ, ଅଙ୍ଗୁଳେଇ ଗ୍ରାମର ସଞ୍ଜୟ କୁମାର ବସନ୍ତିଆ(୪୪)ଙ୍କଠାରୁ ୧୦ ଲିଟର ଚୋରା ଦେଶୀ ରନ୍ଧା ମଦ ଜବତ ହୋଇଛି। ଏହାଛଡ଼ା ଶରତ ବାରିକ(୫୦)ଙ୍କଠାରୁ ୩୩ ଲିଟର ଚୋରା ବିଦେଶୀ ମଦ, ବାଲିକଣା ଗ୍ରାମର ଧୀରେନ ମଲିକ(୬୪)ଙ୍କଠାରୁ ୩୮ ଲିଟର ଚୋରା ବିଦେଶୀ ମଦ, ନିଳଦିଆପାଳନ୍ଧ ଗ୍ରାମର ଲୁସି ବେହେରା(୩୧)ଙ୍କଠାରୁ ୨୯ ଲିଟର ଚୋରା ବିଦେଶୀ ମଦ, ଆୟତନ ଗ୍ରାମର ଜୟନ୍ତୀ ବିଶ୍ୱାଳ(୪୦)ଙ୍କଠାରୁ ୧୨ ଲିଟର ଚୋରା ଦେଶୀ ମଦ ଓ ପାତ୍ରପୁର ଗ୍ରାମର ଶରତ କୁମାର ପରିଡ଼ା(୪୩)ଙ୍କଠାରୁ ୨୩ ଲିଟର ଦେଶୀ ଚୋରା ମଦ ଜବତ କରାଯିବା ସହ ସେମାନଙ୍କୁ ଗିରଫ କରାଯାଇଛି। ସେମାନଙ୍କ ପାଖରୁ ସମୁଦାୟ ୨୭୨ ଲିଟର ଚୋରା ବିଦେଶୀ, ଦେଶୀ ଓ ଦେଶୀ ରନ୍ଧା ମଦ ଜବତ କରାଯିବା ସହ ଗିରଫ ୯ ଚୋରା ମଦ ବେପାରୀଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଅବକାରୀ ଉପନିରୀକ୍ଷକ କଳ୍ପନା ରାଉତ, ପ୍ରିୟଦର୍ଶୀ ମାନସରଞ୍ଜନ ମିଶ୍ର ଓ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ।

## ହାତୀପଲଙ୍କୁ ଟେକା ଫିଙ୍ଗି ୪ ଗିରଫ



କେନ୍ଦୁଝର, ୬।୫ (ସଂଚାର ବ୍ୟୁରୋ): ହାତୀପଲଙ୍କୁ ଟେକା ଫିଙ୍ଗି ୪ ଜଣ ଗିରଫ ହୋଇଛନ୍ତି। କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ଅଞ୍ଚଳରେ ହାତୀପଲଙ୍କୁ ଟେକାପଥର ମାଡ଼ କରିବା ଅଭିଯୋଗରେ ବନ ବିଭାଗ ସେମାନଙ୍କୁ ଗିରଫ କରିଛି। ଗିରଫଙ୍କ ମଧ୍ୟରେ ୨ ଜଣ ନାବାଳକ ଥିବା ବେଳେ ଗତ କିଛି ଦିନ ଧରି ପାଟଣା ରେଞ୍ଜ ଅଞ୍ଚଳରେ ୪ଟିକିଆ ହାତୀପଲ ବୁଲି ଉତ୍ପାତ ଚଳାଇଥିଲେ। ଏହି ସମୟରେ କିଛି ସ୍ଥାନୀୟ ବ୍ୟକ୍ତି ହାତୀମାନଙ୍କୁ ଘଉଡ଼ାଇବା ପାଇଁ ଟେକାପଥର ମାଡ଼ କରିଥିବା ଅଭିଯୋଗ ହୋଇଥିଲା। ଘଟଣା ସମ୍ବନ୍ଧୀୟ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ବନ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୪ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ହୋଇଥିବା ଅଭିଯୁକ୍ତଙ୍କ ମଧ୍ୟରେ ଥିବା ୨ ନାବାଳକଙ୍କ ବିରୋଧରେ ଜୁଭେନାଇଲ ଜଷ୍ଟିସ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ଡିଏଫ୍ଓ କହିଛନ୍ତି । ହାତୀପଲଙ୍କୁ ଏପରି ଭାବେ ହଇରାଣ କରିବା ବନ୍ୟପ୍ରାଣୀ ସୁରକ୍ଷା ଆଇନ, ୧୯୭୨ ଅନୁଯାୟୀ ଦଣ୍ଡନୀୟ ଅପରାଧ। ଗିରଫ ହୋଇଥିବା ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ସୂଚନା ମିଳିଛି ।

### ସୁଧୀର ପାତ୍ର ହତ୍ୟାକାଣ୍ଡ ମାମଲାରେ ମୁହଁ ଖୋଲିଲେ ସ୍ତ୍ରୀ

## ପୁତୁରା, ଝିଆରୀଙ୍କୁ କ୍ଲିନ୍‌ଚିଟ୍, ଭାଉଜ ଓ ମାମୁ ମାଷ୍ଟର୍‌ମାଇଣ୍ଡ୍



ବ୍ରହ୍ମପୁର, ୬।୫ (ସଂଚାର ବ୍ୟୁରୋ): ରେଶମ ସହର ବ୍ରହ୍ମପୁରର ଚର୍ଚ୍ଚିତ ପ୍ଲଟ ବ୍ୟବସାୟୀ ସୁଧୀର ପାତ୍ରଙ୍କ ହତ୍ୟାକାଣ୍ଡ ଘଟଣା ଏବେ ଏକ ନୂଆ ମୋଡ଼ ନେଇଛି। ସ୍ୱାମୀଙ୍କୁ ହରାଇବା ପରେ ପ୍ରଥମ ଥର ପାଇଁ ଗଣମାଧ୍ୟମ ସମ୍ମୁଖକୁ ଆସି ନିଜର କୋହଭରା ପ୍ରତିକ୍ରିୟା ରଖିଛନ୍ତି ମୃତ ସୁଧୀରଙ୍କ ପତ୍ନୀ ରଶ୍ମିତା ପାତ୍ର। ଏହି ହତ୍ୟାକାଣ୍ଡ ପଛରେ ପରିବାର ଭିତରର ଶତ୍ରୁତା ଓ ବ୍ୟବସାୟିକ ଈର୍ଷାପରାୟଣତାକୁ କାରଣ ବୋଲି କହିଛନ୍ତି ରଶ୍ମିତା। ଏଥିସହ ଏହି ଘଟଣାରେ ପ୍ରଥମରୁ ଝିଆରୀ ନିବେଦିତା ଓ ପୁତୁରା ଏବଂ ନିବେଦିତାଙ୍କ ପ୍ରେମିକଙ୍କର ମୁଖ୍ୟ ଭୂମିକା ଥିବା କଥା ପୁଲିସ୍ କହିଥିଲେ ହେଁ ଆଜି କିଛି ଭିନ୍ନ ସୂଚନା ଦେଇଛନ୍ତି ରଶ୍ମିତା। ସେ କହିଛନ୍ତି ଯେ ଏହି ହତ୍ୟାକାଣ୍ଡ ମାମଲାରେ ନିବେଦିତା ଓ ପୁତୁରାଙ୍କୁ କେବଳ ମୋହରା ବନାଯାଇଛି। କିନ୍ତୁ ପ୍ରକୃତ ମାଷ୍ଟର୍‌ମାଇଣ୍ଡ୍ ହେଉଛନ୍ତି ନିବେଦିତାଙ୍କ ମା' ଅର୍ଥାତ୍ ରଶ୍ମିତାଙ୍କ ଭାଉଜ ଏବଂ ନିବେଦିତାଙ୍କ ମାମୁ ତ୍ରିଲୋଚନ ବିଶେଶ୍ୱରରାୟ। ଏଥିସହ ରଶ୍ମିତା ଦାବି କରିଛନ୍ତି ଯେ ବସୁନ୍ଧରା ଓ ତ୍ରିଲୋଚନ ତୁରନ୍ତ ଗିରଫ ହେବା ଦରକାର। ନଚେତ୍ ଉଭୟ ବାହାରେ ଥିବା ପର୍ଯ୍ୟନ୍ତ ତାଙ୍କ ସହ ତାଙ୍କ ପିଲାଙ୍କ ଜୀବନ ପ୍ରତି ବିପଦ ରହିଛି।

ସୁଧୀରଙ୍କ ସମ୍ପର୍କରେ ସେ କହିଛନ୍ତି ଯେ ତାଙ୍କ ସ୍ୱାମୀ ଶେୟାର ମାର୍କେଟରେ ପାଖାପାଖି ଅଢ଼େଇ କୋଟି ଟଙ୍କା ନିବେଶ କରିଥିଲେ। ବ୍ୟବସାୟରେ ସୁଧୀରଙ୍କ ଏହି ସଫଳତା ଓ ଉନ୍ନତିକୁ ଦେଖି ତାଙ୍କ ଭାଉଜ ବସୁନ୍ଧରା ଦୀର୍ଘ ଦିନରୁ ଈର୍ଷା ପ୍ରକାଶ କରିଆସୁଥିଲେ। ସୁଧୀରଙ୍କ ଭାଇ ମନୋଜଙ୍କ ମୃତ୍ୟୁର ଠିକ୍ ପରଦିନ ବସୁନ୍ଧରା ସର୍ବସମ୍ମୁଖରେ ରଶ୍ମିତାଙ୍କୁ ଧମକ ଦେଇ କହିଥିଲେ, ତୋତେ ମୁଁ କଦାପି ଶାନ୍ତିରେ ରଖେଇ ଦେବି ନାହିଁ। ସେହି ଦିନର ଶତ୍ରୁତା ଆଜି ହତ୍ୟାକାଣ୍ଡର ରୂପ ନେଇଛି ବୋଲି ରଶ୍ମିତା କୋହଭରା କଣ୍ଠରେ କହିଛନ୍ତି।

### ଜୟପୁରରେ ବିଧାନସଭାର କମିଟି ସମ୍ପର୍କିତ ବୈଠକ

# କମିଟିଗୁଡ଼ିକୁ ଅଧିକ ପ୍ରଭାବଶାଳୀ କରାଯିବ: ବାଚସ୍ପତି




ଭୁବନେଶ୍ୱର, ୬।୫ (ସଂଚାର ବ୍ୟୁରୋ): ବିଧାନସଭାର କମିଟି ସମ୍ପର୍କିତ ଦ୍ୱିତୀୟ ସର୍ବଭାରତୀୟ ବାଚସ୍ପତି ସମ୍ମିଳନୀ ଜୟପୁରଠାରେ ଅନୁଷ୍ଠିତ ହୋଇଛି। ମଧ୍ୟପ୍ରଦେଶ ବିଧାନସଭା ବାଚସ୍ପତି ନରେନ୍ଦ୍ର ସିଂ ତୋମାରଙ୍କ ଅଧ୍ୟକ୍ଷତାରେ ତଥା ରାଜସ୍ଥାନ ବିଧାନସଭା ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀରେ ଉତ୍ତର ପ୍ରଦେଶ, ମଧ୍ୟ ପ୍ରଦେଶ, ରାଜସ୍ଥାନ, ହିମାଚଳ ପ୍ରଦେଶ, ସିକ୍କିମ ସମେତ ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇଛନ୍ତି। ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ଦ୍ୱାରା ୭ଟି ବିଧାନସଭାର ବାଚସ୍ପତିଙ୍କୁ ନେଇ ଏହି କମିଟି ଗଠନ କରାଯାଇଛି। ଆଗାମୀ ଦିନରେ କମିଟି ବ୍ୟବସ୍ଥାକୁ କିପରି ଅଧିକ ଶୃଙ୍ଖଳିତ ଭାବେ ସମ୍ପନ୍ନ କରାଯାଇପାରିବ, ସେ ସମ୍ପର୍କରେ ଏହି କମିଟି ନୀତିଗତ ଭାବେ ନିଷ୍ପତ୍ତି ଗ୍ରହଣ କରିବେ। ସମ୍ମିଳନୀରେ ଯୋଗ ଦେଇ ବାଚସ୍ପତି ଶ୍ରୀମତୀ ପାଢ଼ୀ କହିଛନ୍ତି ଯେ ଭାରତର ସଂସଦୀୟ ପରମ୍ପରା ବ୍ୟବସ୍ଥାରେ ବିଧାନସଭା ହେଉଛି ଗଣତନ୍ତ୍ରର ମନ୍ଦିର। ଏଥିପ୍ରତି ଜନସାଧାରଣଙ୍କର ଆଶା-ଆକାଂକ୍ଷା ଓ ବିଶ୍ୱାସକୁ ବଳବତ୍ତର ରଖିବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏ କ୍ଷେତ୍ରରେ ଆମର ଉତ୍ତରଦାୟିତ୍ୱବୋଧ ରହିବା ଆବଶ୍ୟକ। ବିଧାନସଭା କମିଟି ବ୍ୟବସ୍ଥା, ସରକାରଙ୍କର ବିଭିନ୍ନ ଯୋଜନା ଓ ଏହାର ସଫଳ ରୂପାୟନର ତଦାରଖ କରିବା ସହ ସୁଚିନ୍ତିତ ପରାମର୍ଶ ଦେଇଥାନ୍ତି। ଆମ ରାଜ୍ୟରେ ୪ଟି ଫାଇନାନ୍ସିଆଲ୍ କମିଟି, ୧୦ଟି ଡିପାର୍ଟମେଣ୍ଟ ସମ୍ପର୍କିତ ଷ୍ଟାଣ୍ଡିଂ କମିଟି, ୧୦ଟି ହାଉସ୍ କମିଟି, ୫ଟି ଷ୍ଟାଚ୍ୟୁଟାରୀ କମିଟି ଓ ୬ଟି ଆଡ ହକ୍ କମିଟି ଏହିପରି ମୋଟ ୩୫ଟି କମିଟି ରହିଛି। ଏହି କମିଟିଗୁଡ଼ିକର କାର୍ଯ୍ୟ ଓ ପରିସର ଯଥେଷ୍ଟ ବ୍ୟାପକ ଓ ଗୁରୁତ୍ୱପୂର୍ଣ୍ଣ। ଏହି କମିଟିଗୁଡ଼ିକ ଉଲ୍ଲେଖନୀୟ କାର୍ଯ୍ୟ କରୁଛନ୍ତି। ଆଗାମୀ ଦିନରେ ବିଧାନସଭାର ଏହି କମିଟିଗୁଡିକ କିପରି ଅଧିକ ପ୍ରଭାବଶାଳୀ ଢଙ୍ଗରେ କାର୍ଯ୍ୟ କରିବ, ସେଥିପ୍ରତି ଦୃଷ୍ଟି ଦେବାକୁ ପଡ଼ିବ ବୋଲି ଶ୍ରୀମତୀ ପାଢ଼ୀ କହିଛନ୍ତି। ସୂଚନାଯୋଗ୍ୟ ଯେ ବିଧାନସଭା କମିଟିଗୁଡ଼ିକର ସମୀକ୍ଷା ସମ୍ପର୍କିତ ପ୍ରଥମ ବୈଠକ ଭୋପାଳଠାରେ ୨୦୨୫ ଜୁଲାଇ ୧୪ରେ ଅନୁଷ୍ଠିତ ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ଏହାର ନିର୍ଣ୍ଣାୟକ ବୈଠକ ଆହୂତ ହୋଇ ସଭ୍ୟମାନଙ୍କର ସୁପାରିସ୍‌ଗୁଡିକୁ ଭିତ୍ତି କରି ଏକ ଉତ୍ତମ ମାର୍ଗଦର୍ଶିକା ଚୂଡ଼ାନ୍ତ କରାଯିବ। ସମ୍ମିଳନୀରେ ଶ୍ରୀ ତୋମାର ସମସ୍ତ ରାଜ୍ୟ ବିଧାନସଭାର କମିଟିର ଆଗାମୀ ଦିନର ରୂପରେଖ, କାର୍ଯ୍ୟ ପରିସର ଓ ଏହାର ବ୍ୟାପକତା ସମ୍ପର୍କରେ ନିଜର ସୁଚିନ୍ତିତ ପରାମର୍ଶ ଉପସ୍ଥାପନ କରିବାକୁ ସମସ୍ତ ବାଚସ୍ପତିଙ୍କୁ ପରାମର୍ଶ ଦେଇଛନ୍ତି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003, Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ଭାରତରେ ଲଞ୍ଚ ହେବ ମର୍ଡନ ଏସୟୁଭି



ନୂଆଦିଲ୍ଲୀ, ୬।୫ଃ ଭାରତୀୟ ଅଟୋମୋବାଇଲ୍ ବଜାରରେ ଖୁବ୍ ଶୀଘ୍ର ଏକ ନୂଆ ଏବଂ ମର୍ଡନ ଏସୟୁଭି ଉପସ୍ଥାପନ ହେବାକୁ ଯାଉଛି। ଜେଏସଡବ୍ଲ୍ୟୁ ଗ୍ରୁପ୍ ଏହାର ପ୍ରଥମ କାର ଭାବରେ ଜେଟ୍ଆୱାର ଟି୨ ପିଏଚଇଭି ଲଞ୍ଚ କରିବାକୁ ପ୍ରସ୍ତୁତ ହେଉଛି। ଏହି ଏସୟୁଭିର ଖାସ୍ କଥା ହେଉଛି ଯେ, ଏହା ପେଟ୍ରୋଲ ଏବଂ ଇଲେକ୍ଟ୍ରିକ୍ ଉଭୟରେ ଚାଲିଥାଏ, ଯାହାକୁ ପ୍ଲଗ୍-ଇନ୍ ହାଇବ୍ରିଡ୍ କୁହାଯାଏ। ଏହାର ଅର୍ଥ ହେଉଛି ଆପଣ ଗାଡ଼ିକୁ ଚାର୍ଜ କରିପାରିବେ ଏବଂ ପେଟ୍ରୋଲ ଭର୍ତ୍ତି କରି ଚଲାଇପାରିବେ। କମ୍ପାନୀ ଦାବି କରିଛି ଯେ ଏହି ଗାଡ଼ିଟି ଫୁଲ୍ ଟ୍ୟାଙ୍କ ଏବଂ ପୂର୍ଣ୍ଣ ଚାର୍ଜରେ ୧,୨୦୦ କିଲୋମିଟର ପର୍ଯ୍ୟନ୍ତ ଯାତ୍ରା କରିପାରିବ। ଏହି ଏସୟୁଭି ଭାରତରେ ୨୦୨୬ ଦୀପାବଳି ପାଖାପାଖିରେ ଲଞ୍ଚ ହେବାର ଆଶା କରାଯାଉଛି ଏବଂ ଏହାକୁ ପ୍ରିମିୟମ୍ ସେଗମେଣ୍ଟରେ ସ୍ଥାନିତ କରାଯିବ। ଜେଟ୍ଆୱାର ଟି୨ର ସବୁଠାରୁ ବଡ଼ ଆଟ୍ରାକ୍ଟିଭ୍ ହେଉଛି ଏହାର ହାଇବ୍ରିଡ୍ ଟେକ୍ନୋଲୋଜୀ, ଯାହା ଏହାକୁ ସହରରେ କେବଳ ବିଦ୍ୟୁତ୍ ଶକ୍ତିରେ ଚାଲିବାକୁ ଅନୁମତି ଦିଏ, ଆବଶ୍ୟକ ହେଲେ ପେଟ୍ରୋଲ୍ ଇଞ୍ଜିନ୍ ଅଟୋମେଟିକ୍ ଭାବରେ କାମ କରେ। ଏହା କେବଳ ଇନ୍ଧନ ସଞ୍ଚୟ କରେ ନାହିଁ ବରଂ ପ୍ରଦୂଷଣ ମଧ୍ୟ ହ୍ରାସ କରେ। ଏହାର ଡିଜାଇନ୍ ବହୁତ୍ ଷ୍ଟ୍ରଙ୍ଗ ଏବଂ ବକ୍ସି ଷ୍ଟାଇଲର ହେବ ଯାହା ଏହାକୁ ଏକ ପାଓ୍ବାରଫୁଲ୍ ଏସୟୁଭି ପରି ଦେଖାଯିବ। ଏହି ଯାନରେ ହାଇ ଗ୍ରାଉଣ୍ଡ କ୍ଲିୟରାନ୍ସ ଏବଂ ଏକ ବଡ଼ ବଡି ରହିବ, ଯାହା ଏହାକୁ ଖରାପ ରାସ୍ତା ଏବଂ ଅଫ୍-ରୋଡ୍ ଡ୍ରାଇଭିଂ ପାଇଁ ଉପଯୁକ୍ତ କରିବ। ଏହା ସହିତ, କାରରେ ବଡ଼ ଟଚସ୍କ୍ରିନ୍, ଡିଜିଟାଲ୍ ଡିସପ୍ଲେ, ପାନୋରାମିକ୍ ସନରୁଫ୍, ୩୬୦ ଡିଗ୍ରୀ କ୍ୟାମେରା ଏବଂ ଉନ୍ନତ ସୁରକ୍ଷା ପ୍ରଣାଳୀ (ଏଡିଏଏସ) ଭଳି ମର୍ଡନ ଫିଚର୍ସ ରହିବାର ଆଶା କରାଯାଉଛି, ଯାହା ଗାଡ଼ି ଚାଳନାକୁ ସହଜ ଏବଂ ସୁରକ୍ଷିତ କରିଥାଏ।

ଜେଟ୍ଆୱାର ଟି୨ର ଇଞ୍ଜିନରେ ଏକ ପେଟ୍ରୋଲ ଇଞ୍ଜିନ, ଏକ ବୈଦ୍ୟୁତିକ ମୋଟର ଏବଂ ଏକ ବ୍ୟାଟେରୀର ମିଶ୍ରଣ ରହିଛି, ଯାହା ଭଲ ପାଓ୍ବାର ଏବଂ ମାଇଲେଜ୍ ଦେବ। ଏହି ଗାଡ଼ି ସେମାନଙ୍କ ପାଇଁ ବେଷ୍ଟ ହୋଇପାରେ ଯେଉଁମାନେ ଇଲେକ୍ଟ୍ରିକ୍ କାରର ସୁବିଧା ସହିତ ଏକ ପେଟ୍ରୋଲ କାରର ସୁବିଧା ମଧ୍ୟ ଚାହାଁନ୍ତି। ପ୍ରାଇସ୍ ବିଷୟରେ କହିବାକୁ ଗଲେ ପ୍ରାୟ ୨୦ ଲକ୍ଷ ରୁ ୪୫ ଲକ୍ଷ ପର୍ଯ୍ୟନ୍ତ ହେବ ବୋଲି ଆଶା କରାଯାଉଛି। ଏହି ଏସୟୁଭି ଭାରତୀୟ ବଜାରରେ ଏକ ନୂଆ ଏବଂ ସ୍ମାର୍ଟ ପସନ୍ଦ ହୋଇପାରେ, ବିଶେଷକରି ଯେଉଁମାନେ ବେଷ୍ଟ ଟେକ୍ନୋଲେଜୀ ଏବଂ କମ୍ ମୂଲ୍ୟର ଗାଡ଼ି ଖୋଜୁଛନ୍ତି ସେମାନଙ୍କ ପାଇଁ ବେଷ୍ଟ ଅପ୍ସନ ହୋଇପାରିବ।

# ଓଡ଼ିଶାରେ ଏଲ୍ଆଣ୍ଡ୍‌ଟିକୁ ୨ଟି କାର୍ଯ୍ୟବରାଦ

ଭୁବନେଶ୍ୱର,୬।୫ଃ ଦେଶର ଅଗ୍ରଣୀ ଇଞ୍ଜିନିୟରିଂ କମ୍ପାନି ଏଲ୍ଆଣ୍ଡ୍‌ଟି ରାଜ୍ୟର ଦୁଇଟି ଗୁରୁତ୍ୱପୂର୍ଣ୍ଣ ଶିଳ୍ପ ପ୍ରକଳ୍ପକୁ କାର୍ଯ୍ୟକାରୀ କରିବାର କାର୍ଯ୍ୟବରାଦ ହାସଲ କରିଛି। ଝାରସୁଗୁଡ଼ାର ଲଖନପୁରଠାରେ ଭାରତ କୋଲ୍ ଗ୍ୟାସିଫିକେସନ୍ ଆଣ୍ଡ୍ କେମିକାଲ୍‌ସ ଲିମିଟେଡ୍ (ବିସିଜିସିଏଲ୍) ପକ୍ଷରୁ ନିର୍ମାଣ କରାଯିବାକୁ ଥିବା କୋଲ୍ ଗ୍ୟାସିଫିକେସନ୍ ପ୍ରକଳ୍ପର କାର୍ଯ୍ୟବରାଦ ଏଲ୍ଆଣ୍ଡ୍‌ଟିକୁ ମିଳିଛି।

ଏହା ନିଜର ସହାୟକ କମ୍ପାନି ଏଲ୍ଆଣ୍ଡ୍‌ଟି ଏନର୍ଜି ହାଇଡ୍ରୋକାର୍ବନ ଅନ୍‌ସୋର୍ ଜରିଆରେ ଏହି ପ୍ରକଳ୍ପ ପାଇଁ ନାଇଟ୍ରିକ୍ ଏସିଡ୍ ଓ ଆମୋନିଅମ୍ ନାଇଟ୍ରେଟ୍ କାରଖାନା ବିକାଶ କରିବ। ଉକ୍ତ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ପରେ ତାହା କୋଇଲାକୁ ଆମୋନିଅମ୍ ନାଇଟ୍ରେଟ୍‌ରେ ପରିଣତ କରିବ। ଏହି କାରଖାନାର ଦୈନିକ ଉତ୍ପାଦନ କ୍ଷମତା ୨୦୦୦ ଟନ୍ ରହିବ।ଏଲ୍ଆଣ୍ଡ୍‌ଟିକୁ ପ୍ରକଳ୍ପ ଲାଇସେନ୍ସଠାରୁ ଆରମ୍ଭ କରି ମୂଳ ଡିଜାଇନ, ଇଞ୍ଜିନିୟରିଂ, ମେକାନିକାଲ୍ କାର୍ଯ୍ୟ, ସବୁ ପ୍ରକାର ପରୀକ୍ଷା ଓ ଚୂଡ଼ାନ୍ତ ହସ୍ତାନ୍ତର ପର୍ଯ୍ୟନ୍ତର କାର୍ଯ୍ୟବରାଦ ମିଳିଛି। ଏହି କାର୍ଯ୍ୟବରାଦ ଗ୍ୟାସିଫିକେସନ ଓ ଆନୁଷଙ୍ଗିକ ରସାୟନ ଇପିସିରେ ଆମ ସ୍ଥିତିକୁ ଆହୁରି ସୁଦୃଢ଼ କରିଛି ବୋଲି କମ୍ପାନିର ଉପ ପରିଚାଳନା ନିର୍ଦ୍ଦେଶକ ଓ ସଭାପତି ସୁବ୍ରମଣ୍ୟମ ଶର୍ମା କହିଛନ୍ତି।

ଅନ୍ୟ ପକ୍ଷରେ ଶିଳ୍ପପତି ସଜ୍ଜନ ଜିନ୍ଦଲଙ୍କ କମ୍ପାନି ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍ ଠାରୁ ମଧ୍ୟ ଏଲ୍ଆଣ୍ଡ୍‌ଟି ୧୫ ହଜାର କୋଟି ଟଙ୍କାର କାର୍ଯ୍ୟବରାଦ ହାସଲ କରିଛି। ଏହା କର୍ଣ୍ଣାଟକର ବେଲାରି ଓ ଓଡ଼ିଶାର ପାରାଦୀପ ପାଇଁ ଏହି କାର୍ଯ୍ୟବରାଦ ପାଇଛି। କମ୍ପାନିର ଖଣିଜ ଓ ଧାତବ ଶାଖାକୁ ଏହି କାମ ମିଳିଛି। ତେବେ ପାରାଦୀପରେ କମ୍ପାନି କେଉଁ କାର୍ଯ୍ୟ କରିବ ତାହା ସ୍ପଷ୍ଟ କରିନାହିଁ।




# ୮୦୦୦ ଉପଭୋକ୍ତାଙ୍କ ପାଇଁ ବିଦ୍ୟୁତ୍ ଯୋଗାଣରେ ଉନ୍ନତୀକରଣ




ଭୁବନେଶ୍ୱର,୬।୫ଃ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ) ପକ୍ଷରୁ ବିସିଡିଡି-୨ ଡିଭିଜନ ଅନ୍ତର୍ଗତ ଭରତପୁର ପିଏସ୍ଏସ୍‌ଠାରେ ଏକ ୨୫ ଏମ୍‌ଭିଏ ପାଓ୍ବାର ଟ୍ରାନ୍ସଫର୍ମର କାର୍ଯ୍ୟକ୍ଷମ କରାଯାଇଛି। ଏହାଦ୍ୱାରା ଭରତପୁର, କଳିଙ୍ଗନଗର ଏବଂ ଖଣ୍ଡଗିରି ଅଞ୍ଚଳର ପ୍ରାୟ ୮,୦୦୦ ଉପଭୋକ୍ତା ଭରସାଯୋଗ୍ୟ ବିଦ୍ୟୁତ୍ ସେବା ଏବଂ ଉନ୍ନତ ଭୋଲ୍‌ଟେଜ୍ ଦ୍ୱାରା ଉପକୃତ ହେବେ। ଏହା ସହ ସମାନ ଡିଭିଜନ ଅଧୀନରେ ଥିବା ଖଣ୍ଡୁଆଳ ବସ୍ତିଠାରେ ଏକ ୨୫୦ କେଭିଏ ଡିଷ୍ଟ୍ରିବ୍ୟୁଶନ ଟ୍ରାନ୍ସଫର୍ମର ସ୍ଥାପନ କରାଯାଇଛି, ଯାହା ଖଣ୍ଡୁଆଳ ବସ୍ତି ଏବଂ ଜିଏ ପ୍ଲଟ୍ ଅଞ୍ଚଳର ପ୍ରାୟ ୩୫୦ ଉପଭୋକ୍ତାଙ୍କ ପାଇଁ ବିଦ୍ୟୁତ୍ ଯୋଗାଣକୁ ସୁଦୃଢ଼ କରିବ।

## ରାଜ୍ୟରେ ସବୁ ପ୍ରକାର ଗାଡ଼ି ବିକ୍ରି ବଢ଼ିଲା

# ଏପ୍ରିଲ୍‌ରେ ୮୮,୨୨୧ ଗାଡ଼ି ବିକ୍ରି

ଭୁବନେଶ୍ୱର, ୬।୫ଃଚଳିତବର୍ଷ ଏପ୍ରିଲ ମାସରେ ଓଡ଼ିଶାରେ ମୋଟ ୮୮,୨୨୧ଟି ଗାଡ଼ି ବିକ୍ରି ହୋଇଛି। ୨୦୨୫ ଏପ୍ରିଲରେ ହୋଇଥିବା ୭୦,୮୦୭ଟି ଗାଡ଼ି ବିକ୍ରି ତୁଳନାରେ ଏହା ୨୪.୮୯ ପ୍ରତିଶତ ଅଧିକ। ଫେଡେରେସନ ଅଫ୍ ଅଟୋମୋବାଇଲ୍ ଡିଲର୍ସ ଆସୋସିଏସନ୍ (ଏଫ୍ଏଡିଏ) ପକ୍ଷରୁ ଆଜି ପ୍ରକାଶିତ ରିପୋର୍ଟରୁ ଏହା ଜଣାଯାଇଛି। ଦେଶରେ ଏପ୍ରିଲ ମାସରେ ମୋଟ ୨୬,୧୧,୩୧୭ଟି ଗାଡ଼ି ବିକ୍ରି ହୋଇଛି, ଯାହାକି ୨୦୨୪ ଏପ୍ରିଲର ବିକ୍ରି ତୁଳନାରେ ୧୨.୯୪ ପ୍ରତିଶତ ଅଧିକ। ଜାତୀୟ ସ୍ତର ତୁଳନାରେ ଓଡ଼ିଶାରେ ଗାଡ଼ି ବିକ୍ରି ବୃଦ୍ଧି ପ୍ରାୟ ଦୁଇଗୁଣା ରହିଛି। ସୂଚନା ଅନୁଯାୟୀ, ଚଳିତ ଆର୍ଥିକବର୍ଷର ପ୍ରଥମ ମାସରେ ଓଡ଼ିଶାରେ ମୋଟ ୭୨,୩୪୭ଟି ଦୁଇ ଚକିଆ ଯାନ ବିକ୍ରି ହୋଇଛି, ଯାହାକି ପୂର୍ବ ଆର୍ଥିକବର୍ଷର ଏପ୍ରିଲରେ ୫୭,୪୮୯ ୟୁନିଟରେ ରହିଥିଲା।

ଅର୍ଥାତ୍ ଏପ୍ରିଲ ମାସରେ ଓଡ଼ିଶାରେ ଦୁଇ ଚକିଆ ଯାନ ବିକ୍ରିରେ ୨୫.୮୪ ପ୍ରତିଶତ ବୃଦ୍ଧି ଘଟିଛି। ୩ ଚକିଆ ଯାନ ବିକ୍ରିରେ ସର୍ବାଧିକ ୩୮.୭୨ ପ୍ରତିଶତର ବୃଦ୍ଧି ଦେଖାଯାଇଛି। ୨୦୨୫ ଏପ୍ରିଲରେ ରାଜ୍ୟରେ ୧୯୦୬ଟି ୩ ଚକିଆ ବିକ୍ରି ହୋଇଥିବାବେଳେ ଚଳିତବର୍ଷ ଏପ୍ରିଲରେ ଏହା ୨୬୪୪ରେ ପହଞ୍ଚିଛି। ଏତଦ୍‌ବ୍ୟତୀତ ଏପ୍ରିଲରେ



ବାଣିଜ୍ୟିକ ଯାନ ବିକ୍ରି ୧୨.୧୮ ପ୍ରତିଶତ ବୃଦ୍ଧି ଘଟି ୩୦୯୫ ୟୁନିଟରେ ପହଞ୍ଚିଛି। ଆଲୋଚ୍ୟ ମାସରେ ନିର୍ମାଣ ଉପକରଣ ବିକ୍ରିରେ ୩.୫୯ ପ୍ରତିଶତ ବୃଦ୍ଧି ଘଟି ୪୬୨ରେ ପହଞ୍ଚିଛି। ଯାତ୍ରୀବାହୀ ଯାନ ବିକ୍ରିରେ ୨୦.୭୦ ପ୍ରତିଶତ ଏବଂ ଟ୍ରାକ୍ଟର ବିକ୍ରିରେ ୨.୨୯ ପ୍ରତିଶତ ବୃଦ୍ଧି ଘଟିଛି। ଚଳିତବର୍ଷ ଏପ୍ରିଲରେ ଏହି ଦୁଇବର୍ଗର ଯାନ ବିକ୍ରି ସଂଖ୍ୟା ଯଥାକ୍ରମେ ୮୩୭୯ ଏବଂ ୧୨୯୪ ୟୁନିଟରେ ରହିଛି। ଓଡ଼ିଶାରେ ଏପ୍ରିଲ ମାସରେ ସବୁବର୍ଗର ଗାଡ଼ି ବିକ୍ରିରେ ବୃଦ୍ଧି ଘଟିଛି। ଦେଶର ବିକ୍ରିକୁ ଦେଖିଲେ ଜଣାଯାଏ ଯେ ଏପ୍ରିଲ ମାସରେ ନିର୍ମାଣ ଉପକରଣ ବାଦ୍ ଅନ୍ୟସବୁ ଗାଡ଼ି ବର୍ଗରେ ବିକ୍ରି ବଢ଼ିଛି। ୩ ଚକିଆ ଯାନର ବିକ୍ରି ୭.୧୯ ପ୍ରତିଶତ ବୃଦ୍ଧି ଘଟି ୧,୦୬,୯୦୮ ୟୁନିଟ, ବାଣିଜ୍ୟିକ ଯାନର ବିକ୍ରି ୧୫.୦୨ ପ୍ରତିଶତ ବୃଦ୍ଧି ଘଟି ୯୯,୩୩୯ ୟୁନିଟ୍ ରହିଛି।

# ପେଟ୍ରୋଲ-ଡିଜେଲ ଦର ବଢ଼ିବ ନାହିଁ

## ସ୍ପଷ୍ଟ କଲେ ସରକାର ❑ ଆଇଏମଏଫର ଦର ବୃଦ୍ଧି ପରାମର୍ଶକୁ ଖାରଜ କଲା ଭାରତ

ନୂଆଦିଲ୍ଲୀ, ୬।୫: ବିଶ୍ୱ ବଜାରରେ ଅଶୋଧିତ ତୈଳ (କ୍ରୁଡ ଅଏଲ୍) ଦରକୁ ନେଇ ଅନିଶ୍ଚିତତା ଲାଗି ରହିଥିବା ବେଳେ ଭାରତୀୟ ଗ୍ରାହକଙ୍କ ପାଇଁ ଏକ ଆଶ୍ୱସ୍ତିକର ଖବର ସାମ୍ନାକୁ ଆସିଛି। ସରକାର ସ୍ପଷ୍ଟ କରିଛନ୍ତି ଯେ, ନିକଟ ଭବିଷ୍ୟତରେ ପେଟ୍ରୋଲ, ଡିଜେଲ କିମ୍ବା ଘରୋଇ ଏଲପିଜି ଦରରେ କୌଣସି ବୃଦ୍ଧି କରାଯିବ ନାହିଁ। ବୁଧବାର (୬ ମେ,୨୦୨୬) ଜାରି ଏକ ଆନ୍ତଃ-ମନ୍ତ୍ରଣାଳୟ ବୟାନରେ ସଚିବ ସୁଜାତା ଶର୍ମା କହିଛନ୍ତି ଯେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ନିଜର ଅଶୋଧିତ ତୈଳ ୟୁନିଟ୍‌ର ରକ୍ଷଣାବେକ୍ଷଣ ପାଇଁ ୩ ରୁ ୪ ସପ୍ତାହ ପର୍ଯ୍ୟନ୍ତ ବନ୍ଦ ରଖିବ। ମେ ମଧ୍ୟଭାଗରେ ନୟାରା ଏନର୍ଜି କାର୍ଯ୍ୟକ୍ଷମ ହେବା ପରେ ହିଁ ରିଲାଏନ୍ସ ନିଜ ୟୁନିଟ୍ ବନ୍ଦ କରିବ। ଏହି ପ୍ରକ୍ରିୟା ଯୋଗୁଁ ଘରୋଇ ଇନ୍ଧନ ଦର ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ। କେବଳ ବାଣିଜ୍ୟିକ ଏଲପିଜି ଦରରେ ବୃଦ୍ଧି କରାଯାଇଛି।

ଆମେରିକା-ଇରାନ-ଇସ୍ରାଏଲ ଯୁଦ୍ଧ ଏବଂ ହର୍ମୋଜ ଅବରୋଧ ଯୋଗୁଁ ଏପ୍ରିଲ ୩୦ରେ ବ୍ରେଣ୍ଟ କ୍ରୁଡ୍ ଦର ୧୨୬ ଡଲାର ଛୁଇଁଥିଲା। ବୁଧବାର ଦରରେ ୯% ହ୍ରାସ ଘଟି ଏହା ୯୯.୭୯ ଡଲାରକୁ ଖସି ଆସିଛି। ଏକ ରିପୋର୍ଟ ଅନୁସାରେ, ଆମେରିକା ଏବଂ ଇରାନ ମଧ୍ୟରେ ଏକ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ହେବାକୁ ଯାଉଛି, ଯାହା ଫଳରେ ଯୁଦ୍ଧ ଶେଷ ହେବାର ଆଶା ସୃଷ୍ଟି ହୋଇଛି। ଯଦିଓ ସରକାର ଦର ବଢ଼ାଇବାକୁ ମନା କରିଛନ୍ତି, କିନ୍ତୁ ଅନ୍ତର୍ଜାତୀୟ ସ୍ତରରେ ଦୀର୍ଘ ଦିନ ଧରି ଦର ୧୦୦ ଡଲାର ଉପରେ ରହିଲେ ସରକାରୀ ତୈଳ କମ୍ପାନୀଗୁଡ଼ିକର କ୍ଷତି ବଢ଼ିବାରେ ଲାଗିବ। ବର୍ତ୍ତମାନ ପାଇଁ ଶାନ୍ତି ଚୁକ୍ତିର ଖବର ବଜାରକୁ କିଛିଟା ସ୍ଥିରତା ପ୍ରଦାନ କରିଛି। ଆଇଏମଏଫ ର ଯୁକ୍ତି ହେଉଛି, ଯଦି ଦର ବଢ଼ିବ, ଲୋକେ ବ୍ୟବହାର କମାଇବେ ଏବଂ ବିଶ୍ୱ ଚାହିଦା କମିଲେ ହିଁ ଦର ନିୟନ୍ତ୍ରଣ ହେବ। କିନ୍ତୁ ଭାରତ ଭଳି ଦେଶରେ ସରକାର ଗରିବ ଏବଂ ମଧ୍ୟବିତ୍ତ ଶ୍ରେଣୀର ପକେଟ୍କୁ ଗୁରୁତ୍ୱ ଦେଉଛନ୍ତି।



# ଆମେରିକାରେ ଏଆଇ ଉପରେ କଡ଼ା ଲଗାମ

ନୂଆଦିଲ୍ଲୀ, ୬।୫ଃ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ବା କୃତ୍ରିମ ବୁଦ୍ଧିମତା କ୍ଷେତ୍ରରେ ଏକ ବଡ଼ ପଦକ୍ଷେପ ନେବାକୁ ଯାଉଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ବିଶ୍ୱର ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ବିପ୍ଳବ ଆଣିଥିବା ଏଆଇ ଉପରେ ଏବେ ସରକାରୀ ନଜର ରଖିବାକୁ ପ୍ରସ୍ତୁତି ଚାଲିଛି। ନୂତନ ଏଆଇ ମଡେଲଗୁଡ଼ିକ ବଜାରକୁ ଆସିବା ପୂର୍ବରୁ ସେଗୁଡ଼ିକର କଡ଼ା ନିରୀକ୍ଷଣ ଏବଂ ପରୀକ୍ଷଣ ପାଇଁ ଟ୍ରମ୍ପ ପ୍ରଶାସନ ଏକ ବଡ଼ ଯୋଜନା କରୁଥିବା ଜଣାପଡ଼ିଛି। ଏକ ସାମ୍ପ୍ରତିକ ରିପୋର୍ଟ ଅନୁଯାୟୀ, ଆମେରିକା ସରକାର ନୂତନ ଏଆଇ ମଡେଲଗୁଡ଼ିକ ପାଇଁ ଏକ ଆନୁଷ୍ଠାନିକ ସମୀକ୍ଷା ପ୍ରକ୍ରିୟା ଆରମ୍ଭ କରିପାରନ୍ତି। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଏହି ଶକ୍ତିଶାଳୀ ମଡେଲଗୁଡ଼ିକ ଦ୍ୱାରା ଦେଶର ସୁରକ୍ଷା ପ୍ରତି ଥିବା ସମ୍ଭାବ୍ୟ ବିପଦର ଆକଳନ



କରିବା। ଏଆଇ କ୍ଷେତ୍ରରେ ଅନିୟନ୍ତ୍ରିତ ବିକାଶ ଯେପରି କୌଣସି ବଡ଼ ସଙ୍କଟ ସୃଷ୍ଟି ନକରେ, ସେଥିପାଇଁ ଏହି 'ପ୍ରି-ଲଞ୍ଚ ଟେଷ୍ଟିଂ' ଉପରେ ଗୁରୁତ୍ୱ ଦିଆଯାଉଛି। ନ୍ୟୁୟର୍କ ଟାଇମ୍ସର ରିପୋର୍ଟ ମୁତାବକ, ଏଥିପାଇଁ ଏକ ଏକ୍‌ଜିକ୍ୟୁଟିଭ୍ ଅର୍ଡର ବା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶ ଉପରେ ବିଚାର କରାଯାଉଛି। ଏହା ଅଧୀନରେ ଏକ 'ଏଆଇ ଓ୍ବାର୍କିଂ ଗ୍ରୁପ୍' ଗଠନ କରାଯିବ। ଏହି ଗ୍ରୁପ୍ରେ ବଡ଼ ବଡ଼ ଟେକ୍ କମ୍ପାନୀର ଅଧିକାରୀ ଏବଂ ସରକାରୀ ପ୍ରତିନିଧିମାନେ ସାମିଲ ରହିବେ। ଏହି କମିଟି ଏଆଇ ନିୟନ୍ତ୍ରଣ ଏବଂ ସୁରକ୍ଷା ବ୍ୟବସ୍ଥା ଉପରେ ନିୟମିତ ଆଲୋଚନା କରିବେ। ତେବେ ହ୍ୱାଇଟ୍ ହାଉସ ପକ୍ଷରୁ ଏନେଇ ଏପର୍ଯ୍ୟନ୍ତ କୌଣସି ଆଧିକାରିକ ଘୋଷଣା କରାଯାଇନାହିଁ। ଏହି କଠୋର ପଦକ୍ଷେପ ପଛରେ ଆନ୍ଥ୍ରୋପିକ କମ୍ପାନୀର ନୂଆ ଏଆଇ ମଡେଲ "ମାଇଥସ୍"ର ଏକ ବଡ଼ ଭୂମିକା ଥିବା କୁହାଯାଉଛି। ସାଇବର ସୁରକ୍ଷା ବିଶେଷଜ୍ଞଙ୍କ ମତରେ, ଏହି ମଡେଲଟି ଅତ୍ୟନ୍ତ ଜଟିଳ ସାଇବର ଆକ୍ରମଣକୁ ଅଧିକ ଭୟଙ୍କର କରିପାରେ। ଏହାର ଉନ୍ନତ କୋଡିଂ କ୍ଷମତା ଯୋଗୁଁ ଏହା ଯେକୌଣସି ସିଷ୍ଟମର ଦୁର୍ବଳତାକୁ ଚିହ୍ନଟ କରି ସେଠାରେ ହ୍ୟାକିଂ କରିବାରେ ସକ୍ଷମ। ଏହା ଜାତୀୟ ସୁରକ୍ଷା ପ୍ରତି ଏକ ଗମ୍ଭୀର ଆହ୍ୱାନ ଭାବେ ଉଭା ହୋଇଛି।



# ଆଜିର ସୁନା ଦର

ତବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୪,୦୪୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୧,୨୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୪,୦୪୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ହଜାର ୧,୪୧,୨୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୪,୦୪୦ ଟଙ୍କା ଓ ୨୨ କ୍ୟାରେଟ ମୂଲ୍ୟ ୧,୪୧,୨୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରଟେ୍ ୧,୫୪,୧୯୦ ଟଙ୍କା ଓ ୨୨ କ୍ୟାରେଟ ୧,୪୧,୩୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୫୪, ୯୧୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୨,୦୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୪,୦୪୦ ଓ ୨୨ କ୍ୟାରଟ ମୂଲ୍ୟ ୧,୪୧,୨୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୬୦,୦୦୦ ଟଙ୍କା ହୋଇଛି।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୯ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୭୭ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୮ ପଇସା ରହିଛି।

# କର୍ମଚାରୀଙ୍କ ଗସ୍ତ ବିବରଣୀ ସୂଚନାଫଳକ ଫାଙ୍କା, ଲୋକେ ହଟହଟା

## ନାହିଁ ନାହିଁରେ ଜନ ସେବା




**କାକଟପୁର/ଅସ୍ତରଙ୍ଗ,୬।୫ (ସଂଚାର ବ୍ୟୁରୋ):** ସରକାରଙ୍କ ନିର୍ଦ୍ଦେଶ ଅନୁଯାଇ ବ୍ଲକରେ କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀ ମାନେ ଯେ କୌଣସି ସରକାରୀ କାମରେ ବ୍ଲକ ଛାଡି ବାହାରକୁ ଗଲେ ସେମାନେ ସେମାନଙ୍କର ଗସ୍ତ ସଂପର୍କରେ ବ୍ଲକରେ ଥିବା ସୂଚନା ଫଳକରେ ସଂପୂର୍ଣ୍ଣ ବିବରଣୀ ଲେଖି ଯିବାର ନିୟମ ଅଛି। କିନ୍ତୁ ପୁରୀ ଜିଲ୍ଲା କାକଟପୁର ବ୍ଲକ ଓ ଅସ୍ତରଙ୍ଗ ବ୍ଲକରେ ଏହି ନିୟମକୁ କର୍ମଚାରୀ (ଜିମ୍ମା)ଅଧିକାରୀମାନେ ମାନୁନଥିବା ବିଭିନ୍ନ ମହଲରେ ଅଭିଯୋଗ ହେଉଛି। ଏପରିକି ଏହି ଦୁଇ ବ୍ଲକରେ କାର୍ଯ୍ୟରତ ବିଡ଼ିଓ ଏହି ନିୟମକୁ ଖୋଲା ଖୋଲି ଭାବେ ଉଲଙ୍ଘନ କରୁଛନ୍ତି ବୋଲି କେତେକ ନିର୍ବାଚିତ ଓ ପୂର୍ବତନ ଲୋକ ପ୍ରତିନିଧିମାନେ ଅଭିଯୋଗ କରିଛନ୍ତି। ପୂର୍ବରୁ ଏହି ଦୁଇ ବ୍ଲକରେ କର୍ମଚାରୀ ଓ ଅଧିକାରୀ ମାନଙ୍କ ଗସ୍ତ ସଂପର୍କିତ ସୂଚନା ଫଳକ କାନ୍ଥରେ ତିଆରି ହୋଇଥିଲା। ପ୍ରତିଦିନ ତାରିଖ ବଦଳା ଯାଉଥିଲା ଏବଂ ଅଧିକାରୀମାନଙ୍କ ଗସ୍ତ ସଂପର୍କିତ ସୂଚନା ମଧ୍ୟ ସ୍ପଷ୍ଟ ଭାବେ ଫଳକରେ ଲେଖାଯାଉଥିଲା। ଗତ କିଛି ବର୍ଷ ଧରି ଏହି ଫଳକ ଆଉ ବ୍ଲକ କାନ୍ଥରେ ଦେଖିବାକୁ ମିଳୁନାହିଁ ବୋଲି ବ୍ଲକ କୁ ଆସୁଥିବା ଜନ ସାଧାରଣ ଅଭିଯୋଗ କରୁଛନ୍ତି। ଏହି ବ୍ଲକରେ ତଳିଆ କର୍ମଚାରୀ ମାନଙ୍କ ଠାରୁ ଆରମ୍ଭ କରି ଅଧିକାରୀ ମାନଙ୍କ ପର୍ଯ୍ୟନ୍ତ ପ୍ରତିଦିନ ଅଫିସ ଆସିବାରେ ସେମିତି କିଛି ନିର୍ଦ୍ଦିଷ୍ଟ ଧରାବନ୍ଧା ନୀତିନିୟମ ନାହିଁ ଏମିତିକି ଅସ୍ତରଙ୍ଗ ବିଡ଼ିଓ ମଧ୍ୟ ସରକାରୀ ନିୟମକୁ ଉଲ୍ଲଂଘନ କରି ମନଇଚ୍ଛା ଅଫିସ ଆସୁଥିବାର ନଜିର ରହିଛି। ଯେଉଁଠି ବ୍ଲକର ବିଡ଼ିଓ ମନଇଚ୍ଛା ଅଫିସ ଆସୁଛନ୍ତି ସେଠି ସଠିକ ସମୟରେ କର୍ମଚାରୀ ନିୟମିତ ଅଫିସ ମଧ୍ୟ ଅସୁନଥିବା ଅଭିଯୋଗ ହେଉଛି। ବ୍ଲକରେ ବାୟୋମେଟ୍ରିକ ସିଷ୍ଟମ ଲାଗିଥିଲେ ବି ସିଷ୍ଟମ କୁ ସକ୍ଷମ କରାଯାଉନାହିଁ। ବହୁ କର୍ମଚାରୀ ଲଗାତାର ଅନୁପସ୍ଥିତ ରହୁଥିଲେ ମଧ୍ୟ ଉପସ୍ଥାନ ଖାତା ଛାକି ପଡ଼ିବା ବଦଳରେ ଖାଲି ରହୁଥିବାରୁ ଉପସ୍ଥାନ ଖାତାରେ ଦସ୍ତଖତ କରିବାରେ କୌଣସି ପ୍ରତିବନ୍ଧକ ହେଉନାହିଁ। ବ୍ଲକରେ ବହୁ କର୍ମଚାରୀ ପ୍ରତି ବର୍ଷ ଗସ୍ତ ଖର୍ଚ୍ଚ ଉଠାଣ କରୁଥିଲେ ମଧ୍ୟ ସରକାରୀ କାର୍ଯ୍ୟ ଅପେକ୍ଷା ନିଜସ୍ୱ କାର୍ଯ୍ୟରେ ଅଧିକାଂଶ ସମୟ ନିୟୋଜିତ ହେଉଛନ୍ତି ବୋଲି ସାଂଘାତିକ ଅଭିଯୋଗ ହେଉଛି। ଏହି ଦୁଇ ବ୍ଲକ ଅଧିନରେ ଥିବା ୩୧ ଗୋଟି ଗ୍ରାମପଞ୍ଚାୟତର ବହୁ ଦୂର ଦୁରାନ୍ତରୁ ବିଭିନ୍ନ ସମସ୍ୟା ନେଇ ଆସୁଥିବା ଲୋକମାନେ ବ୍ଲକ କାର୍ଯ୍ୟାଳୟରେ ଅଧିକାରୀ ଓ କର୍ମଚାରୀଙ୍କୁ ଅଧିକାଂଶ ସମୟ ନପାଇ ହତାଶ ମନରେ ଫେରିବାକୁ ପଡୁଛି। ଏହାଛଡା ଏହି ଦୁଇ ବ୍ଲକରେ କାର୍ଯ୍ୟରତ କର୍ମଚାରୀ ମାନଙ୍କ ମଧ୍ୟରୁ ଶତକଡା ୭୫ % ଭାଗ କର୍ମଚାରୀ ଭୁବନେଶ୍ୱର, ପୁରୀ, ନିମାପଡା, କୋଣାର୍କ, ପିପିଲି, କଟକ ଆଦି ସ୍ଥାନରୁ ଦୈନିକ ଯିବା ଆସିବା କରୁଥିଲେ ମଧ୍ୟ ବ୍ଲକ କାର୍ଯ୍ୟାଳୟ ଠାରୁ ୮ କିମି ମଧ୍ୟରେ ଘର ଭଡା ନେଇ ରହୁଛନ୍ତି ବୋଲି କାଗଜ ପତ୍ରରେ ଦର୍ଶାଇ ଘର ଭଡା ମଧ୍ୟ ସରକାରଙ୍କ ନିକଟରୁ ପାଉଛନ୍ତି। ଅପରପକ୍ଷରେ ନିୟମ ଅନୁଯାଇ ପ୍ରତ୍ୟକ ସୋମବାରରେ ବ୍ଲକ କାର୍ଯ୍ୟାଳୟରେ ବିଡ଼ିଓ ଜନଶୁଣାଣି କରିବା କଥା। କିନ୍ତୁ ପ୍ରାୟ ସମୟ ବିଡ଼ିଓ ବ୍ଲକରେ ଅନୁପସ୍ଥିତ ରହୁଥିବା ବେଳେ ବିଡ଼ିଓଙ୍କ ଗସ୍ତ ଓ ଅନୁପସ୍ଥିତ ସଂପର୍କିତ କୌଣସି ସୂଚନା କର୍ମଚାରୀମାନଙ୍କୁ ଲୋକେ ପଚାରିଲେ କର୍ମଚାରୀ ମାନେ ସଠିକ ସୂଚନା ଲୋକଙ୍କୁ ଦେଇପାରୁନାହାନ୍ତି ବୋଲି ଅଭିଯୋଗ ହେଉଛି।

# କେନାଲ ବନ୍ଧ ପାଲଟିଛି ବାଇକ୍ ଷ୍ଟାଣ୍ଡ, ଗମନାଗମନରେ ବାଧା



**ନିଶ୍ଚିନ୍ତକୋଇଲି,୬।୫ (ସଂଚାର ବ୍ୟୁରୋ):** ରାଜ୍ୟ ରାଜପଥ କଟକ-ଚାନ୍ଦବାଲି ରାସ୍ତାର ନିଶ୍ଚିନ୍ତକୋଇଲି ବଜାର ଠାରେ ରାସ୍ତା ଅତିକ୍ରମ କରି ୮-ଇ ଶାଖା ନାଳ ଯାଇଅଛି। ଠିକ୍ ତାର ପାଖାପାଖି ନିଶ୍ଚିନ୍ତକୋଇଲି ଲଳିତଗିରି ରାସ୍ତାର ଆରମ୍ଭରୁ ଅନେକ ସମୟରେ ଯାନବାହନ ଭିଡ଼ ରହୁଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିବା ବେଳେ ଏପରିକି ସମୟ ସମୟରେ ଜରୁରୀକାଳୀନ ସେବା ଯୋଗାଇ ଦେବାକୁ ଥିବା ଆମ୍ବୁଲାନସ ଓ ଦମକଳ ଗାଡ଼ିକୁ ମଧ୍ୟ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡ଼ିଥାଏ। ଉକ୍ତ ସ୍ଥାନରେ ଟ୍ରାଫିକ ସମସ୍ୟା ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପରେ ସେଠାରୁ ଯାଇଥିବା ୮-ଇ ଶାଖାନାଳକୁ ସିମେଣ୍ଟ କଂକ୍ରିଟ୍ ଲାଇନିଂ କରାଯିବା ସହ ନାଳ ବନ୍ଧକୁ ପ୍ରଶସ୍ତ କରାଯାଇ ଗମନାଗମନ ଉପଯୋଗୀ କରାଯାଇଅଛି। ନିଶ୍ଚିନ୍ତକୋଇଲି ଲିଳିତଗିରି ରାସ୍ତାରେ ଅନେକଗୁଡ଼ିଏ ମାଲବାହୀ, ଯାତ୍ରୀବାହୀ ଯାନ ଯାଆସ କରିବା ସହିତ ବହୁ ୪ଚକିଆ ଓ ଦୁଇ ଚକିଆ ଆରୋହୀ ମାନେ ଦୈନନ୍ଦିନ ଯାଆସ କରିଥାନ୍ତି। ଅନ୍ୟଦିନ ଅପେକ୍ଷା ସପ୍ତାହରେ ଦୁଇଦିନ ନିଶ୍ଚିନ୍ତକୋଇଲି ସାପ୍ତାହିକ ହାଟ ପାଳିରେ ସ୍ଥାନୀୟ ଶ୍ୱେତବଟ ଶନି ମନ୍ଦିର ପାଖରରୁ ହାଟ ପାଖରେ ଥିବା ମା ତାରିଣୀଙ୍କ ମନ୍ଦିର ଯାଏ ଏହି ରାସ୍ତାରେ ପ୍ରବଳ ଭିଡ଼ ଲାଗି ରହିଥାଏ। ନିଶ୍ଚିନ୍ତକୋଇଲି ଲଳିତଗିରି ରାସ୍ତାର ଭିଡ଼କୁ ଏଡ଼ାଇବା ପାଇଁ ୮-ଇ ଶାଖାନାଳ ବନ୍ଧ ହିଁ ଏକମାତ୍ର ବିକଳ୍ପ। ଉକ୍ତ ଶାଖାନାଳ ଉପରୁ ଜବରଦଖଲକାରୀଙ୍କୁ ହଟାଯାଇ ବିଶେଷ କରି କେନାଲ ବନ୍ଧ ଉପରେ ଥିବା ଏକ ଶିବ ମନ୍ଦିରକୁ ମଧ୍ୟ ପ୍ରଶାସନ ପକ୍ଷରୁ ଭଙ୍ଗାଯାଇ ରାସ୍ତାକୁ ଗମନାଗମନ ଉପଯୋଗୀ କରାଗଲା। ମାତ୍ର ଏବେ ସେ ସ୍ଥାନଟି ଦୁଇ ଚକିଆ ଯାନର ରହଣୀସ୍ଥଳ ପାଲଟିଛି।

## ରାଇରଙ୍ଗପୁରର ନୂତନ ଉପଜିଲ୍ଲାପାଳ ଉଗ୍ରସେନ ଓରାମଙ୍କ ଯୋଗଦାନ



**ବାରିପଦା,୬।୫ (ସଂଚାର ବ୍ୟୁରୋ):** ମୟୁରଭଞ୍ଜ ଜିଲ୍ଲା ବାମନଘାଟି ଉପଖଣ୍ଡ ରାଇରଙ୍ଗପୁରର ନୂତନ ଉପଜିଲ୍ଲାପାଳ ଭାବେ କାର୍ଯ୍ୟରେ ଯୋଗଦେଇଛନ୍ତି ଓଡିଶା ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ଉଗ୍ରସେନ ଓରାମ . ଆଜି ଉଗ୍ରସେନ ଓରାମ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ନିକଟରେ ତା'ଙ୍କ ଯୋଗଦାନ ପତ୍ର ଦେବା ପରେ ରାଇରଙ୍ଗପୁର ଆସି ବାମନଘାଟି(ରାଇରଙ୍ଗପୁର) ଉପଜିଲ୍ଲାପାଳ ଭାବେ ତା'ଙ୍କ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହି ଅବସରରେ ଅତିରିକ୍ତ ଉପଜିଲ୍ଲାପାଳ ଲାକ୍ରା, ସହକାରୀ ଜିଲ୍ଲାପାଳ ସୁଧାକର ସେଠୀ, ଅନିତା ରାଣୀ ମହାନ୍ତ, ଅପର୍ଣ୍ଣା ଅପରାଜିତା, ଉପଖଣ୍ଡ ସୂଚନା ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ଓ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅଧିନସ୍ଥ ବିଭିନ୍ନ ବିଭାଗୀୟ ପଦାଧିକାରୀ ଓ କର୍ମଚାରୀବୃନ୍ଦ ଶ୍ରୀ ଓରାମଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହ ଶୁଭଅଭିନନ୍ଦନ ଜଣାଇଛନ୍ତି। ପ୍ରକାଶ ଥାଉକି ଉପଜିଲ୍ଲାପାଳ ଭାବେ ଶ୍ରୀ ଓରାମଙ୍କ ଯୋଗଦାନ ପରେ ଭାରପ୍ରାପ୍ତ ଉପଜିଲ୍ଲାପାଳ ଭାବେ କାର୍ଯ୍ୟ ତୁଲାଇ ଆସୁଥିବା ଅତିରିକ୍ତ ଉପଜିଲ୍ଲାପାଳ ଶ୍ରୀମତୀ ଲାକ୍ରା ତା'ଙ୍କ ଦାୟିତ୍ୱ ନୂତନ ଉପଜିଲ୍ଲାପାଳ ଶ୍ରୀ ଓରାମକୁ ହସ୍ତାନ୍ତର କରିଛନ୍ତି।ଏଥି ପୂର୍ବରୁ ଶ୍ରୀ ଓରାମ କେନ୍ଦୁଝର ଜିଲ୍ଲା ସଦର ଚିକିତ୍ସାଳୟର ପ୍ରଶାସନିକ ଅଧିକାରୀ ଭାବେ କାର୍ଯ୍ୟ ସମ୍ପାଦନ କରିଆସୁଥିଲେ।

## ଦୁଧହଂସା ବୈଶାଖୀ ମହୋତ୍ସବ ଉଦ୍‌ଘାଟିତ

**ବାଲିଆପାଳ,୬।୫ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ଜୟପୁର ଓ ଦୁଧହଂସା ବୈଶାଖୀ ମହୋତ୍ସବ କମିଟି ପକ୍ଷରୁ ଷଷ୍ଠ ବୈଶାଖୀ ମହୋତ୍ସବ ଉଦଘାଟିତ ହୋଇ ଯାଇଛି। ଆୟୋଜକ ସୁଲଗ୍ନା ଗ୍ରୁପ ଅଫ ଇନିସ୍ତିଚିଉଡ଼ ଓ ଆମ ଗାଆଁ ଚେରିଟେବଲ ଟ୍ରଷ୍ଟର ପ୍ରତିଷ୍ଠାତା ସଭାପତି ଡ଼ ଘନଶ୍ୟାମ ବିଶ୍ୱାଳ ଙ୍କ ସଭାପତିତ୍ୱରେ ଉଦଘାଟକ ତଥା ମୁଖ୍ୟ ଅତିଥି ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ମାନସ କୁମାର ଦେଓ, ଯୁବ ସମାଜସେବୀ ବିକାଶ ବାରିକ, ସମାଜସେବୀ ସୁମନ୍ତ କୁମାର ଜେନା, ସମୟ ଚକ୍ର ର ସମ୍ପାଦକ ସର୍ବେଶ୍ୱର ଜେନା, ସରପଞ୍ଚ ବନିତା ବିଶ୍ୱାଳ, ଶିକ୍ଷାବିତ ଡ଼କ୍ଟର ଧରଣୀଧର ଘୋଷ, ଅବସର ପ୍ରାପ୍ତ ଶିକ୍ଷକ ଲମ୍ବୋଧର ମହାପାତ୍ର, ଗୌରାଙ୍ଗ



ସାହୁ, ମନୋରଞ୍ଜନ ବିଶ୍ୱାଳ, ସଭାପତି ପୁରୁଷୋତ୍ତମ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ମହୋତ୍ସବ ମହାସମନ୍ୱୟର ପ୍ରତୀକ।ଗାଁ, ମାଟି ଓ ମୁଲକର ସାମାଜିକ, ଆଧ୍ୟାତ୍ମିକ ଓ ସଂସ୍କୃତିକ ବିକାଶ ପାଇଁ ସମସ୍ତେ ମା ମାଟି କୁ ନ ଭୁଲି ସମସ୍ତେ ସମସ୍ତ ଙ୍କୁ ଭଲ ପାଇବାକୁ ନିବେଦନ କରିଥିଲେ।ଏହି ଅବସର ରେ ଆମ ଗାଁ ଚେରିଟେବୁଲ ଟ୍ରଷ୍ଟ ଦ୍ୱାରା ସମାଜସେବୀ ବିକାଶ ବାରିକ, ପଶୁ ଚିକିତ୍ସାକ ଡାକ୍ତର ଲଲାଟେନ୍ଦୁ କେଶରୀ ଦାସ, ଭଗବାନ ସାହୁ, ସାମ୍ବାଦିକ ଭାରତ ଦାସ ଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ତତ ସହିତ ଅନୁଷ୍ଠାନ ପକ୍ଷରୁ ପଞ୍ଚାୟତ ରେ ଥିବା ୭୦ ଟି ଏସ ଏଜି ଗ୍ରୁପ ମାନଙ୍କୁ ନେଇ ଲେମନ ରେସ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା।

## ଓଡିଶା ସାମ୍ବାଦିକ ସଂଘର ସାଧାରଣ ପରିଷଦ ବୈଠକ



**ବୋରିଗୁମ୍ମା,୬।୫ (ସଂଚାର ବ୍ୟୁରୋ):** ଜୟପୁର ସ୍ଥିତ ଦଶହରା ପଡ଼ିଆ ଷ୍ଟାଡିୟମ୍ ସମ୍ମିଳନୀ କକ୍ଷରେ ଓଡ଼ିଶା ସାମ୍ବାଦିକ ସଂଘ (ଓଜେୟୁ) ର କୋରାପୁଟ ଜିଲ୍ଲା ସ୍ତରୀୟ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ରବି ନାୟକ ଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ସାଧାରଣ ସମ୍ପାଦକ ରବିଶଙ୍କର ମହାପାତ୍ର, ଉପଦେଷ୍ଟା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କେ ସାକିଲି ଦୋରା, କୋଷାଧ୍ୟକ୍ଷ ସୁଶୀଳ କୁମାର ଷଡ଼ଙ୍ଗୀ, ଉପ ସଭାପତି ତ୍ରିନାଥ ନାୟକ, ଅନ୍ୟତମ ଉପ ସଭାପତି ସୁଜିତ କୁମାର ପଣ୍ଡା, କାର୍ଯ୍ୟକାରିଣୀ ସଦସ୍ୟ କମଳ ଭତ୍ରା, ଅନିଲ ପାତ୍ର, ସନ୍ତୋଷ କୁମାର ପଟ୍ଟନାୟକ, ସୁଶାନ୍ତ କୁମାର ପଣ୍ଡା, ସୁକାନ୍ତ କୁମାର ମାଝୀ ଉପସ୍ଥିତ ଥିଲେ। ନୂତନ ସଭ୍ୟଭାବେ କେ. ଗିରି ବାବୁ ପ୍ରମୁଖ ସଂଘରେ ଯୋଗଦାନ କରିଥିଲେ। ଅତୀତରେ ସଂଘର ଦୁଃସ୍ଥ ସାମ୍ବାଦିକ ମାନଙ୍କୁ କରାଯାଇଥିବା ସହଯୋଗର ସ୍ମୃତି ଚାରଣ ସହ ଆଗାମୀ ଦିନରେ ଏହି ପ୍ରକ୍ରିୟା ଜାରି ରଖିବାକୁ ସର୍ବସମ୍ମତି ପ୍ରକାଶ ପାଇଥିଲା। ଗଣତନ୍ତ୍ରର ଅନ୍ୟ ତିନୋଟି ସ୍ତମ୍ଭ ଯଥା ବ୍ୟବସ୍ଥାପିକା, ନ୍ୟାୟପାଳିକା ଓ କାର୍ଯ୍ୟପାଳିକା ସହ ସମନ୍ୱୟ ଓ ସୁସମ୍ପର୍କ ରକ୍ଷା କରି ନିରପେକ୍ଷ ତଥା ସାବଲୀଳ ଓ ପ୍ରଭାବ ଶାଳୀ ସମ୍ବାଦ ପରିବେଷଣ ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା। ଗ୍ରାମାଞ୍ଚଳ ସାମ୍ବାଦିକ ତଥା ତୃଣ ମୂଳ ସ୍ତରରେ କାର୍ଯ୍ୟ କରୁଥିବା ସାମ୍ବାଦିକ ଙ୍କ ସମସ୍ୟା ଉପରେ ଆଲୋଚନା କରା ଯାଇଥିଲା। ସମାଜରେ ତଥା କୋରାପୁଟ ଜିଲ୍ଲାରେ ଘଟି ଯାଉଥିବା ପ୍ରକୃତ ସମସ୍ୟାର ସକାରାତ୍ମକ ସମାଧାନ, ଗଣତନ୍ତ୍ର ଅନ୍ୟ ସ୍ତମ୍ଭ ସହ ସମ୍ପର୍କ ସ୍ଥାପନ ଓ ପ୍ରକୃତ ବିଶ୍ଳେଷଣ ଓ ପୂର୍ବାପର ପ୍ରସଙ୍ଗ ସହ ସମସ୍ୟା ସମାଧାନ ହେବା ପର୍ଯ୍ୟନ୍ତ ପୁନଃପୌନିକ ଖବର ତଥା ସେହି ଖବରରେ ସାମ୍ବାଦିକର ପୂର୍ବ ଅଭିଜ୍ଞତା ସହ ବିଶ୍ଳେଷଣାତ୍ମକ ଖବର ପରିବେଷଣ ଉପରେ ଆଲୋଚନା କରାଯାଇଥିଲା। ଏଥିସହ ଭୁବନେଶ୍ୱର, ନୂଆଦିଲ୍ଲୀ ଓ ବ୍ରୁସେଲ ଠାରେ ସ୍ଥିତ ରାଜ୍ୟ ସ୍ତରୀୟ, ଜାତୀୟ ସ୍ତରୀୟ ଆନ୍ତର୍ଜାତୀୟ କାର୍ଯ୍ୟାଳୟର ପରାମର୍ଶ ତଥା ଦିଗଦର୍ଶନ ଅନୁସାରେ ସଂଘର ପରବର୍ତ୍ତୀ କାର୍ଯ୍ୟକ୍ରମ ସ୍ଥିର କରିବାକୁ ନିଷ୍ପତ୍ତି ନିଆଗଲା।

# ଭାଇଜାଗ ପୋର୍ଟରୁ ନଟ କୋକ ରାସ୍ତାରୁ ଲୁଟ

### ନଟ କୋକ ଆନୁମାନିକ ମୂଲ୍ୟ ୬ଲକ୍ଷ ଟଙ୍କା,: ଗାଡ଼ି ମାଲିକ ସମେତ ୧୦ କୋର୍ଟ ଚାଲାଣ

**ଯାଜପୁର,୬।୫(ସଂଚାର ବ୍ୟୁରୋ):** ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳସ୍ଥ ଜେ ଏସ ଏଲ (ଜିନ୍ଦଲ ଷ୍ଟିଲ)କୁ ହାଇୱାରେ ଆସିଥିବା ନଟ କୋକ ନାଟକୀୟ ଢଙ୍ଗରେ ରାସ୍ତାରୁ ଲୁଟ କରାଯାଇଛି। ଲୁଟ ନଟ କୋକର ଆନୁମାନିକ ମୂଲ୍ୟ ପ୍ରାୟ ୫ ଲକ୍ଷ ୯୦ ହଜାର ଟଙ୍କା। ଏ ସମ୍ପର୍କରେ ସୁକିନ୍ଦାର ଏକ୍ସଜିମ ଲଜିସ୍ଟିକ ପ୍ରାଇଭେଟ ଲିମିଟେଡ଼ର ଏ ଜି ଏମ ଅବିନାଶ କୁମାର ସାମଲ ଗତ ୫ ତାରିଖ ରେ ଯଖପୁରା ଥାନାରେ ଅଭିଯୋଗ କରିଥିଲେ। କାରଣ ଏକ୍ସଜିମ ଲଜିସ୍ଟିକ ପ୍ରାଇଭେଟ ଲିମିଟେଡ଼ ଭାଇଜାଗ ପୋର୍ଟରୁ ଜେଏସ କାରଖାନାକୁ ଶିବ ପାର୍ବତୀ ଲରି ଟ୍ରାନ୍ସପୋର୍ଟ, ଏବଂ ବାଲାଜୀ ଟ୍ରାନ୍ସପୋର୍ଟ ଜରିଆରେ ପରିବହନ ପାଇଁ ଚୁକ୍ତିନାମା କରିଥିଲା। ଏହିଁ ଘଟଣାରେ ପୋଲିସ ଗାଡି ମାଲିକ ସମେତ ୧୦ ଜଣଙ୍କୁ(୩ ଗାଡି ମାଲିକ ଓ ୭ ଡ୍ରାଇଭର ) ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ ଓଡି ୦୫ ଏଭି ୭୧୯୧ ର ଡ୍ରାଇଭର ଏବଂ ମାଲିକ ମୃତ୍ୟୁଞ୍ଜୟ ସାହୁ, ଓଡି ୦୪ ଏନ୍ ୬୭୬୭ର ଡ୍ରାଇଭର ତ୍ରିନାଥ ବେହେରା, ମାଲିକ ଶ୍ରୀଧର ସାହୁ, ଓଡି ୦୨ ଏଭି ୧୦୨୦ର ଡ୍ରାଇଭର ଯଶୋବାନ୍ତ ସିଂ ଯାଦବ, ମାଲିକ ଲକ୍ଷ୍ମୀଧର ସାହୁ, ଓଡି ୦୪ ଏନ୦୪୩୮ ର ଡ୍ରାଇଭର ଲିଟୁ ନାଏକ ଓ ମାଲିକ ମାନସ କୁମାର ନାୟକ, ଓଡ଼ ୦୪ ଛ୦୦୫୪କ୍ସ ଡ୍ରାଇଭର ବିଜୟ ଖଟୁଆ, ମାଲିକ ବିଶ୍ୱଜିତ ମାଝୀ, ଓଡି ୩୫ ଜି ୦୩୫୮ର ଡ୍ରାଇଭର ଜିତେନ୍ଦ୍ର କୁମାର ତୁଙ୍ଗ ଓ ମାଲିକ ବବିନା ପରିଡା, ଓଡ଼ ୦୪ ଘ ୪୦୮୧ର ଡ୍ରାଇଭର ସରୋଜ ପରିଡା ଓ ମାଲିକ ପବିତ୍ର ବେହେରା। ଯଖପୁରା ପୋଲିସ କେସ ନଂ ୮୫/୨୦୨୬ରେ ମାମଲା ରୁଜୁ କରିଥିଲା। ଉଲ୍ଲେଖ ଯୋଗ୍ୟ ଯେ, ଗତ ଏପ୍ରିଲ ୨୮ ତାରିଖରେ ଉକ୍ତ ଟ୍ରାନ୍ସପୋର୍ଟଦ୍ୱୟ ଦ୍ୱାରା ଭାଇଜଗରୁ କଳିଙ୍ଗନଗରସ୍ଥ ଜେ ଏସ ଏଲ କାରଖାନାକୁ ନଟ କୋକ ଲୋଡ଼ିଙ୍ଗ ହୋଇ ପରିବହନ କରାଯାଇଥିଲା। ହେଲେ ଗତ ୩୦ ତାରିଖରେ ଜେ ଏସ ଏଲରେ ନଟ କୋକ ବୋଝେଇ ଗାଡି ଗୁଡିକ ଅନ ଲୋଡିଂ ପଏଣ୍ଟରେ ପହଞ୍ଚିଥିଲା। କିନ୍ତୁ ନଟ କୋକ ର ଗୁଣ ବତ୍ତା ବିଜ୍ଞାନଗାରାରେ ପରୀକ୍ଷା କରିବା ପରେ ଏହାର ଗୁଣ ବତ୍ତା ଶତକଡା ୮୫ ଏଫ ସି ଭାଗ ଠାରୁ କମ ଥିବା ଜଣାପଡ଼ିଥିଲା। ଏ ସମ୍ପର୍କରେ କାରଖାନା ପଦାଧିକାରୀ ଯଖପୁରା ପୋଲିସକୁ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଡ୍ରାଇଭର ମାନଙ୍କୁ ଜେରା କରିବା ପରେ ନଟ କୋକ ରାସ୍ତାରେ ଲୁଟ କରାଯାଇ ସ୍ଲାଗ ମିଶାଯାଇଥିବା ସ୍ୱୀକାର କରିଥିଲେ। ଏପରିକି ନଟ କୋକ ଲୁଟ ପରେ ସିଲ ଗୁଡିକୁ ଟାମପାରିଙ୍ଗ କରାଯାଇଥିବା ପୋଲିସ ଠାରେ ପ୍ରକାଶ କରିଥିଲେ।

## ମିସ୍ ଓ୍ୱେଷ୍ଟନ୍ ଓଡ଼ିଶା ଟାଇଟଲ ଜିତିଲେ ଆରାଧ୍ୟା ଅଭିନିତା




**ନିଶ୍ଚିନ୍ତକୋଇଲି,୬।୫ (ସଂଚାର ବ୍ୟୁରୋ):** କଟକ ଜିଲ୍ଲା ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ଉମର ପଞ୍ଚାୟତ ଓସ୍ତପୁର ଗ୍ରାମର ନୀଳମାଧବ ଜେନା ଓ ସ୍ମୃତି ମିତାଲି ସ୍ୱାଇଁଙ୍କ କନ୍ୟା ଆରାଧ୍ୟା ଅଭିନିତା ମିସ୍ ଓ୍ୱେଷ୍ଟନ୍ ଓଡ଼ିଶା ଟାଇଟେଲ(ଲିଟିଲ ମିସ୍ ପ୍ରାଇଡ୍ ଅଫ ଓଡ଼ିଶା ୱିନର) ଜିତିଛନ୍ତି। ଆରାଧ୍ୟା ଅଭିନିତା ବର୍ତ୍ତମାନ ଡ଼ିଏଭି ପବ୍ଲିକ ସ୍କୁଲ ରାଉଲକେଲାର ଚତୁର୍ଥ ଶ୍ରେଣୀ ଛାତ୍ରୀ ଅଟନ୍ତି। ଆରାଧ୍ୟା ଅଭିନିତାଏହି ଟାଇଟେଲ ଜିତିବା ପରେ ତାଙ୍କ ଆଈ ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ରାଧାକୃଷ୍ଣ ନୋଡ଼ାଲ ୟୁପି ସ୍କୁଲ ଓସ୍ତପୁର ସୁପ୍ରଭା ପ୍ରଧାନ ଓ ଅଜା ସନ୍ତୋଷ କୁମାର ସ୍ୱାଇଁ, ଆମ ମାହାଙ୍ଗା ଅଧ୍ୟକ୍ଷ ଡ଼ଃ ଅମରେନ୍ଦ୍ର ମହାନ୍ତି, ସଂଯୋଜକ ବିଜୟ କୁଅଁର, ସମାଜସେବୀ ରମେଶ ଚନ୍ଦ୍ର ସ୍ୱାଇଁ, ରବୀନ୍ଦ୍ର ପଣ୍ଡା, ଡ଼ଃ ଏକାଦଶୀ ପ୍ରଧାନ, ସାମ୍ବାଦିକ ପ୍ରଫୁଲ୍ଲ କୁମାର ମହାପାତ୍ର, ପଞ୍ଚାୟତ ସରପଞ୍ଚ କମଳାକାନ୍ତ ଦାଶ ପ୍ରମୁଖ ଆରାଧ୍ୟା ଅଭିନିତାଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ୱାକୋ ଓଡ଼ିଶା ରାଜ୍ୟସ୍ତରୀୟ କିକ୍ ବକ୍ସିଂ ଚାମ୍ପିଅନସିପ୍
# ୨୩ ଜିଲ୍ଲା ଓ ୨ଟି ଏକାଡେମୀରୁ ୬୬୦ରୁ ଅଧିକ ପ୍ରତିଯୋଗୀଙ୍କ ଅଂଶଗ୍ରହଣ



**ଛତ୍ରପୁର,୬।୫(ସଂଚାର ବ୍ୟୁରୋ):** ଗଞ୍ଜାମ ସହର ସ୍ଥିତ ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍‌ଡୋର୍ ଷ୍ଟାଡିୟମ୍‌ରେ ମେ ୭ ତାରିଖରୁ ୭ମ ୱାକୋ ଓଡ଼ିଶା ରାଜ୍ୟସ୍ତରୀୟ କିକ୍ ବକ୍ସିଂ ଚାମ୍ପିଅନସିପ୍ ଆରମ୍ଭ ହେଉଛି। ଆମେଚର ଗଞ୍ଜାମ ଜିଲ୍ଲା କିକ୍ ବକ୍ସିଂ ଆସୋସିଏସନ୍ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତା ମେ ୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ବୃହତ କ୍ରୀଡ଼ା ଆୟୋଜନରେ ରାଜ୍ୟର ୨୩ଟି ଜିଲ୍ଲା ସହିତ ୨ଟି ପ୍ରତିଷ୍ଠିତ ଏକାଡେମୀରୁ ପ୍ରାୟ ୬୬୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ପୂର୍ବରୁ ସମସ୍ତ ଜିଲ୍ଲାର ଖେଳାଳିମାନେ ଗଞ୍ଜାମରେ ପହଞ୍ଚି ସାରିଥିବା ବେଳେ ସେମାନଙ୍କ ରହଣି ଓ ଖାଦ୍ୟପେୟ ପାଇଁ ଆୟୋଜକ ତରଫରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ଏହି ପ୍ରତିଯୋଗିତାରେ ୭ ବର୍ଷରୁ ଊର୍ଦ୍ଧ୍ୱ ବୟସର ଖେଳାଳିମାନେ ଜୁନିଅର, ସବ୍-ଜୁନିଅର ଓ ସିନିୟର ବର୍ଗରେ ଅଂଶଗ୍ରହଣ କରିବେ। କୃତୀ ପ୍ରତିଯୋଗୀମାନଙ୍କୁ ମେଡାଲ୍ ସହ ନଗଦ ପୁରସ୍କାର ପ୍ରଦାନ କରାଯିବ। ଏହି ଚାମ୍ପିଅନସିପ୍‌ରେ ଉତ୍କୃଷ୍ଟ ପ୍ରଦର୍ଶନ କରୁଥିବା ଖେଳାଳିମାନଙ୍କୁ ଜାତୀୟ ସ୍ତରୀୟ କିକ୍ ବକ୍ସିଂ ପ୍ରତିଯୋଗିତା ପାଇଁ ଚୟନ କରାଯିବ ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଆୟୋଜିତ ପ୍ରେସ ବିବୃତିରେ ଆସୋସିଏସନ୍‌ର ରାଜ୍ୟ ଯୁଗ୍ମ ସମ୍ପାଦକ ରଞ୍ଜନ ସୁତାର, ଅର୍ଗାନାଇଜିଙ୍ଗ ସମ୍ପାଦକ କୃଷ୍ଣ ଚନ୍ଦ୍ର ଡାକୁଆ, ଜିଲ୍ଲା ସମ୍ପାଦକ ପ୍ରମୋଦ କୁମାର ଆପଟେଙ୍କ ସହ ଆଦିତ୍ୟ ମହାପାତ୍ର,ରାକେଶ ଦାସ, ସରୋଜ ଦାସ, ପ୍ରଶାନ୍ତ ବୈଠାରୁ, ଭଗବାନ ପ୍ରଧାନ, ଶଙ୍କର ସ୍ୱାଇଁ, ମଦନ ପାଢ଼ୀ ଓ ଆଶୁତୋଷ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ପ୍ରତିଯୋଗିତା ମାଧ୍ୟମରେ ରାଜ୍ୟର କିକ୍ ବକ୍ସିଂ ଖେଳାଳିମାନଙ୍କ ପ୍ରତିଭା ଉଦ୍ଭାସିତ ହେବା ସହିତ ଆଗାମୀ ଦିନରେ ଜାତୀୟ ସ୍ତରରେ ଭଲ ପ୍ରଦର୍ଶନ ପାଇଁ ମାର୍ଗ ପ୍ରସ୍ତୁତ ହେବ ବୋଲି ଆଶା କରାଯାଉଛି।

## ମର୍ମନ୍ତୁଦ ସଡ଼କ ଦୁର୍ଘଟଣା
# ବାଇକ୍ ମୁହାଁମୁହିଁ, ୨ ମୃତ, ଜଣେ ଗୁରୁତର



**ବାରିପଦା,୬।୫ (ସଂଚାର ବ୍ୟୁରୋ):** ମୟୁରଭଞ୍ଜ ଜିଲ୍ଲା ରାଇରଙ୍ଗପୁର- ତିରିଂ ଜାତୀୟ ରାଜପଥ ୨୨୦ ନମ୍ବର କାଦୁଆଣି ନିକଟସ୍ଥ ଦୁମାଡାଣ୍ଡି ନିକଟସ୍ଥ ଢ଼ାବା ନିକଟରେ ଆଜି ପୂର୍ବାହ୍ନ ସମୟରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ଦୁଇ ବାଇକ୍ ଆସନା ସାମନା ହେବା ଫଳରେ ଦୁର୍ଘଟଣା ଘଟିଛି । ଘଟଣା ସ୍ଥଳରେ ସମସ୍ତ ୩ ଆରୋହୀ ରାସ୍ତାରେ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିଲେ। ସରକାରୀ ଆମ୍ବୁଲାନ୍ସରେ ଉଭୟଙ୍କୁ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ଅଣାଯାଇଥିଲା। ଡାକ୍ତର ଦୁଇ ଜଣଙ୍କୁ ମୃତ ଘୋଷଣା କରିଥିବାବେଳେ ଜଣେ ଜୀବନ ମରଣ ସହ ସଂଘର୍ଷ କରୁଛି। ମୃତକ ହେଲେ ବହଳଦା ଥାନା ଅନ୍ତର୍ଗତ ଭୁରୁଷା ଗ୍ରାମର ଜୟେଶ ମହାନ୍ତ। ଅନ୍ୟଜଣେ ବହଳଦା ଥାନା ଅନ୍ତର୍ଗତ କଣ୍ଟାଶୋଳା ଗ୍ରାମର ଜଗଦିଶ ମୁର୍ମୁଙ୍କ ମୃତ୍ୟୁ ହୋଇଥିବାବେଳେ ନରସିଂହ ମୁର୍ମୁ ଗୁରୁତର ହୋଇଛନ୍ତି। ବହଳଦା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି।

## ଅସିମ କରାଟେ ଏକାଡେମୀର ରକ୍ତଦାନ

**ବଲାଙ୍ଗିର,୬।୫ (ସଂଚାର ବ୍ୟୁରୋ):** ବଲାଙ୍ଗିର ଜିଲ୍ଲା କରାଟେ ଅର୍ଗାନାଇଜେସନ ତରଫରୁ ବଲାଙ୍ଗିର ଭୀମ ଭୋଇ ମେଡିକାଲ ହସପିଟାଲ ରକ୍ତଭଣ୍ଡାରରେ ରକ୍ତଦାନ କରାଯାଇଥିଲା। ଜିଲ୍ଲା କରାଟେ ଅର୍ଗାନାଇଜେସନର ସାଧାରଣ ସମ୍ପାଦକ ତଥା ଆନ୍ତର୍ଜାତିୟ କରାଟେ ପ୍ରଶିକ୍ଷକ ଅସୀମ କୁମାର ଭୋଇଙ୍କ ନେତୃତ୍ୱରେ ସୁଧାକାନ୍ତ ଭୋଇ ଟାଣ ଖରାରେ ଆସି ପଞ୍ଚମ ଥର ରକ୍ତଦାନ କରିଛନ୍ତି। ରକ୍ତଦାନ ପରେ ସୁଧାକାନ୍ତ କୁ ସଂଗଠନ ତରଫରୁ ଉପଢୌକନ ଓ ଚାରା ଗଛ ପ୍ରଦାନ କରାଯାଇଥିଲା। ରକ୍ତଦାନ କରି ସମସ୍ତେ ସୁସ୍ଥ ରହିବା ସହିତ ଅନ୍ୟର ଜୀବନ ବଞ୍ଚାଇବାକୁ ଶ୍ରୀ ଭୋଇ ସମସ୍ତଙ୍କୁ ଆହ୍ୱାନ କରିଛନ୍ତି। ରକ୍ତଦାନ ସମୟରେ ବ୍ଲଡ ବ୍ୟାଙ୍କ ଷ୍ଟାଫ ଜ୍ୟୋତି ନାଏକ ମଧ୍ୟ ଉପସ୍ଥିତ ଥିଲେ।

## ହେଲମେଟ ହବ୍ ଉଦ୍‌ଘାଟିତ

**ନୂଆପଡ଼ା,୬।୫(ସଂଚାର ବ୍ୟୁରୋ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସହ ଜିଲ୍ଲାର ୭ ଗୋଟି ସ୍ଥାନରେ ହେଲମେଟ ହବ ଆଜି ଶୁଭାରମ୍ଭ ହୋଇଯାଇଛି। ବାଇକ୍ ଚାଳକ ମାନଙ୍କୁ ୫୦ ଟଙ୍କାରେ ହେଲମେଟ ପ୍ରଦାନ କରିବା ବ୍ୟବସ୍ଥା କରାଯାଇଛି। କାର୍ଯ୍ୟ ସାରି ଫେରିବା ବେଳେ ହେଲମେଟ ହବରେ ଜମା ଦେବାକୁ ନିର୍ଦ୍ଦେଶ ରହିଛି। ଆଜି ଖଡ଼ିଆଳ ସହରର ନୂତନ ବସଷ୍ଟାଣ୍ଡ ଠାରେ ହେଲମେଟ ହବର ଉଦ୍ଘାଟନ ହୋଇଅଛି। ଏହି ଉଦ୍ଘାଟନ ଉତ୍ସବରେ ଖଡ଼ିଆଳ ବିଡିଓ ମିଳନ କୁମାର ଖାଙ୍ଗର, ଖଡ଼ିଆଳ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ସ୍ୱାଧୀନ କେତନ ମହାରଣା, ଖଡ଼ିଆଳ ଥାନାଧିକାରୀ ସୁମନ୍ତ କୁମାର ନାଏକ ପ୍ରମୁଖ ଯୋଗ ଦେଇ ଯୋଜନା ଶୁଭାରମ୍ଭ କରିଥିଲେ। ବାଇକ୍ ଚାଳକଙ୍କୁ ୫୦ ଟଙ୍କା ଦେଇ ହେଲମେଟ ପିନ୍ଧି ନିଜ କାର୍ଯ୍ୟରେ ଯିବାକୁ ଆହ୍ୱାନ କରିଥିବା ବେଳେ ଫେରିବା ବେଳେ ହେଲମେଟକୁ ଜମା ଦେବାକୁ ପଡ଼ିବ ବୋଲି ନିର୍ଦ୍ଦେଶ ଦେଇଥିଲେ। ମହିଳା ସ୍ୱୟଂ ସହାୟକ ଦଳ ସଦସ୍ୟା ମାନେ ଯୋଗଦେଇ ବାଇକ ଚାଳକ ମାନଙ୍କୁ ସଚେତନ କରିଥିଲେ। ହେଲମେଟ ପିନ୍ଧିଥିବା ବାଇକ ଚାଳକଙ୍କୁ ଗୋଲାପ ଫୁଲ ଦେଇ ସ୍ୱାଗତ କରାଯାଇଥିଲା।

# କରଞ୍ଜିଆରେ ବିଜେପିର ଜନ ଆକ୍ରୋଶ ମହିଳା ସମାବେଶ

**ଚମ୍ପୁଆ,୬।୫(ସଂଚାର ବ୍ୟୁରୋ):** ଚମ୍ପୁଆ ବ୍ଲକ ବ୍ରହ୍ମପୁର କରଞ୍ଜିଆ ମଣ୍ଡଳ ଭାରତୀୟ ଜନତା ପାର୍ଟି ତରଫରୁ ଜନ ଆକ୍ରୋଶ ମହିଳା ସମାବେଶ ଆୟୋଜିତ ହୋଇଯାଇଛି। ବ୍ରହ୍ମପୁର ଗ୍ରାମ ଠାରୁ ଶତାଧିକ ମହିଳା ଏକତ୍ରୀତ ହୋଇ ସ୍ଲୋଗାନ ଦେଇ କରଞ୍ଜିଆ ବଜାର ପରିକ୍ରମା କରିଥିଲେ। କରଞ୍ଜିଆ ହାଟ ପଡ଼ିଆ ଠାରେ ସମାବେଶ ହୋଇ ମହିଳାମାନେ ମହିଳା ବିରୋଧୀ ରାଜନୈତିକ ଦଳ କଂଗ୍ରେସ, ବିଜେଡି ବିରୋଧରେ ବିଷୋଦଗାର କରିଥିଲେ। ନାରୀ ନେତ୍ରୀ ରଶ୍ମିତା ମହାନ୍ତଙ୍କ ନେତୃତ୍ୱରେ ଆୟୋଜିତ ସଭାରେ ବରିଷ୍ଠ ବିଜେପି ନେତା କରଞ୍ଜିଆ ମଣ୍ଡଳ ପ୍ରଭାରୀ ରମେଶଚନ୍ଦ୍ର ପ୍ରଧାନ ଉଦ୍‌ବୋଧନ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବିଶ୍ୱଜିତ ପ୍ରଧାନ ସଂଯୋଜନା କରିଥିବାବେଳେ, ବଳଭଦ୍ର ବେହେରା ଏବଂ ଲୋକନାଥ ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଆୟୋଜିତ ହୋଇଥିଲା। ମଣ୍ଡଳ ସଭାପତି ଇନ୍ଦ୍ରଜିତ ମହାନ୍ତ,

## ଗୋଟିଏ ନମ୍ବର ଦୁଇଟି ଗାଡ଼ି
# ଡୁପ୍ଲିକେଟ ପାଇଁ ପ୍ରକୃତ ମାଲିକ ନାମରେ ଜରିମାନା ନୋଟିସ

**ବାଲିଆପାଳ,୬।୫(ସଂଚାର ବ୍ୟୁରୋ):** ଗୋଟିଏ ନମ୍ବର ଥିବା ଦୁଇଟି ମଟରସାଇକେଲ ବୁଲୁଛି। ଗୋଟିଏ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଝାଡପିମ୍ପଳ ଗ୍ରାମରେ ଥିବା ବେଳେ ଅନ୍ୟଟି ଜାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ଅଞ୍ଚଳରେ ବୁଲୁଛି। ବିପରୀତ ଦିଗରେ ଗାଡ଼ି ଚାଳନା ପାଇଁ ପରିବହନ ବିଭାଗ ପକ୍ଷରୁ ଉକ୍ତ ମଟରସାଇକେଲ ମାଲିକଙ୍କ ନାମରେ ଏପ୍ରିଲ ୨୮ ତାରିଖରେ ୫ହଜାର ଟଙ୍କା ଫାଇନ ଦେବାକୁ ଅନଲାଇନ ମାଧ୍ୟମରେ ନୋଟିସ ଆସିଛି। ନୋଟିସ ଆସିବା ପରେ ଘଟଣା ସାମ୍ନାକୁ ଆସିଛି। ସୂଚନାରୁ ପ୍ରକାଶ ଜଳେଶ୍ୱର ଥାନା ଅନ୍ତର୍ଗତ ଝାଡପିମ୍ପଳ ଗ୍ରାମର ପ୍ରଶାନ୍ତ କୁମାର ଜେନା ପେଶାରେ ଜଣେ ଯାତ୍ରା ନିର୍ଦ୍ଦେଶକ ଅଟନ୍ତି। ତାଙ୍କର ଓଡି୧୬ଏଲ ୩୨୦୨ ନମ୍ବର ବିଶିଷ୍ଟ ଏକ ହୋଣ୍ଡା ସାଇନ




ମୋଟରସାଇକେଲ ଅଛି।ସେ ଯାତ୍ରା ଦଳରେ ନିର୍ଦ୍ଦେଶନା ଦେବା ପାଇଁ ବିଭିନ୍ନ ସ୍ଥାନକୁ ତାଙ୍କ ଏହି ମୋଟରସାଇକେଲ ଯୋଗେ ଯାଇଥାନ୍ତି। ତେବେ ତାଙ୍କ ମୋଟରସାଇକେଲର ନମ୍ବରକୁ କପି କରି ଜାଜପୁର ଜିଲ୍ଲା ବରି ଥାନା ଅନ୍ତର୍ଗତ ଗଗନ ବେହେରାଙ୍କ ପୁଅ ପ୍ରଭାତ ବେହେରା ତାଙ୍କର ଥିବା ଏକ ହୋଣ୍ଡା ସାଇନ ମୋଟରସାଇକେଲରେ ଉପରୋକ୍ତ ନମ୍ବର କୁ ବ୍ୟବହାର କରୁଛନ୍ତି। ତାଙ୍କର ଭୁଲ ଗାଡ଼ି ଚାଳନା ପାଇଁ ପ୍ରକୃତ ଗାଡ଼ି ମାଲିକ ପ୍ରଶାନ୍ତ କୁମାର ଜେନାଙ୍କ ନାମରେ ପରିବହନ ବିଭାଗ ପକ୍ଷରୁ ଫାଇନ ପାଇଁ ନୋଟିସ ଜାରି କରାଯାଇଛି। ଏହା ଜଣାପଡ଼ିବା ପରେ ପ୍ରଶାନ୍ତ ବାଲେଶ୍ୱର ଆଇଟିଆଇ ଛକ ନିକଟରେ ଥିବା ପରିବହନ ବିଭାଗ କାର୍ଯ୍ୟାଳୟରେ ସମ୍ପର୍କ କରିଥିଲେ ମାତ୍ର ସେଠାରେ ତାଙ୍କୁ ଥାନାରେ ଅଭିଯୋଗ କରିବାକୁ କହି ଫେରାଇ ଦିଆଯାଇଥିଲା। ପରେ ପ୍ରଶାନ୍ତ ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିବା ପାଇଁ ଯାଇଥିଲେ ସେଠାରେ ଥାନା ବାବୁ ପରିବହନ ବିଭାଗରେ ଅଭିଯୋଗ କରିବାକୁ କହି ଫେରାଇ ଦେଇଥିଲେ। ପ୍ରଶାନ୍ତ ପୁଣି ଥରେ ପରିବହନ ବିଭାଗ କାର୍ଯ୍ୟାଳୟକୁ ଯାଇ ନିରାଶ ହୋଇ ଫେରିବା ପରେ ପୁଣିଥରେ ଜଳେଶ୍ୱର ଥାନାକୁ ଯାଇଥିଲେ ମାତ୍ର ଥାନା ଅଧିକାରୀ ପ୍ରଶାନ୍ତଙ୍କୁ ଜାଜପୁର ଜିଲ୍ଲା ବରି ଥାନାରେ ଅଭିଯୋଗ କରିବାକୁ କହି ଫେରାଇ ଦିଆଯାଇଛି।

ତେବେ ଏଠାରେ ପ୍ରଶ୍ନ ଉଠୁଛି ଜଣେ ନାଗରିକ ଟଙ୍କା ଖର୍ଚ୍ଚ କରି ଗାଡ଼ି କିଣିବା ପରେ ଏଭଳି ହଇରାଣ ହେବା ଏବଂ ଦୁଇ ବିଭାଗ ମଧ୍ୟରେ ସମନ୍ୱୟ ନ ରହିବା କାରଣରୁ ଜଣେ ଯୁବକ କୌଣସି କାରଣ ନଥାଇ ହଇରାଣ ହେବା ଆମ ଶାସନ ବ୍ୟବସ୍ଥାକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି।





# କମଳା ଚୋପାର ସ୍କ୍ରବ ତ୍ୱଚା ପାଇଁ ଉପକାରୀ

ଓଟସ୍ ସ୍କ୍ରବଃ ଓଟସ୍କୁ ଗୁଣ୍ଡ କରି ଏଥିରେ କଞ୍ଚା କ୍ଷୀର ମିଶାନ୍ତୁ। ଏହି ମିଶ୍ରଣକୁ ମୁହଁରେ ଲଗାଇ ଧିରେ ଧିରେ ୫ ମିନିଟ ପର୍ଯ୍ୟନ୍ତ ଘଷନ୍ତୁ। ୧୦ ମିନିଟ ଯାଏଁ ଏହାକୁ ମୁହଁରେ ରଖି ପାଣିରେ ଧୋଇ ଦିଅନ୍ତୁ। **କମଳା ଚୋପାର ସ୍କ୍ରବଃ** କମଳାର ଚୋପାକୁ ଭଲ ଭାବେ ଶୁଖାଇ ଏହାକୁ ପେଷି ଗୁଣ୍ଡ ପ୍ରସ୍ତୁତ କରନ୍ତୁ। ଏହି ଗୁଣ୍ଡରେ କିଛି ମୁଲତାନୀ ମାଟି, ସାମାନ୍ୟ ଗୋଲାପ ଜଳ ମିଶାଇ ମୁହଁରେ ଲଗାଇ କିଛି ସମୟ ମସାଜ କରନ୍ତୁ। ଏପରି କରିବା ଦ୍ୱାରା ତ୍ୱଚାରୁ ଦୂଷିତ ପଦାର୍ଥ ବାହାରିବା ସହ ଚମକ ବୃଦ୍ଧି ପାଇଥାଏ। **ଟମାଟୋ ରସ ଓ ବେସନଃ** ଟମାଟୋ ରସ ଓ ବେସନ ଯାହା ମୁହଁକୁ ଉଜ୍ୱଳ ଓ ସୁନ୍ଦର କରେ। ଟମାଟୋ ରସ ସହ ବେସନ ମିଶାଇ ଲଗାଇବା ଦ୍ୱାରା ଆଖିତଳେ ଥିବା କଳା ଦାଗ ଦୂର ହୋଇଥାଏ। ୨୦ ରୁ ୨୫ ମିନିଟ ଏହାକୁ ଲଗାଇ ପାଣିରେ ଧୋଇଦେବେ। **ବେସନ, କ୍ଷୀର ଓ ଦହିଃ** ବେସନରେ କ୍ଷୀର, ଦହି, ଅଳ୍ପ ହଳଦୀ ମିଶାଇ ଏହାକୁ ମୁହଁରେ ଲଗାନ୍ତୁ। ୨୦ ରୁ ୨୫ ମିନିଟ ମୁହଁରେ ଲଗାଇବା ପରେ ଧୋଇ ଦିଅନ୍ତୁ। ଏହା ମୁହଁର ଦାଗକୁ ଦୂର କରିବା ସହ ମୁହଁର ରଙ୍ଗ ଗୋରା କରିଥାଏ।

# ଲାଉ ଜୁସ୍ ଶରୀର ପାଇଁ ହିତକର



ଲାଉ ସବୁଠାରୁ ପୁଷ୍ଟିକର ପନିପରିବା। କିଛି ଲୋକ ବହୁତ ପସନ୍ଦ କରୁଥିବାବେଳେ କିଛି ଲୋକ ଏହାର ସ୍ୱାଦକୁ ଆଦୌ ପସନ୍ଦ କରନ୍ତି ନାହିଁ। ତଥାପି, ଏହାର ଲାଭ ଅନେକ, ଯାହା ବିଷୟରେ ଜାଣି ଆପଣ ଆଶ୍ଚର୍ଯ୍ୟ ହେବେ। ରକ୍ତରେ ଶର୍କରା ହ୍ରାସ କରିବାରେ ଲାଉ ଅତ୍ୟନ୍ତ ପ୍ରଭାବଶାଳୀ। ଏଥିରେ ପ୍ରଚୁର ଆଣ୍ଟି-ଅକ୍ସିଡାଣ୍ଟ ଥାଏ, ଯାହା ଶରୀରକୁ ସଠିକ୍ ଭାବରେ କାର୍ଯ୍ୟ କରିବାରେ ସାହାଯ୍ୟ କରିଥାଏ ଏବଂ ରୋଗରୁ ରକ୍ଷା କରିଥାଏ। ତେଣୁ, ଲାଉ ରସ ଖାଇବା ଆପଣଙ୍କ ପାଇଁ ଲାଭଦାୟକ ହୋଇପାରେ। ଓଜନ କମାଇବାରେ ଲାଉ ରସ ସହାୟକ ହୋଇପାରେ। ଏଥିପାଇଁ ଆପଣ ପ୍ରତିଦିନ ୧୦୦ ଗ୍ରାମ ଲାଉ ରସ ପିଇବା ଉଚିତ। ବାସ୍ତବରେ, ଏହାକୁ ପିଇବା ପରେ ପେଟ ଘଣ୍ଟା ଘଣ୍ଟା ପୂର୍ଣ୍ଣ ରହିଥାଏ ଏବଂ ଶୀଘ୍ର ଭୋକ ନଥାଏ, ଯାହା ମେଦବହୁଳତାକୁ ମଧ୍ୟ ହ୍ରାସ କରିଥାଏ। ସକାଳେ ଖାଲି ପେଟରେ ଏହାକୁ ଖାଇବା ଅଧିକ ଲାଭଦାୟକ ଅଟେ। ବାସ୍ତବରେ ଉଚ୍ଚ ରକ୍ତଚାପ ହେଉଛି ହୃଦଘାତ ଭଳି ବିଭିନ୍ନ ପ୍ରକାରର ହୃଦଘାତର କାରଣ। ଉଚ୍ଚ ରକ୍ତଚାପରେ ଲାଉ ରସ ମଧ୍ୟ ଲାଭଦାୟକ ଅଟେ। ଯଦି ଆପଣ ନିୟମିତ ଭାବରେ ଏକ ଗ୍ଲାସ୍ ଲାଉ ରସ ପିଅନ୍ତି, ତେବେ ଏହା ଉଚ୍ଚ ବିପି ସମସ୍ୟାକୁ ବହୁ ପରିମାଣରେ ହ୍ରାସ କରିପାରେ।

# କଞ୍ଚାକ୍ଷୀର ତ୍ୱଚା ପାଇଁ କେତେ ଉପକାରୀ ?



କଞ୍ଚାକ୍ଷୀର ଶରୀର ପାଇଁ ଭଲ ବୋଲି ଆମେ ପିଲାବେଳୁ ଶୁଣି ଆସିଛେ। ଏଥିରେ ଭିଟାମନ୍ ଏ, କ୍ୟାଲସିୟମ୍, ଆଇରନ୍, ପ୍ରୋଟିନ୍, ଫ୍ୟାଟ୍, କୋଲେଷ୍ଟ୍ରଲ୍ ପରି ପୋଷକତତ୍ତ୍ୱ ରହିଛି। କେବଳ ଶରୀର ନୁହେଁ, ତ୍ୱଚାକୁ ସୁସ୍ଥ ରଖିବା ପାଇଁ କଞ୍ଚାକ୍ଷୀର ସାହାଯ୍ୟ କରିଥାଏ। ଏହାକୁ ମୁହଁରେ ଲଗାଇଲେ ତ୍ୱଚା ଉଜ୍ଜ୍ୱଳ ହେବା ସହିତ କୋମଳ ହୋଇଥାଏ। ତା'ହେଲେ ଆସନ୍ତୁ ଜାଣିବା ତ୍ୱଚାର ସୌନ୍ଦର୍ଯ୍ୟ ପାଇଁ କଞ୍ଚାକ୍ଷୀରକୁ କିପରି ବ୍ୟବହାର କରାଯାଇପାରିବ।

- ଅମୃତଭଣ୍ଡା ଓ କଞ୍ଚାକ୍ଷୀରର ମିଶ୍ରଣକୁ ତ୍ୱଚାରେ ଲଗାଇଲେ ତ୍ୱଚାରେ ନାଚୁରାଲ୍ ଗ୍ଲୋ ଆସିଥାଏ। ଅମୃତଭଣ୍ଡାରେ ଏକ ଏନଜାଇମ୍ ରହିଛି, ଯାହା ଡେଡ୍ ସେଲ୍କୁ ତ୍ୱଚାରୁ ବାହାର କରି ବ୍ରଣ ଓ ଦାଗ ସମସ୍ୟା ଦୂର କରିଥାଏ।
- ବୟସ ବଢ଼ିଲେ ତ୍ୱଚାରେ କୁଞ୍ଚନ ଆସିଥାଏ। ଏଥିପାଇଁ ଅମୃତଭଣ୍ଡାରେ କଞ୍ଚାକ୍ଷୀର ମିଶାଇ ମୁହଁରେ ଲଗାନ୍ତୁ। କିଛି ସମୟ ରଖିବା ପରେ ମୁହଁକୁ ପାଣିରେ ଧୋଇ ଦିଅନ୍ତୁ। ଦେଖିବେ ମୁହଁରେ ଉଜ୍ଜ୍ୱଳତା ଆସିବ।
- ଧୂଳି ଓ ଧୂଆଁ ଯୋଗୁଁ ତ୍ୱଚା ମଳିନ ଦିଶିଥାଏ। ଏଥିପାଇଁ କଞ୍ଚାକ୍ଷୀରରେ ମହୁ ମିଶାଇ ମୁହଁରେ ଲଗାନ୍ତ। ମହୁ ତ୍ୱଚାରେ ଥିବା ଟାନ୍କୁ ସଫା କରିଥାଏ।
- ମସୁର ଡ଼ାଲି, ବେସନ ଓ କଞ୍ଚାକ୍ଷୀରକୁ ରାତିରେ ବତୁରାଇ ରଖିଦିଅନ୍ତ। ସକାଳେ ଏହାର ପେଷ୍ଟ ପ୍ରସ୍ତୁତ କରି ନିୟମିତ ଭାବରେ ମୁହଁରେ ଲଗାନ୍ତୁ। ଏପରି କଲେ ତ୍ୱଚାରେ ଥିବା ଅତିରିକ୍ତ କେଶ ସଫା ହେବା ସହିତ ତ୍ୱଚା ଉଜ୍ଜ୍ୱଳ

# ଖରାଦିନେ ଥଣ୍ଡା ପାନୀୟ ସହିତ ଚିପ୍ସ ମନା



ଗ୍ରୀଷ୍ମ ଋତୁରେ ଲୋକମାନେ ପ୍ରକୃତରେ ଥଣ୍ଡା ପାନୀୟ ପିଇ ଉପଭୋଗ କରନ୍ତି। ଏହା କୌଣସି କାର୍ଯ୍ୟକ୍ରମ ହେଉ କିମ୍ବା ଘରେ ଅତିଥିମାନଙ୍କୁ ଆସିବାକୁ ହେଉ, ପ୍ରାୟତଃ ଥଣ୍ଡା ପାନୀୟ ପରିବେଷଣ କରାଯାଏ। କିଛି ଲୋକ ସେମାନଙ୍କର ଥଣ୍ଡା ପାନୀୟ ସହିତ ଚିପ୍ସ ଖାଇବାକୁ ମଧ୍ୟ ପସନ୍ଦ କରନ୍ତି। କିନ୍ତୁ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଏହା ଶରୀର ଉପରେ ଖରାପ ପ୍ରଭାବ ପକାଇଥାଏ।

ଏକ ରିପୋର୍ଟ ଅନୁସାରେ, ଦେଶର ଅନେକ ରାଜ୍ୟରେ ବର୍ତ୍ତମାନ ପ୍ରବଳ ଗରମ ଅନୁଭୂତ ହେଉଛି। ଗରମ ପ୍ରବାହର ମଧ୍ୟ ଆଶଙ୍କା ରହିଛି। ଏହି ପରିସ୍ଥିତିରେ, ନିଜ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେବା ଅତ୍ୟନ୍ତ ଜରୁରୀ। ଏହି ଋତୁରେ, ଖାଦ୍ୟ ପ୍ରତି ବିଶେଷ ଧ୍ୟାନ ଦେବାକୁ ପଡିବ। ଶରୀରକୁ ହାଇଡ୍ରେଟ ରଖିବା ପାଇଁ, ତରଳ ଯୁକ୍ତ ଖାଦ୍ୟ ବଜାୟ ରଖିବା ଉଚିତ। ତଥାପି, ଏହି ସମୟରେ ଆପଣଙ୍କୁ ଥଣ୍ଡା ପାନୀୟ ସହିତ ଚିପ୍ସ ଖାଇବାରୁ ଦୂରେଇ ରହିବା ଉଚିତ। କାରଣ ଲୋକମାନେ ସାଧାରଣତଃ ବିଶ୍ୱାସ କରନ୍ତି ଯେ ଗ୍ରୀଷ୍ମ ଋତୁରେ ଥଣ୍ଡା ପାନୀୟ ପିଇବା ଦ୍ୱାରା ସେମାନଙ୍କର ତୃଷା ମେଣ୍ଟେ; କିନ୍ତୁ ବାସ୍ତବରେ, ଥଣ୍ଡା ପାନୀୟ ଶରୀରକୁ ଡିହାଇଡ୍ରେଟ୍ କରିପାରେ। ଥଣ୍ଡା ପାନୀୟରେ ଚିନିର ପରିମାଣ ଅଧିକ ଥାଏ; ଯେଉଁମାନେ ଚିପ୍ସ ସହିତ ସେବନ କରନ୍ତି, ସେମାନଙ୍କ ପାଇଁ ଏହି ନିର୍ଦ୍ଦିଷ୍ଟ ଖାଦ୍ୟ ମିଶ୍ରଣ ଶରୀରରେ ଜଳ ହ୍ରାସକୁ ବୃଦ୍ଧି କରିପାରେ ଏବଂ ଇଲେକ୍ଟ୍ରୋଲାଇଟ୍ ସନ୍ତୁଳନକୁ ବିପର୍ଯ୍ୟସ୍ତ କରିପାରେ।

ଗ୍ରୀଷ୍ମ ଋତୁରେ ଶରୀରକୁ ଜଳୀୟ ଅଂଶର ଆବଶ୍ୟକତା ଥିବାବେଳେ, ଥଣ୍ଡା ପାନୀୟ—ଶୋଷ ମେଣ୍ଟାଇବା ପରିବର୍ତ୍ତେ—ପ୍ରାୟତଃ ଡିହାଇଡ୍ରେସନକୁ ବଢ଼ାଇପାରେ। କ୍ୟାଫିନ୍ ଏବଂ ଅଧିକ ଚିନି ଶରୀରର ଜଳ ସ୍ତରକୁ ହ୍ରାସ କରିପାରେ। ଏହା ବ୍ୟତୀତ, ଚିପ୍ସରେ ଯଥେଷ୍ଟ ପରିମାଣରେ ଲୁଣ ଏବଂ ଟ୍ରାନ୍ସ ଫ୍ୟାଟ୍ ଥାଏ। ଏଗୁଡ଼ିକୁ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ବୋଲି ବିବେଚନା କରାଯାଏ ନାହିଁ। ଏପରି ଜିନିଷର ନିୟମିତ ସେବନ ସ୍ଥୂଳତା ଆଶଙ୍କା ବଢ଼ାଇପାରେ।

# ଅଳ୍ପ ବୟସରେ ଚୁଟି ପାଚିଯାଉଛି କି ?



କେଶ ପାଇଁ ବହୁତ ଲାଭଦାୟକ ହୋଇଥାଏ ସୋରିଷ ତେଲ। ଏହା କେଶକୁ ମଜଭୂତ କରାଇଥାଏ। କିନ୍ତୁ ଆପଣ ଜାଣିଛନ୍ତି କି, ସୋରିଷ ତେଲ ସହ ମେହେନ୍ଦି ମିଶାଇ ଲଗାଇବା ଦ୍ୱାରା କେଶ ଘନ ଏବଂ କଳା ହେବା ସହିତ ପୋଷଣ ମଧ୍ୟ ମିଳିଥାଏ। ଆଜି ଆମେ ଆପଣଙ୍କୁ ସୋରିଷ ତେଲ ଓ ମେହେନ୍ଦିର ବ୍ୟବହାର ବିଷୟରେ କହିବୁ। **ଆବଶ୍ୟକ ସାମଗ୍ରୀଃ** କପ୍ ସୋରିଷ ତେଲ, ବଡ଼ ଚାମଚ ହିନା ପାଉଡର କିମ୍ବା ମେହେନ୍ଦି ପତ୍ର ଗ୍ୟାସ୍ ଉପରେ ଲୁହା କଡ଼େଇ ବସାନ୍ତୁ ଏବଂ ଏଥିରେ ସୋରିଷ ତେଲ ପକାନ୍ତୁ। ତେଲ ଗରମ ହୋଇଗଲା ପରେ ଗ୍ୟାସରେ ଆଚକୁ କମ୍ କରିଦିଅନ୍ତୁ। ସେଥିରେ ହିନା ପାଉଡର ପକାନ୍ତୁ। ତେଲ ଫୁଟିବା ଯାଏ ଏହାକୁ ଗରମ କରନ୍ତୁ ଏବଂ ଲଗାତାର ଘାଟନ୍ତୁ। ଯେତେବେଳେ ତେଲ ସମ୍ପୂର୍ଣ୍ଣ କଳା ହୋଇଯିବ ଏବଂ ମେହେନ୍ଦି ସେଥିରେ ମିଶିଯିବ, ଗ୍ୟାସ୍ ବନ୍ଦ କରିଦିଅନ୍ତୁ। ତେଲ କଡ଼େଇକୁ ୧ ମିନିଟ୍ ଯାଏ ଢାଙ୍କିକି ରଖିଦିଅନ୍ତୁ। ତେଲ ଥଣ୍ଡା ହୋଇଗଲା ପରେ ଏହାକୁ ଛାଣି ଏକ ଶିଶିରେ ରଖନ୍ତୁ। ଏବେ ଆପଣଙ୍କ ମିଶ୍ରଣ ପ୍ରସ୍ତୁତ ହୋଇଗଲା। କେଶ ଅଧିକ ପାଚୁଥିଲେ ଏହାକୁ ବ୍ୟବହାର କରିପାରିବେ।

# ମହୌଷଧୀଗୋଲମରିଚ

ଗୋଲମରିଚ ଗୋଟିଏ ଛୋଟ ମଞ୍ଜିଟିଏ ହେଲେ ମଧ୍ୟ ଏହାର ବହୁ ଉପକାର ରହିଛି। ଏଥିରେ ଅଧିକ ରହିଛି ଔଷଧୀୟ ଗୁଣ। ବିଶେଷ କରି ପେଟ ଓ ଛାତି ରୋଗ ପାଇଁ ଗୋଲମରିଚ ବହୁ ଉପକାରୀ। ଲାଲ୍ ଲଙ୍କା ମରିଚଠାରୁ ମଧ୍ୟ ଏହା ବେଶି ଉପଯୋଗୀ। ଏହାର ରସାୟନ ଗୁଣ ଅଧିକମାତ୍ରରେ ରହିଛି। ଆୟୁର୍ବେଦରେ ଗୋଲମରିଚକୁ ସବୁ ପ୍ରକାର ଜୀବାଣୁ, ଭୂତାଣୁ ନାଶକ ଔଷଧ ରୂପେ ଅଭିହିତ କରାଯାଇଛି।

ଉପକାରିତାଃ ଗୋଲମରିଚ ଅରୁଚି, ଜୀର୍ଣ୍ଣ ଜ୍ୱର, ଦାନ୍ତ ଯନ୍ତ୍ରଣା, ମାଢ଼ି ସ୍ଫୂଜନତା, ପକ୍ଷାଘାତ, ଚକ୍ଷୁରୋଗ, ଉଦରପୀଡା, ଆଦି ସମସ୍ୟା ପାଇଁ ହିତକାରୀ ଅଟେ। ସର୍ଦ୍ଦି ହେଲେ ଉଷୁମ କ୍ଷୀରରେ ଗୋଲମରିଚ ମିଶାଇ ସେବନ କରନ୍ତୁ। ବାରମ୍ବାର ଏବଂ ଅସହ୍ୟ ସର୍ଦ୍ଦି ଏବଂ ଛିଙ୍କ ହେଲେ ଗୋଲମରିଚ ସଂଖ୍ୟା ଏକରୁ ଆରମ୍ଭ କରି ପନ୍ଦର ପର୍ଯ୍ୟନ୍ତ ପ୍ରତିଦିନ ଗୋଟାଏ ଲେଖାଏଁ ବଢ଼ାନ୍ତୁ। ଏଭଳି କଲେ ଏକ ମାସ ଭିତରେ ସର୍ଦ୍ଦି ଛାଡିଯିବ। କାଶ ହେଉଥିଲେ ଅଧା ଚାମଚ ଗୋଲମରିଚ ଗୁଣ୍ଡ ଏବଂ ଅଧା ଚାମଚ ମହୁ ମିଶାଇ ଦିନରେ ୩-୪ ଥର ଚାଟନ୍ତୁ। କାଶ ଦୂର ହେବ। ଗ୍ୟାଷ୍ଟ୍ରିକ୍ ସମସ୍ୟା ଥିଲେ ଏକ କପ୍ ପାଣିରେ ଫାଳେ ଲେମ୍ବୁ ରସ ପକାଇ ଅଧା ଚାମଚ ଗୋଲମରିଚ ଗୁଣ୍ଡ ଓ ଅଧା ଚାମଚ କଳା ଲୁଣ ମିଶାଇ ନିୟମିତ କିଛିଦିନ ପର୍ଯ୍ୟନ୍ତ ସେବନ କରିବା ଦ୍ୱାରା ଗ୍ୟାସ୍ ସମସ୍ୟା ଦୂର ହୋଇଥାଏ। ଗଳା ବସିଥିଲେଃ ଗୋଲମରିଚକୁ ଘିଅ ଏବଂ ମିଶ୍ରି ସହିତ ମିଶାଇ ଚାଟିବା ଦ୍ୱାରା ଗଳା ଖୋଲିବ ଏବଂ କଣ୍ଠସ୍ୱର ମଧୁର ମଧ୍ୟ ହେବ। ସେହିପରି ଆଠ ଦଶ ଗୋଲମରିଚକୁ ଘଡ ଘଡ କଲେ ଗଳା ସଂକ୍ରମଣରୁ ମୁକ୍ତ ମିଳିଥାଏ। ଗୋଲମରିଚ ଗୁଣ୍ଡକୁ ଘିଅରେ ଫେଣ୍ଟାଇ ଲେପ ଦେଲେ ଦାନ୍ତ ଯନ୍ତ୍ରଣାରୁ ଉପଶମ ମିଳେ।



# ମକା ଖାଇଲେ ଡାଇବେଟିସ୍ ନିୟନ୍ତ୍ରଣରେ ରହେ



ଶରୀରରେ ସର୍କରା ପରିମାଣ ବଢ଼ିଗଲେ ଡାଇବେଟିସ୍ ହୋଇଥାଏ। କିନ୍ତୁ ଏହାକୁ ସନ୍ତୁଳିତ ରଖିବାର ସହଜ ଉପାୟ ରହିଛି। ମକା ଖାଇଲେ ତାହା ସର୍କରାକୁ ନୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ ମକାରେ ଗ୍ଲାଇକୋମିକ ଇଣ୍ଡେକ୍ସ ନାମକ ତତ୍ତ୍ୱ ରହିଛି। ଯାହା ଡାଇବେଟିସ୍ ରୋଗୀଙ୍କ ପାଇଁ ଉପକାରୀ। ମକା ମଞ୍ଜିରେ ପୋଷକତତ୍ତ୍ୱ ଭରପୂର ହୋଇ ରହିଛି। ଏଥିରେ ଭିଟାମିନ୍ ବି-୧, ଭିଟାମିନ୍ ବି-୫ ଭିଟାମିନ୍ ସି, ଫସଫରସ୍ ଫାଇବର ଆଇରନ୍ ପ୍ରୋଟିନ୍ ଏବଂ ମ୍ୟାଗ୍ନେସିୟମ ରହିଛି। ଅପରପକ୍ଷରେ ନିକଟରେ ଆମେରିକୀୟ ବିଶେଷଜ୍ଞଙ୍କ ଦ୍ୱାରା ହୋଇଥିବା ଗବେଷଣାରୁ ଜଣାପଡ଼ିଛି ଯେ, ମକା ମଞ୍ଜି ମଧ୍ୟ ହୃଦ୍‌ରୋଗ ଏବଂ କ୍ୟାନସରରୁ ଉପଶମ ଦେବାରେ ସାହାଯ୍ୟ କରେ। ମକା ମଞ୍ଜି ମଧ୍ୟ ସ୍ମରଣ ଶକ୍ତି ବଢ଼ାଇବାରେ ସହାୟକ ହୋଇଥାଏ। ମକା ମଞ୍ଜି ଭାଜି ଖାଇଲେ ଏହା ରକ୍ତହିନତା ଦୂର କରିବା ସହ ହଜମ ପ୍ରକ୍ରିୟାକୁ ଆହୁରି ସକ୍ରିୟ କରିଥାଏ। ଏଥିରେ ବିଟା କ୍ୟାରୋଟିନ୍ ଭରି ରହିଛି। ମକା ପତ୍ରକୁ ବାଟି ମୁଣ୍ଡରେ ଲଗାଇଲେ ମୁଣ୍ଡ ବିନ୍ଧାରୁ ଆରାମ ମିଳେ। ମକା ଖାଇଲେ ଦୃଷ୍ଟିଶକ୍ତି ପ୍ରଖର ହୋଇଥାଏ। ମକାତେଲ ଲଗାଇଲେ ଶାରୀରିକ ଦୁର୍ବଳତା ଦୂର ହୋଇଥାଏ।

### ବେଆଇନ ପାର୍କିଂ ଓ ଧୂଳିଧୂସରିତ ରାସ୍ତା

# ବିପଦରେ ଜନଜୀବନ, ବଢୁଛି ଦୁର୍ଘଟଣା



ବାଲିକୁଦା,୫।୫(ସଂଚାର ବ୍ୟୁରୋ)ଃ କଟକ-ଜଗତସିଂହପୁର ମୁଖ୍ୟ ରାସ୍ତା ଏନଏଚ ୫୫ ଏବେ ଯାତ୍ରୀଙ୍କ ପାଇଁ ପାଲଟିଛି ମରଣଯନ୍ତା। ବିଶେଷକରି ବାଲିକୁଦା ଅଞ୍ଚଳରେ ପ୍ରତିଦିନ ଘଟୁଥିବା ଛୋଟବଡ଼ ଦୁର୍ଘଟଣା ସାଧାରଣ ଲୋକଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି କରିଛି। ଗତ ଏକ ମାସ ମଧ୍ୟରେ ଅନେକ ଧନଜୀବନ ହାନି ଘଟିଥିଲେ ସୁଦ୍ଧା ସୁରକ୍ଷା ବ୍ୟବସ୍ଥା ନେଇ ପ୍ରଶାସନ ତରଫରୁ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଉ ନଥିବା ଅଭିଯୋଗ ହୋଇଛି।ବାଲିକୁଦା ତହସିଲ୍ ଛକ ନିକଟରେ ଶତାଧିକ ଭାରିଯାନ ଟ୍ରକ୍ ରାସ୍ତାର ଗୋଟିଏ ପାର୍ଶ୍ୱକୁ ଦଖଲ କରି ବେଆଇନ ଭାବେ ରହୁଛନ୍ତି। ଫଳରେ ରାସ୍ତା ସଂକୁଚିତ ହୋଇଯାଉଛି ଏବଂ ଅନ୍ୟ ପାର୍ଶ୍ୱରେ ଯାଉଥିବା ବସ୍ ଓ ଛୋଟ ଗାଡ଼ି ଗୁଡ଼ିକ ମୁହାଁମୁହିଁ ଦୁର୍ଘଟଣାର ଶିକାର ହେଉଛନ୍ତି। ନୂତନ ରାସ୍ତା ନିର୍ମାଣ କାମ ଚାଲିଥିବା ବେଳେ ଉଡୁଥିବା 'ଫ୍ଲାଇଆସ' ଓ ଧୂଳିକଣା ସ୍ଥାନୀୟ ଲୋକଙ୍କ ପାଇଁ ଅଭିଶାପ ସାଜିଛି। ଏହା ଦ୍ୱାରା ରାସ୍ତା ଦୃଶ୍ୟମାନ ହେବାରେ ବାଧା ଉପୁଜିବା ସହ ଲୋକମାନେ ଶ୍ୱାସକଷ୍ଟ ଓ ଚକ୍ଷୁ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଠିକା ସଂସ୍ଥା ଓ ବିଭାଗୀୟ ଯନ୍ତ୍ରୀଙ୍କ ଚରମ ଅବହେଳା ଯୋଗୁଁ ସ୍ଥିତି ଅସମ୍ଭାଳ ହେବାରେ ଲାଗିଛି। ଯଥେଷ୍ଟ ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା ନଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ବେଆଇନ ପାର୍କିଂ ଉଚ୍ଛେଦ କରିବା ସହ ନିର୍ମାଣ କାର୍ଯ୍ୟ ସମୟରେ ନିୟମିତ ପାଣି ସିଞ୍ଚନ ଓ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ସ୍ଥାନୀୟ ବାସିନ୍ଦା ଜିଲ୍ଲା ପ୍ରଶାସନ ନିକଟରେ ଦାବି କରିଛନ୍ତି। ଯଦି ଶୀଘ୍ର ପ୍ରତିକାର କରାନଯାଏ, ତେବେ ଆଗାମୀ ଦିନରେ ଏହା ଏକ ବଡ଼ ଜନ ଆନ୍ଦୋଳନର ରୂପ ନେବ ବୋଲି ଚେତାବନୀ ଦିଆଯାଇଛି।

# ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ




ସୁବର୍ଣ୍ଣପୁର,୫।୫(ସଂଚାର ବ୍ୟୁରୋ)ଃ ସୁବର୍ଣ୍ଣପୁର ଜିଲ୍ଲାରେ ଚଳିତ ମେ ମାସ ୨୨ ତାରିଖରୁ ରବି ଧାନ କ୍ରୟ ଆରମ୍ଭ ହେବ। ଏହି ପରିପେକ୍ଷୀରେ ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ୨୦୨୫-୨୬ ରବି ଋତୁ ପାଇଁ ଜିଲ୍ଲା ସ୍ତରୀୟ ଧାନ ସଂଗ୍ରହ କମିଟି (ଡିଏଲପିସି) ବୈଠକ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼ ନୃପରାଜ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଚାଷୀଙ୍କ ସ୍ୱାର୍ଥରକ୍ଷା ଏବଂ ଧାନ ସଂଗ୍ରହ ପ୍ରକ୍ରିୟାକୁ ସ୍ୱଚ୍ଛ ଓ ଶୃଙ୍ଖଳିତ କରିବା ସହ ଗତ ବର୍ଷ ଧାନ କ୍ରୟ ସମୟରେ ଉପୁଜିଥିବା ବିଭିନ୍ନ ସମସ୍ୟାକୁ ଦୃଷ୍ଟିରେ ରଖି ଆଗାମୀ ଦିନରେ ସେଗୁଡ଼ିକର ସମାଧାନ କିପରି କରାଯିବ, ସେନେଇ ଆଲୋଚନା ହୋଇଥିଲା। ସୂଚନା ଅନୁଯାୟୀ, ଜିଲ୍ଲା ସ୍ତରୀୟ କ୍ରୟ ସମିତି ଦ୍ୱାରା ଚଳିତ ୨୨ ମଇରୁ ରବି ଧାନ ସଂଗ୍ରହ ଆରମ୍ଭ କରିବାକୁ ନିଷ୍ପତ୍ତି ନିଆଯାଇଛି। ଚଳିତ କେଏମଏସ ୨୦୨୫-୨୬ ବର୍ଷ ପାଇଁ ସାଧାରଣ ଧାନର କ୍ୱିଣ୍ଟାଲ ପିଛା ମୂଲ୍ୟ ୨୩୬୯ ଟଙ୍କା ଏବଂ 'ଗ୍ରେଡ୍-ଏ' ଧାନ ପାଇଁ ୨୩୮୯ ଟଙ୍କା ଧାର୍ଯ୍ୟ କରାଯାଇଛି। ରବି ୨୦୨୫-୨୬ ପାଇଁ ମୋଟ ୪୨୭୦୨ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ଏବର୍ଷ ଧାନ ସଂଗ୍ରହ ପାଇଁ ଜିଲ୍ଲାରେ ୬୬ଟି ପ୍ୟାକ୍ସ (ପିଏସିଏସ୍) ଅଂଶଗ୍ରହଣ କରିବେ। ୧୯ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଡବ୍ଲ୍ୟୁଏସଏଚଜି) ସାମିଲ ହେବେ। ଚଳିତ ଋତୁରେ ୫୫ ଜଣ ମିଲର ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହେବେ। ପି-ପାସ୍ (ଅନଲାଇନ୍ ମୋଡ୍‌ରେ ରିଅଲ୍ ଟାଇମ୍ କ୍ରୟ) ମାଧ୍ୟମରେ କ୍ରୟ କରାଯିବ। ଏଥିପାଇଁ କେନ୍ଦ୍ରୀୟ ଟୋକନ୍ ଜାରି କରାଯିବ ଏବଂ କୃଷକଙ୍କ ପଞ୍ଜୀକୃତ ମୋବାଇଲକୁ ଏସଏମଏସ୍ ପଠାଯିବ। ଆଇରିସ୍ ସ୍କାନର ଦ୍ୱାରା ଆଧାର ପ୍ରମାଣିକରଣ ନିଶ୍ଚିତ କରି ଧାନ କ୍ରୟ କରାଯିବ। ୨୪ରୁ ୪୮ ଘଣ୍ଟା ମଧ୍ୟରେ ଅନଲାଇନ୍ ମୋଡ୍‌ରେ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ଧାନର ମୂଲ୍ୟ (ଏମଏସପି) ଜମା କରାଯିବ ଏବଂ ପ୍ରତି ୭ ଦିନରେ ରିମାଇଣ୍ଡର ମେସେଜ୍ ମଧ୍ୟ ପଠାଯିବ। ଧାନ ସଂଗ୍ରହ କେନ୍ଦ୍ରରେ ଡିଜିଟାଲ ଆର୍ଦ୍ରତା ମିଟର, ୱେ ବ୍ରିଜ୍, ବିଶ୍ଳେଷଣ କିଟ୍, ପଲିଥିନ୍ ତରପୋଲିନ୍ ଆଦି ଯୋଗାଇବା ସହ ପ୍ରତୀକ୍ଷା କକ୍ଷ, ପାନୀୟ ଜଳ, ଆଲୋକ ବ୍ୟବସ୍ଥା, ଶୌଚାଳୟ, ସିସିଟିଭି ଆଦିର ବ୍ୟବସ୍ଥା କରାଯିବ।

### ଲାଞ୍ଜିଗଡ଼ରେ ବଡ଼ ଧରଣର ଡକାୟତି

# ଛୁରୀ ଦେଖାଇ ଲୁଟିନେଲେ ନଗଦ ୮ ଲକ୍ଷ ଟଙ୍କା ଓ ୧୫ ଭରି ସୁନା



ଲାଞ୍ଜିଗଡ଼,୫।୫(ସଂଚାର ବ୍ୟୁରୋ)ଃ ଶିଳ୍ପର ସହର ଲାଞ୍ଜିଗଡ଼ରେ ଘଟିଛି ଏକ ବଡ଼ ଧରଣର ଡକାୟତି। ଲାଞ୍ଜିଗଡ଼ ଥାନା ଜଗନ୍ନାଥପୁରରେ ଘର ତିଆରି କରି ରହୁଥିବା ବ୍ୟବସାୟୀ ଆନନ୍ଦ ଅଗ୍ରୱାଲଙ୍କ ଦୁଇମହଲା ଘରେ ରବିବାର ବିଳମ୍ବିତ ରାତିରେ ପାଞ୍ଚରୁ ଛଅଜଣ ଦୁର୍ବୃତ୍ତ ହଠାତ ପଶି ଆସିବା ସହିତ ତାଙ୍କ ଘର ମୁଖ୍ୟ କବାଟ ଭାଙ୍ଗି ଘର ଭିତରେ ଧସେଇ ପଶିଥିଲେ।ଏହାପରେ ନିଦରେ ଶୋଇଥିବା ବ୍ୟବସାୟୀ ଶ୍ରୀ ଅଗ୍ରୱାଲ ଓ ତାଙ୍କ ପତ୍ନୀ ବବିତାଙ୍କୁ ଉଠାଇ ସେମାନଙ୍କ ଗଳାରେ ଛୁରୀ ଲଗାଇ ଭୟଭୀତ କରିବା ସହିତ ଘରେ ଥିବା ନଗଦ ୯ରୁ ୧୦ଲକ୍ଷ ଟଙ୍କା, ୧୫ ତୋଳା ସୁନା, ୫୦ ତୋଳା ରୂପା ଅଳଙ୍କାର ଆଦି ନେଇଯାଇଥିବା ଅଭିଯୋଗ ହୋଇଛି। ଏପରିକି ଲୁଟ ପୂର୍ବରୁ ସେମାନଙ୍କ ତିନିଗୋଟି ମୋବାଇଲ ଛଡାଇ ନେଇ ଗଲାବେଳେ ଘର ବାହାରେ ଫିଙ୍ଗି ଦେଇ ଚାଲିଯାଇଥିଲେ। ରାତି ପ୍ରାୟ ଘ.୨ଃ୩୦ଷ୍ଟାରୁ ଘ୩ଃ ୩୦ଷ୍ଟା ପର୍ଯ୍ୟନ୍ତ ଦୀର୍ଘ ଘଣ୍ଟାଏ କାଳ ଡକାୟତ ଦଳ ନିଜର ଆତଙ୍କରାଜ ଚଳାଇ ପଳାଇ ଯିବାପରେ କୌଣସି ପ୍ରକାରେ ସେ ଲୋକଙ୍କୁ ସୂଚନା ଦେବା ସହ ପୁଲିସକୁ ଖବର ଦେଇଥିଲେ।ଖବର ପାଇ ଲାଞ୍ଜିଗଡ଼ ଥାନାଧିକାରୀ ଯଶୋବନ୍ତ ହିଆଲଙ୍କ ନେତୃତ୍ୱରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା।ସେହିପରି ଘଟଣାର ଗୁରୁତ୍ୱ ଦୃଷ୍ଟିରୁ କେସିଙ୍ଗା ଏସଡିପିଓ ସନ୍ଦୀପ ମାଝୀ ଘଟଣାସ୍ଥଳରେ ପହଞ୍ଚିଥିବାବେଳେ ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ତଦନ୍ତ ପ୍ରକ୍ରିୟାରେ ସାମିଲ ହୋଇଥିଲେ। ଲାଞ୍ଜିଗଡ଼ ଅଞ୍ଚଳରେ ପ୍ରଥମ ଥର ଏତେବଡ଼ ଡକାୟତି ଘଟଣା ଘଟିଥିବାବେଳେ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି। ଏନେଇ ଲାଞ୍ଜିଗଡ଼ ଥାନା କେସ ନଂ ୪୧/୨୦୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ଥିବା ସୂଚନା ମିଳିଛି।

# କାଳ ବୈଶାଖୀରେ ଉପୁଡ଼ିଲା ବିପଦସଙ୍କୁଳ ଗଛ



ଫିରିଙ୍ଗିଆ,୫।୫(ସଂଚାର ବ୍ୟୁରୋ)ଃ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ଗୋଛାପଡା ସରକାରୀ ଉଚ୍ଚ ବିଦ୍ୟାଳୟ ରେ ବିପଦ ସଙ୍କୁଳ ଅବସ୍ଥା ରେ ଥିବା ବିରାଟ ଶିମୁଳି ଗଛ। ବହୁ ପୁରାତନ ଏହି ଗଛ ରେ ବର୍ଷ ତମାମ ମହୁ ମାଛି ବସା ବାନ୍ଧି ରହି ଆସୁ ଥିଲେ। ବିଭିନ୍ନ ସମୟରେ ଛାତ୍ର ଛାତ୍ରୀ ଓ ଶିକ୍ଷକ ଶିକ୍ଷୟତ୍ରୀ ମାନେ ମହୁ ମାଛି ଆକ୍ରମଣ ର ଶିକାର ହୋଇ ଥିବା ଦେଖିବାକୁ ମିଳିଛି। ଏହି କାରଣ ରୁ ବିଭାଗ ପକ୍ଷରୁ ଗଛ ହଟାଇବା ପାଇଁ ଆଦେଶ ଜାରି ହୋଇ ଥିଲା। କିନ୍ତୁ ପ୍ରବଳ ମହୁ ମାଛି ଯୋଗୁଁ ଗଛ କାଟି ବାକୁ ସମସ୍ତେ ଭୟ କରୁ ଥିଲେ। ତା ୫-୫-୨୦୨୬ରିଖ ରାତି ୯ଘଣ୍ଟା ବେଳେ ପ୍ରବଳ ବର୍ଷା ଓ ପବନରେ ଏହି ଗଛ ଉପୁଡ଼ି ଯାଇଥିବା ଦେଖିବାକୁ ମିଳିଛି। କିନ୍ତୁ କାହାର କୌଣସି କ୍ଷତି ଘଟି ନାହିଁ। ଯଦି ଖରା ଛୁଟି ହୋଇ ନ ଥାଆନ୍ତା, ଛାତ୍ର ଛାତ୍ରୀ ମାନେ ବିଦ୍ୟାଳୟରେ ଥାଆନ୍ତେ, ତେବେ ଜୀବନ ହାନି ହେବା ଆଶଙ୍କା କୁ ଏଡ଼ାଇ ଦିଆ ଯାଇ ନ ଥାଆନ୍ତା। ଏବଂ ବହୁ ଛାତ୍ର ଛାତ୍ରୀ ମହୁ ମାଛି ଆକ୍ରମଣ ର ଶିକାର ହୋଇ ଥାଆନ୍ତେ। ଗଛ ସିନା ଉପୁଡ଼ି ପଡ଼ିଛି, କିନ୍ତୁ ଅସଂଖ୍ୟ ମହୁ ମାଛି ଗଛ ଉପରେ ଓ ଆଖ ପାଖ ଅଞ୍ଚଳରେ ଉଗ୍ର ଭାବରେ ଉଡ଼ି ବୁଲୁ ଥିବା ଦେଖି ବାକୁ ମିଳୁଛି। ତେବେ ମହୁ ମାଛି ଗୁଡ଼ିକୁ କେଉଁ ଉପାୟ ରେ ଘଉଡ଼ା ଯାଇ ପାରିବ ତାହା ଚିନ୍ତା ର କାରଣ ସାଜିଛି।

# ହରିଣର ମୃତଦେହ ଉଦ୍ଧାର



ନୀଳଗିରି,୬।୫(ସଂଚାର ବ୍ୟୁରୋ)ଃ ବୁଧବାର ସକାଳ ପ୍ରାୟ ୬.୩୦ସମୟରେ ନୀଳଗିରି ବନବିଭାଗ ଏକ ମୃତହରିଣ ଉଦ୍ଧାର କରିଥିବା ଜଣାଯାଇଛି। ସୂଚନା ମୁତାବକ ନୀଳଗିରି ବ୍ଲକ୍ ମାଟିଆଳି ପଞ୍ଚାୟତ ଗୋବିନ୍ଦପୁରା ଗ୍ରାମ ନିକଟରେ ଏକ ହରିଣକୁ କିଛି କୁକୁର ଗୋଡ଼ାଇ ଗୋଡ଼ାଇ କାମୁଡିବା ଦ୍ୱାରା ହରିଣଟି ମରିଯାଇଥିଲା। ସ୍ଥାନୀୟଲୋକ ବନବିଭାଗକୁ ଖବରଦେବା ପରେ ବନବିଭାଗ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମୃତହରିଣକୁ ଉଦ୍ଧାରକରି ନୀଳଗିରି ରେଞ୍ଜ କାର୍ଯ୍ୟାଳୟକୁ ଆଣିଥିଲେ। ତେବେ ମୃତହରିଣକୁ ପୋତିଦିଆଯାଇଥିବା ରେଞ୍ଜର ମନୱର୍ ଖାଁ କହିଥିବା ବେଳେ ହରିଣର ଓଜନ, ଲମ୍ବ, ଉଚ୍ଚତା ଏପରିକି ବୟସ ସମ୍ପର୍କରେ କୌଣସି ସଠିକ୍ ତଥ୍ୟ ଦେଇନଥିଲେ। ପ୍ରକୃତରେ ହରିଣଟି କଉଠୁ ଆସିଲା ? କୁକୁରକାମୁଡ଼ା ଦ୍ୱାରା ମୃତ୍ୟୁହୋଇଛି ନା ଶିକାରୀଙ୍କ ଦ୍ୱାରା ମୃତ୍ୟୁହୋଇଛି ତାର ସଠିକ୍ ତଥ୍ୟ ମିଳିପାରିନାହିଁ।

# କୁଟାସିଂହା ଅଙ୍ଗନଦୀରେ ନଦୀଗର୍ଭ ଜଳାଶୟ ପ୍ରକଳ୍ପ କେବେ ?

ବଲାଙ୍ଗିର,୫।୫(ସଂଚାର ବ୍ୟୁରୋ)ଃ ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକ ର ଜୀବନ ଜୀବିକା କୁହା ଯାଉଥିବା ଅଙ୍ଗନଦୀ ଖରା ପୂର୍ବରୁ ଶୁଖିଲା ପଡ଼ିଛି। ଦଶନ୍ଧି ପୂର୍ବେ ବର୍ଷ ତମାମ ନଦୀରେ ଧାର ବୋହୁଥିଲା। ଫଳରେ ଆଗଲପୁର ବ୍ଲକ ର ୩୫ ଟି ଗାଁ ରୁ ଉର୍ଦ୍ଧ୍ୱ ଓ ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ର ୧୫ ଟି ଗାଁ କୁ ଚାଷ ଓ ପିଇବା ପାଇଁ ପର୍ଯ୍ୟାପ୍ତ ପାଣି ମିଳୁଥିଲା।ଆ ହେଲେ ବର୍ତ୍ତମାନ ଶୀତରୁ ସ୍ରୋତ ଶୁଖି ଯାଉଛି। ଦୀର୍ଘ ବର୍ଷ ହେଲା ଅଞ୍ଚଳବାସୀ ଅଙ୍ଗ ନଦୀରେ ବ୍ୟାରେଜ ନିର୍ମାଣ ପାଇଁ ଦାବୀ କରି ଆସୁଛନ୍ତି। ଗତ ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର ଆଗଲପୁର ବ୍ଲକ କୁଟାସିଂହା ନିକଟରେ ଅଙ୍ଗନଦୀରେ ୨୪୭. ୫୦ କୋଟି ଟଙ୍କା ବ୍ୟୟରେ ନଦୀଗର୍ଭ ଜଳ ସଂରକ୍ଷଣ ପ୍ରକଳ୍ପ ପାଇଁ ଅର୍ଥ ମଞ୍ଜୁର କରିଥିଲେ। ବର୍ତ୍ତମାନ ର ସ୍ଥାନୀୟ ବିଧାୟକ ଓ ଭିଭାଗୀୟ ଅଧିକାରୀ ମଧ୍ୟ ପ୍ରସ୍ତାବିତ ସ୍ଥାନ କୁ ପରିଦର୍ଶନ କରି ଯାଇଛନ୍ତି। ହେଲେ ଏହା ଭିତରେ ୨ ରୁ ଅଧିକ ବର୍ଷ ବିତି ଯାଇଥିଲେ ବି ପ୍ରକଳ୍ପ କାମ ଆରମ୍ଭ ହୋଇନାହିଁ।

# ବିଭିନ୍ନ ଉନ୍ନୟନ ପ୍ରକଳ୍ପର ସମୀକ୍ଷା, ଶୀଘ୍ର କାର୍ଯ୍ୟ ସାରିବା ଉପରେ ଗୁରୁତ୍ୱ



ସୁବର୍ଣ୍ଣପୁର,୫।୫(ସଂଚାର ବ୍ୟୁରୋ)ଃ ସୁବର୍ଣ୍ଣପୁର ଜିଲ୍ଲାର ଜିଲ୍ଲା ପରିଷଦ ବୈଠକ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା। ବୈଠକରେ ମାନନୀୟ ସାଂସଦଙ୍କ ପ୍ରତିନିଧି ସାନନ୍ଦ ମେହେର, ଜିଲ୍ଲାପରିଷଦ ଅଧ୍ୟକ୍ଷା ସୁପାର ଠେଲା ଉପସ୍ଥିତ ଥିଲେ। ଏହାସହ ଜିଲ୍ଲାପରିଷଦ ଉପାଧ୍ୟାକ୍ଷା ଝସକେତନ ବଘାର, ଜିଲ୍ଲାପାଳ ଡ଼. ନୃପରାଜ ସାହୁ, ଭାରପ୍ରାପ୍ତ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ କାଳିଆ ମଲ୍ଲିକ ସହ ସମସ୍ତ ଜିଲ୍ଲାପରିଷଦ ସଦସ୍ୟ ସଦସ୍ୟା ଏବଂ ପଞ୍ଚାୟତ ସମିତିର ଅଧ୍ୟକ୍ଷ ଅଧ୍ୟକ୍ଷା ମାନେ ଉପସ୍ଥିତ ଥିଲେ। ବୈଠକରେ ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରାଯାଇ ଅଧିକାରୀମାନଙ୍କୁ ଶୀଘ୍ର କାର୍ଯ୍ୟ ସମାପ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଜିଲ୍ଲାରେ ଚାଲିଥିବା ବାଲିଚୋରି ରୋକିବା ପଦକ୍ଷେପ ଉପରେ ଚର୍ଚ୍ଚା ହୋଇଥିଲା। ଜଙ୍ଗଲ ବିଭାଗର ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଜନପ୍ରତିନିଧିମାନଙ୍କୁ ସାମିଲ କରିବାକୁ କୁହାଯାଇଥିଲା। ଟାଟା ପାୱାରକୁ ସୋଲାର ପାୱାର ବ୍ୟବହାର ପାଇଁ ଲୋକଙ୍କୁ ପ୍ରୋତ୍ସାହନ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ବିଦ୍ୟାଳୟମାନଙ୍କରେ ଶ୍ରେଣୀଗୃହ ସଂଖ୍ୟା କମ ଥିବା ଓ ଶିକ୍ଷକ ଅଭାବ ସମସ୍ୟା ସମାଧାନ କରିବାକୁ କୁହାଯାଇଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପ୍ରସୂତି ଚିକିତ୍ସା ଓ ଶିଶୁ ଜନ୍ମ ସମ୍ପର୍କିତ ସରକାରୀ ଓ ବେସରକାରୀ ତଥ୍ୟ ସଂଗ୍ରହ ପାଇଁ ନିର୍ଦ୍ଦେଶ ମିଳିଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କ ପାଇଁ ରାମ୍ପ କାମ ତ୍ୱରାନ୍ୱିତ କରିବା ସହ ଅଗ୍ନି ସୁରକ୍ଷା ବ୍ୟବସ୍ଥା କଡାକଡି କରିବାକୁ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାସହ ଜିଲ୍ଲାରେ ଥିବା ସମସ୍ତ ପୋଖରୀ ଓ ନାଳାମାନଙ୍କୁ ବର୍ଷା ପୂର୍ବରୁ ସଫା କରିବାକୁ କୁହାଯାଇଥିଲା।

# ଆଇନ ସଚେତନତା ଶିବିର

ସମ୍ବଲପୁର,୫।୫(ସଂଚାର ବ୍ୟୁରୋ)ଃ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଦୌରା ଜଜ ପ୍ରଜ୍ଞା ପାଣିଗ୍ରାହୀଙ୍କ ନିର୍ଦ୍ଦେଶକ୍ରମେ ବିକଳ୍ପ ସମାଧାନ କେନ୍ଦ୍ର, ସିଭିଲ କୋର୍ଟ ଠାରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ସ୍ଥାୟୀ ଲୋକ ଅଦାଲତ ଅଧ୍ୟକ୍ଷ ଶିଶିର କୁମାର ରଥ ଅଧ୍ୟକ୍ଷତା କରି ସାଧାରଣଙ୍କ ବିଭିନ୍ନ ଜଣ କଲ୍ୟାଣମୂଳକ ଯୋଜନା ଯଥା ଶକ୍ତି, ବିଜୁଳି, ଜଳ ଯୋଗାଣ ବ୍ୟବସ୍ଥା, ଶିକ୍ଷା କିମ୍ବା ଶିକ୍ଷାନୁଷ୍ଠାନ ସମ୍ବନ୍ଧୀୟ ସେବା, ବ୍ୟାଙ୍କ ଓ ଆର୍ଥିକ ଅନୁଷ୍ଠାନ ସମ୍ବନ୍ଧୀୟ ସେବା, ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା ଓ ବେକାରୀ ଭତ୍ତା ଆଦି ସମ୍ବନ୍ଧରେ ବିସ୍ତୃତ ଆଲୋକପାତ କରିଥିଲେ। ଏହି ସଭାରେ "ସମାଧାନ ସମାରୋହ'-ଏକ ସ୍ୱତନ୍ତ୍ର ଲୋକ ଅଦାଲତ ବିଷୟରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା। ଏହି ଶିବିରରେ ଏହି ଶିବିରରେ ପ୍ରତିପକ୍ଷ ଓକିଲ ବୃନ୍ଦ, ପାରା ଲିଗାଲ ସ୍ୱେଚ୍ଛାସେବୀ ଓ ସ୍ୱୟଂ ସହାୟକ ସଂସ୍ଥା ର ସଦସ୍ୟ ବୃନ୍ଦ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ସୁକୁମାର ମହାପାତ୍ର ପରିଚାଳନା କରିଥିଲେ।

### ● ଡାକ୍ତରଙ୍କ ଅନୁପସ୍ଥିତି ଓ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବାର ଉଚ୍ଚସ୍ତରୀୟ ତଦନ୍ତ ଦାବି

# ତୁରନ୍ତ ସମାଧାନ ନିମନ୍ତେ ଜନ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଦାବିପତ୍ର



କନ୍ଧମାଳ,୫।୫(ସଂଚାର ବ୍ୟୁରୋ)ଃ କନ୍ଧମାଳ ଜିଲ୍ଲା ଘୁ.ଉଦୟଗିରି ବ୍ଲକର ୮ଟି ପଞ୍ଚାୟତ ସମେତ ବିଜ୍ଞାପିତ ଅଞ୍ଚଳ ପରିଷଦର ପଚାଶ ହଜାରରୁ ଉର୍ଦ୍ଧ୍ୱ ଜନ ସାଧାରଣଙ୍କ ସ୍ୱାସ୍ଥ୍ୟ ଦୃଷ୍ଟିରୁ ବିଭିନ୍ନ ସଙ୍ଗଠନର ମିଳିତରେ ଗଠିତ ଘୁ.ଉଦୟଗିରି ମିଳିତ କ୍ରିୟା ଅନୁଷ୍ଠାନ କମିଟି ପକ୍ଷରୁ ଗୋଷ୍ଠୀ ଜନ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ସମସ୍ୟାର ସମାଧାନ ନିମନ୍ତେ ଦାବି ପତ୍ର ପ୍ରଦାନ କରାଯାଇଛି। ସୂଚନା ଥାଉ କି ସୂଚନା ଅଧିକାର ଆଇନ ଅଧୀନରୁ ମିଳିଥିବା ତଥ୍ୟ ଅନୁସାରେ ଘୁ.ଉଦୟଗିରି ଓ ଗ୍ରେସିଙ୍ଗିଆ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୩୦ ଜଣ ଡାକ୍ତର ନିଯୁକ୍ତି ହୋଇଥିବା ବେଳେ କିଛି ଆଖି ଦୃଶ୍ୟା ଡାକ୍ତରଙ୍କ ଦ୍ୱାରା ସ୍ୱାସ୍ଥ୍ୟ ସେବା ଚାଲିଥିବା ଅନୁମାନ କରାଯାଉଛି। ଯାହା ଫଳରେ ଅଧିକାଂଶ ସମୟରେ ସାଧାରଣ ରୋଗ ପାଇଁ ମଧ୍ୟ ଫୁଲବାଣୀ କିମ୍ବା ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିବା ନଜର ମଧ୍ୟ ରହିଛି। ଅନ୍ୟ ପକ୍ଷରେ ଜନ ସାଧାରଣ ଏହି ଅବ୍ୟବସ୍ଥା ଯୋଗୁଁ ଘୁ.ଉଦୟଗିରି ଅଞ୍ଚଳରୁ ଟିକାବାଲି କିମ୍ବା ଭଞ୍ଜନଗର ଡାକ୍ତରଙ୍କ ଉପରେ ସାହା ଭରଷା କରି ଯାଉଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅଲଟ୍ରାସାଉଣ୍ଡ, ଆମ୍ବୁଲାନ୍ସ ଔଷଧ ସେବା ଅବ୍ୟାହତ ଥିବା ହେତୁ ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଦାବି ପତ୍ରର ଉତ୍ତରରେ ଗ୍ରେସିଙ୍ଗିଆ ଓ ଘୁ.ଉଦୟଗିରି ସ୍ୱାସ୍ଥ୍ୟ କେନ୍ଦ୍ରରେ ମାତ୍ର ୧୯ଜଣ ଡାକ୍ତର ଥିବା ଗୋଷ୍ଠୀ ଜନ ସ୍ୱାସ୍ଥ୍ୟ ଅଧିକାରୀ ରତିକାନ୍ତ ସାହୁ ପ୍ରକାଶ କରିଥିବା ବେଳେ ଆମ୍ବୁଲାନ୍ସ ସେବା ନିମନ୍ତେ କୌଣସି ପାଣ୍ଠି ନଥିବା ହେତୁ ଗାଡ଼ିର ମରାମତି ହୋଇପାରୁନାହିଁ ବୋଲି ପ୍ରକାଶ କରିଛନ୍ତି।

# ପାଞ୍ଚ ଦିନ ହେଲା ଅନ୍ଧାରରେ ୧୫ ପରିବାର, ଦୃଷ୍ଟି ଦେଉନାହାନ୍ତି ବିଭାଗୀୟ ଅଧିକାରୀ



ଫିରିଙ୍ଗିଆ,୫।୫(ସଂଚାର ବ୍ୟୁରୋ)ଃ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ବାଲନ୍ଦାପଡ଼ା ପଞ୍ଚାୟତ ଅନ୍ତର୍ଗତ ଗଙ୍ଗଲଡ଼କା ହରିଜନ ସାହିରେ ୧୫ପରିବାରବିଦ୍ୟୁତ୍‌ସେବାରୁବଞ୍ଚିତ ହେଉଛନ୍ତି। ଗତ ତାଃ ୦୨/୦୫/୨୦୨୬ ରିଖ ଦିନ କାଳବୈଶାଖୀ ହେବା ସମୟରେ ବର୍ଷା ଓ ପବନ ହେଇଥିଲା ସେ ଦିନ ସନ୍ଧ୍ୟା ରେ ବିଦ୍ୟୁତ୍ ତାର ଛିଣ୍ଡି ଯାଇଛି। ତେଣୁ ଛିଣ୍ଡି ଯାଇଥିବା ତାର କୁ ମରାମତି ପାଇଁ ବାରମ୍ବାର ଯୋଗାଯୋଗ କରିଥିଲେ ମଧ୍ୟ କେହି ଯାଇନାହାନ୍ତି ବୋଲି କହିଛନ୍ତି ଗ୍ରାମ ବାସୀ।ମୁଖ୍ୟ ରାସ୍ତା ସାଇଟ୍ ରେ ହୋଇଥିଲେ ମଧ୍ୟ କାହାର ନଜର ନାହିଁ।ଏହି ଗ୍ରୀଷ୍ମ ପ୍ରବାହ ସମୟରେ ବିନା ବିଦ୍ୟୁତ୍ ସେବା ରେ ରହିବା ବହୁତ୍ କଷ୍ଟ କର ହେଉଛି। ଏହି ସାହିର ଲୋକମାନେ ବିଦ୍ୟୁତ ନଥିବାରୁ ହନ୍ତସନ୍ତ ହୋଇ ରହୁଛନ୍ତି। ଫିରିଙ୍ଗିଆ ବିଦ୍ୟୁତ କର୍ମଚାରୀ ମାନେ ସରକାର ନିର୍ଦ୍ଦେଶ କୁ ମାନୁ ନାହାନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ତେଣୁ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ତୁରନ୍ତ ଏହି ସମସ୍ୟାର ସମାଧାନ କରିବା ନିମନ୍ତେ ଗଙ୍ଗଲଡ଼କା ହରିଜନ ସାହି ବାସିନ୍ଦା ଅନୁରୋଧ କରିଛନ୍ତି। ଏନେଇ ଫିରିଙ୍ଗିଆ ବ୍ଲକ ଗୋଷ୍ଠୀ ଉନ୍ନୟନ ବିଦ୍ୟୁତ୍ ବିଭାଗୀୟ ଅଧିକାରୀ କନିଷ୍ଠ ଯନ୍ତ୍ରୀ ପପୁ ଡାକୁଆ ଙ୍କୁ ପଚାରିବାରୁ ଆଜି ସନ୍ଧ୍ୟା ହେଲାଣି ଆସନ୍ତା କାଲି ସକାଳେ ଛିଣ୍ଡି ଯାଇଥିବା ତାର ମରାମତି କରିଯିବ ବୋଲି କହିଛନ୍ତି।

# ବଡ଼ବାହାଲରେ ମସଜିଦ ନିର୍ମାଣକୁ ନେଇ ବିବାଦ

### ତହସିଲଦାରଙ୍କୁ ରାଜସ୍ୱ ରିପୋର୍ଟ ପ୍ରଦାନ

ଝାରସୁଗୁଡା,୫।୫(ସଂଚାର ବ୍ୟୁରୋ)ଃ କୋଲାବିରା ବ୍ଲକ ଅନ୍ତର୍ଗତ ବଡ଼ବାହାଲ ଗ୍ରାମରେ ମସଜିଦ ନିର୍ମାଣକୁ କେନ୍ଦ୍ର କରି ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ସୃଷ୍ଟି ହୋଇଛି। ଜମି ବ୍ୟବହାର ନେଇ ଉଦ୍ଭବିତ ଏହି ବିବାଦକୁ ଗୁରୁତ୍ୱ ସହ ନେଇ ରାଜସ୍ୱ ନିରୀକ୍ଷକଙ୍କ ଦ୍ୱାରା ବିସ୍ତୃତ ତଦନ୍ତ କରାଯାଇ, ତାହାର ରିପୋର୍ଟ କୋଲାବିରା ତହସିଲଦାରଙ୍କୁ ଦାଖଲ କରାଯାଇଛି। ଅଭିଯୋଗ ଅନୁଯାୟୀ, ଗ୍ରାମର ଖାତା ନଂ ୭୭୪/୩୦ ଅଧୀନ ପ୍ଲଟ ନଂ ୮୪୮ ଓ ୦.୨୨ ଏକର ଜମିରେ ମସଜିଦ ନିର୍ମାଣ ପ୍ରୟାସ ହେଉଛି। ଏହି ଜମି ସୋହେଲ ଖାନଙ୍କ ପରିବାର ନାମରେ ରହିଥିବା ସତ୍ତ୍ୱେ, ଗ୍ରାମବାସୀଙ୍କ ଦାବି ଅନୁଯାୟୀ ଏହା ଧର୍ମଶାଳା ପାଇଁ ଉଦ୍ଦିଷ୍ଟ ଥିଲା ଓ ବିନା ଅନୁମତିରେ ମସଜିଦ ନିର୍ମାଣ ହେଉଛି। ଏପରିକି, ସୋହେଲ ଖାନଙ୍କ ପକ୍ଷରୁ କୁହାଯାଇଛି ଯେ ସେମାନେ ଦୀର୍ଘଦିନ ଧରି ଏଠାରେ ବସବାସ କରୁଛନ୍ତି ଓ ନିଜ ଜମିରେ ପ୍ରାର୍ଥନା ଗୃହ ନିର୍ମାଣ କରୁଛନ୍ତି। ଏହି ବିବାଦକୁ ନେଇ ସ୍ଥାନୀୟ ହିନ୍ଦୁ ସମ୍ପ୍ରଦାୟ ଓ ବିଭିନ୍ନ ସଂଗଠନ ଚିନ୍ତା ପ୍ରକାଶ କରିଛନ୍ତି। ସେମାନଙ୍କ କହିବା ଅନୁଯାୟୀ, ଉକ୍ତ ସ୍ଥାନରେ ପୂର୍ବରୁ ଜଗନ୍ନାଥ, ହନୁମାନ ଓ ସମଲେଶ୍ୱରୀ ମନ୍ଦିର ଅବସ୍ଥିତ ଥିବାରୁ ଏଠାରେ ନୂତନ ମସଜିଦ ନିର୍ମାଣ ହେଲେ ସାମ୍ପ୍ରଦାୟିକ ସମନ୍ୱୟ ଭଙ୍ଗ ହେବାର ଆଶଙ୍କା ରହିଛି।

# ନବନିର୍ମାଣ କୃଷକ ସଂଗଠନର ସ୍ୱାଭିମାନ ଯାତ୍ରା



ସୁବର୍ଣ୍ଣପୁର,୫।୫(ସଂଚାର ବ୍ୟୁରୋ)ଃ ସୁବର୍ଣ୍ଣପୁର ଜିଲ୍ଲାରେ ପହଞ୍ଚିଥିଲା ନବନିର୍ମାଣ କୃଷକ ସଂଗଠନ ର ରାଜ୍ୟବ୍ୟାପୀ କୃଷକ ସ୍ୱାଭିମାନ ଯାତ୍ରା। ସୁବର୍ଣ୍ଣପୁର ଜିଲ୍ଲା ର ଇଷ୍ଟଦେବୀ ମା ସୁରେଶ୍ୱରୀ ମନ୍ଦିର ଠାରେ ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଙ୍କ ନେତୃତ୍ୱ ରେ ଆସିଥିବା ଏହି ଯାତ୍ରା ର ସମସ୍ତ ସଂଗ୍ରାମୀ ସାଥୀ ମାନଙ୍କୁ ସୁବର୍ଣ୍ଣପୁର ଜିଲ୍ଲା ନବନିର୍ମାଣ କୃଷକ ସଂଗଠନ, ଜିଲ୍ଲା କୃଷକ ସଙ୍ଗଠନ ସୁବର୍ଣ୍ଣପୁର, ଶ୍ରୀ ଗଣେଶ ଆଞ୍ଚଳିକ କୃଷକ ସଂଗଠନ ବିନିକା ଆଦି ସଂଗଠନ ର ୬ ବ୍ଲକ୍ ର ଚାଷୀ ପ୍ରତିନିଧି ଓ ଚାଷୀ ମାନେ ସ୍ୱାଗତ କରିଥିଲେ। ଦେବୀ ଙ୍କ ପୂଜାର୍ଚ୍ଚନା କରି ଚାଷୀ ସମାଜ ର ମଙ୍ଗଳ କାମନା କଲା ପରେ ଏହି କୃଷକ ସ୍ୱାଭିମାନ ଯାତ୍ରା ଶହ ଶହ ଚାଷୀ ଙ୍କୁ ନେଇ ଏକ ବାଇକ୍ ରେଲି ରେ ସହର ପରିକ୍ରମା କରି ପଟାଭାଡି ରୟାଲ କନଭେନସନ୍ ସ୍ଥିତ ସଭାଗୃହ କୁ ପହଞ୍ଚିଥିଲା। ଚାଷୀ ଏକତା ଜିନ୍ଦାବାଦ, କରା ମାଡ ରେ କ୍ଷତିପୂରଣ ଦେବା ଆମର ଦାବୀ, ଚାଷୀ ଉପରେ ଜୁଲୁମ୍ ଚଳିବ ନାହିଁ, ସୋନପୁର ସୂତାକଳ ର ପୁନରୁଦ୍ଧାର ଆମର ଦାବୀ ଆଦି ସ୍ଲୋଗାନ ଦେଇଥିଲେ ଚାଷୀ ମାନେ। ଏହା ପରେ ସାମ୍ବାଦିକ ସମ୍ମିଳନୀ ଓ ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇ ନବନିର୍ମାଣ କୃଷକ ସଂଗଠନ ର ଏକ ମୋବାଇଲ ଆପ ଲୋକାର୍ପଣ ହୋଇଥିଲା। ଆଗକୁ ଗାଁ କୁ ଗାଁ ବୁଥ କୁ ବୁଥ ଚାଷୀ ଯୁବକ ବାହାରି ଏହି ଆପ ଜରିଆରେ ଚାଷୀ ମାନଙ୍କ ସମସ୍ତ ସମସ୍ୟା ର ସର୍ଭେ କରିବେ ଓ ସରକାର ଙ୍କୁ ତଥ୍ୟ ଦେଖାଇ ନିଜ ହକ୍ ଅଧିକାର ପାଇଁ ଲଢ଼ିବେ ବୋଲି ସୂଚନା ଦେଇଥିଲେ ଜିଲ୍ଲା ସଂଯୋଜକ ପ୍ରଦ୍ୟୁମ୍ନ କୁମାର ପାଢ଼ୀ। ଚାଷୀ ନେତୃତ୍ୱ ଙ୍କ ମଧ୍ୟ ରେ ଚାଷୀ ନେତ୍ରୀ ସୋନାଲି ବିଶି, ରଶ୍ମୀ ରଞ୍ଜନ ସ୍ୱାଇଁ, ମନ୍ମଥ୍ ଅଲ୍ଲୀ, ରଣଜିତ୍ ପଟ୍ଟନାୟକ, ହୃଷୀକେଶ ଦେହୁରୀ, ଡକ୍ଟର କୁଳମଣୀ, ବୈକୁଣ୍ଠ ଶତପଥୀ, ପ୍ରଦୀପ ପୁରୋହିତ, ରମେଶ ଦାଶ, ଦେବାଶିଷ ଦାଶ ଆଦି ଯୋଗ ଦେଇ ଡବଲ ଇଞ୍ଜିନ ସରକାର ର ଚାଷୀ ମାରଣ ନୀତି, ଚାଷୀ ଙ୍କୁ ଅସମ୍ମାନ କରିବା ଓ ପ୍ରତିଶ୍ରୁତି ରେ ଠକେଇ କରିବା ଆଦି ନେଇ ବର୍ଷିଥିଲେ। ଆଗକୁ ତ୍ରିଦିବସୀୟ ରଣନୀତି ଶିବିର ଆୟୋଜନ କରି ସମସ୍ତ ଚାଷୀ ପ୍ରତିନିଧି ଙ୍କୁ ସଂଘର୍ଷ ପାଇଁ ତେୟାର କରାଯିବ ଓ ଚାଷୀ ସରକାର ଗଠନ ର ମୂଳଦୁଆ ପଡ଼ିବ ଯଦ୍ୱାରା ଚାଷୀ ଙ୍କ ପ୍ରାଇସ ପ୍ରେଷ୍ଟିଜ ପେନସନ୍ ସହ ମୂଳ ଅଧିବାସୀ ଙ୍କ ଜଳ ଜଙ୍ଗଲ ଜମି ଓ ଖଣି ଅଧିକାର ସାବ୍ୟସ୍ତ ହେବ ବୋଲି କହିଥିଲେ ଶ୍ରୀ ଅକ୍ଷୟ କୁମାର।

# ରାମଦୋଳିରେ ଅଗ୍ନିକାଣ୍ଡ

ଗଂଜାମ,୫।୫(ସଂଚାର ବ୍ୟୁରୋ)ଃ ଭଞ୍ଜନଗରରେ ୧୦ଦିନ ହେଲା ଠାକୁରାଣୀ ଯାତ୍ରା ଚାଲିଛି। ଏହି ଅବସରରେ ଲୋକଙ୍କ ମନୋରଞ୍ଜନ ପାଇଁ ଯାତ୍ରା ପଡ଼ିଆରେ ରାମ ଦୋଳିପଡ଼ିଛି।ଗତକାଲିରାତିରେ ଲୋକେ ଶହଶହ ସଂଖ୍ୟାରେ ଦୋଳି ଖେଳୁଥିବା ବେଳେ ବିଦ୍ୟୁତ ସର୍ଟ ସର୍କିଟ ଯୋଗୁଁ ଦୋଳିରେ ଅଗ୍ନିକାଣ୍ଡ ଘଟିଥିଲା। ଦୋଳିରେ ବସିଥିବା ଶହଶହ ଲୋକେ ଏଣେ ତେଣେ ଦୌଡିଥିଲେ। ତେବେ ଘଟଣାରେ କେହି ମୃତାହତ ହୋଇ ନାହାନ୍ତି। ତତ୍ କ୍ଷଣାତ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ବିଦ୍ୟୁତ ଲାଇନ୍ କାଟି ଅଗ୍ନିକୁ ଆୟତକରି ବଡଧରଣର ଅଘଟଣକୁ ଏଡାଇ ଦେଇଛନ୍ତି। ପ୍ରଶାସନିକ ଅନୁମତି ନନେଇ ଏହି ମିନାବଜାର ଚାଲିଛି। ଭଞ୍ଜନଗର ପୁଲିସ୍ ଘଟଣାର ତଦନ୍ତ କରୁଛି।

# ହନୁମାନ ମନ୍ଦିରରୁ ଚୋରି

ଗଞ୍ଜାମ,୫।୫(ସଂଚାର ବ୍ୟୁରୋ)ଃ ଛତ୍ରପୁର ନିକଟସ୍ଥ କୁମାର ବେଗପଲ୍ଲୀ ହନୁମାନ ମନ୍ଦିରରେ ଗତକାଲି ରାତିରେ ମୁଖା ପିନ୍ଧା ଚୋର ମାନେ ତାଲାତାବିଓ ହୁଣ୍ଡି ଭାଗିଂସୁନାଆଖିକିରଟୀ, ରୂପାଗଦା, ପର୍ବତ, ରାମ, ସୀତାକଂଅଳକାଂର ରୂପାଥାଳି ଇତ୍ୟାଦି ଚୋର ମାନେ ଚୋରୀକରି ନେଇ ଛନ୍ତି।
ଖବର ପାଇ ଛତ୍ରପୁର ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଆଧାରରେ ତଦନ୍ତ କରୁଛି। ଚୋରି ହୋଇଥିବା ସୁନା ଅଳକାଂର ଓ ଟକାଂ ପ୍ରାୟ ୫୦ ଲକ୍ଷ ଟକାଂ ହେବ ବୋଲି ଅଭିଯୋଗ ହେଉଛି।

# ମହାବିଦ୍ୟାଳୟର ନୂତନ କୋଠା ନିର୍ମାଣ ନେଇ ଭୂମିପୂଜନ

ନୂଆପଡ଼ା,୫।୫(ସଂଚାର ବ୍ୟୁରୋ)ଃ ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଡୁଆଝର ଗ୍ରାମ ଠାରେ ଯୁକ୍ତ ଦୁଇ ମହାବିଦ୍ୟାଳୟ ନୂତନ କୋଠା ନିର୍ମାଣ ନେଇ ଭୂମିପୂଜନ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି।
ଏହି ଉତ୍ସବରେ ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ ଯୋଗ ଦେଇ ପାରମ୍ପରିକ ଭୂମି ପୂଜନ କରିଥିବା ବେଳେ ଉନ୍ନତ ମାନର ନିର୍ମାଣ କାର୍ଯ୍ୟ କରିବାକୁ ଆହ୍ୱାନ କରିଥିଲେ। ଏହି ଶିକ୍ଷାନୁଷ୍ଠାନ ଅଞ୍ଚଳରେ ଶିକ୍ଷାର ଜ୍ୟୋତି ପ୍ରଦାନ କରିବା ସହ ଗ୍ରାମାଞ୍ଚଳରେ ଛାତ୍ରଛାତ୍ରୀଙ୍କ ଉଚ୍ଚ ଶିକ୍ଷାର ସ୍ୱପ୍ନକୁ ସାକାର କରିବ ବୋଲି କହିଥିଲେ।
ଭୂମିପୂଜନ ଉତ୍ସବରେ ଯୁକ୍ତ ଦୁଇ ମହାବିଦ୍ୟାଳୟ ଭାରପ୍ରାପ୍ତ ଅଧ୍ୟକ୍ଷା ସଂଯୁକ୍ତା କୁମାରୀ ସାହୁ, ସରପଞ୍ଚ ଜିତୁ କୁମ୍ଭାର, ଆଇନଜୀବୀ ଯୁଧିଷ୍ଠିର ମେହେର ଓ ରବୀନ୍ଦ୍ର କୁମ୍ଭାର, ସାହିଦ ଖାନଙ୍କ ସହ ବହୁ ନାଗରିକ ଯୋଗ ଦେଇଥିଲେ।